# ଧରିତ୍ରୀ
DHARITRI

ପୃଷ୍ଠା–୧୨+୮

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୨୬/୨୦୨୪ (୧୨+୮=୨୦ ପୃଷ୍ଠା) | Bhubaneswar, Friday, April 26/2024 | Page 20 | ₹ 7.00 | SAMBALPUR

୫୦ଶ ଭାଗ ୧୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 152 | ମୂଲ୍ୟ ₹୭/-




## ପ୍ରିୟଙ୍କାଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ପ୍ରିୟଙ୍କା ଗୋସ୍ୱାମୀ ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

୧୨

୦୨

## ରବିନାଙ୍କ ଲଭ୍ ଆଡ୍‌ଭାଇସ୍

ଏକ ସାକ୍ଷାତ୍‌କାରରେ ବଲିଉଡ୍ ଅଭିନେତ୍ରୀ ରବିନା ଟଣ୍ଡନ ନିଜ ଝିଅ ରାଶାଙ୍କୁ ପ୍ରେମ ଏବଂ ବିବାହ ସମ୍ବନ୍ଧରେ ଅନେକ ପରାମର୍ଶ ଦେଇଛନ୍ତି।



# ହ୍ୱାଟ୍ସଆପ୍‌ରେ ମିଳିବ ସୁପ୍ରିମକୋର୍ଟ ମାମଲା ତଥ୍ୟ

ନୂଆଦିଲ୍ଲୀ,୨୫।୪(ପି.ଟି.)

ଡିଜିଟାଲାଇଜେଶନର ଏକ ଉଲ୍ଲେଖନୀୟ ଅଗ୍ରଗତିକ୍ରମେ ସୁପ୍ରିମକୋର୍ଟ ଆଇନଜୀବୀମାନଙ୍କୁ ହ୍ୱାଟ୍ସଆପ୍ ବାର୍ତ୍ତା ଜରିଆରେ ମାମଲାଗୁଡ଼ିକର କଜ୍ ଲିଷ୍ଟ ଏବଂ ମାମଲା ଦାଏର ଓ ଶୁଣାଣି ତାରିଖ ଶେୟାର କରିବାକୁ ଯାଉଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଗୁରୁବାର ଏହା ଘୋଷଣା କରିଛନ୍ତି। ସମସ୍ତଙ୍କ ପାଖରେ ନ୍ୟାୟ ପହଞ୍ଚାଇବାରେ ଏହାର ସୁଦୂରପ୍ରସାରି ପ୍ରଭାବ ପଡ଼ିବ ଏବଂ କାଗଜ ଓ ପରିବେଶ ବଞ୍ଚାଇବାରେ ବେଶ୍ ଫଳପ୍ରଦ ହେବ ବୋଲି ସିଜେଆଇ କହିଛନ୍ତି। ସିଜେଆଇଙ୍କ ଅଧ୍ୟକ୍ଷତାରେ ୯ ଜଣିଆ ପୀଠ ଘରୋଇ ସମ୍ପତ୍ତିକୁ ସରକାର ଦଖଲକୁ ନେଇପାରିବେ କି ବୋଲି ଏକ ଆଇନଗତ ପ୍ରଶ୍ନ ଉପରେ ଶୁଣାଣି ଆରମ୍ଭ କରିବା ପୂର୍ବରୁ ହ୍ୱାଟ୍ସଆପ୍ ସହ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି (ଆଇସିଟି) ସେବାର ସମନ୍ୱୟ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅବସରରେ ସିଜେଆଇ କହିଥିଲେ, ସୁପ୍ରିମକୋର୍ଟର ୭୫ ବର୍ଷର ଇତିହାସରେ ଏହା ଏକ ଛୋଟ ଉପକ୍ରମ। ଆମର ଦୈନନ୍ଦିନ ଜୀବନରେ ହ୍ୱାଟ୍ସଆପ୍ ମେସେଞ୍ଜର ଏକ ସର୍ବବ୍ୟାପୀ ସେବା ପାଲଟିଛି ଏବଂ ଏହା ଯୋଗାଯୋଗ କ୍ଷେତ୍ରରେ ସବୁଠୁ ପ୍ରଭାବଶାଳୀ ଭୂମିକା ନେଉଛି। ଆଇନ ବ୍ୟବସ୍ଥାରେ ନ୍ୟାୟ ପାଇବା ଅଧିକାରକୁ ସୁଦୃଢ଼ କରିବା ଏବଂ ସ୍ୱଚ୍ଛତା ବଢ଼ାଇବାରେ ଏହା ସହାୟକ ହେବ। ହ୍ୱାଟ୍ସଆପ୍ ମେସେଜ୍ ବ୍ୟବସ୍ଥା ଫଳରେ ସର୍ବୋଚ୍ଚ ଅଦାଲତରେ ପହଞ୍ଚିବାକୁ ଥିବା ଆଡଭୋକେଟ୍ ଅନ୍ ରେକର୍ଡ ଏବଂ ବାଦୀ ଓ ପ୍ରତିବାଦୀମାନେ ମାମଲାର ଇଲେକ୍ଟ୍ରୋନିକ ଫାଇଲିଂ, କଜ୍ ଲିଷ୍ଟ, ଅର୍ଡର, ନିର୍ଦ୍ଦେଶନାମା ତଥା ରାୟ ସମ୍ପର୍କିତ ସ୍ୱତଃ ବାର୍ତ୍ତା ପାଇପାରିବେ। କଜ୍ ଲିଷ୍ଟ ଯେତେବେଳେ ପ୍ରକାଶ ପାଇବ ରେଜିଷ୍ଟ୍ରୀ ଏହାକୁ ବାର୍‌ର ସବୁ ସଦସ୍ୟଙ୍କ ପାଖକୁ ପଠାଇବେ। ୱେବ୍‌ସାଇଟରେ ଉପଲବ୍ଧ ନିର୍ଦ୍ଦେଶନାମା ଓ ରାୟ ମଧ୍ୟ ହ୍ୱାଟ୍ସଆପ୍ ଜରିଆରେ ପଠାଯିବ। ହ୍ୱାଟ୍ସଆପ୍ ଜରିଆରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପଲବ୍ଧ ହେବା ଏକ ବୈପ୍ଳବିକ ପଦକ୍ଷେପ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି। ସିଜେଆଇ ସୁପ୍ରିମକୋର୍ଟର ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର ୮୭୬୭୬୮୭୬୭୬କୁ ଶେୟାର କରିଛନ୍ତି।



ଦ୍ୱିତୀୟ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ପାଇଁ ଆସାମର ମୋରିଗାଁଓରେ ପୋଲିଂ ଅଫିସରମାନେ ଗୁରୁବାର ସେମାନଙ୍କ ଭୋଟ୍‌କେନ୍ଦ୍ର ପାଇଁ ଇଭିଏମ୍ ଓ ଅନ୍ୟାନ୍ୟ ଉପକରଣ ନେଇ ଯାଉଛନ୍ତି।

# ଏମ୍‌ସିସି: ଭାଜପା, କଂଗ୍ରେସକୁ ନୋଟିସ

ନୂଆଦିଲ୍ଲୀ,୨୫।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ନିର୍ବାଚନୀ ଭାଷଣ ଦେଲାବେଳେ ଆଦର୍ଶ ଆଚରଣ ବିଧି (ଏମ୍‌ସିସି)ର ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ନିର୍ବାଚନ କମିଶନ (ଇସି) ଗୁରୁବାର ଭାଜପା ଏବଂ କଂଗ୍ରେସକୁ ନୋଟିସ ଜାରି କରିଛନ୍ତି। ୨୯ ତାରିଖ ପୂର୍ବାହ୍ନ ୧୧ଟା ସୁଦ୍ଧା ନୋଟିସର ଜବାବ ରଖିବା ପାଇଁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଇସି ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବିରୋଧରେ କଂଗ୍ରେସ, ସିପିଆଇ ଏବଂ ସିପିଆଇ (ଏମ୍‌ଏଲ୍) ପକ୍ଷରୁ ଏମ୍‌ସିସି ଉଲ୍ଲଂଘନ ଅଭିଯୋଗ ଆସିଥିବାବେଳେ ଭାଜପା ରାହୁଲଙ୍କ ବିରୋଧରେ ଅନୁରୂପ ଅଭିଯୋଗ ଆଣିଥିଲା। ତେବେ ଯାହାଙ୍କ ନାଁରେ ଅଭିଯୋଗ ହୋଇଥିଲା ସେମାନଙ୍କୁ ଇସି ନୋଟିସ ପଠାଇନାହିଁ।

ଏଠାରେ ଉଲ୍ଲେଖନୀୟ ଯେ, ପ୍ରଥମ ଥର ପାଇଁ ନିର୍ବାଚନୀ ଭାଷଣରେ ଏମ୍‌ସିସି ଉଲ୍ଲଂଘନ ପାଇଁ ଦଳୀୟ ମୁଖ୍ୟଙ୍କୁ ଦାୟୀ କରାଯାଇଛି। ଜନପ୍ରତିନିଧି ଆଇନର ଧାରା ୭୭ ଅନୁଯାୟୀ ରାଜନୈତିକ ଦଳଗୁଡ଼ିକୁ ସେମାନଙ୍କ ତାରକା ପ୍ରଚାରକମାନଙ୍କ ନାଁ ଦେବାକୁ ଅନୁମତି ଦିଆଯାଇଥାଏ। ସେମାନଙ୍କୁ ଭାଷଣରେ ନିୟନ୍ତ୍ରଣ ରଖିବାକୁ କୁହାଯାଇଥାଏ। ଇସିଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, ଷ୍ଟାର କ୍ୟାମ୍ପେନର ତାଲିକାରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦି ଏବଂ ରାହୁଲ ଗାନ୍ଧୀଙ୍କ ଉଦ୍‌ବୋଧନ ଉନ୍ନତ ମାନର ହେବା ଆଶା କରାଯାଏ। ତେବେ ବେଳେବେଳେ ସ୍ଥାନୀୟ ସ୍ତରର ଲଢ଼େଇ ଏହାକୁ ବିକୃତ କରିଦେଉଛି। ଦଳୀୟ ପ୍ରାର୍ଥୀ ଏବଂ ବିଶେଷ କରି ତାରକା ପ୍ରଚାରକମାନଙ୍କ ଆଚରଣ ପାଇଁ ଦଳଗୁଡ଼ିକୁ ପ୍ରାଥମିକ ଭାବେ ତଥା ଅଧିକ ଦାୟିତ୍ୱ ନେବାକୁ ହେବ ବୋଲି ନିର୍ବାଚନ କମିଶନ ବିଚାର କରୁଥିବା ଉକ୍ତ ବିବୃତିରେ କୁହାଯାଇଛି। ଉଚ୍ଚ ପଦବୀରେ ଥିବା ବ୍ୟକ୍ତିମାନେ ଦେଉଥିବା ନିର୍ବାଚନୀ ଭାଷଣରେ ପରିଣାମ ପ୍ରତି ଅଧିକ ଗମ୍ଭୀର ରହିବା ଆବଶ୍ୟକ। ତାରକା ପ୍ରଚାରକମାନେ ସେମାନଙ୍କ ଭାଷଣ ପାଇଁ ଦାୟୀ ରହୁଥିଲା ବେଳେ ତେବେ ଭିନ୍ନ ଭିନ୍ନ ମାମଲାରେ କମିଶନ ଦଳର ମୁଖ୍ୟଙ୍କୁ ଜବାବ ମାଗିବେ ବୋଲି କହିଛନ୍ତି। ରାଜସ୍ଥାନର ବଂଶ୍ୱରାଠାରେ ପ୍ରଧାନମନ୍ତ୍ରୀ ଗତ ☞ପୃଷ୍ଠା–୯

# ପୋଲିସ ଶୁଣିଲାନି, ଜୀବନ ଗଲା

**ପଡ଼ୋଶୀ ହଇରାଣ କଲେ। ପୋଲିସକୁ ଅଭିଯୋଗ କଲା ପରେ ବି ଅପରପକ୍ଷଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ଫଳରେ ଅଭିଯୁକ୍ତମାନେ ସାହସ ପାଇ ପୁଅକୁ ମାରି ଟାଙ୍ଗି ଦେଇଛନ୍ତି ବୋଲି ମୃତକଙ୍କ ବାପା ଅଭିଯୋଗ ଆଣିଛନ୍ତି। ଏଭଳି ଏକ ଘଟଣା ଘଟିଛି କେନ୍ଦୁଝର ଜିଲା ଝୁମ୍ପୁରା ଥାନା ଅନ୍ତର୍ଗତ ଡିଙ୍ଗୁଡ଼ିପଶି ଗ୍ରାମରେ। ଅରୁଣ କୁମାର ମହାନ୍ତ(୩୦)ଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ଏଥିସହ ଏକ ହତ୍ୟା ମାମଲା ରୁଜୁ କରି ୨ ପଡ଼ୋଶୀଙ୍କୁ ଅଟକ ରଖି ପଚରାଉଚରା କରୁଛି।**



ଅରୁଣ କୁମାର ମହାନ୍ତ

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ ଝୁମ୍ପୁରା(ଶଶୀଭୂଷଣ ସାହୁ)୨୫।୪

ଝୁମ୍ପୁରା ଥାନା ଅନ୍ତର୍ଗତ ଡିଙ୍ଗୁଡିପଶି ଗ୍ରାମର ଅରୁଣଙ୍କ ବାପା ବୈଦ୍ୟନାଥ ମହାନ୍ତଙ୍କ ଅଭିଯୋଗ ମୁତାବକ, ତାଙ୍କ ପରିବାର ସହ ପଡ଼ୋଶୀଙ୍କ ବିବାଦ ଲାଗି ରହିଥିଲା। ପଡ଼ୋଶୀ ସର୍ବଦା ତାଙ୍କ ଘରକୁ ମଇଳା ଫିଙ୍ଗୁଥିଲେ। ଏହାକୁ ନେଇ ଅରୁଣ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାକୁ ଗୁରୁତ୍ୱ ନ ଦେଇ ଆପୋସ ବୁଝାମଣା କରି ଛାଡ଼ି ଦେଇଥିଲା। ପରବର୍ତ୍ତୀ ସମୟରେ ପୁଣି ବିବାଦ ଦେଖାଦେବାରୁ ପଡ଼ୋଶୀଙ୍କ ଅଭିଯୋଗକ୍ରମେ ଗତ ୬ ତାରିଖରେ ପୋଲିସ ଅରୁଣ ଏବଂ ତାଙ୍କ ମା’(ବୈଦ୍ୟନାଥଙ୍କ ସ୍ତ୍ରୀ)ଙ୍କୁ ଥାନାରେ ହାଜର ହେବାକୁ କହିଥିଲା। ତେବେ ପୂର୍ବ ଅଭିଯୋଗ ସମୟରେ ପୋଲିସ ପଡ଼ୋଶୀଙ୍କୁ ହାଜର ହେବାକୁ କହି ନ ଥିବାବେଳେ ପଡ଼ୋଶୀଙ୍କ ଅଭିଯୋଗକ୍ରମେ ପୁଅ ଓ ସ୍ତ୍ରୀଙ୍କୁ ଥାନାକୁ ଡକାଇଥିବା ବୈଦ୍ୟନାଥ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ପୋଲିସ ସହଯୋଗ କରିବା ପରିବର୍ତ୍ତେ ହଇରାଣ କରି ଆସୁଥିଲେ ବୋଲି ବୈଦ୍ୟନାଥ କହିଛନ୍ତି। ଗୁରୁବାର ସକାଳେ ପୁଅର ମୃତଦେହ ଶୋଇବା ଘରେ ଏକ ଗାମୁଛାରେ ଝୁଲିଥିବା ଦେଖିବାକୁ ମିଳିଥିଲା। ଦେହର ବିଭିନ୍ନ ସ୍ଥାନରେ କ୍ଷତ ହୋଇ ରକ୍ତ ବାହାରୁଥିବା ଦେଖାଯାଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଧରପଗଡ଼ ନ କରି ଘଟଣାକୁ ହାଲୁକା ଭାବରେ ନେଇଥିଲା। ଫଳରେ ପୁଅକୁ ଅଭିଯୁକ୍ତମାନେ ମାରି ଟାଙ୍ଗି ଦେଇଛନ୍ତି। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୈଦ୍ୟନାଥ ଦାବି କରିଛନ୍ତି। ଅରୁଣ ତାଙ୍କର ଏକ ମାତ୍ର ପୁଅ। ସେ କେନ୍ଦୁଝରରେ କାମ କରୁଥିଲେ। ଅରୁଣଙ୍କ ମୃତ୍ୟୁ ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଯାଇଥିଲା। ଖବର ପାଇ ପୋଲିସ ପହଞ୍ଚି ଥିଲେ ହେଁ ଗ୍ରାମବାସୀ ଛାଡ଼ି ନ ଥିଲେ। ଦୀର୍ଘ ୫ରୁ ୬ ଘଣ୍ଟା ପରେ ବୁଝାଶୁଝା ପରେ ପୋଲିସ ପ୍ରତିଶ୍ରୁତି ଦେବା ପରେ ମୃତଦେହ ☞ପୃଷ୍ଠା–୯

# ଭାଜପା ଆସିଲେ ଓଡ଼ିଆଙ୍କୁ ରୋଜଗାର: ଶାହା

ସୋନପୁର,୨୫।୪(ମୃତ୍ୟୁଞ୍ଜୟ ଶତପଥୀ)

ନରେନ୍ଦ୍ର ମୋଦି ତୃତୀୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ହେବେ। ମୋଦିଜୀଙ୍କୁ ପୁଣି ପ୍ରଧାନମନ୍ତ୍ରୀ କରିବା ପାଇଁ ଲୋକେ ସ୍ଥିର କରିଛନ୍ତି। ଓଡ଼ିଶାରେ ମଧ୍ୟ ଭଲ ପରିବେଶ ଅଛି। ଅଧିକରୁ ଅଧିକ ଏମ୍‌ପି ଜିତିବା ସହ ପ୍ରଥମ ଥର ପାଇଁ ଓଡ଼ିଶାରେ ଭାଜପା ସରକାର ହେବାକୁ ଯାଉଛି। ଓଡ଼ିଶାର ଭାଷା, ଧର୍ମ, ସଂସ୍କୃତି ଓ ସାହିତ୍ୟର ଗୌରବ ପାଇଁ ଭାଜପା ସରକାର ଚେଷ୍ଟା କରିବ। ଓଡ଼ିଆ ପୁଅର ହକ୍ ପାଇଁ ଆମେ କାର୍ଯ୍ୟ କରିବୁ। ଓଡ଼ିଆଙ୍କୁ ରୋଜଗାର ମିଳିବ ବୋଲି ଗୁରୁବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସୁବର୍ଣ୍ଣପୁରରୁ ନିର୍ବାଚନ ପ୍ରଚାର ଆରମ୍ଭ କରି କହିଛନ୍ତି।

ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମରେ ଭାଜପାର ବିଜୟ ସଂକଳ୍ପ ସମାବେଶକୁ ସମ୍ବୋଧନ କରିବା ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଜଗନ୍ନାଥ, ଚଉଷଠି ଯୋଗିନୀ, ସୁରେଶ୍ୱରୀ, ପାଟଣେଶ୍ୱରୀ ଓ ସମଲେଶ୍ୱରୀଙ୍କୁ ପ୍ରଣାମ କରିଥିଲେ। ଶାହା କହିଥିଲେ, ମୁଁ ଗୁଜୁରାଟର ମହାପ୍ରଭୁଙ୍କ ମାଟିରୁ ଆସି ଜଗନ୍ନାଥଙ୍କ ପବିତ୍ର ମାଟି ଓଡ଼ିଶାରେ ପହଞ୍ଚିଛି। ଯେଉଁ ପ୍ରଦେଶ ନିଜ ସାହିତ୍ୟ, ଭାଷା ଓ ସଂସ୍କୃତିର ବିକାଶ ପାଇଁ କାମ କରିବ କରିବ ନାହିଁ ସେହି ରାଜ୍ୟ ଆଗକୁ ବଢ଼ିପାରିବ ନାହିଁ। ଏଠାରେ କେତେଜଣ ଅଫିସରଙ୍କ ମାଧ୍ୟମରେ ଭୟଙ୍କର ଭ୍ରଷ୍ଟାଚାର ହୋଇଛି। ଓଡ଼ିଶାରେ ଅଧିକ ଖଣିଜ ସମ୍ପଦ ଓ ଜଳସମ୍ପଦ ଅଛି। ମାତ୍ର ତାର ସଦ୍‌ବିନିଯୋଗ ହୋଇପାରିନି। ଓଡ଼ିଆ ଯୁବତୀଯୁବକ କାମ ପାଇଁ ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁରୁ, ଚେନ୍ନାଇ ଭଳି ବଡ଼ ବଡ଼ ସହରକୁ ଯାଉଛନ୍ତି। ତେଣୁ ନବୀନ ସରକାରଙ୍କୁ ହଟାଇ ଭାଜପାକୁ କ୍ଷମତାକୁ ଆଣିବା ପାଇଁ ଶାହା ଆହ୍ୱାନ ଦେଇଥିଲେ। ☞ପୃଷ୍ଠା–୯

**ଆଜିର ସମ୍ପାଦକୀୟ**

**ପାଶ୍ଚାତ୍ୟର ଅଧୋଗତି**

## ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଭୋଟ ପାଇଁ ନାମାଙ୍କନ ଶେଷ

ଭୁବନେଶ୍ୱର,୨୫।୪(ଅନିଲ ଦାସ)

ରାଜ୍ୟର ପ୍ରଥମ ପର୍ଯ୍ୟାୟ(ଦେଶର ଚତୁର୍ଥ ପର୍ଯ୍ୟାୟ) ନିର୍ବାଚନ ପାଇଁ ଗୁରୁବାର ନାମାଙ୍କନ ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ଏପ୍ରିଲ ୧୮ରୁ ୨୪ ତାରିଖ ମଧ୍ୟରେ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର, କୋରାପୁଟ ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ୫୫ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ଏହି ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ୨୮ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୩୩୬ ଜଣ ☞ପୃଷ୍ଠା–୯

# କଳାହାଣ୍ଡି: ଦାଦନ ଘରେ ତାଲା

ଭବାନୀପାଟଣା,୨୫।୪ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଏବେ ଦାଦନ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। କାମ ଅନ୍ୱେଷଣରେ ପ୍ରତିବର୍ଷ ଏଠାରୁ ବହୁସଂଖ୍ୟାରେ ଲୋକ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ସେଠାରେ କାମ କରୁଥିବା ସମୟରେ ଅନେକ ଶ୍ରମିକଙ୍କ ବିଭିନ୍ନ କାରଣରୁ ମୃତ୍ୟୁ ହେଉଛି। କେତେକଙ୍କ ମୃତଦେହ ଟଙ୍କା ଅଭାବରୁ ପରିବାର ଲୋକେ ଗାଁକୁ ଆଣିପାରୁ ନ ଥିବାବେଳେ କାଁଭାଁ କେତେଜଣଙ୍କ ମୃତଦେହ ଗାଁକୁ ଫେରୁଛି।

ମିଳିଥିବା ସୂଚନା ଅନୁଯାୟୀ, ଜିଲାର ଧର୍ମଗଡ ଉପଖଣ୍ଡରେ ଥିବା ଧର୍ମଗଡ, କୋକସରା, କଲମପୁର, ଗୋଲାମୁଣ୍ଡା, ଜୁନାଗଡ, ଜୟପାଟଣା ଆଦି ବ୍ଲକରୁ ଅନେକ ଶ୍ରମିକ ଦାଦନ ଖଟିବାକୁ ବାହାରକୁ ଯାଇଛନ୍ତି। ଗତ ୧ବର୍ଷରେ ଏଠାକାର ପ୍ରାୟ ୨୨ରୁ ଊର୍ଦ୍ଧ୍ୱ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବିଭାଗ ପକ୍ଷରୁ ଜଣାପଡିଛି। ଏଥିପ୍ରତି ଜିଲା ପ୍ରଶାସନ କିମ୍ବା ଶ୍ରମବିଭାଗ ଦୃଷ୍ଟି ଦେଉ ନ ଥିବାରୁ ସମସ୍ୟା ବଢ଼ିବାରେ ଲାଗିଛି। ଜିଲାର ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ମାନଝରି ଗ୍ରାମରେ ପ୍ରାୟ ୩ହଜାର ଭୋଟର ଥିବାବେଳେ ସେଥିମଧ୍ୟରୁ ୨ହଜାର ଲୋକ ଏବେ ଦାଦନ ଯାଇଥିବା ଜଣାପଡିଛି। ଗ୍ରାମର ପ୍ରାୟ ଘରର ସଦସ୍ୟ ଦାଦନ ଯାଇଛନ୍ତି। ଦାଦନ ଯାଇଥିବା ଯୋଗୁ ଅନେକ ଘରେ ତାଲା ଝୁଲୁଥିବା ମଧ୍ୟ ଦେଖିବାକୁ ମିଳୁଛି। ଯେଉଁମାନଙ୍କ ପରିବାରର ରାଶନ କାର୍ଡ ଅଛି ସେମାନେ କେବଳ ରାଶନ କାର୍ଡ ଖଣ୍ଡିକ ବଞ୍ଚାଇ ରଖିବା ପାଇଁ ଘରେ ଜଣେ ସଦସ୍ୟଙ୍କୁ ଛାଡି ଯାଇଛନ୍ତି। ଏହି ଗାଁ ବ୍ଲକର ଦାଦନ ଶ୍ରମିକମାନଙ୍କ ହବ୍ କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ। ଲୋକେ ଏଠାରେ କାମଧନ୍ଦା ନ ପାଇ ବାଧ୍ୟ ହୋଇ ନିଜ ପରିବାର ପ୍ରତିପୋଷଣ ପାଇଁ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ସେମାନେ ଦାଦନ ଖଟିବାକୁ ଗୁଜରାଟ, ଚେନ୍ନାଇ, ମୁମ୍ବାଇ, ଆନ୍ଧ୍ରପ୍ରଦେଶ, ପୁଣେ, ତେଲେଙ୍ଗାନା ଓ ଗୋଆ ଭଳି ରାଜ୍ୟକୁ ଯାଇଛନ୍ତି। ମାନଝରି ଗାଁରେ ଗତ ୨ବର୍ଷ ମଧ୍ୟରେ ୨ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଗତବର୍ଷ ତ୍ରିଲୋଚନ ବିଶିଙ୍କ ଚେନ୍ନାଇରେ ମୃତ୍ୟୁ ହୋଇଥିବାବେଳେ ଗତ ମାର୍ଚ୍ଚ ୩୧ରେ ଉଦ୍ଧବ କାଣ୍ଡଙ୍କ ତେଲେଙ୍ଗାନାର ଏକ ଇଟା ଭାଟିରେ ମୃତ୍ୟୁ ହୋଇଥିବା ଜଣାପଡିଛି। ଗ୍ରାମର ଦିବ୍ୟ ଶଙ୍କର ଦାସ ଓ କମେନି କାଣ୍ଡ କହନ୍ତି, କାମଧନ୍ଦା ନ ପାଇବାରୁ ଆମ ଗାଁର ପ୍ରତି ଘରର ଲୋକ ଦାଦନ ଯାଇଛନ୍ତି। ଏଠାରେ କାମ କଲେ ଠିକ୍ ପରିମାଣରେ ଟଙ୍କା ମିଳୁନାହିଁ। ସେଥିପାଇଁ ସମସ୍ତେ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି ବୋଲି କହିଛନ୍ତି। ସେହିପରି ଗ୍ରାମର ଜଣେ ବୃଦ୍ଧା ନମିତା ମାଝି କହନ୍ତି, ଏଠାରେ କାମ ନ ମିଳିବାରୁ ପରିବାର ପ୍ରତିପୋଷଣ ପାଇଁ ମୋ ପୁଅ, ବୋହୂ ଓ ନାତି ବାହାରକୁ ଦାଦନ ଖଟିବାକୁ ଯାଇଛନ୍ତି। ଏ ନେଇ ଜିଲା ଶ୍ରମ ଅଧିକାରୀ ସୁବାସ ଚନ୍ଦ୍ର ମଣ୍ଡଳଙ୍କୁ ପଚାରିବାରୁ ସେ କହିଛନ୍ତି, ଆମେ ସଚେତନ କରିବା ସତ୍ତ୍ୱେ ସେମାନେ ଦାଦନ ଖଟିବାକୁ ଯାଉଛନ୍ତି। ଦାଦନ ଖଟିବାକୁ ଯିବା ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଜୀକରଣ କରିବାର ନିୟମ ରହିଥିଲେ ମଧ୍ୟ ତାହାକୁ ସେମାନେ ମାନୁନାହନ୍ତି ବୋଲି କହିଥିଲେ।



ଦାଦନ ଯାଇଥିବାରୁ ମାନଝରି ଗାଁର ଜଣକ ଘରେ ତାଲା ଝୁଲୁଛି।

# ଶିମିଳିପାଳ ନିଆଁକୁ ଏଆଇ ନଜର

ଭୁବନେଶ୍ୱର,୨୫।୪(ଅସମାପିକା ସାହୁ)

ଶିମିଳିପାଳ ଅଭୟାରଣ୍ୟରେ ଜଙ୍ଗଲ ନିଆଁ ଉପରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)ର ନଜର ରହିଛି। ନିଆଁ ଲାଗିବା ମାତ୍ରେ ଆଇଆର୍ କ୍ୟାମେରା ୩୬୦ ଡିଗ୍ରୀ ବୁଲି ବନବିଭାଗକୁ ଫଟୋ ସହ ଖବର ଦେଉଛି। ଏବେ ଶିମିଳିପାଳରେ ପରୀକ୍ଷାମୂଳକ ଭାବେ ୬ଟି ଏଆଇ କ୍ୟାମେରା ବ୍ୟବହୃତ ହୋଇଛି। ଆଗକୁ ସାତକୋଶିଆ ସମେତ ରାଜ୍ୟରେ ଅଧିକ ନିଆଁ ଲାଗୁଥିବା ଜଙ୍ଗଲରେ ଏହି କ୍ୟାମେରା ବ୍ୟବହାର ହେବ ବୋଲି ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନିଆଁ ଲାଗିଥିବା ଅଞ୍ଚଳ ଉପରେ ଏହି କ୍ୟାମେରା ଜୁମ୍ କରି ଉକ୍ତ ଅଞ୍ଚଳର ଠିକ୍ ଭୌଗୋଳିକ ତଥ୍ୟ ପ୍ରଦାନ କରୁଛି। ଉକ୍ତ ଫଟୋକୁ ବନ କର୍ମଚାରୀ ଜିପିଏସ୍ ସିଷ୍ଟମ ଦ୍ୱାରା ଏଆଇ ସହାୟତରେ ନିଆଁ ଲାଗିଥିବା ସ୍ଥାନ ଚିହ୍ନଟ କରି ତତ୍କାଳ ଘଟଣାସ୍ଥଳରେ ପହଞ୍ଚି ଆୟତ୍ତ କରି ପାରୁଛନ୍ତି। ଫଳରେ ଚଳିତବର୍ଷ ଶିମିଳିପାଳରେ ନିଆଁ ପରିମାଣ କମ୍ ରହିଛି। ଅନ୍ୟପକ୍ଷରେ ପ୍ରତି ୪ ଘଣ୍ଟାରେ ନିଆଁ ଲାଗୁଛି ବୋଲି ସାଟେଲାଇଟ୍ ମାଧ୍ୟମରେ ମେସେଜ ଆସିପାରୁଛି। ଏହାସହ ଦକ୍ଷିଣ ଓଡ଼ିଶାରେ ଅଧିକ ଜଙ୍ଗଲ ନିଆଁ ଲାଗୁଛି। ବିଶେଷକରି ରାୟଗଡ଼ା, କଳାହାଣ୍ଡି, କୋରାପୁଟ ଅଞ୍ଚଳରେ ଅଧିକ ନିଆଁ ଚିହ୍ନଟ କରାଯାଉଛି। ତେଣୁ ଏସବୁ ଜିଲାରେ ଆଇଆର୍ କ୍ୟାମେରା ଲଗାଯିବା ସହ ଏଆଇର ସଂଯୋଗ ନେବାକୁ ନିଷ୍ପତ୍ତି ହୋଇଛି। ପିସିସିଏଫ୍ ନନ୍ଦଙ୍କ ସୂଚନାନୁସାରେ, ଶିମିଳିପାଳରେ ସବୁଠାରୁ କମ୍ ସ୍ଥାନରେ ନିଆଁ ଲାଗିଛି। ସମସ୍ତ ☞ପୃଷ୍ଠା–୯



**ବନ୍ଦ କାର୍‌ରେ ଶ୍ୱାସରୁଦ୍ଧ ହୋଇ ୨ ଶିଶୁଙ୍କ ମୃତ୍ୟୁ**

କେନ୍ଦ୍ରୀୟ ମୁମ୍ବାଇର ଅଣ୍ଟପ୍ ହିଲ୍‌ଠାରେ ପାର୍କିଂରେ ଥିବା ଏକ କାର୍ ଭିତରେ ଶ୍ୱାସରୁଦ୍ଧ ହୋଇ ୨ ଶିଶୁଙ୍କ ମୃତ୍ୟୁ ଘଟିଛି। କାର୍‌ଟି ଭିତରୁ ବନ୍ଦ ଥିବାବେଳେ ପିଲାମାନେ ତାଙ୍କୁ ଖୋଲିପାରି ନ ଥିବା ପୋଲିସ କହିଛି। ମୁସ୍କାନ ମହବତ ଶେଖ୍(୫) ଏବଂ ସାଜିଦ ମହମ୍ମଦ ଶେଖ୍(୭) ବୁଧବାର ଅପରାହ୍ନରେ ଘର ବାହାରେ ଖେଳୁଥିବାବେଳେ ନିଖୋଜ ହୋଇଯାଇଥିଲେ।

## ସଂକ୍ଷେପରେ

### ପାଟନା ହୋଟେଲରେ ନିଆଁ: ୬ ଜଳିଗଲେ

**ପାଟନା,୨୫।୪:** ବିହାରର ପାଟନା ଜଙ୍କଶନ ରେଳଷ୍ଟେଶନ ନିକଟରେ ଥିବା ଏକ ହୋଟେଲରେ ଗୁରୁବାର ନିଆଁ ଲାଗି ଅନ୍ୟୂନ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୯ ଜଣ ଆହତ ହୋଇଛନ୍ତି। ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ହୋଟେଲରୁ ଉଦ୍ଧାର କରାଯାଇଥିବା ସିନିୟର ଏସ୍‌ପି ରାଜୀବ ମିଶ୍ରା ସୂଚନା ଦେଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତିକରାଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଗ୍ୟାସ୍ ସିଲିଣ୍ଡରରେ ବିସ୍ଫୋରଣ ଯୋଗୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ତଦନ୍ତ ପରେ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହେବ ବୋଲି ଡିଆଇଜି କହିଛନ୍ତି।

### ସଂସଦ ସୁରକ୍ଷା ତ୍ରୁଟି ମାମଲା: ୬ ଅଭିଯୁକ୍ତଙ୍କ ହାଜତ ମିଆଦ ମେ' ୨୫ ଯାଏ ବୃଦ୍ଧି

**ନୂଆଦିଲ୍ଲୀ, ୨୫।୪:** ସଂସଦ ସୁରକ୍ଷା ତ୍ରୁଟି ମାମଲାରେ ସମସ୍ତ ୬ ଅଭିଯୁକ୍ତଙ୍କ ହାଜତ ମିଆଦକୁ ଗୁରୁବାର ମେ' ୨୫ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ଦିଲ୍ଲୀର ପଟିଆଲା ହାଉସ କୋର୍ଟ। ସେହିପରି ଏହି ମାମଲର ତଦନ୍ତ ଶେଷ କରିବାକୁ ଦିଲ୍ଲୀ ପୋଲିସକୁ କୋର୍ଟ ଅତିରିକ୍ତ ୩୦ ଦିନର ସମୟ ଦେଇଛନ୍ତି। ମାମଲାରେ ଆହୁରି କିଛି ସାକ୍ଷୀଙ୍କର ପଚରାଉଚରା ବାକି ରହିଯାଇଥିବା ଦର୍ଶାଇ କୋର୍ଟଙ୍କ ନିକଟରେ ତଦନ୍ତ ଶେଷ କରିବା ପାଇଁ ଦିଲ୍ଲୀ ପୋଲିସ ପକ୍ଷରୁ ୪୫ ଦିନର ସମୟ ମଗାଯାଇଥିଲା। ଅନ୍ୟପକ୍ଷରେ ଏହି ମାମଲାରେ ବିପୁଳ ମାତ୍ରାରେ ଡିଜିଟାଲ ତଥ୍ୟ ରହିଥିବା ପୋଲିସ ଦାବି କରିଛି। ସୂଚନାଯୋଗ୍ୟ, ଗତ ବର୍ଷ ଡିସେମ୍ବରରେ ଏହି ମାମଲାର ୬ ଅଭିଯୁକ୍ତଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଥିଲା।

### ହର୍ଲିକ୍ସ ସ୍ୱାସ୍ଥ୍ୟକର ପାନୀୟ ନୁହେଁ




**ନୂଆଦିଲ୍ଲୀ,୨୫।୪:** ହର୍ଲିକ୍ସ ଆଉ ସ୍ୱାସ୍ଥ୍ୟକର ପାନୀୟ ହୋଇ ରହିନାହିଁ। ହିନ୍ଦୁସ୍ତାନ ୟୁନିଲିଭର ଲିଃ ଉକ୍ତ ପାନୀୟ ଉପରୁ 'ହେଲ୍‌ଥ' ଲେବୁଲକୁ ଉଠାଇଦେଇଛି। ହେଲ୍‌ଥ ଡ୍ରିଙ୍କ୍ ବଦଳରେ କମ୍ପାନୀ ଏହାକୁ 'ଫଙ୍କଶ୍‌ନାଲ ନ୍ୟୁଟ୍ରିଶନାଲ ଡ୍ରିଙ୍କ୍‌ସ' ବର୍ଗରେ ରଖିଛି। ଫଙ୍କଶ୍‌ନାଲ ନ୍ୟୁଟ୍ରିଶନାଲ ଡ୍ରିଙ୍କ୍‌ସ ହେଉଛି ଏକ ଆଲକୋହଲ ବିହୀନ ପାନୀୟ ଯାହା ଅତିରିକ୍ତ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରିଥାଏ। ସେହିପରି ହିନ୍ଦୁସ୍ତାନ ୟୁନିଲିଭର ଲିଃର ଅନ୍ୟତମ ପାନୀୟ ବୁଷ୍ଟକୁ ମଧ୍ୟ ସ୍ୱାସ୍ଥ୍ୟକର ପାନୀୟ ବର୍ଗରୁ ବାଦ୍ ଦିଆଯାଇଛି। ସୂଚନାଯୋଗ୍ୟ, ବର୍ନଭିଟା ସମେତ ବିଭିନ୍ନ ପାନୀୟକୁ 'ହେଲ୍‌ଥ ଡ୍ରିଙ୍କ୍‌ସ୍' ବର୍ଗରେ ନ ରଖିବା ପାଇଁ ନିକଟରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଇ-କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲା।

# ଆଜି ୮୮ ଆସନରେ ମତଦାନ

## ଦ୍ୱିତୀୟ ପର୍ଯ୍ୟାୟରେ ରାହୁଲ, ଓମ୍ ବିର୍ଲାଙ୍କ ସମେତ ୧,୨୦୨ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

ନୂଆଦିଲ୍ଲୀ,୨୫।୪(ପି.ଟି.)

ଦ୍ୱିତୀୟ ପର୍ଯ୍ୟାୟ ଲୋକ ସଭା ନିର୍ବାଚନରେ ଶୁକ୍ରବାର ୧୩ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୮୮ ଆସନରେ ମତଦାନ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଭାଜପାରୁ ଓମ୍ ବିର୍ଲା ଏବଂ ହେମା ମାଳିନୀଙ୍କ ସମେତ ୧,୨୦୨ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ସକାଳ ୭ଟାରୁ ମତଦାନ ଆରମ୍ଭ ହେବାକୁ ଥିବାବେଳେ ଏଥିପାଇଁ ୧.୬୭ ଲକ୍ଷ ଭୋଟକେନ୍ଦ୍ରରେ ୧୬ ଲକ୍ଷରୁ ଅଧିକ ପୋଲିଂ ଅଫିସରଙ୍କୁ ନିଯୁକ୍ତ କରାଯାଇଛି। ୧୫.୮୮ କୋଟିରୁ ଊର୍ଦ୍ଧ୍ୱ ଭୋଟର ଏହି ପର୍ଯ୍ୟାୟରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ଭୋଟରଙ୍କ ମଧ୍ୟରୁ ୮.୦୮ କୋଟି ପୁରୁଷ ଏବଂ ୭.୮ କୋଟି ମହିଳା ହୋଇଥିବାବେଳେ ୫,୯୨୯ ତୃତୀୟ ଲିଙ୍ଗ ରହିଛନ୍ତି। ୩୪.୮ ଲକ୍ଷ ନୂଆ ଭୋଟର ଏଥର ପ୍ରଥମ ଥର ଭୋଟ ଦେବେ।

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନ ବିହାରର ୪ଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେତେକ ବୁଥରେ ମତଦାନ ସମୟ ବଢ଼ାଇଛନ୍ତି। ମଧ୍ୟପ୍ରଦେଶର ବେଟୁଲ ଆସନର ବିଏସ୍‌ପି ପ୍ରାର୍ଥୀଙ୍କ ପରଲୋକ ଯୋଗୁ ସେଠାର ନିର୍ବାଚନକୁ ତୃତୀୟ ପର୍ଯ୍ୟାୟକୁ ପରିବର୍ତ୍ତନ କରାଯାଇଛି। ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ୧,୨୦୨ ପ୍ରାର୍ଥୀଙ୍କ ମଧ୍ୟରୁ ୧,୦୯୮ ଜଣ ପୁରୁଷ ହୋଇଥିବାବେଳେ ୧୦୨ ଜଣ ମହିଳା ଏବଂ ୨ ଜଣ ତୃତୀୟ ଲିଙ୍ଗ ପ୍ରାର୍ଥୀ ରହିଛନ୍ତି। ପୋଲିଂ ପାର୍ଟି ଏବଂ ସୁରକ୍ଷା କର୍ମୀମାନଙ୍କୁ ନେବାଆଣିବା କରିବା ନିମନ୍ତେ ୩ଟି ହେଲିକପ୍ଟର, ୪ଟି ସ୍ୱତନ୍ତ୍ର ଟ୍ରେନ୍ ଏବଂ ପାଖାପାଖି ୮୦,୦୦୦ ଯାନ ନିୟୋଜିତ ହୋଇଛି। ୫୦ ପ୍ରତିଶତ ବୁଥ୍‌ରେ ୱେବ୍‌କାଷ୍ଟିଂ ହେବାକୁ ଥିବାବେଳେ ସବୁ ଭୋଟ କେନ୍ଦ୍ରରେ ମାଇକ୍ରୋ-ଅବ୍‌ଜରଭର ରହିବେ। ଏହି ପର୍ଯ୍ୟାୟର ଅନ୍ୟ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଶଶୀ ଥରୁର, ଅଭିନେତାରୁ ରାଜନେତା ହୋଇଥିବା ଅରୁଣ ଗୋଭିଲ, ଗଜେନ୍ଦ୍ର ସିଂ ଶେଖାୱତ୍ ରହିଛନ୍ତି। ଗତ ୧୯ ତାରିଖ ପ୍ରଥମ ପର୍ଯ୍ୟାୟରେ ୨୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୦୨ଟି ଆସନରେ ମତଦାନ ହୋଇଥିଲା। ମତଦାନ ହାର ୬୫.୫ ପ୍ରତିଶତ ଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କେରଳର ସମସ୍ତ ୨୦ ଆସନ, କର୍ନାଟକର ୨୮ରୁ ୧୪ ଆସନ, ରାଜସ୍ଥାନର ୧୩, ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶର ୮ଟି ଲେଖାଏ, ମଧ୍ୟପ୍ରଦେଶର ୭, ଆସାମ ଓ ବିହାରର ୫ଟି ଲେଖାଏ, ଛତିଶଗଡ଼ ଓ ପଶ୍ଚିମବଙ୍ଗର ୩ଟି ଲେଖାଏ ଏବଂ ମଣିପୁର, ତ୍ରିପୁରା ଓ ଜମ୍ମୁ-କଶ୍ମୀରର ଗୋଟିଏ ଲେଖାଏ ଆସନରେ ମତଦାନ ହେବାକୁ ଯାଉଛି।

## ତମନ୍ନା ଭାଟିଆଙ୍କୁ ସମନ



ବେଆଇନ ଆଇପିଏଲ୍ ଷ୍ଟ୍ରିମିଂ ମାମଲା

**ମୁମ୍ବାଇ, ୨୫।୪:** ବେଆଇନ ଆଇପିଏଲ ଷ୍ଟ୍ରିମିଂ ମାମଲାରେ ଅଭିନେତ୍ରୀ ତମନ୍ନା ଭାଟିଆଙ୍କୁ ଗୁରୁବାର ସମନ ଜାରି କରିଛି ମହାରାଷ୍ଟ୍ର ସାଇବର ପୋଲିସ। ଆସନ୍ତା ୨୯ରେ ପଚରାଉଚରା ପାଇଁ ହାଜର ହେବାକୁ ତମନ୍ନାଙ୍କୁ ସମନ ହୋଇଛି। ଗତ ବର୍ଷ ଆଇପିଏଲ ମ୍ୟାଚଗୁଡ଼ିକର ବେଆଇନ ଭାବେ ଷ୍ଟ୍ରିମିଂ କରୁଥିବା ଫେୟାରପ୍ଲେ ନାମକ ଏକ ଆପ୍ଲିକେଶନର ତମନ୍ନା ପ୍ରଚାର ପ୍ରସାର କରୁଥିଲେ ବୋଲି ଅଭିଯୋଗ ଆସିଥିବା ମହାରାଷ୍ଟ୍ର ସାଇବର ପୋଲିସର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ବେଆଇନ ଆଇପିଏଲ ଷ୍ଟ୍ରିମିଂ ଯୋଗୁ ଖେଳ ପ୍ରସାରଣ କମ୍ପାନୀ 'ଭାୟାକମ ୧୮'ର ପ୍ରାୟ ୧୦୦ କୋଟି ଟଙ୍କା କ୍ଷତି ହୋଇଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି। ତେଣୁ କମ୍ପାନୀ ପକ୍ଷରୁ ଏନେଇ ମାମଲା ରୁଜୁ କରାଯାଇଥିବା ସେ କହିଛନ୍ତି। ଗତ ୨୩ରେ ଏହି ମାମଲାରେ ଅଭିନେତା ସଞ୍ଜୟ ଦତ୍ତଙ୍କୁ ସମନ ଜାରି ହୋଇଥିବାବେଳେ ସେ ପଚରାଉଚରା ପାଇଁ ହାଜର ହୋଇ ନ ଥିଲେ। ତେବେ ସେ ଭାରତରେ ନ ଥିବା ଦର୍ଶାଇ ନିଜ ବୟାନ ରେକର୍ଡ ପାଇଁ ମହାରାଷ୍ଟ୍ର ସାଇବରକୁ ଅନ୍ୟ ଏକ ତାରିଖ ଓ ସମୟ ମାଗିଛନ୍ତି।



## ଲଣ୍ଡନ ରାସ୍ତାରେ ରାଜାଙ୍କ ଘୋଡ଼ା

ଲଣ୍ଡନ,୨୫।୪

ବ୍ରିଟେନ୍ ରାଜାଙ୍କ ୪ଟି ଘୋଡ଼ା ବୁଧବାର ପୂର୍ବାହ୍ନର ଗହଳି ସମୟରେ କେନ୍ଦ୍ରୀୟ ଲଣ୍ଡନରେ ବିନା ସବାରରେ ଦୌଡୁଥିବା ଦେଖିବାକୁ ମିଳିଥିଲା। ସେଥିରୁ ୨ଟି ଘୋଡ଼ା କୌଣସି ଗାଡ଼ି ସହ ଧକ୍କା ଦେବାରୁ ତା'ର ଛାତି ଓ ଗୋଡ଼ରେ ରକ୍ତ ଲାଗିଥିବା ଦେଖାଯାଇଥିଲା। ୩ ଜଣ ସୈନ୍ୟ ଓ ଜଣେ ସରକାରୀ କର୍ମଚାରୀ ମଧ୍ୟ ଆହତ ହୋଇଥିଲେ। ରାସ୍ତାରେ ଘୋଡ଼ା ମୁକୁଳା ବୁଲିବାକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ସକାଳର ନିୟମିତ ବ୍ୟାୟାମ ବେଳେ ସୈନ୍ୟବାହିନୀର ଏହି ଘୋଡ଼ାଗୁଡ଼ିକୁ ମୁକ୍ତ କରାଯାଇଥିଲା। ଆହତ ୨ ଘୋଡ଼ାର ଅସ୍ତ୍ରୋପଚାର କରାଯାଇଛି। ସେମାନେ ଖୁବ୍‌ଶୀଘ୍ର ଡ୍ୟୁଟିକୁ ଫେରିବେ ବୋଲି ଆଶା କରାଯାଉଛି।

## ଭାରତରେ ମାନବାଧିକାର ଉଲ୍ଲଂଘନ ନେଇ ଆମେରିକାର ରିପୋର୍ଟ

ନୂଆଦିଲ୍ଲୀ,୨୫।୪

### ନୂଆଦିଲ୍ଲୀର ପ୍ରତ୍ୟାଖ୍ୟାନ

ଭାରତରେ ମାନବାଧିକାରର ଉଲ୍ଲଂଘନ ହେଉଥିବା ଆମେରିକା ପରରାଷ୍ଟ୍ର ବିଭାଗ ରିପୋର୍ଟରେ ଅଭିଯୋଗ କରାଯାଇଥିବାବେଳେ ବହିର୍ବ୍ୟାପାର ମନ୍ତ୍ରଣାଳୟ ଗୁରୁବାର ଏହାକୁ ପ୍ରତ୍ୟାଖ୍ୟାନ କରିଛି। ରିପୋର୍ଟ ଅତ୍ୟନ୍ତ ପକ୍ଷପାତମୂଳକ ଏବଂ ଦୁର୍ବଳ ବୁଝାମଣାର ପ୍ରତିଫଳନ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହାର ଆମ ପାଖରେ କୌଣସି ମୂଲ୍ୟ ନାହିଁ, ଆପଣମାନେ ମଧ୍ୟ ଏହାକୁ ଗୁରୁତ୍ୱ ଦିଅନ୍ତୁ ନାହିଁ ବୋଲି ରଣଧୀର କହିଛନ୍ତି।

ଚଳିତ ସପ୍ତାହ ଆରମ୍ଭରେ ଆମେରିକା ପରରାଷ୍ଟ୍ର ବିଭାଗ ଏକ ରିପୋର୍ଟ ପ୍ରକାଶ କରିଥିଲା। ମଣିପୁରରେ ଜାତିଆଣ ସଂଘର୍ଷ ଘଟଣାରେ ମାନବାଧିକାରର ଗୁରୁତର ଉଲ୍ଲଂଘନ ହୋଇଥିବା ଏଥିରେ ଅଭିଯୋଗ ହୋଇଥିଲା। ଏଥିସହିତ ବ୍ରିଟିଶ ବ୍ରଡ୍‌କାଷ୍ଟିଂ କର୍ପୋରେଶନ (ବିବିସି) କାର୍ଯ୍ୟାଳୟରେ ଆୟକର ଚଢ଼ାଉ, ଗୁଜରାଟର ଏକ କୋର୍ଟ ରାହୁଲ ଗାନ୍ଧୀଙ୍କୁ ଦୋଷୀସାବ୍ୟସ୍ତ କରି ୨ ବର୍ଷ ଜେଲ ଦଣ୍ଡାଦେଶ ଦେବା କଥା ମଧ୍ୟ ରିପୋର୍ଟରେ ଉଲ୍ଲେଖ ଥିଲା। ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍‌ଙ୍କ ଦ୍ୱାରା ଉକ୍ତ ରିପୋର୍ଟ ଉନ୍ମୋଚିତ ହୋଇଛି।

## ଭାଜପା ଏମ୍‌ପି ତେଜସ୍ୱୀ ସୂର୍ଯ୍ୟଙ୍କ ସମ୍ପତ୍ତି ୫ ବର୍ଷରେ ୨୯୮୬% ବଢ଼ିଛି

ନୂଆଦିଲ୍ଲୀ,୨୫।୪



ତେଜସ୍ୱୀ ସୂର୍ଯ୍ୟ

ବେଙ୍ଗାଲୁରୁ ସାଉଥ୍ ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ଭାଜପା ଏମ୍‌ପି ତେଜସ୍ୱୀ ସୂର୍ଯ୍ୟଙ୍କ ସମ୍ପତ୍ତି ୪.୧୦ କୋଟି ଟଙ୍କା ବୋଲି ସେ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠରେ ଦର୍ଶାଇଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନ ବେଳେ ସେ ସତ୍ୟପାଠରେ ନିଜର ସମ୍ପତ୍ତି ପରିମାଣ ୧୩.୪୬ ଲକ୍ଷ ଟଙ୍କା ବୋଲି ଘୋଷଣା କରିଥିଲେ। ଅର୍ଥାତ୍ ୫ ବର୍ଷ ମଧ୍ୟରେ ତାଙ୍କ ସମ୍ପତ୍ତି ୨୯୮୬ ପ୍ରତିଶତ ବୃଦ୍ଧି ପାଇଛି। ଭାଜପା ଯୁବମୋର୍ଚ୍ଚାର ରାଷ୍ଟ୍ରୀୟ ସଭାପତି ଥିବା ତେଜସ୍ୱୀଙ୍କ ଆୟର ମୁଖ୍ୟ ଉତ୍ସ ଶେୟାର ବଜାର ଏବଂ ମ୍ୟୁଚୁଆଲ ଫଣ୍ଡରେ ନିବେଶ। ସେ ଶେୟାର ବଜାରରେ ୧.୭୯ କୋଟି ଟଙ୍କା ନିବେଶ କରିଥିବାବେଳେ ମ୍ୟୁଚୁଆଲ ଫଣ୍ଡରେ ୧.୯୯ କୋଟି ରଖିଛନ୍ତି। ୨୦୧୯ ନିର୍ବାଚନରେ କର୍ନାଟକରେ କଂଗ୍ରେସ ଏବଂ ଜେଡିଏସ୍ ମଧ୍ୟରେ ମେଣ୍ଟ ସତ୍ତ୍ୱେ ଭାଜପା ୨୮ରୁ ୨୫ ଆସନ ଜିତିଥିଲା। ଏଥର ଭାଜପା ସହ ଜେଡିଏସ୍ ମେଣ୍ଟ କରିଛି।

## ୨୦୨୩ରେ ୨୮.୨ କୋଟି ଦୁର୍ଭିକ୍ଷ ପ୍ରଭାବିତ

ଜାତିସଂଘ,୨୫।୪



### ଗାଜା ସର୍ବାଧିକ ପ୍ରଭାବିତ: ଜାତିସଂଘ ରିପୋର୍ଟ

୨୦୨୩ରେ ୫୯ଟି ଦେଶର ପ୍ରାୟ ୨୮.୨ କୋଟି ଲୋକ ଅତ୍ୟଧିକ କ୍ଷୁଧା ମଧ୍ୟରେ ରହିଛନ୍ତି। ଯୁଦ୍ଧ କ୍ଷତିଗ୍ରସ୍ତ ଗାଜାରେ ବହୁସଂଖ୍ୟାରେ ଲୋକ ଦୁର୍ଭିକ୍ଷର ସମ୍ମୁଖୀନ ହୋଇଥିବା ଜାତିସଂଘ ରିପୋର୍ଟରେ ପ୍ରକାଶ ପାଇଛି। ଖାଦ୍ୟସଙ୍କଟ ଉପରେ ଏହି ବୈଶ୍ୱିକ ରିପୋର୍ଟରେ କୁହାଯାଇଛି, ଖାଦ୍ୟ ସୁରକ୍ଷାରେ ଅବନତି ଯୋଗୁ ୨୦୨୨ ତୁଳନାରେ ଗତବର୍ଷ ଅଧିକ ୨୪ ନିୟୁତ ଲୋକଙ୍କୁ ଖାଦ୍ୟାଭାବର ସାମନା କରିବାକୁ ପଡ଼ିଛି। ବିଶେଷ କରି ଗାଜାଷ୍ଟ୍ରିପ୍ ଏବଂ ସୁଦାନରେ ଖାଦ୍ୟ ସଙ୍କଟ ସର୍ବାଧିକ ରହିଛି। ପୂର୍ବ ବର୍ଷ ତୁଳନାରେ ଗତବର୍ଷ ଅଧିକ ଦେଶ ଖାଦ୍ୟ ସଙ୍କଟର ସମ୍ମୁଖୀନ ହୋଇଛନ୍ତି।

ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନର ମୁଖ୍ୟ ଅର୍ଥନୀତିଜ୍ଞ ମ୍ୟାକ୍ସିମୋ ଟୋରେରୋଙ୍କ ମତରେ ୫ମ ପର୍ଯ୍ୟାୟରେ ୫ ଦେଶର ୭,୦୫,୦୦୦ ଲୋକ ସର୍ବାଧିକ ସ୍ତରର ଖାଦ୍ୟ ସଙ୍କଟର ସାମନା କରୁଛନ୍ତି। ୨୦୧୬ରୁ ଏହି ବୈଶ୍ୱିକ ରିପୋର୍ଟ ପ୍ରକାଶ ପାଉଥିବାବେଳେ ଗତବର୍ଷ ସର୍ବାଧିକ କ୍ଷୁଧାର ସମ୍ମୁଖୀନ ଲୋକଙ୍କ ସଂଖ୍ୟା ସବୁଠୁ ଅଧିକ ରହିଛି। ସେମାନଙ୍କର ୮୦ ପ୍ରତିଶତ ଅର୍ଥାତ୍ ୫,୭୭,୦୦୦ ଜଣ କେବଳ ଗାଜା, ଦକ୍ଷିଣ ସୁଦାନ, ବୁର୍କିନା ଫାସୋ, ସୋମାଲିଆ ଏବଂ ମାଲିର ବାସିନ୍ଦା। ଇସ୍ରାଏଲ୍-ହମାସ ଆକ୍ରମଣ ୭ ମାସ ହେଲା ଜାରି ରହିଥିବାବେଳେ ଗାଜାର ୧୧ ଲକ୍ଷ ଲୋକ ଗୁରୁତର ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ସମେତ ଦକ୍ଷିଣ ସୁଦାନର ୭୯ ହଜାର ଲୋକ ପଞ୍ଚମ ପର୍ଯ୍ୟାୟ ଦୁର୍ଭିକ୍ଷର ସମ୍ମୁଖୀନ ହୋଇଥିବା ରିପୋର୍ଟରେ କୁହାଯାଇଛି। ବିଦ୍ରୋହ ଯୋଗୁ ହାଇତିରେ ମଧ୍ୟ ଖାଦ୍ୟ ସଙ୍କଟ ଦେଖାଦେଇଛି। ଏହା ସାଙ୍ଗକୁ ଚଳିତବର୍ଷ ପ୍ରଥମ ଭାଗରେ ଏଲ୍ ନିନୋ ପ୍ରଭାବ ଯୋଗୁ ଖାଦ୍ୟ ସୁରକ୍ଷା ପ୍ରଭାବିତ ହୋଇଛି। ପୂର୍ବ ଆଫ୍ରିକାର କେତେକ ଭାଗରେ ବନ୍ୟା ତ ପୁଣି କେତେକ ଅଞ୍ଚଳରେ ଅନାବୃଷ୍ଟି ଦେଖାଦେଇଛି। ସେହିପରି ଦକ୍ଷିଣ ଆଫ୍ରିକାର ମାଲାୱି, ଜାମ୍ବିଆ ଏବଂ ଜିମ୍ବାୱେରେ ମରୁଡ଼ି ସ୍ଥିତି ସୃଷ୍ଟି ହୋଇଛି। ବିଶ୍ୱରେ ପ୍ରଚୁର ଖାଦ୍ୟ ଥିବାବେଳେ ପିଲାମାନେ କ୍ଷୁଧାରେ ମରିବା ମାନବୀୟ ବିଫଳତା ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଉକ୍ତ ରିପୋର୍ଟ ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି। ଗତ ୧୨ ମାସ ହେଲା ବିବାଦ ଏବଂ ଯୁଦ୍ଧ ଭୟାନକ ବିଶ୍ୱ ସ୍ଥିତି ସୃଷ୍ଟି କରିଥିବା ରିପୋର୍ଟରେ ଲେଖାଯାଇଛି।

ରିପୋର୍ଟ ଅନୁଯାୟୀ ୩୯ ଦେଶର ୩୬ ନିୟୁତରୁ ଅଧିକ ଲୋକ ଚତୁର୍ଥ ପର୍ଯ୍ୟାୟ ଦୁର୍ଭିକ୍ଷର ସମ୍ମୁଖୀନ ହୋଇଛନ୍ତି। ସେଥିରେ ସୁଦାନ ଏବଂ ଆଫଗାନିସ୍ତାନର ଏକ-ତୃତୀୟାଂଶରୁ ଅଧିକ ଲୋକ ରହିଛନ୍ତି। ୨୦୨୨ ତୁଳନାରେ ଏହା ୧ ମିଲିୟନ ଅଧିକ।

## ଫୁର୍‌ସତ୍



### ରବିନାଙ୍କ ଲଭ୍ ଆଡ୍‌ଭାଇସ୍

**ମୁମ୍ବାଇ:** ଅଭିନେତ୍ରୀ ରବିନା ଟଣ୍ଡନ ବଲିଉଡ୍ ଇଣ୍ଡଷ୍ଟ୍ରିରେ ନିଜ ଚମତ୍କାର ଅଭିନୟ ପାଇଁ ବେଶ ଜଣାଶୁଣା। ୯୦ ଦଶକର ଏହି ପ୍ରମୁଖ ଅଭିନେତ୍ରୀଙ୍କ ନିଖୁଣ ଅଭିନୟ ଓ ବିନ୍ଦାସ ଅନ୍ଦାଜ ପାଇଁ ଆଜି ମଧ୍ୟ ତାଙ୍କର ବହୁ ପ୍ରଶଂସକ ରହିଛନ୍ତି। ଏବେ ରବିନା ନିଜ ବୃତ୍ତିଗତ ଜୀବନ ବ୍ୟତୀତ ଝିଅ ରାଶା ଥଡ଼ାନିଙ୍କ ପାଇଁ ମଧ୍ୟ ଚର୍ଚ୍ଚାରେ ରହିଛନ୍ତି। ରବିନାଙ୍କ ୧୯ ବର୍ଷୀୟା ଝିଅ ରାଶା ଖୁବ୍‌ଶୀଘ୍ର ବଲିଉଡ୍ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିବାକୁ ଯାଉଛନ୍ତି। ସେ ଓ ତାଙ୍କ ଝିଅ ଉଭୟ ସୋସିଆଲ ମିଡିଆରେ ବହୁତ ସକ୍ରିୟ ମଧ୍ୟ ରହୁଛନ୍ତି। ଦୁହେଁ ପରସ୍ପର ସହିତ ଅନେକ ମଜାଦାର ଫଟୋ ଓ ଭିଡିଓ ପୋଷ୍ଟ କରୁଛନ୍ତି। ନିକଟରେ ଏକ ସାକ୍ଷାତ୍‌କାରରେ ରବିନା ତାଙ୍କ ଝିଅ ରାଶାଙ୍କୁ ପ୍ରେମ ଏବଂ ବିବାହ ସମ୍ବନ୍ଧରେ ଅନେକ ପ୍ରକାରର ପରାମର୍ଶ ଦେଇଛନ୍ତି। ଆଜିର ଦିନରେ ବିବାହର ମୂଲ୍ୟ କ'ଣ ତାହା ମଧ୍ୟ ରବିନା ବେଶ ଭଲ ଭାବେ ପ୍ରକାଶ କରିଛନ୍ତି। ସେ ତାଙ୍କ ଝିଅଙ୍କୁ କେଉଁ ଲଭ୍ ଆଡ୍‌ଭାଇସ୍ ଦେବାକୁ ଚାହୁଁଛନ୍ତି ବୋଲି ଏହି ସାକ୍ଷାତକାରରେ ରବୀନାଙ୍କୁ ପଚରା ଯାଇଥିଲା। ଏହାର ଉତ୍ତର ଦେଇ ରବିନା କହିଥିଲେ, ଏବେ ରାଶା ନିଜ କ୍ୟାରିୟର ଓ ଅଧ୍ୟୟନ ଉପରେ ବେଶି ଫୋକସ କରିବା ଉଚିତ। ପ୍ରେମ ଏବଂ ବିବାହକୁ ନେଇ ତରତର ଭାବେ କୌଣସି ନିଷ୍ପତ୍ତି ନେବା ଠିକ୍ ନୁହେଁ । ଠିକ୍ ବ୍ୟକ୍ତିଙ୍କ ସହ ଯଥେଷ୍ଟ ପରିମାଣରେ ସମୟ ବିତାଇବା ପରେ ଯାଇ ବିବାହ ପାଇଁ ନିଷ୍ପତ୍ତି ନେବା ଉଚିତ ବୋଲି ରବିନା କହିଛନ୍ତି।

### ପ୍ରଦୂଷିତ ଶିପ୍ରାରେ ବୁଡ଼ ପକାଇଲେ କଂଗ୍ରେସ ପ୍ରାର୍ଥୀ

**ଉଜ୍ଜୟିନୀ:** ଉଜ୍ଜୟିନୀର ଶିପ୍ରା ନଦୀ କ୍ରମାଗତ ଭାବେ ପ୍ରଦୂଷିତ ହୋଇଚାଲିଛି। ନିକଟସ୍ଥ ବିଭିନ୍ନ ଡ୍ରେନର ଜଳ ଏହି ନଦୀରେ ମିଶୁଥିବାରୁ ଏହାର ପ୍ରଦୂଷଣର ମାତ୍ରା ବଢ଼ି ବଢ଼ି ଚାଲିଛି। ତେବେ ଏହି ପ୍ରସଙ୍ଗକୁ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ କଂଗ୍ରେସର ଉଜ୍ଜୟିନୀ ଲୋକ ସଭା ଆସନର ପ୍ରାର୍ଥୀ ତଥା ତରାନା ବିଧାୟକ ମହେଶ ପରମାର ଏକ ନୂତନ ଉପାୟ ଆପଣାଇଛନ୍ତି। ସେ ଶିପ୍ରା ନଦୀର ଦୂଷିତ ଜଳରେ ବୁଡ଼ ପକାଇ ନିଜର ବିରୋଧ ପ୍ରଦର୍ଶନ କରିଛନ୍ତି। ଏହି ପ୍ରସଙ୍ଗରେ ପରମାର ଭାଜପାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏଠାକାର ଏମ୍‌ପି, ବିଧାୟକ, ମେୟର, କାଉନସିଲର ପ୍ରମୁଖ ସମସ୍ତ ନିର୍ବାଚିତ ଜନପ୍ରତିନିଧି ଭାଜପାରୁ ଥିବା ବେଳେ ଶିପ୍ରା ନଦୀର ଶୋଚନୀୟ ଅବସ୍ଥା କାହିଁକି ସୁଧୁରିପାରୁନି ବୋଲି ସେ ପ୍ରଶ୍ନ କରିଛନ୍ତି। ଅଞ୍ଚଳର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ଅନେକ କୋଟି ଟଙ୍କା ବିନିଯୋଗ କରୁଥିବାବେଳେ ନଦୀ ପ୍ରଦୂଷଣ ପ୍ରତି ତାଙ୍କର ଦୃଷ୍ଟି ପଡୁନାହିଁ ବୋଲି ପରମାର ଅଭିଯୋଗ ଆଣିଛନ୍ତି। ନଦୀ ଶୁଦ୍ଧ ନ ହେବା ଯାଏ ଏବଂ ଏଥିରେ ଡ୍ରେନ୍ ପାଣି ଆସି ମିଶିବା ବନ୍ଦ ନ ହେବା ଯାଏ ତାଙ୍କର ଏହି ସଂଗ୍ରାମ ଜାରି ରହିବ ବୋଲି ପରମାର କହିଛନ୍ତି।





# ଇସ୍ତଫା ଦେଲେ ଆପ୍ କାର୍ଯ୍ୟକର୍ତ୍ତା

ବରଗଡ଼,୨୫।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ୪ କାର୍ଯ୍ୟକର୍ତ୍ତା ଗୁରୁବାର ଦଳ ଛାଡ଼ିଛନ୍ତି। ସେମାନେ ହେଲେ, ଦଳର ବିଜେପୁର ବ୍ଲକ ସଭାପତି ରାମଚନ୍ଦ୍ର ବିଶ୍ୱାଳ, ସଦସ୍ୟ ପବିତ୍ର ଦେହେରୀ, ଏମଡ଼ି ଅଲିମ ଏବଂ ଭୁବନେଶ୍ୱର ସାହୁ। ଦଳ ସଭାପତି ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଚିନ୍ତାଧାରାରେ ସାମିଲ ହୋଇ ସେମାନେ ଦଳରେ ସାମିଲ ହୋଇଥିଲେ। ମାତ୍ର ଗତ କିଛିଦିନ ହେଲା, ରାଜ୍ୟ ଏବଂ ଜିଲା ଆପ୍‌ରେ ମନମୁଖୀ କାର୍ଯ୍ୟକଳାପ ଚାଲିଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ଦୃଷ୍ଟିରୁ ସେମାନେ ଦଳ ଛାଡ଼ିଥିବା ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ଦଳର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଜିଲା ଆବାହକ ଭବାନୀ ପ୍ରସାଦ ସାହୁଙ୍କୁ ସେମାନେ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ତେବେ ଇସ୍ତଫା ଦେଇଥିବା ଆପ୍ କାର୍ଯ୍ୟକର୍ତ୍ତାମାନେ ନିକଟ ଭବିଷ୍ୟତରେ ବିଜେଡିରେ ଯୋଗଦେବେ ବୋଲି ଚର୍ଚ୍ଚା ଚାଲିଛି।

# ବିଧାୟକ ପ୍ରାର୍ଥୀ ସୁରେଶ ପୂଜାରୀଙ୍କ ଭାଜପା କାର୍ଯ୍ୟାଳୟ ଉପରେ ଡ୍ରୋନ ଉଡ଼ିଲା

ବ୍ରଜରାଜନଗର,୨୫।୪(ବିଜୟ ବରାଡ଼)

**ଗଛ ଗଣିବାକୁ ନିୟୋଜିତ କରାଯାଇଛି: ବନବିଭାଗ**

ବ୍ରଜରାଜନଗର ନିର୍ବାଚନୀ କ୍ଷେତ୍ର ଅଧୀନ ଜାତୀୟ ରାଜପଥ ଏନଏଚ ୪୯ର ଗାନ୍ଧିଛକ ଓ ବେଲାପାହାଡ଼ ମଝିରେ ଥିବା ବାଲାଜୀ ପେଟ୍ରୋଲ ପମ୍ପ ପାଖରେ ଭାଜପା ବିଧାୟକ ପ୍ରାର୍ଥୀ ସୁରେଶ ପୂଜାରୀଙ୍କ କାର୍ଯ୍ୟାଳୟ ପାଖରେ ଏକ ଡ୍ରୋନ ଖସିପଡ଼ିଛି। ପୂଜାରୀଙ୍କ କାର୍ଯ୍ୟାଳୟ ପାଖ ଦେଇ ଏକ ଜଙ୍ଗଲ ସର୍ଭେ ପାଇଁ ନିୟୋଜିତ ଏକ ସଂସ୍ଥା ଦ୍ୱାରା ଡ୍ରୋନ ଉଡୁଥିଲା। ଡ୍ରୋନ କ୍ୟାମେରା ଉଡୁଥିବା ସମୟରେ ଉପରେ ଥିବା ହେଭିୱେଟ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତଳେ ପଡିଯାଇଥିଲା। କାର୍ଯ୍ୟାଳୟ ଭିତରେ ଥିବା ଭାରତୀୟ ଜନତା ପାର୍ଟିର ସଦସ୍ୟମାନେ ତୁରନ୍ତ ପୋଲିସକୁ ଖବର ଦେଇଥିଲେ। ବେଲପାହାଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡ୍ରୋନ କ୍ୟାମେରା ଜବତ କରିଛି। ଏହି ସମୟରେ ବନବିଭାଗ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଡ୍ରୋନ ଜଙ୍ଗଲ ବିଭାଗ ଗଛ ଗଣିବାକୁ ନିୟୋଜିତ କରାଯାଇଛି। ଏଥିରେ ଅନ୍ୟ କୌଣସି ଛବି ଉତ୍ତୋଳନ କରାଯାଇନାହିଁ ବୋଲି ପ୍ରକାଶ କରିଥିଲେ। ଭାଜପା କର୍ମୀମାନେ ଜଙ୍ଗଲ ବିଭାଗ କଥା ବିଶ୍ୱାସ ନ କରି ଜିଲା ଆରକ୍ଷୀ ଅଧୀକ୍ଷକ ସ୍ମିତ ପରାମରଙ୍କୁ ଜଣାଇଥିଲେ। ଡ୍ରୋନ ଜବତ କରାଯାଇଛି ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ଏସପି ପ୍ରକାଶ କରିଛନ୍ତି। ଡ୍ରୋନ ବେଲପାହାଡ ଥାନାରେ ରଖାଯାଇଛି।

# ବିଜେଡିରେ ଯୋଗଦେଲେ ସମାଜସେବୀ ମୀନାକ୍ଷୀ ମିଶ୍ର, ଭଟଲି କଂଗ୍ରେସ ନେତା ସରୋଜ ମହାପାତ୍ର

ଭୁବନେଶ୍ୱର,୨୫।୪(ଅନିଲ ଦାସ)

ବରଗଡ଼ର ବିଶିଷ୍ଟ ସମାଜସେବୀ ମୀନାକ୍ଷୀ ମିଶ୍ର ବିଜେଡିରେ ଯୋଗ ଦେଇଛନ୍ତି। ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ତାଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ମୀନାକ୍ଷୀ ହେଉଛନ୍ତି ବିଜେଡି ନେତା ସ୍ୱର୍ଗତ ଦେବବ୍ରତ ମିଶ୍ରଙ୍କ ସ୍ତ୍ରୀ। ସେ ବରଗଡ଼ର ଫାଇଟ ଫର୍ ରାଇଟ ସାମାଜିକ ସଂଗଠନର ପ୍ରତିଷ୍ଠାତା। ତାଙ୍କ ଯୋଗଦାନ ଦଳକୁ ଅଧିକ ଶକ୍ତିଶାଳୀ କରିବ ବୋଲି ବିଜେଡି କହିଛି। ମୀନାକ୍ଷୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଧାରାରେ ପ୍ରଭାବିତ ହୋଇ ସେ ବିଜେଡିରେ ସାମିଲ ହୋଇଛନ୍ତି। ମିଶ୍ରଣ ପର୍ବରେ ମୁଖପାତ୍ର ପ୍ରିୟବ୍ରତ ମାଝି ଏବଂ କଣ୍ଟାବାଞ୍ଜି ଓ ପଦ୍ମପୁରର ପର୍ଯ୍ୟବେକ୍ଷକ ମୌସମ ମିଶ୍ର ଉପସ୍ଥିତ ଥିଲେ। ସେହିପରି ଭଟଲିର ୨୦୧୯ କଂଗ୍ରେସ ବିଧାୟକ ପ୍ରାର୍ଥୀ ସରୋଜ କୁମାର ମହାପାତ୍ର ବିଜେଡିରେ ଯୋଗ ଦେଇଛନ୍ତି। ତାଙ୍କ ସହ କଂଗ୍ରେସର ବହୁ କର୍ମକର୍ତ୍ତା ମଧ ଦଳରେ ସାମିଲ ହୋଇଛନ୍ତି। ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ସେମାନଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ସରୋଜଙ୍କ ଯୋଗଦାନ ବିଜେଡିକୁ ଅଧିକ ଶକ୍ତିଶାଳୀ କରିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଧାରାରେ ପ୍ରଭାବିତ ହୋଇ ସେ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶ ବିଦ୍ୟାଳୟ, ବିଜୁ ସ୍ୱାସ୍ଥ୍ୟ କାର୍ଡ ଓ ମହିଳାଙ୍କ ପାଇଁ ହୋଇଥିବା ଯୋଜନା ସବୁ ଆକୃଷ୍ଟ କରିଛି ବୋଲି ସରୋଜ କହିଛନ୍ତି।

# ଭାରତରେ ୭୨.୪ କୋଟି ଏଆଇ ବ୍ୟବହାରକାରୀ




ନୂଆଦିଲ୍ଲୀ, ୨୫।୪

ଭାରତରେ ଏବେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ବହୁଳ ଭାବେ ବ୍ୟବହାର ହେଉଛି। ଦେଶର ୯୦ ଭାଗ ଇଣ୍ଟରନେଟ ବ୍ୟବହାରକାରୀଙ୍କ ଜୀବନରେ ଏଆଇ ସ୍ପର୍ଶ କରିସାରିଛି। ମାର୍କେଟିଂ ଡାଟା ଓ ଆନାଲିଟିକ୍ସ କମ୍ପାନୀ 'କଣ୍ଟର' ଦ୍ୱାରା ଏହି ଅଧ୍ୟୟନ ପ୍ରକାଶ କରାଯାଇଛି। ସମ୍ପ୍ରତି ଦେଶର ୧୦ରୁ ୯ ଜଣ ଇଣ୍ଟରନେଟ ବ୍ୟବହାରକାରୀ କୌଣସି ନା କୌଣସି ପ୍ରକାରେ 'ଏଆଇ'ର ବ୍ୟବହାର କରୁଥିବା ଏହି ଅଧ୍ୟୟନରେ କୁହାଯାଇଛି। ଫୋନରେ ଉତ୍କୃଷ୍ଟ କମ୍ପ୍ୟୁଟିଂ ଦକ୍ଷତା, କ୍ଲାଉଡ୍ ଭିତ୍ତିଭୂମି ଓ କନେକ୍ଟିଭିଟି କାରଣରୁ ଏହା ସମ୍ଭବ ହୋଇପାରିଛି। ଦେଶରେ ବର୍ତ୍ତମାନ ୭୨.୪ କୋଟି ଲୋକ ବିଭିନ୍ନ ଉପାୟରେ 'ଏଆଇ'ର ବ୍ୟବହାର କରୁଛନ୍ତି। ପ୍ରତିବର୍ଷ ଏହି ସଂଖ୍ୟା ୬ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହେବା ନେଇ ଆକଳନ ହୋଇଛି। ଭାରତରେ ମୋବାଇଲ ଫୋନ୍ ଯୋଗେ ବିଭିନ୍ନ ପ୍ରକାର ଏଆଇ ଫିଚର ଥିବା ଆପ୍‌ଗୁଡ଼ିକୁ ବହୁଳଭାବେ ବ୍ୟବହାର କରାଯାଉଥିବା ଏହି ଅଧ୍ୟୟନରେ କୁହାଯାଇଛି। ବିଭିନ୍ନ ସୋସିଆଲ ମିଡିଆ, ଫିଟ୍‌ନେସ, ଏଣ୍ଟରଟେନ୍‌ମେଣ୍ଟ ଓ ଫାର୍ମାସୀ ଆଦି ଆପ୍ଲିକେସନଗୁଡ଼ିକରେ ସର୍ବାଧିକ ସଂଖ୍ୟାରେ ଏଆଇ ଫିଚର ରହିଛି। ତେବେ ଭାରତରେ ଏଆଇ ଟେକ୍ନୋଲୋଜୀର ବ୍ୟବହାର ୧୯ରୁ ୨୪ ବର୍ଷୀୟ ଯୁବକଙ୍କ ମଧ୍ୟରେ ବେଶି ରହିଥିବା ଅଧ୍ୟୟନରେ ପ୍ରକାଶ ପାଇଛି। ଏହି ଶ୍ରେଣୀର ଯୁବକଙ୍କ ମଧ୍ୟରେ ୯୨ ପ୍ରତିଶତ ଇଣ୍ଟରନେଟ ୟୁଜର୍ସ ଏଆଇ ବ୍ୟବହାର କରୁଥିବାବେଳେ ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମଧ୍ୟରେ ଏହି ସଂଖ୍ୟା ୮୧ ପ୍ରତିଶତ ରହିଛି।




# ପୁରୀରେ ପହଞ୍ଚିଲା ଦ୍ୱିତୀୟ ପର୍ଯ୍ୟାୟ ରଥକାଠ

ପୁରୀ,୨୫।୪(ଅଜିତ୍ ମହାନ୍ତି)

ଆସନ୍ତା ଜୁଲାଇ ୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଶ୍ରୀବିଗ୍ରହମାନେ ରଥାରୂଢ଼ ହୋଇ ଶ୍ରୀଗୁଣ୍ଡିଚା ଯାତ୍ରାରେ ଜନ୍ମବେଦିକୁ ଯାତ୍ରା କରିବେ। ସେହିପରି ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ। ତେଣୁ ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ ରଥ ସଂହିତା ଅନୁଯାୟୀ ହେରାପଞ୍ଚମୀ ଦିନ ରଥକାଠ ପୂଜା ହୋଇଥିବାବେଳେ ପବିତ୍ର ଅକ୍ଷୟତୃତୀୟା ତିଥିରେ ରଥ ନିର୍ମାଣ ଅନୁକୂଳ ହେବ। ଏହି ପରିପ୍ରେକ୍ଷୀରେ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ରଥକାଠ ଆସି ପୁରୀ ବଡ଼ଦାଣ୍ଡରେ ପହଞ୍ଚିଛି। ନୟାଗଡ଼ ବନଖଣ୍ଡରୁ ଗୋଟିଏ ଟ୍ରକ ଯୋଗେ ୨୫ ଖଣ୍ଡ ଅସନ ଓ ଧଉରା କାଠ ଆସିଛି। ଏନେଇ ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି ଯେ, ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ପ୍ରତ୍ୟେକ ବର୍ଷ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ତେବେ ଗତବର୍ଷ ୫୩ ଖଣ୍ଡ କାଠ ବଳକା ରହିଛି। ତେଣୁ ଚଳିତ ବର୍ଷ ୮୧୨ ଖଣ୍ଡ କାଠ ଅବଶ୍ୟକ। ପ୍ରଥମ ପର୍ଯ୍ୟାୟରେ ୧୦୨ ଖଣ୍ଡ କାଠ ଆସି ପୁରୀରେ ପହଞ୍ଚିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ୪୦ ଫୁଟିଆ ୨୫ ଖଣ୍ଡ ଧଉରା ଓ ଅସନ କାଠ ଆସି ପହଞ୍ଚିଛି। ଏହି ୨୫ ଖଣ୍ଡ କାଠ ମଧ୍ୟରୁ ୨୩ ଖଣ୍ଡ ୪୦ ଫୁଟିଆ ଅସନ କାଠ ରହିଥିବା ବେଳେ ୩ ଖଣ୍ଡ ୪୦ ଫୁଟିଆ ଧଉରା କାଠ ରହିଛି। ବର୍ତ୍ତମାନ ସୁଦ୍ଧା ୧୨୭ ଖଣ୍ଡ ରଥକାଠ ପୁରୀକୁ ଆସିଥିବା ବେଳେ ୩୩ ଖଣ୍ଡ କାଠ କଟକସ୍ଥିତ ଶ' ମିଲ୍‌ରେ ପହଞ୍ଚିସାରିଛି ବୋଲି ମେକାପ ସୂଚନା ଦେଇଛନ୍ତି।

# ପର୍ଯ୍ୟଟନ ସ୍ଥଳୀର ବିକାଶ ହେଲେ ରୋଜଗାରକ୍ଷମ ହେବେ ଯୁବପିଢ଼ି

## କାର୍ତ୍ତିକ ପଣ୍ଡିଆନ୍‌ଙ୍କ ପଟାଙ୍ଗି, ବିଷମକଟକ, ଗୁଣପୁର ନିର୍ବାଚନମଣ୍ଡଳୀ ଗସ୍ତ

ସେମିଳିଗୁଡ଼ା/ସୁନାବେଡ଼ା/ଦଶମନ୍ତପୁର/ଗୁଣପୁର/ବିଷମକଟକ,୨୫।୪(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ/ଅରବିନ୍ଦ ନାୟକ/ପ୍ରଦୀପ କୁମାର ପାଢୀ/ ବିଭୁତି ଭୂଷଣ ନାୟକ)

ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ଗୁରବାର କୋରାପୁଟ ଓ ରାୟଗଡା ଜିଲାର ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଆସି ସେମିଳିଗୁଡ଼ା ବ୍ଲକର ଦଳେଇଗୁଡ଼ା ପଞ୍ଚାୟତ ବାଙ୍ଗୁରୁଗୁଡ଼ା ପଡ଼ିଆରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ଯୋଗଦେଇଥିଲେ। ହେଲିକପ୍ଟର ଯୋଗେ ଆସି ପାଣ୍ଡିଆନ ଅସ୍ଥାୟୀ ହେଲିପ୍ୟାଡ୍‌ରେ ପହଞ୍ଚି ସେଠାରୁ ଦଳୀୟ କର୍ମକର୍ତ୍ତାଙ୍କ ସହ ସଭାସ୍ଥଳକୁ ଯାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅଞ୍ଚଳର ଅନେକ ସମସ୍ୟା ସମାଧାନ କରିଛନ୍ତି। ମୁଖ୍ୟମନ୍ତ୍ରୀ କଥା କମ୍ କୁହନ୍ତି, କାମ ବେଶି କରନ୍ତି ବୋଲି ଉପସ୍ଥିତ ଜନସାଧାରଣଙ୍କୁ ସେ କହିଥିଲେ। ସରକାର କୋରାପୁଟର ମୁଖ୍ୟ ପର୍ଯ୍ୟଟନ ସ୍ଥଳୀ ଦେଓମାଳିର ଉନ୍ନତୀକରଣ ପାଇଁ ୨୨କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି, ଏବେ ଏହାର କାର୍ଯ୍ୟ ଚାଲୁରହିଛି। ଏହି ପର୍ଯ୍ୟଟନସ୍ଥଳୀର ବିକାଶ ହେଲେ ଯୁବପିଢ଼ି ରୋଜଗାରକ୍ଷମ ହୋଇପାରିବେ। ସେହିପରି ନନ୍ଦପୁର ବ୍ଲକ ରାଣୀଡୁଡୁମା ଜଳପ୍ରପାତ, ବାଲ୍ମୀକି ଆଶ୍ରମ, ରାଜା ସ୍ତୁପ ଓ ନାଗେଶ୍ୱରୀ ଗୁମ୍ଫାର ମଧ ଉନ୍ନତୀକରଣ ବାବଦକୁ ୩ କୋଟି ୬୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସେ ସୂଚନା ଦେଇଥିଲେ।




କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ଦଳେଇଗୁଡ଼ା ପଞ୍ଚାୟତ ବାଙ୍ଗୁରୁଗୁଡ଼ା ପଡ଼ିଆରେ ଆୟୋଜିତ ଏକ ନିର୍ବାଚନୀ ସଭାରେ କାର୍ତ୍ତିକ ପାଣ୍ଡିଆନ୍ ଉଦ୍‌ବୋଧନ ଦେଉଛନ୍ତି।

ପଟାଙ୍ଗିର ପ୍ରସିଦ୍ଧ ଗଙ୍ଗା ମା' ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ବାବଦକୁ ୩କୋଟି ଟଙ୍କା ମଞ୍ଜୁର ହୋଇ କାମ ଚାଲିଛି। ପଟାଙ୍ଗି ନିର୍ବାଚନମଣ୍ଡଳୀ ମିଶନ ଶକ୍ତି ଜରିଆରେ ଏସ୍‌ଏଚ୍‌ଜି ମା'ମାନେ ରୋଜଗାରର ପନ୍ଥା ପାଇଛନ୍ତି। ଫଳରେ ସେମାନେ ନିଜେ ରୋଜଗାରକ୍ଷମ ହେବା ସହ ପରିବାରର ଉନ୍ନତି କରୁଥିବା ପାଣ୍ଡିଆନ୍ କହିଥିଲେ। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ବେଶ୍ ପ୍ରଶଂସା କରିଥିଲେ। ପରେ ପଟାଙ୍ଗି ନିର୍ବାଚନମଣ୍ଡଳୀରେ ଦଳୀୟ ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ସଭାରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ପାଙ୍ଗୀ, କୋରାପୁଟ ଏମ୍‌ପି ପ୍ରାର୍ଥୀ କୌଶଲ୍ୟା ହିକ୍କା ଓ ବିଧାୟକ ପୀତମ ପାଢ଼ୀଙ୍କ ସମେତ ଅନ୍ୟ କର୍ମକର୍ତ୍ତା, କର୍ମୀ ଉପସ୍ଥିତ ଥିଲେ। ସେହିପରି ଦଶମନ୍ତପୁର ବ୍ଲକ ଚନ୍ଦନ ଶ୍ରୀକ୍ଷେତ୍ର ମନ୍ଦିର ନିକଟରେ ଆୟୋଜିତ ସଭାରେ ବିଜେଡି ଜିଲା ଉପ ସଭାପତି ନାରାୟଣ ବିଶୋୟୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ପାଣ୍ଡିଆନ୍ ଯୋଗଦେଇ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ଅବସରରେ କୋରାପୁଟ ନିର୍ବାଚନମଣ୍ଡଳୀର କଂଗ୍ରେସ ଆଶାୟୀ ବିଧାୟକ ପ୍ରାର୍ଥୀ ଧର୍ମେନ୍ଦ୍ର ବିଡ଼ିକାଙ୍କ ସମେତ କେତେଜଣ ଦଳୀୟ କର୍ମକର୍ତ୍ତା ବିଜେଡିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ଅରୁଣ ଚେଞ୍ଚି, ବ୍ଲକ୍ ବିଜେଡି ସଭାପତି ମହେନ୍ଦ୍ର କୁଲଦୀପ ଓ ସମ୍ପାଦକ ସୁରେଶ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

ପାଣ୍ଡିଆନ୍ ଗୁରବାର ରାୟଗଡ଼ା ଜିଲା ଗୁଣପୁର ଓ ବିଷମକଟକ ନିର୍ବାଚନମଣ୍ଡଳୀ ଗସ୍ତରେ ଆସି ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇଥିଲେ। ବିଷମକଟକସ୍ଥିତ ମିନି ଷ୍ଟାଡିୟମ ପରିସରରେ ଆୟୋଜିତ ସଭାରେ ଜନସାଧାରଣଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବନିର୍ମାଣ ଓଡ଼ିଶାର ମୁଖ୍ୟ ସାରଥି ବୋଲି ପାଣ୍ଡିଆନ କହିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଲୋକେ କୋରାପୁଟ ଲୋକ ସଭା ପ୍ରାର୍ଥୀ କୌଶଲ୍ୟା ହିକ୍କା ଓ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ସାରକାଙ୍କୁ ପୁନର୍ବାର ଯୋଡ଼ି ଶଙ୍ଖରେ ଭୋଟ ଦେବାପାଇଁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ସଭାରେ ମନ୍ତ୍ରୀ ଜଗନ୍ନାଥ ସାରକା, ଏମ୍‌ପି ପ୍ରାର୍ଥୀ କୌଶଲ୍ୟା ହିକ୍କାଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସେଠାରୁ ପାଣ୍ଡିଆନ ଗୁଣପୁର ସହର ବାଘୁଆ ଦେଉଳ ପଛପଟ ବଂଶଧାରା ବସନ୍ତ ମହୋତ୍ସବ ପଡ଼ିଆରେ ଆୟୋଜିତ ବିଜେଡିର ନିର୍ବାଚନୀ ସଭାରେ ଯୋଗଦେଇ କୋରାପୁଟ ଲୋକ ସଭା ପ୍ରାର୍ଥୀ କୌଶଲ୍ୟା ହିକ୍କା ଏବଂ ଗୁଣପୁର ବିଧାୟକ ପ୍ରାର୍ଥୀ ରଘୁନାଥ ଗମାଙ୍ଗଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ନବୀନ ସରକାରଙ୍କ ଜନକଲ୍ୟାଣ ଯୋଜନା କରିବା ସହ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିକାଶ ପାଇଁ ସରକାର ଗୁରୁତ୍ୱ ଦେଇଛନ୍ତି। ସଭାରେ ଜିଲା ସଭାପତି ଏନ୍.ଭାସ୍କର ରାଓ, ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ଦାସ, ଯୁବନେତା ପିଙ୍କୁ ପଣ୍ଡା, ନଗର ସଭାପତି ରାମଚନ୍ଦ୍ର ପଣ୍ଡାଙ୍କ ସମେତ ବହୁ ନେତା ଏବଂ କର୍ମୀମାନେ ଯୋଗଦେଇଥିଲେ।

# ଜେଇଇ ମେନ୍-୨ରେ ଓଡିଏମ୍‌ର ସଫଳତା

## ୯୯ ପର୍ସେଣ୍ଟାଇଲ୍‌ରୁ ଅଧିକ ରଖିଛନ୍ତି ୨୨ ଛାତ୍ରୀଛାତ୍ର

ଭୁବନେଶ୍ୱର,୨୫।୪(ଅନୁରାଧା ମହାରଣା)

ନ୍ୟାଶନାଲ ଟେଷ୍ଟିଙ୍ଗ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ସର୍ବଭାରତୀୟ ଜେଇଇ ମେନ୍‌ସ(ଫେଜ୍-୨)ର ରେଜଲ୍ଟ ବୁଧବାର ପ୍ରକାଶ ପାଇଛି। ଏଥିରେ ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ଏବଂ ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍‌ର ୬୮ଜଣ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ଓଡିଏମ୍ ପବ୍ଲିକ୍ ସ୍କୁଲର ଛାତ୍ର ସତ୍ୟେନ୍ଦୁ କର ୯୯.୯୮ ପର୍ସେଣ୍ଟାଇଲ୍ ସହିତ ବିଦ୍ୟାଳୟରେ ପ୍ରଥମ ସ୍ଥାନ ପାଇ ଥିଲାବେଳେ ୧୭ଜଣ ଛାତ୍ରୀଛାତ୍ର ୯୯ ପର୍ସେଣ୍ଟାଇଲ୍‌ରୁ ଅଧିକ ରଖିଛନ୍ତି। ସେହିପରି ୪୦ଜଣ ଛାତ୍ରୀଛାତ୍ର ୯୫ ପ୍ରତିଶତଠାରୁ ଅଧିକ ପର୍ସେଣ୍ଟାଇଲ୍ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଓଡିଏମ୍ ଗ୍ଲୋବାଲ୍ ସ୍କୁଲର ଛାତ୍ର ଦେବାଶିଷ ପଣ୍ଡା ୯୯.୯୫ ପର୍ସେଣ୍ଟାଇଲ୍ ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନରେ ରହିଥିବାବେଳେ ୫ଜଣ ଛାତ୍ରୀଛାତ୍ର ୯୯ ପର୍ସେଣ୍ଟାଇଲ୍ ଉପରେ ରେଜଲ୍ଟ କରିଛନ୍ତି। ସେହିପରି ୬ଜଣ ଛାତ୍ରୀଛାତ୍ର ୯୫ ପ୍ରତିଶତରୁ ଅଧିକ ପର୍ସେଣ୍ଟାଇଲ୍ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଓଡିଏମ୍ ଶିକ୍ଷା ସମୂହର ପ୍ରତିଷ୍ଠାତା ତଥା ସ୍କୁଲ ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସିଓଓ ସ୍ୱୟନ୍ ସତ୍ୟେନ୍ଦୁ, ଅନ୍ୟ ଅଧିକାରୀ ତଥା ଶିକ୍ଷୟିତ୍ରୀଶିକ୍ଷକ ଏହି ସଫଳତା ପାଇଁ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଉପସ୍ଥିତ ଅଭିଭାବକ ଓ ଅଧ୍ୟାପକଙ୍କୁ ଡ. ମୀନକେତନ ପ୍ରଶଂସା କରିଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ଜଣେ ଜଣେ ଉତ୍ତମ ନାଗରିକ ହେବାକୁ ଆହ୍ୱାନ ଦେବା ସହ ଆଗାମୀ ଜେଇ-ଆଡ୍‌ଭାନ୍ସଡ୍ ପାଇଁ ସଫଳତା କାମନା କରିଥିଲେ।

# ୧୮ ମାଓବାଦୀଙ୍କ ଆତ୍ମସମର୍ପଣ




ମାଲକାନଗିରି, ୨୫।୪
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ଦାନ୍ତେୱାଡା ଜିଲାରେ ୧୮ ମାଓବାଦୀ ଗୁରୁବାର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏମାନେ ଦୀର୍ଘ ଦିନଧରି ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରୁଥିବା ବେଳେ ସେମାନେ ଅନେକ ହିଂସାକାଣ୍ଡ ଯଥା ରାସ୍ତା ଖୋଳିବା, ଗଛ କାଟିବା, ବୋମା ଖଞ୍ଜିବା ଏବଂ ବ୍ୟାନର ପୋଷ୍ଟର ଲଗାଇବା ଭଳି ଘଟଣାରେ ଜଡ଼ିତ ଥିଲେ। ତେବେ ସଙ୍ଗଠନ ଧୀରେ ଧୀରେ ଭୁଶୁଡ଼ିବାରେ ଲାଗିଥିବା ବେଳେ ସଙ୍ଗଠନରେ ବଡ ବଡ ମାଓବାଦୀ ନେତାଙ୍କ ଶୋଷଣ ଏବଂ ନିରୀହ ଲୋକଙ୍କୁ ହତ୍ୟା କରାଯାଉଥିବାରୁ ସେମାନେ ସଙ୍ଗଠନରୁ ଓହରିଯିବାକୁ ନିଷ୍ପତ୍ତି ନେଇ ଆତ୍ମସମର୍ପଣ କରିଥିବା କହିଛନ୍ତି। ଜିଲା ପୋଲିସ କାର୍ଯ୍ୟାଳୟରେ ଡିଆଇଜି କମଳଲୋଚନ କଶ୍ୟପଙ୍କ ନିକଟରେ ଏହି ମାଓବାଦୀମାନେ ଆତ୍ମସମର୍ପଣ କରିଥିବା ବେଳେ ଏସ୍‌ପି ଗୌରଭ ରାୟ ସମସ୍ତଙ୍କୁ ୨୫ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଏହାସହ ସରକାରଙ୍କ ପୁନର୍ବାସ ଯୋଜନା ଅଧୀନରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ପୁନଃ ଥଇଥାନର ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି କହିଥିଲେ।

# ବନ୍ଦ ପାଳନ ବେଳେ ଜଣଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି, ୨୫।୪(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ରେ ଜଣେ ଗ୍ରାମବାସୀଙ୍କୁ ହତ୍ୟା କରିବା ସହ ମାଓବାଦୀମାନେ ବନ୍ଦ ପାଳିଛନ୍ତି। କାଂକେର ଜିଲାର ଛୋଟେବେଠିଆ ଥାନା ଅଞ୍ଚଳ ହିନ୍ଦୁର ଗ୍ରାମର ମୋଙ୍ଗା ପଦାଙ୍କୁ ମାଓବାଦୀମାନେ ଗୁରୁବାର ଘରୁ ଉଠାଇ ନେଇ ହତ୍ୟା କରିଥିଲେ। ହତ୍ୟା ପରେ ଘଟଣାସ୍ଥଳରେ ଏକ ପୋଷ୍ଟର ଲଗାଇଥିବା ବେଳେ ସେଥିରେ ମୋଙ୍ଗା ପୋଲିସ ସୂଚନାଦାତା ଭାବେ କାର୍ଯ୍ୟକରିବା ସହ ନିରୀହ ଲୋକଙ୍କୁ ଠକିବା ଓ ସରକାରୀ ଅଧିକାରୀ ଏବଂ ଠିକାଦାରଙ୍କଠାରୁ ଅର୍ଥ ନେଇ ଲୋକଙ୍କୁ ଅସୁବିଧାରେ ପକାଉଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ଉଲ୍ଲେଖ ରହିଛି। ତେବେ ଏହି ହତ୍ୟାକାଣ୍ଡ ପରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ସୂଚନା ଅନୁଯାୟୀ, ଗତ ୧୬ ତାରିଖରେ ଛତିଶଗଡ଼ର କାଂକେର ଜିଲା ଛୋଟେବେଠିଆ ଅଞ୍ଚଳରେ ପୋଲିସ ଗୁଳିରେ ୨୯ମାଓବାଦୀ ମୃତ୍ୟୁ ଘଟଣାକୁ ସଂଗଠନ ବିରୋଧକରି ଗୁରୁବାର କାଂକେର ଓ ନାରାୟଣପୁର ଜିଲା ବନ୍ଦ ଡାକରା ଦେଇଥିଲା। ଏଥିଯୋଗୁ ସ୍ଥାନେ ସ୍ଥାନେ ଦୋକାନ ବଜାର ବନ୍ଦ ରହିଥିବା ବେଳେ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ ଜୋରଦାର କରାଯାଇଥିବା ଦେଖିବାକୁ ମିଳିଛି।

# ୨ ମାଓବାଦୀ ନିହତ

ବୌଦ୍ଧ/ ଘଣ୍ଟାପଡ଼ା/ ଖୁଣ୍ଟିଗୋରା,୨୫।୪ ( ଅଜିତ କୁମାର ବାରିକ/ ପ୍ରଭାତ କୁମାର ସାହୁ/ ମକରନ୍ଦ ସାହୁ)

ବୌଦ୍ଧ ପୋଲିସ ନିକଟରେ ଗତ ଫେବୃୟାରୀ ମାସରେ ଛତିଶଗଡ଼ ରାଜ୍ୟର ୨ ମହିଳା ମାଓବାଦୀ ଆତ୍ମସର୍ମପଣ କରିଥିବା ବେଳେ ପୁଣି ଗୁରୁବାର ବୌଦ୍ଧ ପୋଲିସକୁ ଏକ ବଡ଼ ସଫଳତା ମିଳିଛି। ପୋଲିସ ମାଓବାଦୀ ଗୁଳି ବିନିମୟରେ ଦୁଇଜଣ କ୍ୟାଡର ମାଓବାଦୀଙ୍କ ମୃତ୍ୟୁ ଘଟିଛି। ଏନେଇ ଗୁରୁବାର ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅପରାହ୍ନରେ ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ପ୍ରସାଦ କହିଥିଲେ,ଏସ୍‌ଓଜି, ଡିଭିଏଫ୍ ଓ ବିଏସ୍‌ଏଫ୍ ପକ୍ଷରୁ କଣ୍ଟାମାଳ ଥାନା ବରଗାଁ ପଞ୍ଚାୟତର ପାଢେଲ ଓ ମାତାକୁପା ସଂରକ୍ଷିତ ଜଙ୍ଗଲ ମଧ୍ୟରେ କୋମ୍ବିଂ ଚାଲିଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା, ପାଢେଲ ଡ୍ୟାମ୍ ନିକଟରେ ୨୦ରୁ ୩୦ ମାଓବାଦୀ ରହିଛନ୍ତି। ପାଢେଲ ଡ୍ୟାମ୍ ନିକଟ ଜଙ୍ଗଲରେ ସକାଳ ୭ଟା ବେଳେ ମାଓବାଦୀଙ୍କୁ ପୋଲିସ ପକ୍ଷରୁ ଆତ୍ମସର୍ମପଣ କରିବାକୁ କୁହାଯାଇଥିଲା। କିନ୍ତୁ ସେମାନେ ପୋଲିସ କର୍ମଚାରୀଙ୍କ ଉପରକୁ ଗୁଳିଚାଳନା କରିବା ସହ ହ୍ୟାଣ୍ଡ ଗ୍ରେନେଡ୍ ଫିଙ୍ଗିଥିଲେ। ଏହାର ଜବାବରେ ପୋଲିସ ପାଲଟା ଆକ୍ରମଣ କରିଥିଲା। ଗୁଳି ବିନିମୟରେ ଦୁଇ ଜଣ ଛତିଶଗଡ କ୍ୟାଡର ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ସେମାନେ ହେଲେ ସନ୍ତୁ ଓ ସୁନୀଲ ବୋଲି ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଥିବା ବେଳେ ଉଭୟ କେକେବିଏନ୍ ଡିଭିଜନରେ କାମ କରୁଥିଲେ। ସେମାନଙ୍କ ନାମରେ ୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ଘୋଷଣା ହୋଇଥିଲା। ଏଥିସହ ଗୁଳି ବିନିମୟ ସ୍ଥାନରୁ ଗୋଟିଏ ରାଇଫଲ, ୧୭ ଗୋଟି ଗୁଳି, ୭ ଗୋଟି ବିଜିଏଲ୍ ରାଉଣ୍ଡ ତାର ଏବଂ ୧୦ ଡେଟୋନେଟର , ୫ଟି ହାତ ତିଆରି ବୋମା , ଗୋଟିଏ ଫ୍ଲାସ୍ ଲାଇଟ ଆମ୍ପ୍ଲିଫାୟର, ୨ ସୋଲାର ପେନାଲ, ୬ ଆଇଇଡି, ମାଓବାଦୀଙ୍କ ପ୍ରଚାରପତ୍ର ଏବଂ ସେମାନଙ୍କ ଦ୍ୱାରା ବ୍ୟବହୃତ ଅନେକ ସାମଗ୍ରୀ ଜବତ କରାଯାଇଥିଲା। ଏବେ ବି ସର୍ଚ୍ଚ ଅପରେଶନ ଚାଲୁ ରହିଥିବା ଆରକ୍ଷୀ ଅଧୀକ୍ଷକ ପ୍ରସାଦ ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ ପାତ୍ର ଉପସ୍ଥିତ ଥିଲେ।

ପ୍ରକାଶଥାଉ କି ,ଗତ ଜାନୁୟାରୀ ମାସରେ ଶଗଡ଼ା ଫାଣ୍ଡି ଅନ୍ତର୍ଗତ ବାତେପଙ୍ଗା ଜଙ୍ଗଲରେ ଏସ୍‌ଓଜି ଯବାନମାନେ ସର୍ଚ୍ଚ ଅପରେଶନ କରୁଥିବା ବେଳେ ଆଇଇଡି ବିସ୍ଫୋରଣ ଘଟି ୩ ଜଣ ଯବାନ ଆହତ ହୋଇଥିଲେ। ପୂର୍ବରୁ ମଧ ବୌଦ୍ଧ କନ୍ଧମାଳ ସୀମାନ୍ତରେ ପୋଲିସ ଓ ମାଓବାଦୀ ମଧ୍ୟରେ ବହୁବାର ଗୁଳି ବିନିମୟ ହୋଇଥିବା ବେଳେ ପୋଲିସ ପକ୍ଷରୁ ବ୍ୟାପକ ମାଓବାଦୀ ସାମଗ୍ରୀ ଜବତ କରିବାରେ ସଫଳ ହୋଇଥିଲେ। ବୌଦ୍ଧରେ ମାଓବାଦୀ ଗତିବିଧି ଏବେ ବି ଲାଗି ରହିଛି। ପୋଲିସ ପକ୍ଷରୁ ମାଓବାଦୀ ଗତିବିଧି ଉପରେ ନଜର ରହିଥିଲେ ସୁଦ୍ଧା ବୌଦ୍ଧରେ ବାରମ୍ବାର ମାଓବାଦୀଙ୍କ ଜାହିର ଯୋଗୁ ଲୋକଙ୍କ ମନରେ ଭୟ ଦେଖାଦେଇଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୨ତମ ଜୟନ୍ତୀ, ସ୍ଥାନ: ଏଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମହାରାଜା ଗଜପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ଏଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା। ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀରେ ମାଲ୍ୟାର୍ପଣ, ସ୍ଥାନ: ଏଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୩୦।
- ଓଡ଼ିଶା ବିକାଶ ପରିଷଦର ବିକ୍ଷୋଭ, ସ୍ଥାନ: ରାଜ୍ୟମାନବାଧିକାର ଆୟୋଗଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- କ୍ଷେତ୍ରମୋହନ ଦାସଙ୍କ ପୁସ୍ତକର ଲୋକାର୍ପଣ, ସ୍ଥାନ: ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସେବାସଂଘ ସଭାକକ୍ଷ, ସମୟ: ଅପରାହ୍ନ ୪ଟା ୩୦।
- କଳାକାର ଥିଏଟର ପକ୍ଷରୁ ଆୟୋଜିତ ନବରସ ନାଟ୍ୟ ମେଳା-୨୦୨୪, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୩୦।

## କଟକ

- ମା' ବ୍ୟାଘ୍ରବାହିନୀ ନାଟ୍ୟ କଳା ପରିଷଦ ପକ୍ଷରୁ ସାମାଜିକ ନାଟକ ପ୍ରଦର୍ଶନ, ସ୍ଥାନ-ଓଟିଏମ୍ କଲୋନୀ ୮ନଂ. ୱାର୍ଡସ୍ଥିତ ଶିଶୁପାର୍କ, ସମୟ: ରାତି ୧୦ଟା

## ଖୋର୍ଦ୍ଧା

- ରାମଲୀଳା ନାଟକ ଉତ୍ସବରେ ଶ୍ରୀରାମଙ୍କ ରାଜ୍ୟାଭିଷେକ, ସ୍ଥାନ: ରଘୁନାଥ ଦେବଙ୍କ ପୀଠ, କଡ଼ାମଲ୍ଲ, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୮ଟା।

## ବାଲେଶ୍ୱର

- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ଅନ୍ତରା, ଖଇରା, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ଭାଜପା କର୍ମୀ ସମ୍ମିଳନୀ, ସ୍ଥାନ: ଏରଡ଼ା, ଭଦ୍ରକ, ସମୟ: ସକାଳ ୯ଟା।
- ଦିବଂଗତ ଲେଖିକା, କବୟିତ୍ରୀ ଶାନ୍ତିଲତା ନାଗଙ୍କ ସ୍ମୃତିସଭା, ସ୍ଥାନ: ସ୍ୱରାଜ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ସାଧନ ସାରସ୍ୱତ ପରିଷଦର ତୃତୀୟ ବାର୍ଷିକୋତ୍ସବ, ସ୍ଥାନ: ନରସିଂହପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଟିଲୋ, ବନ୍ତ, ସମୟ: ଅପରାହ୍ନ ୪ଟା। ସ୍ଥାନ: ଓଡ଼ଙ୍ଗ, ବନ୍ତ, ସମୟ: ଅପରାହ୍ନ ୫ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ବିଧାନସଭା କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- କଂଗ୍ରେସ ପକ୍ଷରୁ ନିର୍ବାଚନୀ ପ୍ରଚାର, ସ୍ଥାନ: ଧାମନଗର ଏନ୍ଏସି, ସମୟ: ସନ୍ଧ୍ୟା ୬ଟା।
- ଭାଜପାର ସାଙ୍ଗଠନିକ ବୈଠକ, ସ୍ଥାନ: କାଉପୁର, ଭଦ୍ରକ, ସମୟ: ରାତି ୯ଟା।

## କେନ୍ଦୁଝର

- ଭାଜପାର ବାଇକ ରାଲି, ସ୍ଥାନ: ପୁରୁଣା ସହର, କେନ୍ଦୁଝର, ସମୟ: ଅପରାହ୍ନ ୫ ଟା।
- ମା' ହିଙ୍ଗୁଳାଙ୍କ ବାର୍ଷିକ ଉତ୍ସବର ପୂର୍ଣ୍ଣାହୁତି, ସ୍ଥାନ: ସାଇଁକୁଳ, ଘସିପୁରା, ସମୟ: ସନ୍ଧ୍ୟା ୭ଟା।
- ବାଦିପାଲା ପରିବେଷଣ, ସ୍ଥାନ: ବଡ଼ଦାଣ୍ଡ, ଆନନ୍ଦପୁର, ସମୟ: ସନ୍ଧ୍ୟା ୭ଟା।
- ମା' ହିଙ୍ଗୁଳାଙ୍କ ବାର୍ଷିକ ଉତ୍ସବ ଓ ଭଜନ ସମାରୋହ, ସ୍ଥାନ: ତରୁଆଁ, ଘସିପୁରା, ସମୟ: ସନ୍ଧ୍ୟା ୭ଟା।
- ରାଧାକୃଷ୍ଣଙ୍କ ତୃତୀୟ ବାର୍ଷିକ ଉତ୍ସବ, ସ୍ଥାନ: ମଛାଳ, ଘସିପୁରା, ସମୟ: ସନ୍ଧ୍ୟା ୭ ଟା।
- ମା' ହିଙ୍ଗୁଳା ପୀଠରେ ଭଜନ ସମାରୋହ, ସ୍ଥାନ: ମଛାଳ, ଘସିପୁରା, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ଆମେ- ୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ସୁରେଇଡ଼ିହି ଓ ଦାନ୍ତିଆମୁହାଁ ପଡ଼ିଆ, ସମୟ:ଅପରାହ୍ନ ୪ଟା।

## ବ୍ରହ୍ମପୁର

- ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ, ସ୍ଥାନ: ଗିରିମାର୍କେଟ ଛକ, ସମୟ: ସକାଳ ୭ଟା୩୦।
- ଗଞ୍ଜାମ ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବ୍ଲକସ୍ତରୀୟ ସାଙ୍ଗଠନିକ ସମାବେଶ, ସ୍ଥାନ: ହୋଟେଲ ଜେ.ବି.ପ୍ରାଙ୍ଗଣ, ବାବାଜି ତୋଟା ସାହି, ସମୟ: ପୂର୍ବାହ୍ନ ୧୧ଟା।
- ସୁବାସ ସ୍ମାରକୀ ସମାରୋହ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ

- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ:ଭଞ୍ଜନଗର ବ୍ଲକ ରାଇଗୋଛା, ସମୟ: ସକାଳ ୯ଟା।
- ଭାଜପାର ବାଇକ୍ ଶୋଭାଯାତ୍ରା, ସ୍ଥାନ: ଜଗନ୍ନାଥପ୍ରସାଦ ବ୍ଲକ କରସିଙ୍ଗି ଛକ, ସମୟ: ଅପରାହ୍ନ ୨ଟା ୩୦।
- ବିଜେଡ଼ିର ବାଇକ୍ ଶୋଭାଯାତ୍ରା, ସ୍ଥାନ: ଜଗନ୍ନାଥପ୍ରସାଦ ବ୍ଲକ କରସିଙ୍ଗି ଛକ, ସମୟ:ଅପରାହ୍ନ ୪ଟା ୩୦।

## କନ୍ଧମାଳ

- ଠାକୁରାଣୀ ଯାତ୍ରାର ଚତୁର୍ଥ ସନ୍ଧ୍ୟାରେ ଘଟ ପରିକ୍ରମା,ସ୍ଥାନ:ନୀଳକନ୍ଦର ସାହି,ସମୟ:ସନ୍ଧ୍ୟା ୬ ଟା।

## ଗଜପତି

- କୃଷ୍ଣଚନ୍ଦ୍ର ଗଜପତିଙ୍କ ୧୩୩ତମ ଜୟନ୍ତୀ,ସ୍ଥାନ: ପାରଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ସ୍ମୃତି ସୌଧ ପୀଠ, ସମୟ: ସକାଳ ୭ଟା।

## ରାୟଗଡ଼ା

- ପାରଳା ମହାରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗଜପତି ଛକ, ରାୟଗଡ଼ା, ସକାଳ:୮ଟା।।
- ତାଲିମ ଶିବିର ଉଦ୍‌ଯାପିତ କାର୍ଯ୍ୟକ୍ରମ, ସ୍ଥାନ: ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ଗୁଡାରି ବ୍ଲକ୍, ସମୟ: ସକାଳ ୮ଟା।
- ଜିଲା ନିର୍ମାଣ ଶ୍ରମିକ ମହାସଂଘର ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ, ସ୍ଥାନ: ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ, ରାୟଗଡା, ସମୟ: ସକାଳ ୯ଟାରୁ ଅପରାହ୍ନ୨ଟା।
- ନାମାଙ୍କନ ପତ୍ର ଯାଞ୍ଚ, ସ୍ଥାନ: ଜିଲାପାଳ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ବାଚନ ପ୍ରଚାର, ସ୍ଥାନ: ଉମରକୋଟ ବିଜୁପଟ୍ଟନାୟକ ଷ୍ଟାଡିୟମ, ସମୟ: ସକାଳ ୯ଟା ୨୦। ସ୍ଥାନ: ଝରିଗାଁ ନିର୍ବାଚନ ମଣ୍ଡଳୀର ଧୋଡ୍ରା ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୫। ସ୍ଥାନ: ଡାବୁଗାଁ ନିର୍ବାଚନ ମଣ୍ଡଳୀ ମୈଦଲପୁର କଲେଜ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା ୪୦। ସ୍ଥାନ: ନବରଙ୍ଗପୁର ନିର୍ବାଚନ ମଣ୍ଡଳୀ ପୂଜାରିଗୁଡ଼ା ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଯାଞ୍ଚ, ସ୍ଥାନ: ନବରଙ୍ଗପୁର ଜିଲାପାଳ, ରିଟର୍ନିଂ ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ନାମାଙ୍କନ ପତ୍ର ଯାଞ୍ଚ, ସ୍ଥାନ: କୋରାପୁଟ ଜିଲାପାଳ ଓ ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳନ ସ୍ଥାନ: ଏକ୍ସବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଶ୍ରୀରାମ ନବମୀ ଉପଲକ୍ଷେ ଆୟୋଜିତ ନାମଯଜ୍ଞର ନଗର ପରିକ୍ରମା, ସ୍ଥାନ : କମଳିବଜାର ରାମଜୀ ମନ୍ଦିର, ସମୟ : ସକାଳ ୮ଟା।
- ଶ୍ରୀରାମ ନବମୀରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : କବରାପାଲି ଗ୍ରାମ, ସମୟ : ରାତି ୧୦ଟା।

## ବଲାଙ୍ଗୀର

- ଗ୍ରୀଷ୍ମକାଳୀନ ଅସିଚାଳନା ତାଲିମ ଶିବିରର ସପ୍ତମ ଦିବସ, ସ୍ଥାନ: ଆର.ଏନ୍. ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ଶ୍ରୀ ରାଧାକୃଷ୍ଣ ମନ୍ଦିରର କୁମ୍ଭ ଭରଣ ଓ ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ଡଙ୍ଗିଆ, ବଙ୍ଗୋମୁଣ୍ଡା ବ୍ଲକ,ସମୟ: ପୂର୍ବାହ୍ନ ୧୦ଟା।
- ବଲାଙ୍ଗୀରରେ ମିଳିତ ଚିତ୍ରକଳା ପ୍ରଦର୍ଶନୀ ଦ୍ୱିତୀୟ ଦିନ, ସ୍ଥାନ: ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡ଼ିର ମିଶ୍ରଣ ପର୍ବ, ସ୍ଥାନ ବିଜେଡ଼ି କାର୍ଯ୍ୟାଳୟ,ଟିଟିଲାଗଡ, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥପଡା ପ୍ରସିଦ୍ଧ ରାମଲୀଳା ଅଷ୍ଟମ ରଜନୀ, ସ୍ଥାନ: ଜଗନ୍ନାଥ ମନ୍ଦିର, ଜଗନ୍ନାଥପଡା, ବଲାଙ୍ଗୀର ସମୟ: ରାତି ୧୦ଟା ୩୦।

## ସୁବର୍ଣ୍ଣପୁର

- ଶ୍ରୀରାମ ଲୀଳା ମହୋତ୍ସବ ଉଦ୍‌ଯାପିତ, ସ୍ଥାନ: ଯୁବରାଜପୁର, ବୀରମହାରାଜପୁର, ସମୟ : ପୂର୍ବାହ୍ନ ୧୧ଟା।
- ସଙ୍କୀର୍ତ୍ତନ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ : ଭାଲୁଡୁଙ୍ଗୁରି ସ୍ଥିତ, ଶୃଙ୍ଗଦର ମଠ,ବୀରମହାରାଜପୁର, ସମୟ :ଅପରାହ୍ନ ୪ଟା।
- ଶ୍ରୀରାମଲୀଳାରେ ଲୀଳା ନାଟକ ବାଳିବଧ ପରିବେଷଣ, ସ୍ଥାନ: ଚମ୍ପାମାଳ ,ବୀରମହାରାଜପୁର, ସମୟ ;ରାତି ୧୧ଟା।
- ରାମଲୀଳା ନାଟକରେ ତରଣୀସେନ ବଧ, ସ୍ଥାନ: ତିକୁଡା,ଉଲୁଣ୍ଡା, ସମୟ : ରାତି ୧୧ଟା।
- ଶ୍ରୀରାମଲୀଳା ନାଟକ ପରିବେଷଣ, ସ୍ଥାନ : ପୁଲେଶ୍ୱର, ବୀରମହାରାଜପୁର, ସମୟ : ରାତି ୧୧ଟା।
- ରାମଲୀଳା ନାଟକ, ସ୍ଥାନ : ତେଲିପାଲି,ବୀରମହାରାଜପୁର, ସମୟ : ରାତି ୧୧ଟା।

## ରାଉରକେଲା

- ସନ୍ତୋଷୀ ମା' ମନ୍ଦିରର ବାର୍ଷିକ ଉତ୍ସବ,ସ୍ଥାନ: ବିଦ୍ୟୁତ କଲୋନୀ, ସମୟ: ସକାଳ ୬ଟା ୩୦।
- ଏନ୍ଆଇଟି ପକ୍ଷରୁ ଡବ୍ଲ୍ୟୁଆଇପିଓ ଦିବସ ପାଳନ, ସ୍ଥାନ: ଏନ୍ଆଇଟି ରାଉରକେଲା,ସମୟ: ସକାଳ ୯ଟା ୩୦।
- ବିଧାନସଭା ନାମାଙ୍କନ ପ୍ରକ୍ରିୟା ଆରମ୍ଭ, ସ୍ଥାନ: ପାନପୋଷ ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବାସନ୍ତୀଦୁର୍ଗା ଭସାଣୀ, ସ୍ଥାନ:ସେକ୍ଟର-୩ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ବିଜେଡି କର୍ମୀ ସମ୍ମଳନୀ,ସ୍ଥାନ: ଦୀପ୍ତି ହୋଟେଲ, ସମୟ: ସନ୍ଧ୍ୟା ୬ଟା ୩୦।
- ଏମ୍ଏସ୍ ଧୋନୀ ରାତ୍ରକାଳିନ କ୍ରିକେଟ୍ ଟୁର୍ନାମେଣ୍ଟ,ସ୍ଥାନ:ସେକ୍ଟର-୧୫, ସମୟ: ସନ୍ଧ୍ୟା ୭ଟା୩୦।

## ସୁନ୍ଦରଗଡ଼

- ସିପିଆଇଏମ୍ ଏବଂ କଂଗ୍ରେସ ତରଫରୁ କର୍ମୀ ସମ୍ମିଳନୀ,ସ୍ଥାନ: ଟେନ୍‌ସା ଏଟିଏମ ଛକ,ସମୟ: ଅପରାହ୍ନ ୫ଟା।
- ସୁନ୍ଦରଗଡ଼ ନବଜୀବନ ଅନୁଷ୍ଠାନ ପକ୍ଷରୁ ବସନ୍ତ ମହୋତ୍ସବ,ସ୍ଥାନ: ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ ଟା।
- ରାମଲୀଳା ଯାତ୍ରାରେ ମଞ୍ଚସ୍ଥ ହେବ ହନୁମାନଙ୍କ ଦ୍ୱାରା ସୀତା ଠାବ, ସ୍ଥାନ: ବଡ଼ଗାଁ ଦେବ ମଣ୍ଡପ,ସମୟ: ରାତି ୧୧ ଟା।

## ବରଗଡ଼

- ଅଲ୍ ଓଡ଼ିଶା ଓଏସବଏ ସିନିୟର ଷ୍ଟେଟ ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ: ବିଜୁ ପଟ୍ଟନାୟକ ଇନଡ଼ୋର ଷ୍ଟାଡିୟମ, ସମୟ: ସକାଳ ୭ଟା।
- ପପଙ୍ଗା ପାହାଡ଼ ମହୋତ୍ସବ, ସ୍ଥାନ: ଭେଡ଼େନ ପପଙ୍ଗା ପାହାଡ଼ ପାଦଦେଶ, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ବିଭିନ୍ନ ଦାବି ନେଇ କେନ୍ଦୁପତ୍ର ତୋଳାଳୀ ସଂଘର ଶୋଭାଯାତ୍ରା, ସ୍ଥାନ: ସ୍ଥାନୀୟ ଡିଏଫ୍‌ଓ କେନ୍ଦୁଲିଫ୍ କାର୍ଯ୍ୟାଳୟ ଭବାନୀପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ମହିଳା ସମାବେଶ, ସ୍ଥାନ: କେସିଙ୍ଗା ସହର ଭାଜପା କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ନବମୀ ପୂଜା ଉପଲକ୍ଷେ ପ୍ରବଚନ, ସ୍ଥାନ: କେସିଙ୍ଗା ସହର ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମ ନବମୀ ପୂଜା ଉପଲକ୍ଷେ ପୁରାଣ ପଠନ ଓ ଭଜନ ସମାରୋହ, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଗ୍ରାମସ୍ଥିତ ଘୋଡ଼ାବାହାଲି, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ବିହନଛିଣା ଚୈତ୍ରା ଯାତ୍ରା, ସ୍ଥାନ: କୋମନା ବ୍ଲକ ବୃନ୍ଧି କୋମନା ଗ୍ରାମ, ସମୟ: ସକାଳ ୭ଟା ୩୦।

## ଦେବଗଡ଼

- କଂଗ୍ରେସ କମିଟି ପକ୍ଷରୁ ନିର୍ବାଚନୀ ସଭା, ସ୍ଥାନ: ବାରକୋଟ ବ୍ଲକ, ବାହାଡ଼ାପୋଷି,ସମୟ: ପୂର୍ବାହ୍ନ ୧୧ଟା।
- ତ୍ରିନାଥ ମନ୍ଦିରର ରତ୍ନମୁଦ ଓ ଅନ୍ନ ବଣ୍ଟନ, ସ୍ଥାନ: ବାବୁସାହି, ସମୟ: ଅପରାହ୍ନ ୧ଟା।

## ଝାରସୁଗୁଡ଼ା

- ପୌର ପରିଷଦ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଝାରସୁଗୁଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୭ଟା।
- ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ, ସ୍ଥାନ: ଝାରସୁଗୁଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।

## ବୌଦ୍ଧ

- ବହିରାରେ ଶ୍ରୀରାମଲୀଳା ଉତ୍ସବର ଦଶମ ସନ୍ଧ୍ୟାରେ ନାଟକ ସୀତାଠାବ ଓ ଲଙ୍କା ପୋଡି, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବୌଦ୍ଧ , ସମୟ: ରାତି ୯ଟା।
- ଘଣ୍ଟାପଡା ଶ୍ରୀରଘୁନାଥ ନାଟ୍ୟ ସଂସଦର ରାମାୟଣ ପାରାୟଣ ଦଶମ ଦିବସ ନାଟକ ବାଳି ବଧ, ସ୍ଥାନ: ଘଣ୍ଟାପଡା ରଘୁନାଥଜୀଉ ମନ୍ଦିର, କଣ୍ଟାମାଳ, ସମୟ: ରାତି ୯ଟା।
- ଘଣ୍ଟାପଡାର ଶ୍ରୀଜଗନ୍ନାଥ ନାଟ୍ୟ ସଂସଦର ଦଶମ ଦିବସ ନାଟକ ସୀତା ଠାବ ଓ ଲଙ୍କା ପୋଡି, ସ୍ଥାନ: ଘଣ୍ଟାପଡା ଶ୍ରୀରାମ ମଣ୍ଡପ,କଣ୍ଟାମାଳ, ସମୟ: ରାତି ୯ଟା।
- ବରଗାଁ ପଞ୍ଚାୟତ ମଲିକୁଦର ରାମାୟଣ ନାଟକର ଦଶମ ଦିବସ ନାଟକ କୁମ୍ଭକର୍ଣ୍ଣବଧ, ସ୍ଥାନ: ମଲିକୁଦ ରାମଲୀଳା ମଣ୍ଡପ,କଣ୍ଟାମାଳ, ସମୟ ରାତି ୯ଟା।
- ବୌଦ୍ଧ ସହରର ଶ୍ରୀ ରାମଲୀଳା ଯାତ୍ରାର ଦଶମ ଦିବସର ନାଟକ ନାଗଫାଶ ବନ୍ଧନ,ସ୍ଥାନ: ଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ରାତି ୧୦ଟା। ବଢିଙ୍ଗା ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ଦଶମ ଦିବସରେ ରାବଣ ପୋଡି, ସ୍ଥାନ: ବଢିଙ୍ଗା ରଘୁନାଥମନ୍ଦିର,ବୌଦ୍ଧ, ସମୟ: ରାତି ୧୦ଟା।

## ଢେଙ୍କାନାଳ

- ଇଣ୍ଡିଆ ମେଣ୍ଟର ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଦେବକନ୍ୟା ଢେଙ୍କାନାଳ ଟାଉନ, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।
- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଜପାର ନିର୍ବାଚନୀ ସଭା ସ୍ଥାନ: ତୁରଙ୍ଗ ହାଇସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରଘୁନାଥପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ବିଜୁ ଜନତାଦଳର ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ, ସ୍ଥାନ: ତିର୍ତ୍ତୋଲ, ଆନନ୍ଦ ମଣ୍ଡପ ପରିସର, ସମୟ: ଅପରାହ୍ନ ୩ଟା।
- ତୃଣମୂଳସ୍ତରୀୟ ଗ୍ରୀଷ୍ମକାଳୀନ ହକି ଖେଳ ପ୍ରଶିକ୍ଷଣ ଶିବିର, ସ୍ଥାନ: ପିପିଏଲ୍, ଡିଏଭି ସ୍କୁଲ ପରିସରରେ ଥିବା ହକି ଷ୍ଟାଡିୟମ, ପାରାଦୀପ, ସମୟ: ଅପରାହ୍ନ ୫ଟା।

## କେନ୍ଦ୍ରାପଡ଼ା

- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଉଗରପଡିଆ, ସବଳଙ୍ଗ, ପଲେଇ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା କର୍ମୀ ସମ୍ମିଳନୀ, ସ୍ଥାନ: ଅଳପୁଆ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଲକ୍ଷ୍ମୀନାରାୟଣପୁର, ଡେରାବିଶ, ସମୟ: ଅପରାହ୍ନ ୪ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ପାଖଡ, ଗରଦପୁର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ହିଙ୍ଗୁଳା ଦେବୀଙ୍କ ଯଜ୍ଞଚରୁ ବଣ୍ଟନ, ମହାଯଜ୍ଞ, ନାମ ଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ : କୋରେଇ ବ୍ଲକ ଶଙ୍ଖଚିଲା ମନ୍ଦିର ପରିସର, ସମୟ : ଅପରାହ୍ନ ୪ଟା।
- ଶ୍ରୀରାମ ଚରିତ ମାନସ, ସ୍ଥାନ : ଯାଜପୁର ରୋଡ ମହତାବନଗର ଦେବେଶ୍ୱର ମନ୍ଦିର ପରିସର, ସମୟ : ରାତି ୭ଟା୩୦।

## ନୟାଗଡ଼

- ସିଦ୍ଧ ବାସେଳୀଙ୍କ ଚଇତି ପର୍ବର ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ଫକିର ଅଟବୁଦ୍ଧି ପାଟଣା ବରୁଣଦେବ ମନ୍ଦିର ପ୍ରାଙ୍ଗଣ, ସମୟ:ପୂର୍ବାହ୍ନ୧୧ଟା୩୦।
- ଦଶଦିନ ବ୍ୟାପୀ ଓଡ଼ଗାଁ ଶ୍ରୀରାମ ନବମୀ ଯାତ୍ରାର ଅଷ୍ଟମ ସନ୍ଧ୍ୟାର ଶ୍ରୀ ରଘୁନାଥ ଜୀଉଙ୍କ ଅଷ୍ଟାବଧାନ ବେଶ, ସ୍ଥାନ: ଓଡ଼ଗାଁ ଶ୍ରୀ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଦଶପଲ୍ଲା କାଷ୍ଠମୁଖା ରାମଲୀଳାର ଦଶମ ଦିବସରେ ମୁକ୍ତ ରଙ୍ଗମଞ୍ଚରେ ପରିବେଷଣ ହେବ ଶ୍ରୀରାମ ବିଳାପ ଓ ଶବରୀ ମୋକ୍ଷ, ସ୍ଥାନ: ଦଶପଲ୍ଲା ରଘୁନାଥ ମନ୍ଦିର, ସମୟ:ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅଷ୍ଟମଚନ୍ଦ୍ର ଯୋଗୁ ଭ୍ରାତୃ ବିରୋଧ, ସହକର୍ମୀ ସହ ଝଗଡ଼ାର ଆଶଙ୍କା ରହିଛି। ଚନ୍ଦ୍ରଙ୍କ ପ୍ରତି ଶନିଙ୍କ ଦୃଷ୍ଟିରୁ ଋଣବାଢ଼ି, ବ୍ୟବସାୟରେ ପ୍ରତିବନ୍ଧକ ଚିନ୍ତାର କାରଣ ହେବ। ବନ୍ଧୁଙ୍କ କଥା ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ସଭାସମିତି ଓ ସଂଗଠନ, କଳା, ସାହିତ୍ୟ, ସଙ୍ଗୀତ ଓ ସାମ୍ବାଦିକତା କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ବୃଷ**
ଆଜି ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ ଅର୍ଥ ବ୍ୟୟ କରିବାକୁ ବାଧ ହେବେ। ପିଲାମାନେ ଆପଣଙ୍କୁ ସାହାଯ୍ୟ କରିବାରେ କୁଣ୍ଠା ପ୍ରକାଶ କରିବେ। ପ୍ରକାଶନ, ପ୍ରଶାସନ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇବାର ଆଶା ରହିଛି। ରାଜନୀତି, ଆଇନ ଓ ଅଦାଲତ କ୍ଷେତ୍ରରେ ଦୃଢ଼ ସମର୍ଥନ ଅବ୍ୟାହତ ଯୋଗୁ ଆଗେଇ ଯାଇପାରନ୍ତି।

**ମିଥୁନ**
ଷଷ୍ଠଚନ୍ଦ୍ର ପ୍ରଭାବରୁ ବନ୍ଧୁଙ୍କ ସାହାଯ୍ୟ, ସହଯୋଗ ସହ ଆର୍ଥିକ, ପାରିବାରିକ, ସାମାଜିକ ସ୍ଥିତି ଦୁର୍ବଳ ରହିବ। ବ୍ୟସ୍ତତା ହେତୁ କୌଣସି କାମ ଶୃଙ୍ଖଳିତ ହେବ ନାହିଁ। କର୍ମକ୍ଷେତ୍ରରେ କଡ଼ା ଭାଷା ପ୍ରୟୋଗ କଲେ ଶତ୍ରୁତା ଅର୍ଜନ କରିବେ। ଯେଉଁ କ୍ଷେତ୍ରରେ ଯାହାକି ବିଚାର କରିବେ, ତାହା ଶେଷ ସମୟରେ ଓଲଟ ପାଲଟ ହୋଇଯାଇପାରେ।

**କର୍କଟ**
ଅନୁକୂଳ ଗ୍ରହସ୍ଥିତିରୁ ପାରିବାରିକ ଓ କର୍ମକ୍ଷେତ୍ରରେ ଆଶା କରୁଥିବା କାମ ବାଧାପ୍ରାପ୍ତ ହେବନାହିଁ। ଜମିଜମା, ଯାନବାହନ, କଳକବ୍‌ଜା ଓ ଲୋକସମ୍ପର୍କ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। କଳା, ସାହିତ୍ୟ, ଗବେଷଣା, ବାଣିଜ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି କରିପାରନ୍ତି।

**ସିଂହ**
ଆଜି କଲ୍ୟାଣ ଚନ୍ଦ୍ରଜନିତ ପ୍ରତ୍ୟେକ ଦିଗକୁ ଲକ୍ଷ୍ୟରଖି କାମ କଲେ ସଫଳତା ପାଇବେ। କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ହେତୁ ଅନୁକୂଳ ପରିସ୍ଥିତି ସୃଷ୍ଟିହେବାର ସମ୍ଭାବନା ରହିଛି। ଅର୍ଥ ସମ୍ବନ୍ଧୀୟ କଥାବାର୍ତ୍ତା ଏବଂ ଶିଳ୍ପ, ବାଣିଜ୍ୟ, ବ୍ୟବସାୟିକ ସ୍ଥିତି ପୂର୍ବଭଳି ରହିବ।

**କନ୍ୟା**
ଚନ୍ଦ୍ରଙ୍କ ସ୍ଥିତିରୁ ପାରିବାରିକ ଜୀବନରେ ଅଶାନ୍ତି ସୃଷ୍ଟି ହେବ। ପାରିବାରିକ ସ୍ତରରେ ଅବଶ୍ୟ ବିଳାସୋପକରଣ କ୍ରୟ କରିବେ ଓ ଭ୍ରମଣସୁଖ ପାଇପାରନ୍ତି। ଯାତ୍ରା ସମୟରେ ଯାନ ବାହନରେ ସତର୍କ ରହିବା ଭଲ ନଚେତ୍ କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ପିଲାଙ୍କ କୃତିତ୍ୱ ସକାଶେ ଗର୍ବ ଅନୁଭବ କରିବେ।

**ତୁଳା**
ଦ୍ୱିତୀୟସ୍ଥ ଚନ୍ଦ୍ରଜନିତ ଯେମିତି ଚିନ୍ତାକରିବେ ସେହି ଅନୁଯାୟୀ କାମ ହୋଇଯିବ। ଖଳଲୋକଙ୍କ ଦ୍ୱାରା କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଅତ୍ୟଧିକ କଡ଼ା ଓ ମସଲାଯୁକ୍ତ ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟହାନି ଘଟିବାର ସମ୍ଭାବନା ରହିଛି। ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ମନ ବଳାଇବେ।

**ବିଛା**
ରାଶିରେ ଚନ୍ଦ୍ର ପ୍ରଭାବଜନିତ ବିଭିନ୍ନ କାରଣରୁ ମନ ଭଲ ରହି ନ ପାରେ। ଆପଣଙ୍କ ନୀରବତାକୁ ସମ୍ପର୍କୀୟମାନେ ଭିନ୍ନ ଦୃଷ୍ଟିକୋଣରୁ ବିଚାର କରିବେ। ଲେଖା ପଢ଼ାରୁ, କଳା, ସାହିତ୍ୟ, ସଙ୍ଗୀତରେ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ସତର୍କତା ଅଭାବରୁ କିମ୍ବା ଅସାବଧାନତା ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

**ଧନୁ**
ବୃହସ୍ପତି ପ୍ରଭାବରେ ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବ କିନ୍ତୁ ଚନ୍ଦ୍ର ହେତୁକ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆପଣଙ୍କ ଲୋକ ପ୍ରିୟତା ପଡ଼ୋଶୀଙ୍କ ଈର୍ଷାପରାୟଣତାକୁ ବଢ଼ାଇବ। କର୍ମକ୍ଷେତରେ ନୂତନ କାମର ପରିକଳ୍ପନା କରିବେ, କିନ୍ତୁ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ବିବାଦୀୟ ଘଟଣାର ଦିଗ ବଦଳି ଯାଇପାରେ।

**ମକର**
ଏକାଦଶସ୍ଥ ଚନ୍ଦ୍ର ଯୋଗୁ କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି, ଅର୍ଥ ଓ ସମ୍ମାନ ଲାଭ କରିବାରେ ସଫଳ ହେବେ। କିନ୍ତୁ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ ସ୍ତରରେ ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। ଭାଙ୍ଗିପଡ଼ିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠା ଆଶା ରହିଛି। ପ୍ରଶାସନ ଓ ଆନୁଷ୍ଠାନିକ କର୍ମ ସମ୍ପର୍କିତ ଆଲୋଚନାରେ ଟେନ୍‌ସନ କମିଯିବ।

**କୁମ୍ଭ**
ଶନି ଦୃଷ୍ଟ ଚନ୍ଦ୍ର ହେତୁ କର୍ମକ୍ଷେତ୍ରର ସମସ୍ୟା ମନକୁ ବିଚଳିତ କରିବାର ଆଶଙ୍କା ଦେଖାଦେବ। ଇଚ୍ଛା ନ ଥିଲେ ମଧ୍ୟ ବାଧବାଧକତାରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ଭୁଲ୍ ବୁଝାମଣାଜନିତ ପାରିବାରିତକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ। କଚେରୀ ମାମଲା କିମ୍ବା ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବା ଆଶଙ୍କା ରହିଛି।

**ମୀନ**
ରାଶ୍ୟାଧିପତିଙ୍କ ପ୍ରଭାବରେ ସ୍ୱାସ୍ଥ୍ୟ ଠିକ୍ ରହିବ ଏବଂ କୌଣସି କାମ ଅଟକି ରହିବ ନାହିଁ। ସଭାସମିତିରେ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। ଘରେ ମଧ୍ୟ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ିହେବନାହିଁ। ରାଜନୈତିକ ସ୍ତରରେ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇପାରନ୍ତି।

ଆଜି ଏପ୍ରିଲ୍ ୨୬ ତାରିଖ, ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ, ବୈଶାଖ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ଶୁକ୍ରବାର, ଶ୍ରୀମନ୍ଦିରରେ ରାବଣବଧ ପ୍ରସ୍ତାବ, ରାଶିନକ୍ଷତ୍ର-ଅନୁରାଧା/ବିଛା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ଗୃହାରମ୍ଭ ଓ ଗୃହପ୍ରବେଶ ପାଇଁ ଶୁଭଦିନ। ସକାଳ ଘ.୦୫.୨୪ମି. ଗତେ ଘ.୦୬.୧୫ମି. ମଧ୍ୟେ, ଘ.୦୭.୦୫ମି. ଗତେ ଘ.୦୮.୩୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦/୦୯, ଗତେ, ଘ.୧୧.୪୪ମି. ମଧ୍ୟେ ରାହୁକାଳ।

# ହିଟ୍‌ଷ୍ଟ୍ରୋକ୍ ରୋଗୀଙ୍କ ଚିକିତ୍ସା ପାଇଁ ଏମ୍ସରେ ସ୍ୱତନ୍ତ୍ର ୟୁନିଟ୍

**ଭୁବନେଶ୍ୱର, ୨୫।୪ (ବନ୍ଦନା ସେଠୀ)**




ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ କାରଣରୁ ଦିନକୁ ଦିନ ବୃଦ୍ଧି ଘଟୁଥିବା ହିଟ୍‌ଷ୍ଟ୍ରୋକ୍ ବା ସନ୍‌ଷ୍ଟ୍ରୋକ୍ ରୋଗୀଙ୍କ ଚିକିତ୍ସା ନିମନ୍ତେ ଏମ୍ସ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ହିଟ୍ ଷ୍ଟ୍ରୋକ୍ ୟୁନିଟ୍ ଖୋଲିଛି। ଗ୍ରୀଷ୍ମ ପ୍ରବାହଜନିତ ସମ୍ଭାବ୍ୟ ଆପାତକାଳୀନ ପରିସ୍ଥିତିର ମୁକାବିଲା ନିମନ୍ତେ ଏହି ୟୁନିଟ ବିଶେଷ ସହାୟକ ହେବ ବୋଲି ହସ୍ପିଟାଲ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଆଶାବ୍ୟକ୍ତ କରିଛନ୍ତି। ଆବଶ୍ୟକ ଚିକିତ୍ସା ସୁବିଧା ସହିତ ବିଭିନ୍ନ ବିଭାଗର ଡାକ୍ତରଙ୍କ ପକ୍ଷରୁ ଏହି ୟୁନିଟ୍‌ରେ ସେବା ପ୍ରଦାନ କରାଯିବ। ତେବେ ନିହାତି ଆବଶ୍ୟକ ନ ଥିଲେ ଲୋକେ ପ୍ରଖର ଖରାରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ ପରିସ୍ଥିତିରେ ଦିନବେଳା ବାହାରକୁ ଯିବା ସମୟରେ ସମସ୍ତ ସତର୍କତାମୂଳକ ପଦକ୍ଷେପ ଯେପରିକି ସାଙ୍ଗରେ ଛତା, ଓଦା ଗାମୁଛା କିମ୍ବା ଟାୱେଲ ଏବଂ ପାଣି ବୋତଲ ଭଳି ସାମଗ୍ରୀ ନେବାକୁ ସେ ପରାମର୍ଶ ଦେଇଛନ୍ତି।

ଆୟୁଷ ବିଭାଗରେ କାର୍ଯ୍ୟକ୍ଷମ ୬ ଶଯ୍ୟା ବିଶିଷ୍ଟ ଏହି ସ୍ୱତନ୍ତ୍ର ହିଟ୍‌ଷ୍ଟ୍ରୋକ୍ ୟୁନିଟ ଗତ ସପ୍ତାହରୁ କାର୍ଯ୍ୟକ୍ଷମ ହୋଇଥିବା ଏମ୍ସ ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡା ସୂଚନା ଦେଇଛନ୍ତି। ଏଯାବତ୍ ଏଠାରେ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ସନ୍‌ଷ୍ଟ୍ରୋକ୍ ପୀଡିତଙ୍କୁ ଚିକିତ୍ସା ପ୍ରଦାନ କରାଗଲାଣି। ଜେନେରାଲ ମେଡିସିନ, ଟ୍ରମା ଏବଂ ଜରୁରୀକାଳୀନ ପରିସ୍ଥିତି ଏବଂ ଆୟୁଷ ବିଭାଗର ମୁଖ୍ୟଙ୍କୁ ନେଇ ଏକ ଜରୁରୀକାଳୀନ ବୈଠକରେ ଏହି ୟୁନିଟ୍‌ର ସଫଳ ପରିଚାଳନା କାର୍ଯ୍ୟଶୈଳୀ ପ୍ରସ୍ତୁତି ସୁନିଶ୍ଚିତ କରାଯାଇଥିଲା। ସେହିପରି ମେଡିସିନ ବିଭାଗ ସହକାରୀ ପ୍ରଫେସର ଡ. ଶ୍ରୀକାନ୍ତ ବେହେରାଙ୍କୁ ହିଟ୍‌ଷ୍ଟ୍ରୋକ ୟୁନିଟ୍‌ର ନୋଡାଲ ଅଧିକାରୀ ଭାବରେ ନିଯୁକ୍ତ କରାଯାଇଛି। ଏହି ୟୁନିଟ୍‌ରେ ପର୍ଯ୍ୟାପ୍ତ ପରିମାଣର ଔଷଧ, ଓଆର୍ଏସ ଆଦି ଗଚ୍ଛିତ ରଖାଯାଇଛି। ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଡାକ୍ତର ଓ କର୍ମଚାରୀମାନେ ସଜାଗ ରହିଥିବା ଡା. ପରିଡ଼ା କହିଛନ୍ତି।

# ଆଗକୁ ଭଲ ପ୍ରଦର୍ଶନ ନେଇ ପ୍ରସ୍ତୁତି କରୁଛି: ସାଇନା

**ପୁରୀ,୨୫।୪(ଅଜିତ୍ ମହାନ୍ତି)**



ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ତାରକା ସାଇନା ନେହ୍ୱାଲ୍ ଗୁରୁବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସାଇନା ଭୁବନେଶ୍ୱରରେ ପହଞ୍ଚିବା ପରେ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଫେଡେରେଶନର କର୍ମକର୍ତ୍ତାମାନେ ତାଙ୍କୁ ସ୍ୱାଗତ କରିଥିଲେ। ପରେ ସାଇନା ଓ ତାଙ୍କ ମା' ମହାପ୍ରଭୁଙ୍କ ଦର୍ଶନ ଉଦ୍ଦେଶ୍ୟରେ ପୁରୀ ଆସିଥିଲେ। ଉଭୟଙ୍କୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସେବାୟତ ଓ ପୁରୀ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ଦୁହେଁ ଶ୍ରୀମନ୍ଦିରକୁ ଯାଇ ଦାରୁଦିଅଁଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ସେହିପରି ଭିତରବେଢାରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ସହ ମହାଲକ୍ଷ୍ମୀ, ବିମଳା, ଓ ବଟଗଣେଶ ମନ୍ଦିରକୁ ଯାଇ ସମସ୍ତ ଦେବାଦେବୀଙ୍କୁ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିରରୁ ଫେରି ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ଐତିହ୍ୟ ପରିକ୍ରମା ପ୍ରକଳ୍ପ ବୁଲି ଦେଖିଥିଲେ। ଏହି ଅବସରରେ ସାଇନା କହିଛନ୍ତି, ମହାପ୍ରଭୁଙ୍କ ଡକରା ହେବାରୁ ପୁରୀ ଆସି ତାଙ୍କୁ ଦର୍ଶନ

## ମା'ଙ୍କ ସହ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କଲେ

କରି ସେ ବେଶ୍ ଖୁସି ଅଛନ୍ତି। ଅନେକ ବର୍ଷ ହେବ ବ୍ୟାଡ୍‌ମିଣ୍ଟନ କ୍ଷେତ୍ରରେ ଭାରତ ପାଇଁ ତାଙ୍କୁ ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଛି। କିଛି ଦିନ ତଳେ ତାଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା। ତେବେ ବର୍ତ୍ତମାନ ସେ ସୁସ୍ଥ ହେଉଛନ୍ତି। ଆଗକୁ ଯେପରି ଭଲ ପ୍ରଦର୍ଶନ କରିବେ ସେ ନେଇ ପ୍ରସ୍ତୁତି ଜାରି ରଖିଛନ୍ତି। ତାଙ୍କ ପାଇଁ ଦେଶର ଅନେକ ବ୍ୟକ୍ତିବିଶେଷ ପ୍ରାର୍ଥନା କରୁଥିବାରୁ ସମସ୍ତଙ୍କୁ ଧନ୍ୟବାଦ। ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ନିଅନ୍ତୁ ବୋଲି ସେ ଦେଶବାସୀଙ୍କୁ କହିଛନ୍ତି। ଶ୍ରୀମନ୍ଦିର ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା କରିଥିବାରୁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ କିଶନ ରେଡ୍ଡୀଙ୍କ ସମେତ ରାଜ୍ୟ ସରକାର, ଓଡ଼ିଶା ପର୍ଯ୍ୟଟନ ବିଭାଗ, ଜିଲା ପ୍ରଶାସନ, ଜିଲା ପୋଲିସ ପ୍ରଶାସନ ଏବଂ ସେବାୟତଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ସେବାୟତମାନଙ୍କ ପକ୍ଷରୁ ସାଇନାଙ୍କୁ ପତିତପାବନ ବାନା ସହ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ଭେଟିଲେ ପ୍ରଣବ



**ସମ୍ବଲପୁର,୨୫।୪(ପ୍ରମୋଦ ବହିଦାର)**

ବିଶିଷ୍ଟ ସମ୍ବଲପୁରୀ ସାହିତ୍ୟ ସାଧକ ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ବିଜେଡିର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଗୁରୁବାର ସାକ୍ଷାତ୍ କରିଥିଲେ। ତାଙ୍କ ସହ ସମ୍ବଲପୁର ବିଧାୟକ ପ୍ରାର୍ଥୀ ଇଂ. ରୋହିତ ପୂଜାରୀ ଯାଇଥିଲେ। ଏହି ଅବସରରେ ଉଭୟ ନେତା ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ସମ୍ବଲପୁରୀ ଭାଷା ସାହିତ୍ୟ ପାଇଁ ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ। ତାଙ୍କ ଭଳି ଜଣେ ମହାନ ବ୍ୟକ୍ତିତ୍ୱଙ୍କୁ ସାକ୍ଷାତ କରି ଆଜି ସେ ଗର୍ବିତ ବୋଲି କହିଥିଲେ ପ୍ରଣବ ପ୍ରକାଶ।

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ବରଗଡ଼,୨୫।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ଛକ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ, ବରଗଡ଼ ଜିଲ୍ଲା ଭେଡ଼େନ ଥାନା ରୁଷୁଡ଼ା ଫାଣ୍ଡି ଅନ୍ତର୍ଗତ ବଢ଼ପୁର ଗ୍ରାମର ଅଧିକାରୀ ଭୋଇ (୨୪)। ସେ କୌଣସି କାମରେ ବାଇକ ଯୋଗେ ବରଗଡ଼ ଆସିଥିଲେ। ରାତିରେ ଘରକୁ ଫେରୁଥିବାବେଳେ ଏକ ଟ୍ରକ ଧକ୍କା ଦେବା ଯୋଗୁ ତାଙ୍କ ମୃତ୍ୟୁ ହୋଇଥିଲା। ବରଗଡ଼ ଗ୍ରାମାଞ୍ଚଳ ଥାନା ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ କରାଇଛି। ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି।

# ଜେଇଇ ମେନ୍‌ରେ ସମ୍ବଲପୁର ବିକାଶ ଛାତ୍ରୀଛାତ୍ରଙ୍କ ସଫଳତା

**ସମ୍ବଲପୁର,୨୫।୪(ବି.ଶଙ୍କର)**


ସ୍ୱପ୍ନିଲ ବର୍ମା


ଅନ୍ୱେଷ ବଡ଼ପଣ୍ଡା


କରନ ବେହେରା


ଅମିତ ପ୍ରଧାନ


ଅନ୍ୱେଷ ପରିଚ୍ଛା

ଜେଇଇ ମେନ ପ୍ରବେଶିକା ପରୀକ୍ଷା ଫଳାଫଳରେ ମଙ୍ଗଳବାର ପ୍ରକାଶିତ ହୋଇଛି। ଏହି ପରୀକ୍ଷାରେ ସମ୍ବଲପୁର ଶାସନସ୍ଥିତ ବିକାଶ ଦ କନସେପ୍ଟ ସ୍କୁଲ ଛାତ୍ରୀଛାତ୍ରମାନେ ସଫଳତା ଅର୍ଜନ କରିଛନ୍ତି। ବିକାଶ ନିର୍ଦ୍ଦେଶକ ଜି. ରାମକୃଷ୍ଣ ଗୁରୁବାର ଏନେଇ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ୫ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ପର୍ସେନଟାଇଲ ରଖି ସ୍କୁଲକୁ ଉଚ୍ଚତର ସୋପାନକୁ ନେଇଛନ୍ତି। ସେମାନଙ୍କ ମଧ୍ୟରେ ସ୍ୱପ୍ନିଲ ବର୍ମା (୯୮.୦୪), ଅନ୍ୱେଷ ବଡ଼ପଣ୍ଡା (୯୪.୭୯), କରନ ବେହେରା (୯୨.୨୭), ଅମିତ ପ୍ରଧାନ (୯୧.୩୫), ଅନ୍ୱେଷ ପରିଚ୍ଛା (୯୦.୯୬) ରହିଛନ୍ତି । ସେହିପରି ୧୩ ଜଣ ଜେଇ କଟ-ଅଫ ପର୍ସେନଟାଇଲରୁ ଅଧିକ ନମ୍ବର ରଖି ଜେଇ ଏଡଭାନ୍ସ ପାଇଁ ଯୋଗ୍ୟ ହୋଇଛନ୍ତି। ରାଜକୁମାର ମେହେର (୯୪.୦୯), ଅର୍ମାନ (୯୦.୬୬), ପାର୍ଥ ଅଗ୍ରୱାଲ (୯୨.୫୪), ରୋଷନୀ (୯୩.୦୨), ଡି. ଡିନେଶ (୯୧.୮୦), ଶ୍ରୀୟା ସାହୁ (୯୦.୦୪) ବିଭିନ୍ନ ବିଷୟରେ ୯୦ ପର୍ସେନ୍‌ଟାଇଲରୁ ଉର୍ଦ୍ଧ୍ୱ ରଖି ବିଦ୍ୟାଳୟର ଖ୍ୟାତି ବଢ଼ାଇଛନ୍ତି । ୫୫ ଜଣ ଛାତ୍ରୀଛାତ୍ର ବିଭିନ୍ନ ଏନଆଇଟିସ ଏବଂ ରାଜ୍ୟ ସ୍ତରୀୟ ଇଞ୍ଜିନିୟରିଂ କଲେଜ ଗୁଡିକରେ ସିଟ ପାଇବାର ସମ୍ଭାବନା ରହିଛି । ବିକାଶ ହାଇୟର ସେକଣ୍ଡାରୀ ସ୍କୁଲର ୪ଜଣ ଛାତ୍ର ରାହୁଲ ମହାପାତ୍ର(୯୩.୮୪), ଆଲୋକ ମେହେର(୯୧.୧୨), ସୌମ୍ୟରଞ୍ଜନ ନାଏକ(୯୧.୦୫), ସିତିଶ ପାଣିଗ୍ରାହୀ(୯୦.୬) ବିଭିନ୍ନ ବିଷୟରେ ୯୦ରୁ ଉର୍ଦ୍ଧ୍ୱ ପର୍ସେନଟାଇଲ ରଖି ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ଛାତ୍ରୀଛାତ୍ରଙ୍କ ଏହି କୃତିତ୍ୱ ପାଇଁ ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ସେନଟ୍ରାଲ ଏକାଡେମିକ ସିଷ୍ଟମରେ କାମ କରୁଥିବା ଏନଟ୍ରାନ୍ସ ଶିକ୍ଷକମାନଙ୍କ ପରିଶ୍ରମ ଓ ଛାତ୍ରୀଛାତ୍ରଙ୍କ ଅଧ୍ୟବସାୟ, ବିକାଶ ସିନିୟର ସେକେଣ୍ଡାରୀ ଅଧକ୍ଷା ଡ. ପୁଷ୍ମିତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହା ସମ୍ଭବ ହୋଇପାରିଛି ବୋଲି କହିଛନ୍ତି। ବିକାଶ ହାଇୟର ସେକଣ୍ଡାରୀ ସ୍କୁଲ ଅଧକ୍ଷ ସଞ୍ଜୀବ କୁମାର ବାବୁ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ବିକାଶ ଅନୁଷ୍ଠାନ ପ୍ରତି ଅଭିଭାବକ ମାନଙ୍କ ଦୃଢ଼ ବିଶ୍ୱାସ ପାଇଁ ନିଜର କୃତଜ୍ଞତା ଜଣାଇଛନ୍ତି। ବିକାଶ କନସେପ୍ଟ ସ୍କୁଲର ଅଧକ୍ଷ ମନୋରଞ୍ଜନ ପତି ଛାତ୍ରୀଛାତ୍ରଙ୍କ ଭୂୟସୀ ପ୍ରଶଂସା କରିଛନ୍ତି। ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ, ଶୁଭେଚ୍ଛୁମାନେ ବିକାଶ ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି ।

## ୩ ଗ୍ରାମର ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

**ଦେବଗଡ଼,୨୫।୪(ଶଶାଙ୍କ ଶେଖର ଝାଙ୍କର)**

ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଆଦିବାସୀ ଅଧ୍ୟୁଷିତ ତିଲେଇବଣି ବ୍ଲକର ସଡୋ ଗ୍ରାମପଞ୍ଚାୟତ ଅର୍ଜେନ, ଭୁଲେଇ ଓ ରଉତା ଗ୍ରାମବାସୀ ଗୁରୁବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଉପରୋକ୍ତ ୩ଗ୍ରାମ ବହୁ ପୁରୁଷ ଓ ମହିଳା ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ତାଙ୍କୁ ସାକ୍ଷାତ କରିବା ସହ ଏହି ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ ଅଞ୍ଚଳରେ ଆଜିବି ମୌଳିକ ସୁବିଧା ସୁଯୋଗ ଅପହଞ୍ଚ। ବିଦ୍ୟୁତ୍ ସଂଯୋଗ ନାହିଁ କି ମୋବାଇଲ ସେବା ମଧ୍ୟ ଯୋଗାଇ ଦିଆଯାଉ ନାହିଁ। ରାଜ୍ୟ ସରକାର ଇତିମଧ୍ୟରେ ଲକ୍ଷ୍ମୀ ବସ ଯୋଜନା କାର୍ଯ୍ୟକାରୀ କରିଥିଲେ ହେଁ ଏହା ସଡୋ ଗ୍ରାମପଞ୍ଚାୟତ ସଦର ମହକୁମାକୁ ଯାତାୟାତ କରୁନାହିଁ। ଫଳରେ ପୂର୍ବରୁ ଚାଲୁଥିବା ସରକାରୀ ବସ ଧରିବାକୁ ସେମାନଙ୍କୁ ଦୀର୍ଘ ୪ କିଲୋମିଟର ଆବୁଡ଼ାଖାବୁଡ଼ା ଓ ପଥୁରିଆ ରାସ୍ତା ପାଦରେ ଚାଲି ଯିବାକୁ ପଡୁଛି। ଏହି ସମସ୍ୟା ସମାଧାନ କରିବାକୁ ଉପରୋକ୍ତ ସ୍ମାରକପତ୍ର ଜରିଆରେ ଦାବି କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ସ୍ଥାନୀୟ ଗ୍ରାମର ବ୍ଲକଙ୍କ ସହିତ ଗୌତମ ପ୍ରଧାନ, ଦେବେନ୍ଦ୍ର ପ୍ରଧାନ, ଗୌରୀ ମାଝୀ, ସୁବାସିନୀ ମାଝି, ଶରତ ମାଝି, ଦିଲୀପ ଚକ୍ରା, ଜିତୁ ଓ ବାସନ୍ତୀ ବନ୍ଧୁଆଳ ସମେତ ବହୁ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ।

## ତିଲେଇବଣିରୁ ଅପହୃତା ନାବାଳିକା ରାଜଗାଙ୍ଗପୁରରୁ ଉଦ୍ଧାର: ଅପହର୍ତ୍ତା ଗିରଫ

**ଦେବଗଡ଼,୨୫।୪(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଥାନା ଅନ୍ତର୍ଗତ ତିଲେଇବଣିରୁ ଗତ ୧୩ ତାରିଖରେ ଅପହୃତା ସମ୍ବଲପୁର ଜିଲା ଜମନକିରା ଥାନା ଅଞ୍ଚଳର ଜଣେ ୧୬ବର୍ଷର ନାବାଳିକାକୁ ପୋଲିସ ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରୁ ଉଦ୍ଧାର କରିଛି। ଅପହରଣକାରୀ ଯୁବକ ସଚ୍ଚିନ ଲାକ୍ରା (୨୮)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ ଗତ ୧୩ ତାରିଖରେ ସମ୍ବଲପୁର ଜିଲା ଜମନକିରା ଥାନା ଅଞ୍ଚଳର ଜଣେ ୧୬ ବର୍ଷିୟା ନାବାଳିକା ତାଙ୍କ ବଡ ଭଉଣୀଙ୍କ ସହିତ ଯାତ୍ରା ଦେଖିବା ପାଇଁ ଦେବଗଡ ଥାନା ଅନ୍ତର୍ଗତ ତିଲେଇବଣିକୁ ଆସିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ବଡଭଉଣୀ କଳସ ବୋହି ଯାଇଥିବା ବେଳେ ସେହି ସମୟରୁ ନାବାଳିକା ନିଖୋଜ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ହେଁ ତାଙ୍କ ସନ୍ଧାନ ପାଇ ନ ଥିଲେ। ନାବାଳିକାଙ୍କୁ ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଡୁଡି ଗ୍ରାମର ସଚ୍ଚିନ ନିଜ ଘରେ ରଖିଥିବା ଗତ ୧୭ ତାରିଖରେ ଜାଣିବାକୁ ପାଇଥିଲେ। ୨୦ ତାରିଖରେ ନାବାଳିକଙ୍କ ବାପା ଅନ୍ୟ ୭/୮ଜଣଙ୍କ ସହିତ ସଚ୍ଚିନଙ୍କ ଘରକୁ ଝିଅକୁ ଆଣିବା ପାଇଁ ଯାଇଥିଲେ। ମାତ୍ର ସଚ୍ଚିନ ଓ ତାଙ୍କ ପରିବାର ଲୋକେ ଝିଅକୁ ନ ଛାଡିବାରୁ ଗତ ୨୨ ତାରିଖରେ ଦେବଗଡ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ ଆଦର୍ଶ ଥାନା ପୋଲିସ ସଚ୍ଚିନଙ୍କ ବିରୋଧରେ ଏକ ମାମଲା ରୁଜୁ କରି ଅପହୃତା ନାବାଳିକାକୁ ବୁଧବାର ଉଦ୍ଧାର କରିବା ସହ ସଚ୍ଚିନଙ୍କୁ ଗିରଫ କରିଥିଲା।

# ୩୩୮ ବୁଥରୁ ୪୦ ସଖୀ ବୁଥ

**ଦେବଗଡ଼,୨୫।୪(ଶଶାଙ୍କ ଶେଖର ଝାଙ୍କର)**




ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଦେବଗଡ଼ ଜିଲା ପ୍ରଶାସନ ପକ୍ଷରୁ ୩୩୮ ବୁଥରୁ ୪୦ଟି ସଖୀ ବୁଥରେ ନିଯୁକ୍ତ ମହିଳା ପୋଲିଙ୍ଗ ଓ ପ୍ରିଜାଇଡିଙ୍ଗ ଅଧିକାରୀଙ୍କୁ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟରେ ହେବାକୁ ଥିବା ବିଧାନସଭା ଓ ଲୋକ ସଭା ନିର୍ବାଚନ ପାଇଁ ମତଦାନ ପ୍ରକ୍ରିୟା ସରଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ନିଯୁକ୍ତ ମହିଳା ପୋଲିଙ୍ଗ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ତାଲିମ କାର୍ଯ୍ୟକ୍ରମ ସୂଚାରୁରୂପେ ପରିଚାଳନା କରିବା ପାଇଁ ଗୁରୁବାର ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ସୂର୍ଯ୍ୟ କାନ୍ତ ବରିହା, ସହକାରୀ ଜିଲାପାଳ ହେମନ୍ତ ସିଂ, ଶ୍ରୁଶ୍ରୀ ରେଖା ମହନ୍ତ, ତାପସ କୁମାର ମହାନ୍ତ, ଡେପୁଟି କଲେକ୍ଟର ଇଲେକ୍ସନ ଏଞ୍ଜେଲିନ ବାରା ପ୍ରମୁଖଙ୍କୁ ପର୍ଯ୍ୟାୟକ୍ରମେ ତାଲିମ ପ୍ରଦାନ ପାଇଁ ଦାୟିତ୍ୱ ଦିଆଯାଇଛି। ଶିବିରରେ ୭୩ଜଣ ମହିଳା ପୋଲିଙ୍ଗ ଅଧିକାରୀ ଓ ପ୍ରିଜାଡିଙ୍ଗ ଅଧିକାରୀଙ୍କୁ ମଧ୍ୟରୁ ୨୮ଜଣ ମହିଳା ପ୍ରିଜାଡିଙ୍ଗ ଅଧିକାରୀ ଓ ୪୫ଜଣ ମହିଳା ପୋଲିଂ ଅଧିକାରୀ ସାଧାରଣ ନିର୍ବାଚନ ପରିଚାଳନା ନିଜ ଦାୟିତ୍ୱ କିପରି ନିର୍ଭିଳ ଭାବେ ତୁଲାଇବେ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି। ପୋଲିଙ୍ଗ ଅଧିକାରୀମାନେ କିପରି ବ୍ୟବସ୍ଥିତ ଭାବେ ଡିସପଲ କେନ୍ଦ୍ରରୁ ବୁଥ ପର୍ଯ୍ୟନ୍ତ ଯିବେ ଓ ବୁଥରେ କେଉଁ ଅଧିକାରୀଙ୍କ କଣ କାର୍ଯ୍ୟ ତାହା ବୁଝାଇଥିଲେ। ଭୋଟ ଗ୍ରହଣ ଦିନ ଶାନ୍ତିଶୃଙ୍ଖଳା ସହ ଭୋଟ ଦାନ ପ୍ରକ୍ରିୟା କିପରି କରିପାରିବେ, ସେକ୍ଟର ଅଧିକାରୀଙ୍କ ସହ କିପରି ଯୋଗାଯୋଗ ରଖି ସୂଚନା ଦେବାକୁ ତାଲିମ ପ୍ରଦାନ କରିଥିଲେ। ଇଭିଏମ୍, ଭିଭିପିଏଟି କିପରି ସଂଯୋଗ କରିବେ କଣ୍ଟ୍ରୋଲ ୟୁନିଟ କାର୍ଯ୍ୟ ଆଦି ସୂଚନା ଦେଇଥିଲେ। ପ୍ରତ୍ୟେକ ମହିଳା ପୋଲିଙ୍ଗ ଅଧିକାରୀ ନିଜର ଦାୟିତ୍ୱ ସୂଚାରୁ ରୂପେ ତୁଲାଇବା ସହିତ ଗଣତନ୍ତ୍ରର ପବିତ୍ର କାର୍ଯ୍ୟକୁ ସଫଳତା ସହିତ ସମ୍ପାଦନା କରିବା ପାଇଁ ପ୍ରଶିକ୍ଷଣ ଶିବିରରେ କୁହାଯାଇଥିଲା।

### ଅବସରପ୍ରାପ୍ତ ବରିଷ୍ଠ ସହାୟକଙ୍କ ପରଲୋକ

**ସମ୍ବଲପୁର,୨୫।୪(ପ୍ରମୋଦ ବହିଦାର)**

ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ବରିଷ୍ଠ ସହାୟକ ଜଗତ ବିଜୟ ମାଇତିଙ୍କ ଗୁରୁବାର ତାଙ୍କ ମୁଦିପଡ଼ା ପାଣିଟାଙ୍କି ନିକଟସ୍ଥ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳେକୁ ତାଙ୍କୁ ୭୮ ବର୍ଷ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଶୋକସଭାରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ପ୍ରଫେସର ନକୁଳ ପ୍ରସାଦ ଚୌଧୁରୀ, ଆଶୁତୋଷ ନାୟକ, ନୀଳକଣ୍ଠ ମହାପାତ୍ର, ରତ୍ନ ଭୂଷଣ ପୃଷ୍ଟେଠ୍, ଶେଷଦେବ ଦୀପ, ପ୍ରଫୁଲ୍ଲ ସାହୁ, ସନ୍ତୋଷ କୁମାର କାନୁନ୍‌ଗୋ, ମହେନ୍ଦ୍ର କୁମାର ମିଶ୍ର ପ୍ରମୁଖ ଗଭୀର ଶୋକ ପକାଶ କରିଥିଲେ।

### ହିଣ୍ଡାଲ୍‌କୋ ପକ୍ଷରୁ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ



**ସମ୍ବଲପୁର,୨୫।୪(ବି.ଶଙ୍କର):** ସଂପ୍ରତି ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ହିଣ୍ଡାଲକୋ ପରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ଥଣ୍ଡା ପାନୀୟ ଜଳ ଓ ଘୋଳଦହି କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ହୀରାକୁଦ ପୋଲିସ ଷ୍ଟେଶନ ସମ୍ମୁଖସ୍ଥ ରେମେଡ-ହୀରାକୁଦ ମୁଖ୍ୟ ରାସ୍ତାରେ ଏହି କେନ୍ଦ୍ର ଚଳିତ ଗ୍ରୀଷ୍ମ ପ୍ରବାହ ଶେଷ ହେବା ପର୍ଯ୍ୟନ୍ତ ଚାଲୁ ରହିବ । ଜନସାଧାରଣ ଓ ପଥଚାରୀଙ୍କ ନିମନ୍ତେ ଏହା ଉର୍ଦ୍ଦିଷ୍ଟ ରହିଛି। ଏହି କେନ୍ଦ୍ରକୁ ହିଣ୍ଡାଲକୋ ଓଡିଶା କ୍ଲଷ୍ଟର ଓ ଖଣି ମାନବ ସମ୍ବଳ ମୁଖ୍ୟ କ୍ରୀଷ୍ଣା ପାଢ଼ୀ ଏବଂ ମାନବ ସମ୍ବଳ ମୁଖ୍ୟ ହୀରାକୁଦ କଂପ୍ଲେକ୍ସ ବିଶ୍ୱାସ ସିନ୍ଧେ ମିଳିତ ଭାବେ ଉଦଘାଟନ କରିଥିଲେ। ଉକ୍ତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ହିଣ୍ଡାଲକୋର କର୍ମଚାରୀ, ପୋଲିସ ଅଧିକାରୀ, ସ୍ୱେଚ୍ଛାସେବୀ, ଶ୍ରମିକ ସଂଗଂନର କର୍ମକର୍ତ୍ତା, ହୀରାକୁଦ ସିନିଅର ସିଟିଜେନ ସଂଘର ସଦସ୍ୟମାନେ ଓ ମହିଳା ସ୍ୱୟଂ ସହାୟତା ଗୋଷ୍ଠୀର ସଭ୍ୟାମାନେ ଯୋଗଦେଇଥିଲେ ।

### ଯୁଜୁମୁରାରେ ବିଜେଡିର ନିର୍ବାଚନୀ ପ୍ରଚାର

**ସମ୍ବଲପୁର,୨୫।୪(ଭବାନୀ ଶଙ୍କର ଭୋଇ):** ସମ୍ବଲପୁର ଜିଲା ଯୁଜୁମୁରାରେ ବିଜେଡିର ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଏବଂ ରେଢାଖୋଲ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ଗୁରୁବାର ମାରାଥନ ପ୍ରଚାର କରିଛନ୍ତି । ସଭାରେ ପ୍ରଣବ ପ୍ରକାଶ କହିଥିଲେ ଯେ ମା'ସମଲେଇଙ୍କ ଆଶୀର୍ବାଦରୁ ସମ୍ବଲପୁରର ଉନ୍ନତି ଓ ସମ୍ବଲପୁର ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ସେ ଆସିଛନ୍ତି। ମୁଖ୍ୟମନ୍ତ୍ରୀ ନିଜର ପ୍ରତିନିଧିଭାବେ ତାଙ୍କୁ ସମ୍ବଲପୁର ପଠାଇଛନ୍ତି। ତାଙ୍କ ବାପା ସମ୍ବଲପୁରରେ ପାଠ ପଢ଼ିଥିବା ଏବଂ ତାଙ୍କ ଜୀବର ବହୁମୂଲ୍ୟ ସମୟ ଏଠାରେ କଟିଥିବା କଥାକୁ ସ୍ମରଣ କରାଇଥିଲେ। ଏହି ଅବସରରେ ସେ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ସମ୍ବଲପୁରୀ ଏବଂ ଯୁଜୁମୁରାବାସୀଙ୍କ ପାଇଁ ବର୍ଷକର ୧୨ମାସ ଏଠାରେ ରହିବେ ଓ କାମ କରିବେ। ଚଳିତ ନିର୍ବାଚନରେ ଯୋଡି ଶଙ୍ଖ, ଗୋଟିଏ ଏମ୍‌ପି ପାଇଁ ଓ ଗୋଟିଏ ବିଧାୟକ ପାଇଁ ଭୋଟ ଦେବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଭୁବନେଶ୍ୱର ଦରବାରରେ ପ୍ରସନ୍ନ ଆଚାର୍ଯ୍ୟ ଏବଂ ଦିଲ୍ଲୀ ଦରବାର ପ୍ରଣବ ପ୍ରକାଶ ଦାସ ସମ୍ବଲପୁର ଏବଂ ଯୁଜୁମୁରା ବାସିଙ୍କ ପାଇଁ କାମ କରିବେ ବୋଲି ଦାସ କହିଥିଲେ। ଏହି ଅବସରରେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବରେ ନିର୍ବାଚିତ କରିବାକୁ ସଂକଳ୍ପ ନେବାକୁ ସଭାରେ ରେଢାଖୋଲ ବିଧାୟକ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ।


नालको NALCO
National Aluminium Company Limited
(A Government of India Enterprise)
Nalco Bhawan, P/1, Nayapalli
Bhubaneswar-751013, Odisha, India
CIN : L27203OR1981GOI000920
A NAVRATNA COMPANY

EOI FOR COMMERCIALIZATION OF R&D PROCESSES DEVELOPED BY NALCO

Notice No: NBC/R&D/COM-3/2024 Date:12.04.2024

NALCO invites Expression of Interest from interested parties including startups, for possible commercialization of various processes/projects developed by NALCO through Research and Development, either In-House or in association with a Collaborator. For details please visit website www.nalcoindia.com

Group General Manager (R&D)



ODISHA STATE CIVIL SUPPLIES CORPORATION LTD.
(A Govt. of Odisha Undertaking)
Registered office : C/2, Nayapalli, Bhubaneswar - 751012
CIN : U51211OR1980SGC000894
Tel : 0674-2395391, Fax No : 0674-2395291, website:www.oscsc.in
OSCSC-ESTT.ESTT-0021-2024 No. 4996 Date : 24.04.2024

Notice for Cancellation of Re Short Tender Call Notice.

No.CAD-75: The tender received vide No. 2986 dated 02.03.2024 for supply of Office Article / Stationeries etc. for official use in Corporation is hereby cancelled due to some unavoidable circumstances.

OIPR-07002/11/0001/2425 Sd./-General Manager (Admn.)



ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର- ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍ ସାଇଟ୍: www.oshb.org

CAD-67

ବିଜ୍ଞାପନ

ପତ୍ର ସଂଖ୍ୟା ୯୨ ତା୧୯।୦୪।୨୦୨୪

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର. ନଂ. | ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ୰ନଳିନୀ କୁମାରୀ ହାତୀ, ସ୍ୱାମୀ- ୰ଲୋକନାଥ ହାତୀ, ସା.- ଟିକରପଡ଼ା, ପୋ.- ଭାଟିମୁଣ୍ଡା, ଥାନା- ଟାଙ୍ଗୀ | ଦୋକାନ ଗୃହ ନଂ. ବି-୪୪, Shop No. B-44, ଗୁଡିକା ବଜାର, ବରମୁଣ୍ଡା ହାଉସିଂ ପ୍ରକଳ୍ପ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା | ୧. କଲ୍ୟାଣୀ ଦେବଦର୍ଶିନୀ - (ବି. କନ୍ୟା) ୨. ଦେବାଶିଷ ହାତୀ - (ପୁତ୍ର) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0060/2425



ଦ.ପୂ. ରେଳପଥ - ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍‌ଟି-ସିକେପି-ଓଟି-୧୩-୨୦୨୪, ତାରିଖ ୨୪।୦୪।୨୦୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍‌ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ସିଓ, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୧୩-୨୦୨୪-୧, ୨, ୩ ଓ ୪ ଆହ୍ୱାନ କରାଯାଉଛି, ଯାହା ତା୧୭।୦୫।୨୦୨୪ରିଖ ୧୫.୦୦ ଘଟିକାରେ ଖୋଲାଯିବା ପାଇଁ ଧାର୍ଯ୍ୟ। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କ୍ର.ସଂ., କାର୍ଯ୍ୟର ନାମ: (୧)** ଟିସ୍କୋ ଗ୍ରାଉଣ୍ଡ, ବାଦାମପାହାଡ଼ ଷ୍ଟେଶନ ନିକଟରେ ନୂଆ ଏଫ୍‌ଓବିର ନିର୍ମାଣ ସଂକ୍ରାନ୍ତରେ ଏସ୍ ଆଣ୍ଡ ଟି କାର୍ଯ୍ୟ। **(୨)** ଭାଲୁଲତା-ବିସ୍ରା ମଧ୍ୟରେ ଏଲ୍‌ସି ଗେଟ୍ ନଂ. ୨୦୪, କେନ୍ଦପୋଷି-ମାଲୁକା ମଧ୍ୟରେ ଆର୍‌ବିକେ-୩୮, ମାଲୁକା-ଡାଙ୍ଗୋଆପୋଷି ସେକ୍ସନ ମଧ୍ୟରେ ଆର୍‌ବିକେ-୪୩ ବଦଳରେ ଆର୍‌ୟୁବି/ଏଲ୍‌ଏଚ୍‌ଏସ୍ ନିମନ୍ତେ ଏସ୍ ଆଣ୍ଡ ଟି କାର୍ଯ୍ୟ। **(୩)** ବଡ଼ଜାମଦା, ଲୋଟାପାହାଡ଼ ଏବଂ ଝିଙ୍କପାଣି ଷ୍ଟେଶନଠାରେ ନୂଆ ଏଫ୍‌ଓବିର ବ୍ୟବସ୍ଥା ଏବଂ ଡାଙ୍ଗୋଆପୋଷି ଷ୍ଟେଶନଠାରେ ଅପ୍ ପ୍ଲାଟ୍‌ଫର୍ମ ନଂ.୨ରୁ ସିକ୍ ଲାଇନ୍ ୟାର୍ଡ ପର୍ଯ୍ୟନ୍ତ ନୂଆ ଏଫ୍‌ଓବିର ସମ୍ପ୍ରସାରଣ ପାଇଁ ଏସ୍ ଆଣ୍ଡ ଟି କାର୍ଯ୍ୟ। **(୪)** ବଣ୍ଡାମୁଣ୍ଡା-ଝାରସୁଗୁଡ଼ା ଷ୍ଟେଶନ ମଧ୍ୟରେ ୧୫ ଗୋଟି ପଥର ସ୍ଲାବ୍ ସେତୁର ପୁନରୁଦ୍ଧାର ଏବଂ ରାଉରକେଲା-ଝାରସୁଗୁଡ଼ା ସେକ୍ସନ ମଧ୍ୟରେ ବିଦ୍ୟମାନ ୧ ଗୋଟି ଆର୍କ ମାସୋନେରୀ ସେତୁର ରୂପାନ୍ତରଣ ପାଇଁ ଏସ୍ ଆଣ୍ଡ ଟି କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୨୪,୨୭,୬୮୯.୮୪ (କ୍ର.ସଂ. ୧ ପାଇଁ), ₹୬୯,୩୪,୫୨୭.୧୪ (କ୍ର.ସଂ. ୨ ପାଇଁ), ₹୮୧,୩୪,୯୧୦.୨୯ (କ୍ର.ସଂ. ୩ ପାଇଁ) ଏବଂ ₹୨୯,୩୬,୬୨୭.୫୩ (କ୍ର.ସଂ. ୪ ପାଇଁ)। **ଅମାନତ ରାଶି:** ₹୪୮,୬୦୦/- (କ୍ର.ସଂ. ୧ ପାଇଁ), ₹୧,୩୮,୭୦୦/- (କ୍ର.ସଂ. ୨ ପାଇଁ), ₹୧,୬୨,୭୦୦/- (କ୍ର.ସଂ. ୩ ପାଇଁ) ଏବଂ ₹୫୮,୭୦୦/- (କ୍ର.ସଂ. ୪ ପାଇଁ) । **ସମାପ୍ତି ଅବଧି:** ପ୍ରତ୍ୟେକ ପାଇଁ ୧୨ ମାସ। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡ଼ରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମଗୁଡ଼ିକ ବିନା ମୂଲ୍ୟରେ ଜାରି କରାଯିବ। (PR-79)



ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ସଂ. 04-SBP-TRD-OT-2024-25 ତା.17.04.2024ରିଖ

**କାର୍ଯ୍ୟର ନାମ :** 2 ବର୍ଷ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳରେ ଲପଙ୍ଗା ସ୍ଥିତ ମେସର୍ସ BPSL, ବରଗଡ଼ ରୋଡ଼ ସ୍ଥିତ ମେସର୍ସ ACC, ବୃନ୍ଦାମାଳ ସ୍ଥିତ ମେସର୍ସ ବେଦାନ୍ତ ଏବଂ ଲାଞ୍ଜିଗଡ଼ ସ୍ଥିତ ମେସର୍ସ ବେଦାନ୍ତ ର ଘରୋଇ ସାଇଡ଼ିଙ୍ଗ୍ ଗୁଡ଼ିକରେ ରକ୍ଷଣା ବେକ୍ଷଣ ଏବଂ ବ୍ରେକ୍‌ଡାଉନ୍ (Breakdown) ନିମନ୍ତେ ଟ୍ରକ୍ ଭଡ଼ା ସୂତ୍ରରେ ନେବା ତଥା କିଛି ଅତ୍ୟାବଶ୍ୟକ ଏବଂ ଜରୁରୀ କାଳୀନ କାର୍ଯ୍ୟ ସହିତ TRD ପରିସମ୍ପତ୍ତିର ରକ୍ଷଣା ବେକ୍ଷଣ କାର୍ଯ୍ୟକଳାପ।

**ଆନୁମାନିକ ମୂଲ୍ୟ :** ₹ 1,09,64,942.97, EMD : ₹2,04,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି: 24 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.05.2024ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-50/P/24-25


# ଭାଜପା ବିଜୟ ସଙ୍କଳ୍ପ ସମାବେଶ ଝଲକ

### ଓଡ଼ିଆ ଅସ୍ମିତା ପାଇଁ ଧର୍ମେନ୍ଦ୍ରଙ୍କ ଧୋତି କୁର୍ତ୍ତା

**ସୋନପୁର,୨୫।୪(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁରରେ ଅନୁଷ୍ଠିତ ଭାଜପାର ବିଜୟ ସଙ୍କଳ୍ପ ସମାବେଶରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଗୁରୁବାର ଭିନ୍ନ ରୂପରେ ଦେଖିବାକୁ ମିଳିଥିଲା। ସେ ଓଡିଆଙ୍କ ପାରମ୍ପରିକ ପୋଷାକ ଧୋତି ଓ ପଞ୍ଜାବି ପିନ୍ଧିଥିଲେ। ତାଙ୍କ ପୋଷାକକୁ ନେଇ ଖୁବ୍ ଚର୍ଚ୍ଚା ହୋଇଥିଲା। ପରେ ଜଣାପଡିଲା ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିଛି ଦିନ ପୂର୍ବରୁ ଲୁଙ୍ଗି ପିନ୍ଧା ଭିଡିଓ ବାର୍ତ୍ତା ପ୍ରଦାନ କରିଥିଲେ। ଯେଉଁଥିରେ ସେ ନିଜର ଦଳର ଶଙ୍ଖ ଚିହ୍ନକୁ ଦୁଇ ହାତରେ ଧରିଥିଲେ। ପରେ ବିଜେଡିର ମୁଖପାତ୍ର ସସ୍ମିତ ପାତ୍ର ଓ ସ୍ୱୟଂ ପ୍ରକାଶ ମହାପାତ୍ର ଏକ ଖବରଦାତା ସମ୍ମିଳନୀରେ ଲୁଙ୍ଗି ପିନ୍ଧି ସମ୍ବୋଧିତ କରିଥିଲେ। ଲୁଙ୍ଗି ପିନ୍ଧାକୁ ନେଇ ସୋସିଆଲ ମିଡିଆ ଭିନ୍ନ ମତାମତ ଆସିଥିଲା। ତେଣୁ ବିଜେଡି ନେତାଙ୍କ ଲୁଙ୍ଗି ପିନ୍ଧାକୁ କାଉଣ୍ଟର କରିବା ପାଇଁ ଧର୍ମେନ୍ଦ୍ର ଓଡିଆ ଅସ୍ମିତା ସକାଶେ ଧୋତି ପିନ୍ଧିଥିବା ଚର୍ଚ୍ଚା ହୋଇଥିଲା।



ଭାଜପା ସମାବେଶରେ ଉତ୍ସାହିତ ଦଳୀୟ କର୍ମକର୍ତ୍ତା ।

### ଜୟନାରାୟଣ କହିଲେ ମୁଁ ହନୁମାନ ଭକ୍ତ

ବିରୋଧି ଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସମାବେଶରେ ରାଜ୍ୟ ସରକାରଙ୍କ ଉପରେ ଖୁବ୍ ବର୍ଷିଥିଲେ। ସେ କହିଲେ ମୁଁ ହନୁମାନ ଭକ୍ତ। ମୁଁ ହନୁମାନଙ୍କୁ ପୂଜା କରେ । ପ୍ରତିଦିନ ହନୁମାନ ଚାଳିଶା ପାଠ କରେ। ହନୁମାନ ହୋଇ ମୁଁ ରହିବାକୁ ଚାହେଁ। ସେ କହିଥିଲେ ବିଜେଡି ସରକାରଙ୍କ ଦୁର୍ନୀତି ଓ ୫-ଟି ଅଧ୍ୟକ୍ଷଙ୍କ ସମ୍ପର୍କରେ ବିଧାନସଭାରେ ପ୍ରଶ୍ନ କରିବାରୁ ସରକାର ଅଡ଼ୁଆରେ ପଡିଥିଲେ। ବିଧାନସଭାକୁ ହଠାତ୍ ବନ୍ଦ କରିଦେଲେ। ସେହିଦିନ ଠାରୁ ବିଜେଡି କୁଆଡେ ସଂକଳ୍ପ ନେଇଛି ମୋତେ ବିଧାନସଭାକୁ ପଶେଇ ନ ଦେବା ପାଇଁ। ସେହିଭଳି ଧର୍ମେନ୍ଦ୍ରଙ୍କୁ ମଧ୍ୟ ସମାନ ଚେତାବନୀ ଦିଆଯାଇଛି। ତେବେ ଲୋକଙ୍କ ସମର୍ଥନରେ ଆମେ ଅଲବତ ଜିତୁ। ଧର୍ମେନ୍ଦ୍ର ଓ ମୁଁ ବିପୁଳ ଭୋଟରେ ବିଜୟୀ ହେବୁ ବୋଲି ଜୟନାରାୟଣ ଦୃଢୋକ୍ତି ପ୍ରକାଶ କରିଥିଲେ।

### ହାଇକୋର୍ଟ ବେଞ୍ଚ୍ କଥା ଉଠାଇଲେ କେ.ଭି

ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ ଉଠାଇଥିଲେ ଭାଜପାର ବରିଷ୍ଠ ନେତା ତଥା ପ୍ରାକ୍ତନ ରାଜ୍ୟ ସଭାପତି କନକ ବର୍ଦ୍ଧନ ସିଂହଦେଓ। ସେ କହିଥିଲେ ଯଶୋବନ୍ତ ସିଂହ କମିଶନଙ୍କ ସୁପାରିଶ ଆଧାରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଦୀର୍ଘ ବର୍ଷ ଧରି ଦାବି ହୋଇ ଆସୁଛି। ରାଜ୍ୟ ସରକାର ଅଞ୍ଚଳବାସୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରି ଏହି ଦାବିକୁ ଅଣଦେଖା କରି ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ଏ ପର୍ଯ୍ୟନ୍ତ କେନ୍ଦ୍ରକୁ ଏ ବାବଦରେ ସ୍ପଷ୍ଟ ଭାବେ ଚିଠି ଲେଖୁନାହାନ୍ତି। ସେହିଭଳି ପଶ୍ଚିମ ଓଡିଶା ବିକାଶ ପରିଷଦର କାର୍ଯ୍ୟାଳୟ ଭୁବନେଶ୍ୱରରୁ ପଶ୍ଚିମ ଓଡିଶାକୁ ସ୍ଥାନାନ୍ତର କରାଯାଉନି। ଚଳିତ ନିର୍ବାଚନରେ କଣ୍ଟାବାଞ୍ଜି ଜନସାଧାରଣ ଏହାର ଉଚିତ୍ ଜବାବ ଦେବେ ବୋଲି ସିଂହଦେଓ କହିଥିଲେ।

### ମୁଖ୍ୟମନ୍ତ୍ରୀ ଶ୍ୱେତପତ୍ର ପ୍ରକାଶ କରିବାକୁ ଧର୍ମେନ୍ଦ୍ରଙ୍କ ଦାବି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳିରେ ପ୍ରଚାର ସମୟରେ ବିରୋଧିଙ୍କୁ ଟାର୍ଗେଟ୍ କରିଥିଲେ। ବିରୋଧି ଦଳ ଗୁଡିକ ସବୁଥିରେ ଅଯଥା ରାଜନୀତି କରୁଥିବା କହିଥିଲେ। ଏଥିରେ ପ୍ରତିକ୍ରିୟା ପ୍ରକାଶ କରି ଧର୍ମେନ୍ଦ୍ର କହିଥିଲେ ବିରୋଧି ଦଳ ବିକାଶ କାମକୁ ବିରୋଧ କରୁଥିବା ମୁଖ୍ୟମନ୍ତ୍ରୀ କହୁଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ତାଙ୍କ ନିର୍ବାଚନମଣ୍ଡଳୀ ହିଞ୍ଜିଳି, ବିଜେପୁର ଓ ଏବେ ପ୍ରାର୍ଥୀ ହୋଇଥିବା କଣ୍ଟାବାଞ୍ଜିରେ କଣ ବିକାଶ କରିଛନ୍ତି। ବିଜେପୁରରେ ଦେଇଥିବା ପ୍ରତିଶ୍ରୁତି କାହିଁକି ପାଳନ ହୋନି । ତିନୋଟି ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ଗତ ୨୪ ବର୍ଷ ଶାସନରେ କରିଥିବା ବିକାଶମୂଳକ କାର୍ଯ୍ୟର ଶ୍ୱେତପତ୍ର ପ୍ରକାଶ କରିବାକୁ ଧର୍ମେନ୍ଦ୍ର ଏହି ଅବସରରେ ଦାବି କରିଥିଲେ।


କାନାରା ବ୍ୟାଙ୍କ Canara Bank
ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, ଭଦ୍ରକ, ୩ୟ ମହଲା, ଭି୨ ମାର୍ଟ ଉପର, ରିଲାଏନ୍ସ ସ୍ମାର୍ଟ ପାର୍ଶ୍ୱ, ବାଏପାସ୍ ରୋଡ୍, ଭଦ୍ରକ-୭୫୬୧୦୦, ମୋ.: ୯୪୩୮୫୫୦୬୦୦

ସୁନା ନିଲାମ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ତା.୧୬.୦୫.୨୦୨୪ରିଖ ଅପରାହ୍ନ ୪.୦୦ଘଟିକା ସୁଦ୍ଧା ତାଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ ଆସନ୍ତା ତା.୧୭.୦୫.୨୦୨୪ରିଖ ପୂର୍ବାହ୍ନ ୧୧.୦୦ଘଟିକା ସମୟରେ ଆମ୍ଭ ବ୍ୟାଙ୍କ ଶାଖା ପରିସରରେ ତାଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ। ଋଣଗ୍ରହୀତାଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ତାଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ।

| କ୍ର. ନଂ. | ଋଣ ଆକାଉଣ୍ଟ ନଂ. | ସୁନା ଋଣଗ୍ରହୀତାଙ୍କ ନାମ ଓ ଠିକଣା | ମୋଟଓଜନ (ଗ୍ରାମରେ) | ସଂରକ୍ଷିତ ମୂଲ୍ୟ (ଟଙ୍କାରେ) |
|---|---|---|---|---|
| ବାଲିଆପାଳ ଶାଖା (୪୯୨୫), ଫୋନ୍ ନଂ.: ୭୬୦୫୦୦୯୧୦୪, ନିଲାମ ତାରିଖ: ୧୭.୦୫.୨୦୨୪ | | | | |
| ୧. | ୪୯୨୫୪୨୦୦୨୧୦୯ | ଚନ୍ଦନ ଜେନା, ପିତା: ଅତୁଳ ଜେନା, ସା/ପୋ: ବଡ଼ାପାଳ, ଥାନା: ବାଲିଆପାଳ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୨୬ | ୧୩.୫୦୦ | ୬୦,୩୯୮/- |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକମାନି ନିଲାମରେ ଅଂଶଗ୍ରହଣ କରିପାରନ୍ତି।

(୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୫,୦୦୦/- (ପାଞ୍ଚ ହଜାର ଟଙ୍କା ମାତ୍ର) ଅମାନତ ଆକାରରେ ଜମା ଦେବାକୁ ହେବ। (୨) ଅମାନତ ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାର ଗୁଡିକୁ ନିଲାମ ସମୟରେ ନିଲାମ ଧରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଯାଞ୍ଚ କରିପାରିବେ। (୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ୨୫ ଭାଗ ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକର ଶତକଡା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ। (୪) ସର୍ବୋଚ୍ଚ ନିଲାମ ଡାକ, କାନାରା ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ବୈଧ ଘୋଷିତ ହେଲାପରେ ହିଁ ନିଲାମ ଡାକ ସିଦ୍ଧ ହେବ। (୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ। (୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, କାନାରା ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବାର ୨ ଦିନ ମଧ୍ୟରେ ନିଲାମର ଅବଶିଷ୍ଟ ଶତକଡା ୭୫ ଭାଗ ଟଙ୍କା ଜମା କରିବାକୁ ବାଧ ହେବେ। ନଚେତ୍ ପୂର୍ବରୁ ଜମା କରିଥିବା ଶତକଡା ୨୫ ଭାଗ ଟଙ୍କା ଏବଂ ଅମାନତ ଟଙ୍କା ବାଜ୍ୟାପ୍ତି ହେବ। (୭) କାନାରା ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଶତକଡା ୨୫ ଭାଗ ଟଙ୍କା ଏବଂ ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ। (୮) ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ କାନାରା ବ୍ୟାଙ୍କ କୌଣସି ପ୍ରକାର ଦାୟୀ ହେବେ ନାହିଁ। (୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

ସ୍ଥାନ : ଭଦ୍ରକ, ତାରିଖ : ୨୫.୦୪.୨୦୨୪ କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ– ପୁଣ୍ୟ। ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ। –ଶ୍ରୀଅରବିନ୍ଦ



# ପାଶ୍ଚାତ୍ୟର ଅଧୋଗତି



ବ୍ରହ୍ମ ଚେଲାନି

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ୨ବର୍ଷରୁ ଅଧିକ ସମୟ ହୋଇଗଲାଣି। ଏହି ଆକ୍ରମଣ ଆରମ୍ଭହେବା ପରଠାରୁ ପାଶ୍ଚାତ୍ୟ ଯୁଦ୍ଧ ସ୍ଥିତିରେ ନିଜର କୌଣସି କ୍ଷତି ନ କରି ରୁଷିଆକୁ ଦଣ୍ଡିତ କରିବାର ଉପାୟ ଆପଣାଇଛି। ହେଲେ ଏଭଳି ପଦକ୍ଷେପ ପ୍ରାୟତଃ ବିଫଳ ହୋଇଛି। ଏଯାବତ ରୁଷିଆ ବିରୋଧରେ ଅପ୍ରତ୍ୟାଶିତ କଟକଣା ସବୁ ରୁଷିଆର ଅର୍ଥ ବ୍ୟବସ୍ଥାକୁ ରୋକିପାରିନାହିଁ, କେବଳ କ୍ରେମ୍ଲିନକୁ ତାହାର ଆଚରଣ ବଦଳାଇବାକୁ ବାଧ୍ୟ କରିଛି। ଅପରପକ୍ଷେ ରୁଷିଆ ଏକ ଯୁଦ୍ଧ ଅର୍ଥ ବ୍ୟବସ୍ଥାକୁ ଆଗେଇ ନେଇଛି। ଏହା ବର୍ତ୍ତମାନ ନାଟୋଠାରୁ ପ୍ରାୟ ୩ ଗୁଣ ଅଧିକ ଗୁଳି ଉତ୍ପାଦନ କରୁଛି। ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ରୁଷିଆ ଯେତିକି କ୍ଷେପଣାସ୍ତ୍ର ଉତ୍ପାଦନ କରୁଥିଲା ତା' ଅପେକ୍ଷା ଏବେ ଅଧିକ କରୁଛି। ଅପରପଟେ ପାଶ୍ଚାତ୍ୟର ଅଧିକାଂଶ ଦେଶ ଅର୍ଥନୈତିକ ମାନ୍ଦାବସ୍ଥାର ସମ୍ମୁଖୀନ ହେଉଛନ୍ତି। ରୁଷିଆରୁ ଶସ୍ତା ଶକ୍ତି ନ ଆଣି ଅନ୍ୟ ସ୍ଥାନରୁ ଅଧିକ ମୂଲ୍ୟର ଶକ୍ତି ଆଣିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ବ୍ରିଟେନ ଅର୍ଥ ବ୍ୟବସ୍ଥା ମାନ୍ଦାବସ୍ଥାରେ ଅଛି ଏବଂ ୨୦୨୨ର ତୃତୀୟ ତ୍ରୈମାସିକରୁ ୟୁରୋପୀୟ ଅଞ୍ଚଳରେ କୌଣସି ଅଭିବୃଦ୍ଧି ହୋଇପାରି ନାହିଁ। ଯେତେବେଳେ ଗ୍ୟାସ୍ ମୂଲ୍ୟ ବୃଦ୍ଧି ପାଇଲା ସେତେବେଳେ ୟୁରୋପୀୟ ସେଣ୍ଟ୍ରାଲ ବ୍ୟାଙ୍କ ମୁଦ୍ରାସ୍ଫୀତି ବୃଦ୍ଧିକୁ ରୋକିବା ଲାଗି ସୁଧ ହାର ବଢ଼ାଇବା ଆରମ୍ଭ କଲା। ଅଧିକ ଇନ୍ଧନ ମୂଲ୍ୟ ଜର୍ମାନୀକୁ ଖରାପ ପ୍ରଦର୍ଶନକାରୀ ଅର୍ଥନୀତିରେ ପରିଣତ କରିଛି।

ୟୁରୋପୀୟ ଅଭିବୃଦ୍ଧିର କ୍ଷତି କେବଳ ରୁଷିଆ ବିରୋଧରେ ପାଶ୍ଚାତ୍ୟ ଲଗାଇଥିବା ପ୍ରତିବନ୍ଧକ ଯୋଗୁ ହୋଇନାହିଁ। ୟୁକ୍ରେନ୍ ଯୁଦ୍ଧ ପୂର୍ବରୁ ଆମେରିକୀୟ ଡଲାର ମୂଲ୍ୟ ହ୍ରାସର ସମ୍ମୁଖୀନ ହେଉଥିଲା। ଏପରିକି ତୈଳ ବଜାରରେ ମଧ୍ୟ ଏହାର କିଛି ବୈଶ୍ୱିକ ପ୍ରଭାବ ହରାଇଥିବା ପରି ମନେହୁଏ। କାରଣ ପାଶ୍ଚାତ୍ୟ ଦେଶଗୁଡ଼ିକ ଡଲାରର ବିକଳ୍ପ ଅନୁସରଣ କରିବା ଯୋଗୁ ଏଭଳି ହେଉଛି। ଏହି ସମୟରେ ଚାଇନା, ତୁର୍କୀ, ଭାରତ, କାଜାଖସ୍ତାନ ଏବଂ ପୂର୍ବ ୟୁରୋପରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ସୁନା କ୍ରୟ ବୃଦ୍ଧି ସହ ଅଧିକ ଭୌଗୋଳିକ ଅନିଶ୍ଚିତତା ମୂଲ୍ୟବୃଦ୍ଧିକୁ ଏକ ରେକର୍ଡ ସ୍ତରରେ ପହଞ୍ଚାଇଛି।

ରୁଷିଆର କେନ୍ଦ୍ରୀୟ ବ୍ୟାଙ୍କର ଫ୍ରୋଜନ୍ ଆସେଟ୍ ବା ଅଚଳ ସମ୍ପତ୍ତିରୁ ମିଳିଥିବା ଲାଭକୁ ଅକ୍ତିଆର କରିବାକୁ ୟୁରୋପୀୟ ଆୟୋଗର ପଦକ୍ଷେପ ଏହି ଧାରାକୁ ଦୃଢ଼ କରିବ। ବୈଶ୍ୱିକ ଅର୍ଥ ବ୍ୟବସ୍ଥାରେ କେନ୍ଦ୍ରୀୟ ବ୍ୟାଙ୍କଗୁଡିକର ଗୁରୁତ୍ୱକୁ ଦେଖିଲେ ସେମାନଙ୍କର ସମ୍ପତ୍ତିର ଅତ୍ୟଧିକ ଗୁରୁତ୍ୱ ତଥା ସ୍ୱଚ୍ଛ ଓ ସୁରକ୍ଷିତ ଥିବା ଭଳି ମନେହୁଏ। କିନ୍ତୁ ବ୍ରୁସେଲ୍ସ ସ୍ଥିତ କ୍ଲିୟରାନ୍ସ ହାଉସ ୟୁରୋକ୍ଲିୟର( ଏକ ଫାଇନାନ୍ସ ସର୍ଭିସ୍ କମ୍ପାନୀ) ଧାରଣ କରିଥିବା ରୁଷିଆର ସମ୍ପତ୍ତିର ଦୁଇତୃତୀୟାଂଶରୁ ଅଧିକ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ



ଅନ୍ତର୍ଜାତୀୟ ନ୍ୟାୟାଳୟ କିମ୍ବା ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଅନୁମତି ବିନା ପାଶ୍ଚାତ୍ୟ ସରକାରଗୁଡ଼ିକ ଦ୍ୱାରା ଏକପାଖିଆ ଭାବରେ ଅଚଳ କରାଯାଇଥିଲା। ବର୍ତ୍ତମାନ ୟୁକ୍ରେନ୍‌ରେ ଦୀର୍ଘ ସମୟ ଧରି ଲାଗି ରହିଥିବା ଯୁଦ୍ଧ ଯୋଗୁ ପାଶ୍ଚାତ୍ୟର ସାମରିକ ଏବଂ ଆର୍ଥିକ ସହାୟତା ଦୁର୍ବଳ ହୋଇଯାଇଥିବାରୁ ୟୁରୋପୀୟ ଆୟୋଗ ଅଚଳ ସମ୍ପତ୍ତି ଉପରେ ବାର୍ଷିକ ସୁଧରେ ୨୫ ୩.୨୫ ବିଲିୟନ ( ୩.୪୫ ବିଲିୟନ ଡଲାର) ବୃଦ୍ଧି କରିବାକୁ ଚାହୁଁଛନ୍ତି। ଏହାର ବର୍ତ୍ତମାନର ପ୍ରସ୍ତାବ ଅନୁଯାୟୀ, ଅଧିକାଂଶ ରାଜସ୍ୱ ୟୁରୋପିଆନ ପିସ୍ ଫ୍ୟାସିଲିଟି ମାଧ୍ୟମରେ ଯୋଗାଇଦିଆଯିବ, ଯାହା ୟୁକ୍ରେନ୍‌କୁ ଅସ୍ତ୍ର ପଠାଇବା ପାଇଁ ୟୁରୋପୀୟ ସଂଘ (ଇୟୁ)ଦେଶଗୁଡ଼ିକୁ ପାଣ୍ଠି ଯୋଗାଇଦେବ ଏବଂ ବାକି ଇୟୁର କେନ୍ଦ୍ରୀୟ ବଜେଟକୁ ଯାଇ ୟୁକ୍ରେନ୍‌ର ଅସ୍ତ୍ରଶସ୍ତ୍ର ଉତ୍ପାଦନ କ୍ଷମତାକୁ ବଢ଼ାଇବ। କିନ୍ତୁ ଏଭଳି ଏକ ପଦକ୍ଷେପ ୟୁକ୍ରେନ୍ ଯୁଦ୍ଧ ସ୍ଥିତିକୁ ବଦଳାଇବା ସମ୍ଭାବନା ନାହିଁ। ଅସ୍ତ୍ରଶସ୍ତ୍ର ଏବଂ ପାଣ୍ଠି ଅପେକ୍ଷା ୟୁକ୍ରେନ୍ ଯାହା ଆବଶ୍ୟକ କରେ ତାହା ହେଉଛି କ୍ଷତିଗ୍ରସ୍ତ ସୈନ୍ୟବାହିନୀରେ ନୂତନ ନିଯୁକ୍ତି। ହେଲେ ଏଠାରେ ଏହାର ବିକଳ୍ପଗୁଡ଼ିକ ସୀମିତ। ଏପରିକି କଠୋର ନିୟମ ଦ୍ୱାରା ବାଧ୍ୟତାମୂଳକ ନିଯୁକ୍ତି ପ୍ରକ୍ରିୟା ମଧ୍ୟ ବୃଦ୍ଧି ପାଉଥିବା ସୈନ୍ୟ ଅଭାବକୁ ପୂରଣ କରିବାରେ ସକ୍ଷମ ହୋଇନାହିଁ।

ରୁଷିଆର ଲାଭର ବାଟ ବନ୍ଦ କରିବା ଆନ୍ତର୍ଜାତିକ ନିୟମରେ ଏକ ବିପଜ୍ଜନକ ଦୃଷ୍ଟାନ୍ତ ସୃଷ୍ଟି କରେ। ଏକ ନିୟମ ଆଧାରିତ ବିଶ୍ୱ ବ୍ୟବସ୍ଥାର ଚାମ୍ପିୟନ ଭାବେ ରହିଥିବା ୟୁରୋପର ବିଶ୍ୱସନୀୟତା ପାଇଁ ଏହା ଏକ ଝଟକା। ଏହା ଅନ୍ୟ ଦେଶକୁ ମଧ୍ୟ ସଙ୍କେତ ଦେବ ଯେ, ପାଶ୍ଚାତ୍ୟ ଦେଶରେ ସେମାନଙ୍କର ଟଙ୍କା ସୁରକ୍ଷିତ ନୁହେଁ। ଏହାଦ୍ୱାରା ସେମାନେ ପାଶ୍ଚାତ୍ୟ ସଂସ୍ଥା ଏବଂ ମୁଦ୍ରାର ବିକଳ୍ପ ଖୋଜିବା ପାଇଁ ଦୃଢ଼ ପଦକ୍ଷେପ ନେବେ। ଯଦି ଏହି ଧାରା ଅବ୍ୟାହତ ରହେ, ପାଶ୍ଚାତ୍ୟର ଆର୍ଥିକ କଟକଣା ଯଥେଷ୍ଟ ଦୁର୍ବଳ ହୋଇଯିବ। ପୂର୍ବରୁ ନିୟମିତ ଭାବେ ବ୍ୟବହାର କରୁଥିବା କଟକଣାସବୁ ପାଶ୍ଚାତ୍ୟର ପ୍ରଭାବ ହ୍ରାସ କରୁଛି। ରୁଷିଆ, ଇରାନ, ମ୍ୟାନ୍ମାର କିମ୍ବା ସିରିଆ ବିରୋଧରେ ପାଶ୍ଚାତ୍ୟର କଟକଣାଗୁଡ଼ିକ ଏହିସବୁ ଦେଶଗୁଡ଼ିକର କାର୍ଯ୍ୟକଳାପରେ ପରିବର୍ତ୍ତନ ଆଣିବାରେ କେବଳ ବିଫଳ ହୋଇନାହିଁ, ବରଂ ଏଗୁଡ଼ିକ ଚାଇନାର ବାଣିଜ୍ୟିକ ଓ ରଣନୀତିକ ସ୍ୱାର୍ଥକୁ ଅଧିକ ଆଗକୁ ବଢ଼ାଇଛି। ବାସ୍ତବରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଏବଂ ଏହା ଉପରେ ପାଶ୍ଚାତ୍ୟ ଦେଶର ପ୍ରତିକ୍ରିୟାରୁ ଅନ୍ୟ ଦେଶ ତୁଳନାରେ ଚାଇନା ଅଧିକ ଲାଭ ପାଇଛି। ଚାଇନାର ମୁଦ୍ରା ରେନ୍‌ମିନ୍‌ବିର ଅନ୍ତର୍ଜାତୀୟ ବ୍ୟବହାରକୁ ବିସ୍ତାର କରିପାରିଛି। ଏହା ବ୍ୟତୀତ ରୁଷିଆ ବିରୋଧରେ ପାଶ୍ଚାତ୍ୟ କଟକଣା ଚାଇନା ପାଇଁ ରୁଷିଆର ତୈଳ, ଗ୍ୟାସ୍ ଏବଂ ଶସ୍ୟର ଅଧିକ ଶସ୍ତା ତଥା ସୁରକ୍ଷିତ ଯୋଗାଣ ସକାଶେ ଏକ ସୁଯୋଗ ସୃଷ୍ଟି କରିଛି। ପାଶ୍ଚାତ୍ୟ ଦେଶ ସହ ଯୁଦ୍ଧ ହେଲେ ବି ଏହିସବୁ ଯୋଗାଣ ସ୍ଥଳପଥରେ ସୁରକ୍ଷିତ ଭାବେ ଅବ୍ୟାହତ ରହିବା ସମ୍ଭାବନା ରହିଛି।

ତେବେ ୨୦୨୦ରୁ ଚାଇନା ତାହାର ଆଣବିକ ଅସ୍ତ୍ରଶସ୍ତ୍ର ୨ଗୁଣରୁ ଅଧିକ କରିପାରିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଅନ୍ୟ ଦେଶ ତୁଳନାରେ ଏହା ପାରମ୍ପରିକ ସେନାକୁ ଖୁବ୍ ଶୀଘ୍ର ବୃଦ୍ଧି କରୁଛି। ତଥାପି ପାଶ୍ଚାତ୍ୟ ରୁଷିଆକୁ ଦଣ୍ଡ ଦେବାରେ ଏତେ ମଜ୍ଜିଯାଇଛି ଯେ, ଚାଇନା ଅନ୍ତର୍ଜାତୀୟ ଯାଞ୍ଚ ବା ନଜରରୁ ଦୂରେଇ ରହିପାରିଛି। ଉଦାହରଣ ସ୍ୱରୂପ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ବର୍ତ୍ତମାନ ଚାଇନା ସହ କୂଟନୈତିକତା ଉପରେ ଅଧିକ ଗୁରୁତ୍ୱ ଦେଇ ତା' ସହିତ ପ୍ରତିଯୋଗିତା କରିବାକୁ ଚେଷ୍ଟା କରୁଛନ୍ତି। ଏହା ସହ ତାଙ୍କର ନୂତନ ବଜେଟରେ ଭାରତ–ପ୍ରଶାନ୍ତ ମହାସାଗର ଅଞ୍ଚଳ ପାଇଁ ପ୍ରମୁଖ ବଳ କୁହାଯାଉଥିବା ପାଣ୍ଠି ଯୋଗାଣ ଲାଗି ଆବଶ୍ୟକ ଅର୍ଥ କମ୍ କରାଯାଇଛି। ଭର୍ଜିନିଆ–କ୍ଲାସ୍ ସବ୍‌ମେରାଇନ ଉତ୍ପାଦନ ଲକ୍ଷ୍ୟ ବାର୍ଷିକ ଦୁଇରୁ ଗୋଟିଏ କରିଦିଆଯାଇଛି। ଆଶ୍ଚର୍ଯ୍ୟର କଥା , କ୍ରେମ୍ଲିନ ଯୁଦ୍ଧ ପ୍ରକ୍ରିୟାକୁ ଚାଇନା ପ୍ରୋତ୍ସାହିତ କରୁଛି। ଯେତେଦିନ ଯାଏ ପାଶ୍ଚାତ୍ୟ ଭୁଲ୍ ବାଟରେ ରହିଥିବ ତାହା ଚାଇନା ପାଇଁ ଲାଭଦାୟକ ହେବ। କୌଣସି ଭୁଲ୍ ନ କରି ଚାଇନା ଏବେ ରୁଷିଆ ତୁଳନାରେ ପାଶ୍ଚାତ୍ୟ ସ୍ୱାର୍ଥ ଏବଂ ନିୟମ ଆଧାରିତ ବିଶ୍ୱ ବ୍ୟବସ୍ଥା ପ୍ରତି ବଡ଼ ବିପଦ ସୃଷ୍ଟି କରିଛି। ରୁଷିଆର ଯୋଜନା ପ୍ରାୟତଃ ଏହାର ପଡ଼ୋଶୀ ଦେଶରେ ସୀମିତ ରହୁଥିବାବେଳେ ଆମେରିକାକୁ ଟପି ବୈଶ୍ୱିକ ଶକ୍ତି ଭାବରେ ଚାଇନା ନିଜକୁ ସ୍ଥାନିତ କରିବାକୁ ଇଚ୍ଛା ରଖିଛି। ଚାଇନାର ଜନସଂଖ୍ୟା ଏବଂ ଅର୍ଥନୀତି ରୁଷିଆର ତୁଳନାରେ ୧୦ଗୁଣ ଅଧିକ ଏବଂ ମିଲିଟାରି ଉପରେ ରୁଷିଆ ଯେତିକି ଖର୍ଚ୍ଚକରେ ଚାଇନା ତା'ଠାରୁ ୪ଗୁଣ ଅଧିକ କରୁଛି।

ବିଶ୍ୱ ଜନସଂଖ୍ୟାର ୧୨ ପ୍ରତିଶତ ରହୁଥିବା ପାଶ୍ଚାତ୍ୟ ଅବଶିଷ୍ଟ ବିଶ୍ୱକୁ ଅଲଗା କରି ଲଗାତର ଚାଇନାକୁ ଅଧିକ ଆକ୍ରାମକ ତଥା ସକ୍ରିୟ ହେବା ଲଗି ସକ୍ଷମ କରାଇବାର ସମ୍ଭାବ୍ୟ ପରିଣାମକୁ ଅଣଦେଖା କରିବା ଉଚିତ ନୁହେଁ। ପାଶ୍ଚାତ୍ୟ ରୁଷିଆ ପ୍ରତି ତା' ରଣନୀତିକ ଆକ୍ରୋଶକୁ ପରିତ୍ୟାଗକରି ପ୍ରକୃତ ଶତ୍ରୁ ଚାଇନା ଆଡ଼କୁ ଦୃଷ୍ଟିଦେବା ଦରକାର। ନଚେତ୍ ତାହା ବୈଶ୍ୱିକ ପ୍ରାଧାନ୍ୟ ଏପରିକି ଅନ୍ତର୍ଜାତୀୟ ଆର୍ଥିକ ଢାଞ୍ଚା ଉପରେ ଥିବା ପ୍ରଭୁତ୍ୱ ହରାଇବା ସମ୍ଭାବନା ରହିଛି।

**ପ୍ରଫେସର, ଏମରିଟସ୍ ଅଫ୍ ଷ୍ଟ୍ରେଟେଜିକ୍ ଷ୍ଟଡିଜ(ନୂଆଦିଲ୍ଲୀ)**

# ନିର୍ବାଚନରେ ବାବୁ



ବାଦଲ ଭୂୟାଁ

ପ୍ରତି ଥର ନିର୍ବାଚନ ରଣାଙ୍ଗନରେ ହାକିମ ବାବୁମାନଙ୍କ ଗହଳି ଦେଖାଯାଏ। ରାଜନୀତିରେ ଲୋକମାନଙ୍କ ସହିତ ମିଶିବା ସହ ସାଧାରଣ ଜନତାଙ୍କୁ ପରଖି ସେମାନଙ୍କ ସେବା କରିବାର ଅପୂର୍ବ ସୁଯୋଗ ଓ ଆନନ୍ଦ ଏଥିରୁ ମିଳୁଥିବାରୁ ବହୁ ବରିଷ୍ଠ ପ୍ରଶାସନିକ ଓ ଭାରତୀୟ ପୋଲିସ ସେବାର ଅଧିକାରୀମାନେ ଦିନକୁ ଦିନ ରାଜନୀତି ପ୍ରତି ଆଗ୍ରହ ରଖୁଛନ୍ତି। ୨୦୧୪ ନିର୍ବାଚନକୁ ଦେଖିଲେ ଜଣାଯାଏ ଏହି ନିର୍ବାଚନରେ ଆଦର୍ଶ ଓ ଆଚରଣବିଧି ଲାଗୁହେବା ପୂର୍ବରୁ ତିନି ତିନୋଟି ଦଳରେ ଅନେକ ପୂର୍ବତନ ପ୍ରଶାସନିକ ଅଧିକାରୀମାନେ ସାମିଲ ହୋଇଥିଲେ। ଏହା ବାଦ୍ ବହୁ ପ୍ରଶାସନିକ ଅଧିକାରୀ ଓ କର୍ପୋରେଟ ଜଗତ ସହ ଜଡ଼ିତ ଥିବା ଅନେକ ଅଧିକାରୀ ବିଭିନ୍ନ ଫର୍ମରେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଲବିରେ ରହିଥିଲେ। ତେବେ ମେଣ୍ଟ ରାଜନୀତି କାରଣରୁ ଅନେକ ପ୍ରଶାସନିକ ଅଧିକାରୀ ଆଉ ରାଜନୀତି ପ୍ରତି ଆଗ୍ରହ ନ ରଖି ରହିଗଲେ। ତେବେ ବର୍ତ୍ତମାନର ସମୟକୁ ଦେଖିଲେ କୌଣସି ଦଳରେ ଆଉ ନୂଆ ଆସିଥିବା ପ୍ରଶାସନିକ ଅଧିକାରୀଙ୍କୁ ଟିକେଟ ମିଳିବା ଭଳି ଦେଖାଯାଉନାହିଁ। ତେବେ ୨୦୧୯ ନିର୍ବାଚନରେ ଲଢ଼ିଥିବା କିମ୍ବା ନିର୍ବାଚନରେ ଢେର ପୂର୍ବରୁ ଅବସର ନେଇଥିବା ପ୍ରଶାସନିକ ଅଧିକାରୀମାନେ ଏଥର ନିର୍ବାଚନରେ ଟିକେଟ ନ ପାଇଥିବାରୁ ଦୁଃଖୀ ଅବଶ୍ୟ ଅଛନ୍ତି।

ଗତ ୨୦୧୯ ସାଧାରଣ ନିର୍ବାଚନ ସମୟରେ ରାଜନୀତିରେ କିଛି କରିବା ସହ ଲୋକମାନଙ୍କ ସହ ମିଶିବା ଲକ୍ଷ୍ୟ ରଖି ପୂର୍ବତନ ଅନୁସୂଚିତ ଜାତି ଓ ଜନଜାତି ନିର୍ଦ୍ଦେଶକ ରମେଶ ସାୟଙ୍କୁ ବିଜେଡି ଟିକେଟ ଦେଇଥିଲା ଓ ଆଉ ଲୋକମାନଙ୍କର ଭରସାଯୋଗ୍ୟ ହୋଇ ଆଠମଲ୍ଲିକ ନିର୍ବାଚନମଣ୍ଡଳୀରୁ ବିଧାୟକ ହୋଇପାରିଥିଲେ। ତେବେ ନିର୍ବାଚନ ରଣାଙ୍ଗନରେ ବଡ଼ ଚେହେରା ଭାବେ ଭାଜପାର ଅପରାଜିତା ଷଡ଼ଙ୍ଗୀଙ୍କୁ ବୁଝାଯିବ। ସେ ସର୍ବଭାରତୀୟ ପ୍ରଶାସନିକ ଅଧିକାରୀ ଚାକିରି ଛାଡ଼ି ଭାଜପାରେ ଯୋଗ ଦେବାପରେ ଭୁବନେଶ୍ୱରର ସାଂସଦ ହୋଇଥିଲେ। ସେହିପରି ମୁମ୍ବାଇରେ ଆତଙ୍କୀମାନଙ୍କ ପାଇଁ ଭୟର କାରଣ ସାଜିଥିବା ତଥା ପୂର୍ବତନ ମୁମ୍ବାଇ ପୋଲିସ କମିଶନର ଅରୂପ ପଟ୍ଟନାୟକ ବିଜେଡିରେ ବହୁ ପୂର୍ବରୁ ଯୋଗଦେଇଛନ୍ତି। ସେ ଚଳିତ ଥର ବିଜେଡି ଟିକେଟରୁ ସମ୍ମାନଜନକ ପୁରୀ ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ଲଢୁଛନ୍ତି। ଭାଜପାରେ ବହୁ ପୂର୍ବରୁ ଯୋଗ ଦେଇଥିଲେ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ପ୍ରକାଶ ମିଶ୍ର। ଗତଥର ସେ ଭାଜପା ଟିକେଟରୁ କଟକ ସଂସଦୀୟ କ୍ଷେତ୍ରରୁ ଲଢ଼ିଥିଲେ। କଂଗ୍ରେସ ମଧ୍ୟ ଏ କ୍ଷେତ୍ରରେ ପଛରେ ନାହିଁ। ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ବିଜୟ ପଟ୍ଟନାୟକ କଂଗ୍ରେସ ଟିକେଟରୁ ଚଳିତଥର ପାରଳାଖେମୁଣ୍ଡି ବିଧାନସଭା ସିଟ୍‌ରୁ ନିର୍ବାଚନ ଲଢୁଛନ୍ତି। କିଛିଦିନ ତଳେ କଂଗ୍ରେସରେ ପୂର୍ବତନ ଆଇଏଏସ୍ ପଞ୍ଚାନନ ଦାସ ଯୋଗଦେଇଛନ୍ତି। ସେହିପରି ଭାଜପାରେ ଅବସରପ୍ରାପ୍ତ ପ୍ରଶାସକ ହୃଷୀକେଶ ପଣ୍ଡା ମଧ୍ୟ ଯୋଗ ଦେଇଛନ୍ତି। ବଡ଼ମ୍ବା ଆସନରେ ସ୍ୱେଚ୍ଛାକୃତ ଅବସର ନେଇ ପୂର୍ବତନ ଆଇଏଏସ୍ ସମ୍ବିତ ତ୍ରିପାଠୀ ଚଳିତ ନିର୍ବାଚନରେ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି ଏବଂ ସେ ରାଜନୀତିରେ ସମ୍ପୂର୍ଣ୍ଣ ନୂଆ। ପୂର୍ବତନ ଡିଏଫ୍ଓ ଅଲେଖ ଚନ୍ଦ୍ର ସାମଲ ଜଣେ ସମାଜସେବୀ ଭାବେ ବିଭିନ୍ନ ଆଧ୍ୟାତ୍ମିକ ଓ ସାମାଜିକ ସଙ୍ଗଠନରେ ସେବା ସହ ଜଡ଼ିତ ଥିଲେ ମଧ୍ୟ ଦଳୀୟ ଟିକେଟରୁ ବଞ୍ଚିତ ହେଲେ।

ଆଲୋଚନା ହୁଏ ଯେ ପ୍ରଶାସକମାନେ ରାଜନୀତିକୁ କାହିଁକି ଆସନ୍ତି? ବାସ୍ତବ କଥା ହେଉଛି ସେମାନେ ଶାସନରେ ଥିବା ସମୟରେ ଉଭୟ ଲୋକ ପ୍ରତିନିଧି ଓ ଲୋକମାନଙ୍କ ସଂସ୍ପର୍ଶରେ ଆସିଥାନ୍ତି। ତେଣୁ ରାଜନୀତିକୁ ଆସି ନିଜ ନୂଆ ଇନିଂସ ଖେଳିବା ସହ ରାଜନୀତିକୁ ଏକ ସେବା ଭାବେ ବ୍ରତ ରଖି ଏଥିରେ ପାଦ ଥାପିଥାନ୍ତି। ଆଉ କେହି କେହି ସେମାନଙ୍କ ପରିବାରର କେହି ରାଜନୀତିରେ ସମ୍ପୃକ୍ତ ଥିଲେ ସେମାନେ ସ୍ୱତଃ ରାଜନୀତି ପ୍ରତି ରୁଚି ଓ ଆଗ୍ରହ ରଖିଥାନ୍ତି। ପ୍ରତିପତ୍ତି ଓ ବ୍ୟକ୍ତିଗତ ପତିଆରା ମଧ୍ୟ ଏ କ୍ଷେତ୍ରରେ ବଡ଼ କାମ କରିଥାଏ। ତେବେ ସବୁ ରାଜନେତା ଯେ ସଫଳ ହୁଅନ୍ତି ତାହା ଦେଖାଯାଇ ନ ଥାଏ। ଭାଗ୍ୟ ପରୀକ୍ଷାରେ ଅନେକ ପଛେଇ ଯାଇଥାନ୍ତି। ଆଉ କେତେକେ ବିଜୟ ରଥକୁ ଆଗେଇ ଲୋକମାନଙ୍କ ସେବାରେ ନିଜକୁ ନିୟୋଜିତ କରି ରାଜନୀତିରେ ବେଶ୍ ସଫଳ ହୋଇଥାନ୍ତି।

**ପ୍ରତିଷ୍ଠାତା,ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମ୍‌ସେଦପୁର**
**ମୋ: ୭୪୮୮୯୯୮୫୩୨**

## ଏଇ ଭାରତରେ

ହାଇଦ୍ରାବାଦର ଶ୍ରୀନିବାସ ରାଓ ମାଧବରାମ ପେସାରେ ଜଣେ ଡାକ୍ତର । କିନ୍ତୁ ତାଙ୍କ ନିଶା ହେଉଛି ଡ୍ରାଗନ ଚାଷ। ତେଲଙ୍ଗାନାର ସାଙ୍ଗାରେଡିରେ ଥିବା ତାଙ୍କର ୪୭ ଏକର ଫାର୍ମରେ ସେ ୪୫ ପ୍ରକାର ଡ୍ରାଗନ ଫ୍ରୁଟ୍ସ ଚାଷ କରୁଛନ୍ତି। ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ଚାଷ କରାଯାଉଛି। ଏହି ଚାଷରୁ ସେ ବର୍ଷକୁ ୨.୨ କୋଟି ଟଙ୍କା ରୋଜଗାର କରୁଛନ୍ତି। ମାଧବରାମ ୬,୫୦୦ କୃଷକଙ୍କୁ ଡ୍ରାଗନ ଫ୍ରୁଟ୍ସ ଚାଷ ସମ୍ପର୍କରେ ମାଗଣାରେ ପ୍ରଶିକ୍ଷଣ ଦେଇ ସାରିଲେଣି। ଏହି ଚାଷ ଲାଗି ସେ ତୁମକୁରସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହର୍ଟିକଲଚରର ସହଯୋଗ ନେଉଛନ୍ତି। ସେ ୨୦୧୬ରେ ଭିଏତନାମ୍, ତାଇୱାନ, ଫିଲିପାଇନ୍ସ ସମେତ ୧୩ଟି ଦେଶ ଭ୍ରମଣ କରି ଡ୍ରାଗନ ଫ୍ରୁଟ୍ସ ଚାଷ ସମ୍ପର୍କରେ ଜ୍ଞାନ ହାସଲ କରିବା ପରେ ୨୦୧୭ରେ ଭାରତକୁ ଫେରି ଚାଷ ଆରମ୍ଭ କରିଥିଲେ। ବାସ୍ତବରେ ୨୦୧୬ରେ ସେ ଯେତେବେଳେ ଡ୍ରାଗନ ଫ୍ରୁଟ୍ସ ଖାଇଥିଲେ ସେତେବେଳେ ତା' ସ୍ୱାଦ ତାଙ୍କୁ ଏହି ଚାଷ କରିବା ଲାଗି ପ୍ରେରିତ କରିଥିଲା ବୋଲି କହନ୍ତି ମାଧବରାମ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୬ ଏପ୍ରିଲ ୧୯୭୫

- ବିଶିଷ୍ଟ ହୋମିଓ ଚିକିତ୍ସକ ଅଦ୍ୱୈତ ବଲ୍ଲଭ ଦାସଙ୍କ ୫୫ ବର୍ଷ ବୟସରେ ପରଲୋକ।
- ନାଗପୁରସ୍ଥିତ ଚନ୍ଦ୍ରପୁର ଜିଲା ଅନ୍ତର୍ଗତ ୱାରୋରାଠାରେ ଥିବା ଏକ ସୂତା କଳରେ ଅଗ୍ନିକାଣ୍ଡ ଘଟି ୩୫ ଲକ୍ଷ ଟଙ୍କାର ତୁଳା ନଷ୍ଟ।
- ଭାରତୀୟ ଉପଗ୍ରହ 'ଆର୍ଯ୍ୟଭଟ୍ଟ'ରୁ ମିଳିଥିବା ବାର୍ତ୍ତାଗୁଡ଼ିକୁ ବିଶ୍ଳେଷଣ କରା ନ ଯିବା ଯାଏ ଭୂପୃଷ୍ଠ କେନ୍ଦ୍ରରୁ ଆର୍ଯ୍ୟଭଟ୍ଟକୁ ସଙ୍କେତ ପ୍ରେରଣ ବନ୍ଦ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 3 | | | 4 | |
| 1 | | | | | | | | |
| 8 | 3 | | | | 6 | | | |
| | | | | | | | | |
| 7 | | 8 | 2 | | 5 | | | |
| 4 | 5 | | | | 8 | 6 | | |
| 5 | | | | | | | | 2 |
| | 7 | 3 | | | | | 1 | 9 |
| | 9 | | 8 | | 7 | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 3 | 5 | 2 | 9 | 1 | 6 | 4 |
| 6 | 1 | 2 | 3 | 4 | 7 | 5 | 8 | 9 |
| 4 | 9 | 5 | 8 | 6 | 1 | 7 | 3 | 2 |
| 3 | 4 | 8 | 2 | 5 | 6 | 9 | 1 | 7 |
| 9 | 6 | 1 | 7 | 8 | 4 | 3 | 2 | 5 |
| 2 | 5 | 7 | 1 | 9 | 3 | 6 | 4 | 8 |
| 1 | 7 | 9 | 4 | 3 | 2 | 8 | 5 | 6 |
| 5 | 3 | 4 | 6 | 7 | 8 | 2 | 9 | 1 |
| 8 | 2 | 6 | 9 | 1 | 5 | 4 | 7 | 3 |

ଗତକାଲିର ଉତ୍ତର

# ଭୋଟଦାନ ପ୍ରତି ଅନାଗ୍ରହ



ବୈକୁଣ୍ଠନାଥ ମିଶ୍ର

ସାଧାରଣତଃ ପ୍ରତି ପାଞ୍ଚବର୍ଷରେ ଥରେ ଭୋଟଦାନ ଭାରତୀୟ ସମ୍ବିଧାନ ଅନୁଯାୟୀ ସ୍ଥିରୀକୃତ ହୋଇଛି। ବେଳେବେଳେ ବିଭିନ୍ନ କାରଣରୁ ଏହି ସମୟସୀମା ହ୍ରାସ ପାଇଥାଏ। ବିରୋଧୀ ଦଳ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବକୁ ସାମ୍ନା କରିବାକୁ ଯାଇ ସଂଖ୍ୟାଗରିଷ୍ଠତା ପ୍ରମାଣ ନ କରିପାରିଲେ ସରକାରର ପତନ ଘଟେ। ସରକାରର ପତନ ଘଟିଲେ ଦେଶରେ ପୁନଃ ନିର୍ବାଚନର ଆବଶ୍ୟକତା ପଡ଼େ। ରାଜ୍ୟ ସରକାରଙ୍କ କ୍ଷେତ୍ରରେ ମଧ୍ୟ ଅନୁରୂପ ବ୍ୟବସ୍ଥା ଅନୁସୃତ ହୁଏ। ନିର୍ବାଚନ ଏକ ଗଣତାନ୍ତ୍ରିକ ପ୍ରକ୍ରିୟା ଓ ଭୋଟଦାନ ଏକ ସାମ୍ବିଧାନିକ ଅଧିକାର। ଦେଶର ପ୍ରତ୍ୟେକ ସାବାଳକ ଅର୍ଥାତ୍ ୧୮ ବର୍ଷ ପୂର୍ତ୍ତି ହେଲେ ଜଣେ ଭୋଟଦେବାର ଅଧିକାର ପାଏ। ନିର୍ବାଚନ ଗଣତନ୍ତ୍ରର ଏକ ପର୍ବ। କିନ୍ତୁ ବିଡ଼ମ୍ବନାର କଥା, କ୍ରମାଗତ ଭାବେ ଭୋଟଦାନ ପ୍ରତି ଜନତାଙ୍କର ଆଗ୍ରହ ହ୍ରାସ ପାଉଛି। ସହରାଞ୍ଚଳର ବହୁବ୍ୟକ୍ତି ଭୋଟଦାନରୁ ବିରତ ରହୁଛନ୍ତି। ସାଧାରଣ ଦରିଦ୍ର ନିରକ୍ଷର ବସ୍ତିବାସିନ୍ଦାଙ୍କ ମନରେ ଭୋଟଦାନ ପ୍ରତି ଯେଉଁ ଉତ୍ସାହ, ତାହା ଧନାଢ୍ୟ ଶିକ୍ଷିତ ଓ ବୟସାଧିକ୍ୟ ବ୍ୟକ୍ତିଙ୍କ କ୍ଷେତ୍ରରେ ଦେଖାଯାଉନାହିଁ।

ଦେଶର ଭୋଟଦାତାଙ୍କ ମଧ୍ୟରେ ପ୍ରାୟ ଅର୍ଦ୍ଧେକ ହେଉଛନ୍ତି ଯୁବଗୋଷ୍ଠୀ, ଯେଉଁମାନଙ୍କର ବୟସ ୨୫ ବର୍ଷ ମଧ୍ୟରେ। ୨୦୨୪ ନିର୍ବାଚନ ପରିପ୍ରେକ୍ଷୀରେ ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ୧୮/୧୯ ବର୍ଷ ବୟସର ନୂତନ ଭୋଟଦାତାଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ଭୋଟଦାନ ପାଇଁ ନାମ ପଞ୍ଜୀକୃତ କରିନାହାନ୍ତି। ସମୁଦାୟ ଏହି ବର୍ଗର ଭୋଟଦାତାଙ୍କ ସଂଖ୍ୟା ୪ କୋଟି ୯୦ ଲକ୍ଷ ମଧ୍ୟରୁ ମାତ୍ର ୧ କୋଟି ୮୦ ଲକ୍ଷ ଭୋଟଦାତା ନାମ ପଞ୍ଜୀକରଣ କରିଛନ୍ତି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ପୂର୍ବରୁ ଭୋଟଦାନ ପ୍ରତି ଯେଉଁ ଉତ୍ସାହ ପରିଲକ୍ଷିତ ହେଉଥିଲା, ତାହା ବେଗରେ ହ୍ରାସ ପାଇବାରେ ଲାଗିଛି। ତଥ୍ୟାଭିଜ୍ଞ ମହଲରୁ ଉପଲବ୍ଧ ସୂଚନା ଅନୁସାରେ ଓଡ଼ିଶାରେ ମହାବିଦ୍ୟାଳୟଗୁଡ଼ିକରେ କ୍ରମାଗତ କିଛି ବର୍ଷଧରି ନିର୍ବାଚନ ନ ହେବା ଯୁବଗୋଷ୍ଠୀକୁ ନିର୍ବାଚନ ପ୍ରତି ବୀତସ୍ପୃହ କରିଛି। ମହାବିଦ୍ୟାଳୟ ନିର୍ବାଚନ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ଆଦ୍ୟ ସଂକଳନ। ସେହି ନିର୍ବାଚନରୁ ଭବିଷ୍ୟତ ନେତା ସୃଷ୍ଟି ହେବାର ମାର୍ଗ ସୁଗମ ହୁଏ। କ୍ଷୁଦ୍ର ପରିସର ମଧ୍ୟରେ ନେତୃତ୍ୱ ନେବାର ଅଭ୍ୟାସ ତାଙ୍କୁ ନେତା ରୂପେ ଗଢ଼ି ତୋଳିବାର ସମସ୍ତ ସୁଯୋଗ ଦେଇଥାଏ। ବର୍ତ୍ତମାନ ସମୟରେ ରାଜନୀତି କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବହୁ ବିଧାୟକ ଓ ମନ୍ତ୍ରୀ ଛାତ୍ର ଜୀବନରୁ ରାଜନୀତିରେ ଅଭ୍ୟସ୍ତ। କିନ୍ତୁ କିଛିବର୍ଷ ହେଲା ମହାବିଦ୍ୟାଳୟଗୁଡ଼ିକରେ ନିର୍ବାଚନ ହେଉ ନ ଥିବାରୁ ଯୁବଗୋଷ୍ଠୀକୁ ହତାଶ କରିଛି।

ଚଳିତ ନିର୍ବାଚନରେ ଭୋଟ ଦେବା ପାଇଁ ଅନାଗ୍ରହ ପ୍ରକାଶ କରୁଥିବା ଯୁବ ଭୋଟରଙ୍କ ସଂଖ୍ୟା ରାଜ୍ୟ ବିଶେଷରେ ଭିନ୍ନ ଭିନ୍ନ ରହିଛି। ନିର୍ବାଚନ କମିଶନଙ୍କ ସଦ୍ୟ ପ୍ରକାଶିତ ତଥ୍ୟ ଅନୁଯାୟୀ ବଡ଼ବଡ଼ ରାଜ୍ୟ ଯଥା ଉତ୍ତରପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ ଓ ପଶ୍ଚିମବଙ୍ଗରେ ନୂତନ ଭୋଟଦାତାଙ୍କ ନାମ ପଞ୍ଜୀକରଣ ନୈରାଶ୍ୟଜନକ। ବିହାରରେ ଯେଉଁଠି ଅନ୍ୟ ରାଜ୍ୟ ତୁଳନାରେ ଯୁବବର୍ଗ ସଂଖ୍ୟା ଅଧିକ, ସେଠାରେ ଚଳିତ ନିର୍ବାଚନ ପାଇଁ ମାତ୍ର ୧୭



ପ୍ରତିଶତ ନୂତନ ମତଦାତା ନାମ ପଞ୍ଜୀକୃତ କରିଛନ୍ତି। ଜନବହୁଳ ରାଜ୍ୟ ଉତ୍ତରପ୍ରଦେଶରେ ମାତ୍ର ୨୩ ପ୍ରତିଶତ ନୂତନ ଭୋଟର ନାମ ପଞ୍ଜୀକୃତ କରିଛନ୍ତି। ଦିଲ୍ଲୀରେ ୨୧ ଓ ମହାରାଷ୍ଟ୍ରରେ ୨୭ ପ୍ରତିଶତ ନୂତନ ଯୁବବର୍ଗ ନାମ ପଞ୍ଜୀକୃତ କରିଛନ୍ତି। ଛତିଶଗଡ଼ ପରି ଏକ କ୍ଷୁଦ୍ର ରାଜ୍ୟରେ ଏହି ଗୋଷ୍ଠୀର ପଞ୍ଜୀକରଣ ସନ୍ତୋଷଜନକ। ଏଠାରେ ୫୪ ପ୍ରତିଶତ ନୂତନ ଯୁବଗୋଷ୍ଠୀ ମତଦାନ ପାଇଁ ନାମ ପଞ୍ଜୀକୃତ କରିଛନ୍ତି। କିନ୍ତୁ ତେଲଙ୍ଗାନା ଏ କ୍ଷେତ୍ରରେ ସମଗ୍ର ଭାରତରେ ଆଗୁଆ। ଏଠାରେ ରେକର୍ଡ ସଂଖ୍ୟକ ୬୬ ପ୍ରତିଶତ ଯୁବତୀ ଯୁବକ ନୂତନ ଭାବେ ଭୋଟ ଦେବାପାଇଁ ନାମ ପଞ୍ଜୀକରଣ କରିଛନ୍ତି। ବଡ଼ ବଡ଼ ରାଜ୍ୟଗୁଡ଼ିକରେ ନୂତନ ଯୁବ ଭୋଟରଙ୍କ ପଞ୍ଜୀକରଣ ସଂଖ୍ୟା ସାଧାରଣତଃ ୫୦ ପ୍ରତିଶତରୁ କମ୍। ନିର୍ବାଚନ କମିଶନଙ୍କ ସୂତ୍ରରୁ ଏହା ମଧ୍ୟ ଜ୍ଞାତ ଯେ, ୨୦୧୯ ସାଧାରଣ ନିର୍ବାଚନରେ ୧୮/୧୯ ବର୍ଷ ବୟସ ମଧ୍ୟରେ ଥିବା ଯୁବବର୍ଗଙ୍କ ମଧ୍ୟରୁ ମାତ୍ର ୨୯.୪୯ ପ୍ରତିଶତ ନାମ ପଞ୍ଜୀକରଣ କରିଥିଲେ ମଧ୍ୟ ସେହି ସଂଖ୍ୟକ ଯୁବତୀ ଯୁବକ ଭୋଟଦାନ କରି ନ ଥିଲେ।

ଇଏତ ନୂତନ ଭାବେ ଭୋଟଦାତାର ମାନ୍ୟତା ଲାଭ କରିଥିବା ଯୁବଗୋଷ୍ଠୀଙ୍କ କଥା। ଏମାନଙ୍କ ବ୍ୟତୀତ ସାଧାରଣ ମଧ୍ୟବୟସ୍କ ଓ ବୟସାଧିକ୍ୟ ଭୋଟରଙ୍କ କ୍ଷେତ୍ରରେ ଭୋଟଦାନ ପ୍ରତି ଉତ୍ସାହ ହ୍ରାସ ପାଉଥିବାର ଲକ୍ଷ୍ୟ କରାଯାଉଛି। ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ବୟସ୍କ ଭୋଟରଙ୍କ ସଂଖ୍ୟା ଉଦ୍‌ବେଗଜନକ ଭାବେ ହ୍ରାସ ପାଇବାରେ ଲାଗିଛି। ଆଉ ଏକ ଘଟଣା ହେଲା ଏପର୍ଯ୍ୟନ୍ତ ଭାରତବର୍ଷରେ ଯେତେ ନିର୍ବାଚନ ହୋଇଛି, ସେଥିରେ ମତଦାନ ହାର ୭୦ ପ୍ରତିଶତରୁ ଅଧିକ ହୋଇନାହିଁ। ଅଧିକାଂଶ କ୍ଷେତ୍ରରେ ମତଦାନ ହାର ୫୦ରୁ ୬୦ ପ୍ରତିଶତ ମଧ୍ୟରେ ସୀମିତ ରହିଛି। ସ୍ୱଚ୍ଛଳ, ଶିକ୍ଷିତ ଓ ବରିଷ୍ଠ ନାଗରିକ ବହୁଳଭାବେ ଭୋଟଦାନ ପ୍ରତି ନିରୁତ୍ସାହିତ ହେଉଛନ୍ତି। ଜଣେ ଭୋଟ ନ ଦେଲେ ତା'ପାଇଁ କୌଣସି ସାମ୍ବିଧାନିକ ପ୍ରତିବନ୍ଧକ ନାହିଁ। କୌଣସି ବାଧ୍ୟତା ନ ଥିବାରୁ ଭୋଟଦାନ ପ୍ରତି ଅନାଗ୍ରହ ବୃଦ୍ଧି ପାଉଛି। ବେଳେବେଳେ ଶୁଣିବାକୁ ମିଳେ କୌଣସି ଅଞ୍ଚଳର ଭୋଟଦାତାମାନେ ଏକ ନିର୍ଦ୍ଦିଷ୍ଟ ସମସ୍ୟାକୁ ନେଇ ଭୋଟବର୍ଜନ କରନ୍ତି। ଭୋଟବର୍ଜନ କୌଣସି ସମସ୍ୟାର ସମାଧାନ ନୁହେଁ। ଆମେ ଭୋଟ ନ ଦେଲେ କ'ଣ ହେଲା ଯେଉଁ ପ୍ରାର୍ଥୀ ଅଧିକ ଭୋଟ ପାଇଲା ସେ ନିର୍ବାଚିତ ହେଲା।

ଚଳିତ ୨୦୨୪ ସାଧାରଣ ନିର୍ବାଚନରେ କିପରି ଅଧିକରୁ ଅଧିକ ମତଦାତା ତାଙ୍କ ଅଧିକାର ସାବ୍ୟସ୍ତ କରିବେ, ସେଥିପାଇଁ ସରକାରୀ କଳ ବ୍ୟତିରେକେ କିଛି ବେସରକାରୀ ସଂସ୍ଥା ଅଣ୍ଟା ଭିଡ଼ିଛନ୍ତି। କେବଳ ସେତିକି ନୁହେଁ, ଭୋଟଦାନରେ ଅଂଶଗ୍ରହଣ ପ୍ରତି ଆଗ୍ରହ ବୃଦ୍ଧି କରିବା ପାଇଁ ବିଭିନ୍ନ କମ୍ପାନୀ ପକ୍ଷରୁ କିଛି ରିହାତି ଓ ପୁରସ୍କାର ଘୋଷଣା କରାଯାଇଛି। ଏଥର ବିଭିନ୍ନ ଉଦ୍ୟୋଗ, ସୁପରମାର୍କେଟ, ଏଫ୍.ଏମ୍. ଚାନେଲ, ରେସ୍ତୋରାଁ ଏପରିକି ଏୟାରଲାଇନ୍ସ କମ୍ପାନୀ ଓ ପେଟ୍ରୋଲ ପମ୍ପ ପ୍ରଭୃତି ଏ ଦାୟିତ୍ୱ ହାତକୁ ନେଇଥିବାର ଜାଣିବାକୁ ମିଳେ। ଅବଶ୍ୟ କମ୍ପାନୀମାନେ କୌଣସି ନିର୍ଦ୍ଦିଷ୍ଟ ଦଳ ବା ବ୍ୟକ୍ତି ପାଇଁ ପ୍ରଚାର କରୁନାହାନ୍ତି; ବରଂ ସେମାନେ ମତଦାନକୁ ପ୍ରୋତ୍ସାହିତ କରୁଛନ୍ତି ଓ ଏହାଦ୍ୱାରା ରାଷ୍ଟ୍ରର ମର୍ଯ୍ୟାଦା ବୃଦ୍ଧି ପାଇଁ ପ୍ରୟାସ କରୁଛନ୍ତି ବୋଲି ଯୁକ୍ତି ଉପସ୍ଥାପନ କରନ୍ତି।

ଯୁବବର୍ଗ, ବୟସାଧିକ୍ୟ ବ୍ୟକ୍ତି ନିର୍ବିଶେଷରେ ଭୋଟଦାନ ପ୍ରତି ଯେଉଁ ନିରୁତ୍ସାହିତ ଭାବ ପରିଦୃଷ୍ଟ ହେଉଛି ତାହା ସ୍ପୃହଣୀୟ ନୁହେଁ। ଭୋଟଦାନ ଆମର ସର୍ବଶ୍ରେଷ୍ଠ ଗଣତାନ୍ତ୍ରିକ ଅଧିକାର ହୋଇଥିବାରୁ ଏହାକୁ ସାବ୍ୟସ୍ତ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ।

**– ସିଦ୍ଧଳ, ଜଗତସିଂହପୁର**
**ମୋ: ୯୯୩୭୪୫୦୫୪୦**

## ଚିରନ୍ତନୀ

ଅପୂର୍ଣ୍ଣ କେତେ ବାସନା
ଗଭୀର ଶତ ଭାବନା
ବାଜି ଉଠିବ ଗୋ ଶୁଭ ମିଳନର ତାରେ,
ସବୁ ଦୁରାଶା ଅଶାନ୍ତି
ସକଳ ଯାତନା ଭ୍ରାନ୍ତି
ନିଭିଯିବ ନିଘଞ୍ଚ ଏ ଘୋର ଅନ୍ଧକାରେ।
–(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପାୱାରକଟ୍ ବନ୍ଦ ହେଉ

ମହାଶୟ,

ରାଜ୍ୟରେ ଗତ କିଛି ଦିନ ହେଲା ତାତି ବଢ଼ିଛି। ଆଗକୁ ଗ୍ରୀଷ୍ମପ୍ରବାହ ଆହୁରି ବଢ଼ିବ ବୋଲି ପାଣିପାଗ ବିଭାଗ ଆକଳନ କରିସାରିଲେଣି। ଏବେ ଏହି ସମସ୍ୟା ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ଅଞ୍ଚଳରେ ଦେଖିବାକୁ ମିଳୁଛି। ଡାକ୍ତରଖାନା, ତହସିଲ, ବ୍ଲକ, ବ୍ୟାଙ୍କ, ଭିଆଇପି ଏରିଆଗୁଡ଼ିକୁ ଅଧିକ ଧ୍ୟାନ ଦିଆଯାଉଥିବା ବେଳେ ସତ୍ୟବାଦୀ ବ୍ଲକର ୨୪ ଗୋଟି ପଞ୍ଚାୟତକୁ ଅଣଦେଖା କରାଯାଉଛି। ମଧ୍ୟାହ୍ନରେ ଗ୍ରାମାଞ୍ଚଳଗୁଡ଼ିକ ଖାଁ ଖାଁ ହୋଇପଡୁଛି। କରେଣ୍ଟ ଏତେ ସମୟ ଯାଉଛି ଯେ ତା'ର ହିସାବ ରହୁନି। ଇଲେକ୍ଟ୍ରି ଅଫିସକୁ ପଚାରିଲେ ସେମାନେ କହୁଛନ୍ତି, ଏଇ ପନ୍ଦର କୋଡ଼ିଏ ମିନିଟ ଭିତରେ ଆସିବ। କିନ୍ତୁ ୨୦–୨୫ ମିନିଟ୍ ଯାଇ ଏକ ଘଣ୍ଟାରୁ ଦୁଇ ଘଣ୍ଟା ହୋଇଯାଉଛି। ହୁଏତ ଏହାର ଉତ୍ତର ଆସିବ, ଯାନ୍ତ୍ରିକ ତ୍ରୁଟି ଯୋଗୁ ପାୱାର କଟ୍ ହେଉଛି। ଯଦି ଖରାଦିନ ପୂର୍ବରୁ ସବୁ ସମସ୍ୟାର ସମାଧାନ କରାଯିବାକୁ ଚେଷ୍ଟା କରାଯାଉଥାଆନ୍ତା, ହୁଏତ ଆଜି ପାୱାରକଟ୍ ଭଳି ସମସ୍ୟା ଏଡ଼ା ଯାଇପାରିଥାଆନ୍ତା। ତେଣୁ ରାଜ୍ୟ ସରକାରଙ୍କୁ ଅନୁରୋଧ, ଏ ଡହଡହ ତାତିରେ ଅନ୍ତତଃପକ୍ଷେ ବିଦ୍ୟୁତ୍ ନ କାଟିବାକୁ ବିଦ୍ୟୁତ୍ ବିଭାଗକୁ କୁହନ୍ତୁ।

**–ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପ୍ରକଳ୍ପ ଅଛି, ମିଳୁନି ପାଣି

ନାକଟିଦେଉଳ, ୨୫।୪
(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ସାଲେଭଟା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କେଉଟବେର୍ଣ୍ଣୀ ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇ ଚାଲିଥିବାରୁ ପାରମ୍ପରିକ ଜଳଉତ୍ସ ସବୁ ଶୁଖିଲା ପଡିଛି। ନଳକୂପ ଅଚଳ ପଡିଛି ଅଥବା ଆବଶ୍ୟକ ପାଣି ବାହାରୁ ନାହିଁ। ଏପରିସ୍ଥଳେ ଗାଁରେ ଥିବା ପାନୀୟ ଜଳଯୋଗାଣ ପ୍ରକଳ୍ପ ପାଣି କିପରି ଲୋକେ ପାଇବାରୁ ବଞ୍ଚିତ ରହିଛନ୍ତି ତାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି।

ସାଲେଭଟା ପଞ୍ଚାୟତ ଅନ୍ତର୍ଗତ କେଉଟବେର୍ଣ୍ଣୀ ଏବଂ ବୁଢାକଟା ଗ୍ରାମର ଜନସାଧାରଣଙ୍କୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳଯୋଗାଇ ଦେବା ପାଇଁ ବସୁନ୍ଧରା ଯୋଜନାରେ ଏକ ପ୍ରକଳ୍ପ ବୁଢାକଟା ଗ୍ରାମରେ କରାଯାଇଛି। ଓଭରହେଡ଼ ପାଣି ଟାଙ୍କି ସଂରକ୍ଷିତ କରାଯାଇ ବୁଢାକଟା ଏବଂ କେଉଟବେର୍ଣ୍ଣୀ ଗ୍ରାମକୁ ଜଳଯୋଗାଣ ବ୍ୟବସ୍ଥା ରହିଛି। ହେଲେ ଗତ ୧ ବର୍ଷରୁ ଉର୍ଦ୍ଧ୍ୱ ହେଲା କେଉଟବେର୍ଣ୍ଣୀ ଗ୍ରାମକୁ ପାଇପ ଜଳଯୋଗାଣ ବନ୍ଦ ରହିଛି। ଫଳରେ ଏହି ନିଦାଘ ଖରାରେ କେଉଟବେର୍ଣ୍ଣୀ ଗ୍ରାମରେ ୨ଶହ ପରିବାରର ୧୫ଶହରୁ ଉର୍ଦ୍ଧ୍ୱ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ୯ଟି ନଳକୂପ ଥିବାବେଳେ ସେଥିରୁ ୩ଟି ଅଚଳ ରହିଛି। ଯେଉଁଗୁଡିକ ସଚଳ ଅଛି ସେଥିରୁ ଆବଶ୍ୟକ ପରିମାଣ ପାଣି ବାହାରୁନାହିଁ। ଫଳରେ ଅନ୍ୟୋନୋପାୟ ହୋଇ ଲୋକେ ପାଣି ପାଇଁ ୨କି.ମି. ଦୂର ଯାଇ ପାଣି ସଂଗ୍ରହ କରୁଛନ୍ତି। ଅନ୍ୟପକ୍ଷରେ ଏହି ପ୍ରକଳ୍ପରୁ ପାନୀୟ ଜଳ ଲୋକେ ପାଇ ପାରୁ ନ ଥିବା ବେଳେ ଏହାର ଅପଚୟ ହେଉଥିବା ନେଇ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚଙ୍କଠାରେ କେଉଟବେର୍ଣ୍ଣୀ ଗ୍ରାମବାସୀ ଅଭିଯୋଗ କରି ଏହାର ସାମାଧାନ ଦାବି କରାଯାଇଥିଲେ। ହେଲେ ଯାଏ ଏହାର ସମାଧାନ ହୋଇ ପାରି ନ ଥିବା ଜଳକ୍ଲିଷ୍ଟ ଗ୍ରାମବାସୀ କହିଛନ୍ତି। ଗାଁକୁ ଶୀଘ୍ର ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆ ନ ଗଲେ ଆଗାମୀ ଦିନରେ ଭୋଟ ବର୍ଜନ କରିବେ ବୋଲି ମଧ୍ୟ ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବ୍ଲକର ଆରଡ଼ବ୍ଲ୍ୟୁଏସଏସ ବିଭାଗ କନିଷ୍ଠ ଯନ୍ତ୍ରୀ ହିମାଂଶୁ ଶେଖର ବେହେରାଙ୍କୁ ପଚାରିବାରୁ ବୁଢାକଟାଠାରେ ଥିବା ଏହି ପାନୀୟ ଜଳ ପ୍ରକଳ୍ପକୁ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି ଏବଂ ପଞ୍ଚାୟତ ତାହା ସ୍ଥାନୀୟ ମହିଳା ସ୍ୱଂୟ ସହାୟିକା ଗୋଷ୍ଠୀକୁ ପରିଚାଳନା ଦାୟିତ୍ୱ ଅର୍ପଣ କରିଛି ବୋଲି କହିଛନ୍ତି। ଏ ନେଇ ସରପଞ୍ଚ ପାର୍ତ୍ଥବ ଚରଣ ପ୍ରଧାନ କହିଛନ୍ତି ଯେ, ପ୍ରକଳ୍ପଠାରୁ କେଉଟବେର୍ଣ୍ଣୀ ଗ୍ରାମକୁ ସଂଯୋଗ ହୋଇଥିବା ଭେଲ(ଚାବି) ଫାଟି ଯାଇଥିବାରୁ ଏହି ସମସ୍ୟା ହୋଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।


ନିର୍ମିତ ଓଭରହେଡ ଟ୍ୟାଙ୍କି।

# ୫୬ବର୍ଷରେ ପୁଲେଶ୍ୱର ରାମଲୀଳା ମହୋତ୍ସବ

## ଲୀଳା ନାଟକ ସୀତାଚୋରି ପରିବେଷଣ

ଅମରପାଲି, ୨୫।୪ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହରାଜପୁର ବ୍ଲକ ଅନ୍ତର୍ଗତ କେନଝିରିଆପାଲି ପଞ୍ଚାୟତ ଅଧୀନ ପୁଲେଶର ଗ୍ରାମରେ ହେଉଥିବା ଶ୍ରୀରାମ ଲୀଳା ମହୋତ୍ସବ ଚଳିତ ବର୍ଷ ୫୬ବର୍ଷରେ ପହଞ୍ଚିଛି। ଶ୍ରୀରାମ ନବମୀଠାରୁ ଗ୍ରାମରେ ଏକ ଆଧାତ୍ମିକ ପରିବେଶ ଅନୁଭୂତ ହେଉଛି। ୧୪ ଦିନ ଧରି ହେବାକୁ ଥିବା ଉକ୍ତ ଶ୍ରୀରାମ ନବମୀ ମହୋତ୍ସବରେ ପ୍ରତ୍ୟହ ରାତ୍ରୀରେ ପରିବେଷଣ ହେଉଛି ଶ୍ରୀରାମ ଲୀଳା ନାଟକ। ଏହା ଦେଖିବାକୁ ପ୍ରତ୍ୟହ ଶତାଧିକ ଦର୍ଶକଙ୍କ ସମାଗମ ହେଉଛି। ଚଳିତବର୍ଷ ଉକ୍ତ ମହୋତ୍ସବ ପାଳନ ପାଇଁ ସର୍ବସମ୍ମତିକ୍ରମେ ଗଠିତ ହୋଇଛି ଏକ ପରିଚାଳନା କମିଟି। ଏଥିରେ ନେପାଳ ଚନ୍ଦ୍ର ମହାକୁର ସଭାପତି, ହେମସାଗର ବାରିକଙ୍କୁ ସମ୍ପାଦକଭାବେ ଚୟନ କରାଯାଇଛି। ଏହା ସହିତ ପୌଲସ୍ତି ଖୁଣ୍ଟିଆ, ଶୁକଦେବ ନାଏକ, ଶ୍ୟାମସୁନ୍ଦର ମିଶ୍ର, ଖିରୋଦ ରାଜହଂସ ଓ ଶିବ କର୍ମୀଙ୍କୁ ମହୋତ୍ସବ ପରିଚାଳନା କମିଟି ପ୍ରମୁଖ ସଦସ୍ୟଭାବେ ମନୋନୀତ କରାଯାଇଛି। ଗ୍ରାମର ପ୍ରାୟ ଶହେରୁ ଅଧିକ ବ୍ରତଧାରୀ ନିଷ୍ଠା ଓ କାଷ୍ଠାର ସହିତ ପୂଜାର୍ଚ୍ଚନା କରୁଛନ୍ତି। ମନ୍ଦିରରେ ଭୋଗ ଲାଗିଲା ପରେ ସାମୂହିକ ପ୍ରସାଦ ସେବନ କରାଯାଉଛି। ପ୍ରତ୍ୟହ ସନ୍ଧ୍ୟାରେ ଆଳତି ସହିତ ଗ୍ରାମର ଭଗବତ ନାଟ୍ୟ କଳା ପରିଷଦ ଦ୍ୱାରା ରାତିରେ ଶ୍ରୀରାମ ଲୀଳା ନାଟକ ପରିବେଷଣ କରାଯାଉଛି। ଗୁରୁବାର ରାତ୍ରୀରେ ସୀତା ଚୋରି ଲୀଳା ନାଟକ ପରିବେଷଣ ହୋଇଯାଇଛି। ରାମ ଭୂମିକାରେ ବିନୋଦ ଖୁଣ୍ଟିଆ, ଲକ୍ଷ୍ମଣ ସତ୍ୟନାରୟଣ ଖେତୀ ,ସୀତା ଗୋପାଳ ବାରିକ, ଦଶରଥ ଶୁକଦେବ ନାଏକ, ରାବଣ ଭୂମିକାରେ ଲବ ରାଜହଂସ ଅଭିନୟ କରିଛନ୍ତି। ନାଟ୍ୟଗୁରୁ ଓ ଲେଖକ ସୌମିତ୍ରୀ କର୍ଣ୍ଣଙ୍କ ନିର୍ଦ୍ଦେଶନାରେ ନାଟ୍ୟ ପରିବେଷଣ କରାଯାଉଛି। ଶ୍ରୀରାମ ଲୀଳା ମହୋତ୍ସବ ସମୟରେ ଗ୍ରାମରେ ନିଶା ଦ୍ରବ୍ୟ ବ୍ୟବହାର ଓ ଆମିଷ ଭକ୍ଷଣ ଗ୍ରାମ କମିଟିର ନିଷ୍ପତ୍ତିକ୍ରମେ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି।


ପୁଲେଶ୍ୱର ଗ୍ରାମରେ ଶ୍ରୀରାମ ଲୀଳା ନାଟକର ଏକ ଦୃଶ୍ୟ।

# ନିର୍ବାଚନ ପ୍ରଚାରରେ ବିଏଲ୍‌ଏଫ୍ ସାମିଲ ଅଭିଯୋଗ

## ଜିଲା ନିର୍ବାଚନ ଅଧିକାରୀଙ୍କୁ ଭାଜପା ଫେରାଦ

ଡୁଙ୍ଗୁରିପାଲି, ୨୫।୪ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ବୁଧବାର ବିଜେଡିର ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମ ଚାଲିଥିବା ବେଳେ ବ୍ଲକର ବିଏଲଏଫ(ବ୍ଲକ ଲେଭଲ ଫେଡେରେଶନ)ଙ୍କ ଉପସ୍ଥିତକୁ ନେଇ ପ୍ରଶ୍ନ ଉଠାଇଛି ଭାଜପା। ଗୁରୁବାର ଏ ନେଇ ଡୁଙ୍ଗୁରିପାଲି ଭାଜପା ମଣ୍ଡଳ ସଭାପତି ନୀତେଇ ପାଲ ବିଡ଼ିଓ ବିପିନ ବିହାରୀ ଦୀପଙ୍କ ଜରିଆରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, ବୁଧବାର ଡୁଙ୍ଗୁରିପାଲିଠାରେ ଅନୁଷ୍ଠିତ ବିଜେଡିର ଭୋଟ ପ୍ରଚାର କାର୍ଯ୍ୟକ୍ରମରେ ବିଏଲଏଫ ସଭାପତି ନେତ୍ରୀ ଲକ୍ଷ୍ମୀ ସରାଫ ଯୋଗଦେଇଥିଲେ। ଓଡିଶା ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକୁ ଅବମାନନା ଓ ସରକାରୀ ଭତ୍ତା ପ୍ରାପ୍ତ ବ୍ୟକ୍ତିଙ୍କ ଯୋଗଦାନ ନିର୍ବାଚନ ଆଚରଣ ବିଧିର ବିରୁଧାଚରଣ। ତେଣୁ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ସଭାପତି ପାଲ ଦାବି ଜଣାଇଛନ୍ତି। ବିଡିଓ ବିପିନ ବିହାରୀ ଦୀପଙ୍କୁ ପଚାରିବାରୁ ସମ୍ପୃକ୍ତ ବିଏଲଏଫ ଲକ୍ଷ୍ମୀ ସରାଫଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଛି। ନିର୍ବାଚନ ଆୟୋଗ ମଡେଲ କୋର୍ଟ ଅଫ କଣ୍ଡଟ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି।


ନିର୍ବାଚନ ପ୍ରଚାର ବେଳେ ବିଏଲଏଫ ବିଧାୟକ ପ୍ରାର୍ଥୀଙ୍କୁ ସ୍ୱାଗତ କରୁଛନ୍ତି।

# ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ପାଇଁ ପ୍ରୟାସ ହେଉ


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ବହଲପଦର ସରକାରୀ ୟୁପି ସ୍କୁଲର ବାର୍ଷିକ ଉତ୍ସବ

ଅମରପାଲି, ୨୫।୪ (ପୀତାମ୍ବର ସାହୁ)

ସଫଳତା ପାଇଁ ସ୍ୱପ୍ନ ଦେଖିବା ଜରୁରୀ। ତେଣୁ ଛାତ୍ରୀଛାତ୍ରମାନେ ଭଲ ମଣିଷ ହେବା ପାଇଁ ସ୍ୱପ୍ନ ଦେଖନ୍ତୁ। ଏହା ସହିତ କଠିନ ପରିଶ୍ରମ ଓ ଅଧ୍ୟବସାୟ କରି ଲକ୍ଷ୍ୟ ପଥରେ ପହଞ୍ଚନ୍ତୁ। ପିଲାଙ୍କ ପ୍ରାଥମିକ ଶିକ୍ଷା ଉତ୍ତମ ହେଲେ ଭବିଷ୍ୟତରେ ସୁନାଗରୀକ ହେବାରେ ସହାୟକ ହୋଇଥାଏ। ତେଣୁ ସ୍କୁଲ ଓ ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ସମସ୍ତେ ଆଗଭର ହୁଅନ୍ତୁ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଲପଦର ସରକାରୀ ୟୁପି ସ୍କୁଲର ବାର୍ଷିକ ଉତ୍ସବରେ ଅତିଥିମାନେ ଉକ୍ତ ମତ ରଖିଛନ୍ତି। ପ୍ରଧାନଶିକ୍ଷକ ଦେବକାନ୍ତ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବୀରମହାରାଜପୁର ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟ ଅତିଥି, ଅମରପାଲି ହାଇସ୍କୁଲ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବହଳପଦର କ୍ଲଷ୍ଟର ସିଆରସିସି କନ୍ଧୁଧର ପ୍ରଧାନ,ସ୍କୁଲ ପରିଚାଳନା କମିଟି ସଭାପତି ବିଶାମିତ୍ର ସେଠୀ, ମୋ ସ୍କୁଲ ଅଭିଯାନ କମିଟି ସଭାପତି ପ୍ରଫୁଲ୍ଲ ଦନ୍ତା ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଛାତ୍ରମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ରଜତ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଦେବକାନ୍ତ ପ୍ରଧାନ ବାର୍ଷିକ ବିବରଣୀ ପଠନ କରିବା ସହିତ ସ୍କୁଲର ବିଭିନ୍ନ ସମସ୍ୟା ବିଷୟରେ ବିଇଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅମରପାଲି ୟୁପି ସ୍କୁଲ ଶିକ୍ଷକ ପ୍ରାଣବନ୍ଧୁ ସାହୁ ସଭା ସଂଯୋଜନା କରିଥିବା ବେଳେ ପୂର୍ବତନ ସିଆରସିସି ପ୍ରଦୀପ ଜଗଦଲା ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲର ପୁରାତନ ଛାତ୍ର ସ୍ୱର୍ଗତ ବିଶ୍ୱଜିତ ଛାତ୍ରଙ୍କ ପରିବାର ତରଫରୁ ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ୍ ତିଆରି ପାଇଁ ୫୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉକ୍ତ ସ୍ମାର୍ଟ କ୍ଲାସରୁମ୍‌କୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ୱର୍ଗତ ବିଶ୍ୱଜିତଙ୍କ ପିତା ମହେଶ୍ୱର ରାଜହଂସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ସ୍କୁଲର ସତ୍ୟଜିତ ରାଜହଂସ ଙ୍କୁ ଶ୍ରେଷ୍ଠ ଶୃଙ୍ଖଳିତ ଛାତ୍ର, ପ୍ରାଚୀ ଦନ୍ତାଙ୍କୁ ଶ୍ରେଷ୍ଠ ଛାତ୍ରୀ ଓ ରୁଦ୍ର ନାରାୟଣ ପଣ୍ଡାଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପରେ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ନିର୍ବାଚନୀ ପ୍ରଚାର ମଧ୍ୟରେ ରକ୍ତଦାନ ଶିବିର

## ରକ୍ତଦାନ କଲେ ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ପ୍ରଣବ ପ୍ରକାଶ

ସମ୍ବଲପୁର, ୨୫।୪ (ପ୍ରମୋଦ ବହିଦାର)

ସାଧାରଣ ନିର୍ବାଚନ ପାଇଁ ପ୍ରଚାର ଅଭିଯାନ ଯୋରଦାର ଚାଲିବା ମଧ୍ୟରେ ବିଜେଡି ପକ୍ଷରୁ ଓଡ଼ିଶା ମୋ ପରିବାର ସୌଜନ୍ୟରେ ଏକ ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୁର୍ଲା ଭିମ୍‌ସାର ରକ୍ତଭଣ୍ଡାରରେ ଅନୁଷ୍ଠିତ ଶିବିରରେ ମୋଟ୍ ୧୦୧ ୟୁନିଟ୍ ରକ୍ତ ସଂଗୃହତ ହୋଇଥିଲା। ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ନିଜେ ଶିବିରରେ ରକ୍ତଦାନ କରିଥିଲେ। ବୁର୍ଲା ରକ୍ତ ଭଣ୍ଡାର ଅଧିକାରୀ ଡା. ରାଧାମୋହନ ଘଡ଼େଇ, ଦେବାଶିଷ ମିଶ୍ର, ମଣ୍ଟୁ ପ୍ରଧାନ, ରୋଜାଲିନ ନାୟକ, କରୁଣାକର ସାହୁ, ମଧୁସ୍ମିତା ଦାସ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ବିଧାନସଭା ପ୍ରାର୍ଥୀ ବିଧାୟକ ଇଂ. ରୋହିତ ପୂଜାରୀ, ଜିଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ଜିଲା ଛାତ୍ର ବିଜେଡି ସଭାପତି ଶୁଭ୍ରାଂଶୁ ପାଢ଼ୀ, ଓଡିଶା ମୋ ପରିବାର ଜିଲା ସଂଯୋଜିକା କବିତା ପୁରୋହିତ, ଛାତ୍ର ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ରାଜେଶରାଜ ସ୍ୱାଇଁ, ବିଜେଡି ସମ୍ବଲପୁର ଜୋନ୍ ସାଧାରଣ ସମ୍ପାଦକ ସୁଧିର ପଣ୍ଡା, ସମ୍ବଲପୁର ନିର୍ବାଚନୀ ସଂଯୋଜକ ଦେବୀ ଲେଙ୍କା, ଯୁବ ବିଜେଡି ଜିଲା ଉପସଭାପତି ମଞ୍ଜୁ ଓରାମ, ଯୁବ ବିଜେଡି ଜିଲା ସମ୍ପାଦକ ଉତ୍ତମ ବାଗ ଯୋଗ ଦେଇଥିଲେ।



ଆୟୋଜିତ ରକ୍ତଦାନ ଶିବିରରେ ପ୍ରଣବ ପ୍ରକାଶ ଦାସ ରକ୍ତଦାନ କରୁଛନ୍ତି।

# ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଜମନକିରା, ୨୫।୪ (ରବିନ୍ଦ୍ର ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ଡିମିରୀମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ତତ୍କାଳୀନ ବାମଣ୍ଡା ରାଜ୍ୟର ସର୍ବପୁରାତନ ଶୈବପୀଠ ଶଗଡେଶ୍ୱର ବାବାଙ୍କ ଦଶମ ବର୍ଷ ଶୀତଳ ଷଷ୍ଠୀ ଯାତ୍ରା ଓ ଶଗଡେଶ୍ୱର ମହୋତ୍ସବ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଯାଇଛି। ନୃପଲାଲ ପଲେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବହୁ ସଂଖ୍ୟକ ଭକ୍ତ ବୃନ୍ଦ ଓ ଯାତ୍ରା କମିଟି କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ମାତା ପାର୍ବତୀଙ୍କ ପିତାମାତାଭାବେ ରଞ୍ଜିତ ପଟେଲ ଓ ତାଙ୍କ ଧର୍ମପତ୍ନୀ ସବିତା ପଟେଲ ଏବଂ ବାବା ଭୋଲେନାଥଙ୍କ ପିତାମାତାଭାବେ ସ୍ଥାନୀୟ ସରପଞ୍ଚ ପ୍ରହଲ୍ଲାଦ ଧୁରୁଆ ଓ ତାଙ୍କ ଧର୍ମପତ୍ନୀ ଜ୍ୟୋତି ମଞ୍ଜରୀ ଧରୁଆଙ୍କୁ ଚୟନ କରାଯାଇଛି। ଚଳିତବର୍ଷ ଯାତ୍ରା ଆୟୋଜନରେ ସାମାନ୍ୟ ପରିବର୍ତ୍ତନ କରାଯାଇ ଶଗଡେଶ୍ୱର ମନ୍ଦିରକୁ କୈଳାସ ଓ ସେହି ମନ୍ଦିର ପରିସରରେ ଥିବା ମା'ଭୈରବୀ ମନ୍ଦିରକୁ ହିମାଳୟ ଭାବେ ପରିକଳ୍ପନା କରାଯାଇ ଶିବପାର୍ବତୀ ବିବାହ କାର୍ଯ୍ୟକ୍ରମକୁ ସମ୍ପନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଯାତ୍ରା ସଂଯୋଜକ ମଳୟ ବେହେରା ଏବର୍ଷ ଜୁନ ୧୦ ଓ ୧୧ ଦୁଇଦିନ ଧରି ପାଳିତ ହେବାକୁ ଥିବା ଯାତ୍ରା ଓ ମହୋତ୍ସବକୁ ଭବ୍ୟ ଓ ଯାକଜମକରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ ମନ୍ଦିର ପରିଚାଳନା ସଭାପତି ରୁଦ୍ରନାରାୟଣ ବେହେରା, ସମ୍ପାଦକ ସୁମନ୍ତ ବେହେରା, କୋଷାଧ୍ୟକ୍ଷ ରତନଲାଲ ସିଂ, ଚିତ୍ତରଞ୍ଜନ ଶର୍ମା, ଶଶୀଭୂଷଣ ବଡେଇ, ସଞ୍ଜୟ ମହାକୁଲ, ଟିକେଶ୍ୱର ମହାକୁଲ, ନରେନ୍ଦ୍ର ପଲେଇ, ସୁଗତ ପଟେଲ, ବିକାଶ ମହାକୁଲ, ମିତ୍ରଭାନୁ ରାୟ, ସୁରଥ ନାଏକ, ବାବୁନି ମହାନ୍ତି, ତରଣୀ ଶର୍ମା, ରାଜୀବ ଶର୍ମା, ପପୁ ଅଗ୍ରୱାଲ, କରୁଣାକର କିସାନ, ସଂଗ୍ରାମ ପଲେଇ, ସୁରେନ୍ଦ୍ର ପାତ୍ର, ବିସାମ୍ବର ସିଂ, ଲିପୁ ବେହେରା, ଆକାଶ ମହାକୁଳ, ପୂଜକ ନିତ୍ୟାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଭକ୍ତ ଓ ଯାତ୍ରା କମିଟି କର୍ମକର୍ତ୍ତା।

# ବିଜେଡିର ଜୋନ୍‌ସ୍ତରୀୟ ସଙ୍କଳ୍ପ ସଭା

ତରଭା, ୨୫।୪ (ମାନଭଞ୍ଜନ ମିଶ୍ର)

ଗୁରୁବାର ତରଭା ବିଜେଡିର ଜିଲା ପରିଷଦ ଜୋନ ୨ର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି । ଏହି କାର୍ଯକ୍ରମରେ ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀ, ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ, ପାଟଣାଗଡ଼ ବିଧାୟକ ପ୍ରାର୍ଥୀ ସରୋଜ କୁମାର ମେହେର, ଲୋଇସିଂହା ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରା ଯୋଗଦେଇଥିଲେ। ଦଳକୁ ଆହୁରି ମଜଭୁତ କରି ନିର୍ବାଚନରେ ବିଜୟ ସୁନିଶ୍ଚିତ ଦିଗରେ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ନେତୃବୃନ୍ଦ ଆହ୍ୱାନ ଦେଇଥଲେ। ଜିଲା ବିଜେଡି ସଭାପତି ସରୋଜ କମ୍ପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶତ୍ରୁଘ୍ନ ପୃଷ୍ଟି, ଗଦିଦର କୁଅଁର, ମାନଭଞ୍ଜନ ମିଶ୍ର ବକ୍ତବ୍ୟ ରଖିଥିଲେ ।

# ବିଶ୍ୱ ଇଂଲିଶ ଭାଷା ଦିବସ ପାଳିତ

ସମ୍ବଲପୁର, ୨୫।୪ (ପ୍ରମୋଦ ବହିଦାର)

ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟରେ ବିଶ୍ୱ ଇଂରାଜୀ ଭାଷା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଇଂଲିଶ ସ୍ନାତକୋତ୍ତର ବିଭାଗ ପକ୍ଷରୁ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ସରକାରୀ ମହିଳା କଲେଜ ସ୍ନାତକୋତ୍ତର ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ମନସ୍ୱିନୀ ପରିଡ଼ା ମୁଖ୍ୟ ଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଇଂରାଜୀ ପ୍ରଫେସର ଡ. ଅଜିତ କୁମାର କୁଲୁ ମୁଖ୍ୟବକ୍ତାଭାବେ ଯୋଗଦେଇ ଇଂରାଜୀ ଭାଷା ସାହିତ୍ୟକୁ ସେକ୍ସପିୟରଙ୍କ ଅବଦାନ ଓ ତାଙ୍କର ଜୀବନୀ ଉପରେ ଆଲୋକପାତ କରିଥିଲେ। ଏନ୍‌ଏସ୍‌ସିବି ମହାବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ ହରିହର ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଓଡ଼ିଆ ବିଭାଗ ମୁଖ୍ୟ ଡ. ଶ୍ୟାମ ଭୋଇ, ମହିଳା ମହାବିଦ୍ୟାଳୟ ଇଂରାଜୀ ବିଭାଗ ଅଧ୍ୟାପକ ଭୋଜରାଜ ରୋହିଦାସ, ସୋମଦତ୍ତ ପ୍ରଧାନ, ସୁମନ୍ତିନୀ ଭୋଇ, ରୋଜି ସେଠ୍ ପ୍ରମୁଖ ଯୋଗ ଦେଇଥିଲେ। ଇଂରାଜୀ ବିଭାଗ ଅଧ୍ୟାପକ ବୀରସେନ ଦଳାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇଂରାଜୀ ଭାଷା ସାହିତ୍ୟ ଉପରେ ପୂର୍ବରୁ ଅନୁଷ୍ଠିତ ତର୍କ ଓ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

# ନିର୍ବାଚନରେ ଭୋଟର ଅନ୍ତର୍ଭୁକ୍ତୀକରଣକୁ ଗୁରୁତ୍ୱ

## ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ, କିନ୍ନରଙ୍କୁ ପ୍ରଶିକ୍ଷଣ

ସମ୍ବଲପୁର, ୨୫।୪ (ପ୍ରମୋଦ ବହିଦାର)

ଆଗାମୀ ନିର୍ବାଚନରେ ଅଧିକ ସଂଖ୍ୟଙ୍କ ଭୋଟରଙ୍କ ଅନ୍ତର୍ଭୁକ୍ତିକରଣ ପାଇଁ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଓ କିନ୍ନର ଭୋଟରଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ମତଦାନ କେନ୍ଦ୍ରରେ ଉପଲବ୍ଧ ହ୍ୱିଲ୍ ଚେୟାର ସୁବିଧା ସହ ସେମାନଙ୍କୁ ସହାୟତା ପାଇଁ ସ୍ୱେଚ୍ଛାସେବୀଙ୍କ ବ୍ୟବସ୍ଥା, ଘରୁ ମତଦାନ କେନ୍ଦ୍ରକୁ ଓ ମତଦାନ କେନ୍ଦ୍ରରୁ ନିଜ ନିଜ ଘରକୁ ମାଗଣା ପରିବହନ, ଦୃଷ୍ଟିବାଧିତ ଭୋଟରଙ୍କ ପାଇଁ ବ୍ରେଲ ପେପରର ବ୍ୟବସ୍ଥା, ମତଦାନ କେନ୍ଦ୍ରରେ ର୍‍ୟାମ୍ପ ସୁବିଧା, ମତଦାନ କେନ୍ଦ୍ରମାନଙ୍କରେ ସେମାନଙ୍କ ପାଇଁ ରହିଥିବା ସ୍ୱତନ୍ତ୍ର ପ୍ରବେଶ ଦ୍ୱାର ଆଦି ସମ୍ପର୍କରେ ସୂଚନା ଦିଆଯାଇଛି। ସେହିପରି କିନ୍ନରଙ୍କ ମତଦାନ ଅଧିକାରକୁ ଜାଗ୍ରତ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଗୃହ ମତଦାନ, ଇଭିଏମ୍‌ର ବ୍ୟବହାର ତଥା ମତଦାନ ଅଧିକାର ଉପରେ ମଧ୍ୟ ଆଲୋଚନା ହୋଇଥିଲା।


ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀଙ୍କ ସହ ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ, କିନ୍ନର ଓ ସ୍ୱେଚ୍ଛାସେବୀ।

# ମୁଖ୍ୟରାସ୍ତାରେ ଭାସୁଛି ଡ୍ରେନ୍ ପାଣି

- ବଢୁଛି ସାରସ୍ୱତ କଲୋନୀବାସୀଙ୍କ ଦୁର୍ଦ୍ଦଶା
- ଭୋଟ ପ୍ରକ୍ରିୟା ଶେଷ ପରେ କାମ ନିଶ୍ଚିତ ହେବ: କମିଶନର

ସମ୍ବଲପୁର, ୨୫।୪
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୩୪ ନମ୍ବର ୱାଡର ସାରସ୍ୱତ କଲୋନୀ ମୁଖ୍ୟ ରାସ୍ତାରେ ଡ୍ରେଜେଜ ବ୍ୟବସ୍ଥା ଠିକ୍ ନ ଥିବାରୁ ପାଣି ଜମା ହୋଇରହୁଛି। କଲୋନୀର ଅଧିକାଂଶ ରାସ୍ତାରେ କଂକ୍ରିଟ ଡ୍ରେନ ନିର୍ମାଣ ହୋଇ ପାରି ନ ଥିବାରୁ ଆବର୍ଜନା ପାଣି ଆଗକୁ ଯାଇ ନପାରି ଜମା ହୋଇ ପୁତିଗନ୍ଧମୟ ପରିସ୍ଥିତି ସୃଷ୍ଟି କରୁଛି। ରାସ୍ତାରେ ଯାଆସ କରୁଥିବା ଲୋକେ ଅସ୍ୱାସ୍ଥ୍ୟକର ପରିବେଶରେ ଯାଆସ କରୁଛନ୍ତି। ମହାନଗର ନିଗମକୁ ଅଭିଯୋଗପରେ ଡ୍ରେନ ନିର୍ମାଣ ପାଇଁ ତତ୍କାଳୀନ କନିଷ୍ଠ ଯନ୍ତ୍ରୀ କଲୋନୀକୁ ଆସି ରାସ୍ତା ମାପ କରି ନେଇଥିଲେ । ପରେ ୭ଲକ୍ଷ ଟଙ୍କାର ଟେଣ୍ଡର କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ତାଙ୍କର ଅନ୍ୟ ୱାର୍ଡକୁ ତାଙ୍କର ବଦଳି ହୋଇଯିବା ପରେ ଡ୍ରେନ ନିର୍ମାଣ ପାଇଁ ଟେଣ୍ଡର ହେବାର ଛଅ ମାସ ପରେ ବି କାମ ଆରମ୍ଭ ହୋଇପାରିନାହିଁ। ଲୋକେ ବାଧ୍ୟ ହୋଇ ଡ୍ରେନ ପାଣି ନିୟମିତ ଜମି ରହୁଥିବା ଅଭିଯୋଗ ହେଉଛି। କଲୋନୀ ବାସୀନ୍ଦା ବାର୍ଷିକ ହୋଲ୍ଡିଂ ଟ୍ୟାକ୍ସ ବାବଦରେ ମହାନଗର ନିଗମକୁ ଟଙ୍କା ପୈଠ କରୁଛନ୍ତି। ହେଲେ ମହାନଗର ନିଗମ ଠିକ୍ ସମୟରେ ପ୍ରକଳ୍ପ କାମ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ମହାନଗର ନିଗମର କମିଶନର ବେଦଭୂଷଣଙ୍କୁ ପଚାରିବାରୁ ବର୍ତ୍ତମାନ ନିର୍ବାଚନ ପାଇଁ ସମସ୍ତେ ବ୍ୟସ୍ତ ରହିଥିବାରୁ କାମ ଆରମ୍ଭ ହୋଇପାରିନାହିଁ। ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ ଡ୍ରେନ ନିର୍ମାଣ କାମ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।


ସାରସ୍ୱତ କଲୋନୀରେ ରାସ୍ତା ଉପରେ ଡ୍ରେନ ପାଣି ଜମା ହୋଇ ରହିଛି।



ସୋନପୁର ରାମେଶ୍ୱର ଷ୍ଟାଡିୟମ୍‌ରେ ଗୁରୁବାର ଭାଜପାର ବିଜୟ ସଂକଳ୍ପ ସମାବେଶରେ ଦଳୀୟ ପଦାଧିକାରୀମାନେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ମା' ସୁରେଶ୍ୱରୀଙ୍କ ଏକ ଫଟୋ ପ୍ରଦାନ କରୁଛନ୍ତି।

# ଓଡ଼ିଶାରେ ସରକାର କରିବା କଥା କହିଲେ ଶାହା

ଭୁବନେଶ୍ୱର,୨୫।୪(ସୁନିତ୍ ମିଶ୍ର)

■ ୧୩ ଲୋକ ସଭା ପ୍ରାର୍ଥୀ, ୯୧ ବିଧାନସଭା ପ୍ରାର୍ଥୀଙ୍କୁ ଦେଲେ ଗୁରୁମନ୍ତ୍ର
■ ଦିନିକିଆ ଗସ୍ତ ଶେଷକରି ଭୋପାଳ ଫେରିଲେ

୨୦୨୪ ନିର୍ବାଚନ ଲାଗି ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଭୋଟ ଆସନ୍ତା ୧୩ ତାରିଖରେ ହେବାକୁ ଯାଉଛି। ଏଥିଲାଗି ଗୁରୁବାର ନାମାଙ୍କନ ଦାଖଲର ଶେଷଦିନ ଥିଲା। ତେବେ ପ୍ରଥମ ପର୍ଯ୍ୟାୟ ଭୋଟ ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ଅମିତ ଶାହା ଦିନିକିଆ ଓଡ଼ିଶା ଗସ୍ତରେ ଆସି ଭୋପାଳ ଫେରିଯାଇଛନ୍ତି। ଶାହା ସୋନପୁରଠାରେ ଏକ ବିଶାଳ ଜନସଭାରେ ଉଭୟ କଂଗ୍ରେସ ଏବଂ ବିଜେଡି ଉପରେ ବର୍ଷିବା ପରେ ସନ୍ଧ୍ୟାରେ ଭୁବନେଶ୍ୱରଠାରେ ପହଞ୍ଚି ଏକ ରୁଦ୍ଧଦ୍ୱାର ବୈଠକରେ ଯୋଗଦେଇଥିଲେ। ଦଳ ୨୦୨୪ ନିର୍ବାଚନରେ କିପରି ଭଲ ପ୍ରଦର୍ଶନ କରିବ ସେନେଇ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ପ୍ରାୟ ୧ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିବା ବୈଠକରେ ଶାହା ମନ୍ତ୍ର ଦେଇଥିବା ଜଣାପଡ଼ିଛି। ଶାହା ସୋନପୁର ସଭା ସାରିବା ପରେ ଏକ ସ୍ୱତନ୍ତ୍ର ବିମାନଯୋଗେ ଭୁବନେଶ୍ୱରଠାରେ ପହଞ୍ଚିଥିଲେ। ଭୁବନେଶ୍ୱର ବିମାନବନ୍ଦରଠାରେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇବାକୁ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ହେଲେ ଶାହା ସେଠାରେ କିଛି ସମୟ ରହି ପୁରୀ-କଟକ ବାଇପାସ୍ ରୋଡ୍ ସ୍ଥିତ ଏକ ଘରୋଇ କନ୍‌ଭେନସନ ସେଣ୍ଟରଠାରେ ଆୟୋଜିତ ବୈଠକ ସ୍ଥଳକୁ ଚାଲିଯାଇଥିଲେ। ସେଠାରେ ଆୟୋଜିତ ବୈଠକରେ ଦଳର ସମସ୍ତ ରାଜ୍ୟ ପଦାଧିକାରୀ, ପୂର୍ବ ଓଡ଼ିଶାର ୧୩ ଲୋକ ସଭା ଆସନର ସମସ୍ତ ଏମ୍‌ପି ଓ ବିଧାୟକ ପ୍ରାର୍ଥୀମାନେ ଏଥିରେ ଯୋଗ ଦେଇଥିଲେ। ଏହାସହ ଉକ୍ତ ୧୩ ଲୋକ ସଭା ଆସନ ଦାୟିତ୍ୱରେ ଥିବା ପ୍ରଭାରୀ, ସଂଯୋଜକ, ଏହି ଲୋକ ସଭା ଆସନ ଅନ୍ତର୍ଗତ ସମସ୍ତ ୯୧ ବିଧାନସଭା ଆସନର ପ୍ରାର୍ଥୀ, ସଂଯୋଜକ, ପ୍ରଭାରୀ, ସବୁ ଜିଲା ସଭାପତିମାନେ ବୈଠକରେ ଉପସ୍ଥିତ ଥିଲେ। ତେବେ ଶାହା ବୈଠକରେ ସୋନପୁରରେ କହିଥିବା ତାଙ୍କ ଭାଷଣ ଏଠାରେ ମଧ୍ୟ ଦୋହରାଇଥିବା ଜଣାପଡ଼ିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଏହି ଅବସରରେ ଶାହା କହିଥିଲେ, ଓଡ଼ିଶାରେ ଭାଜପାର ସରକାର ଗଠନ ହେବା ଦରକାର। ଦିଲ୍ଲୀରେ ଭାଜପାର ସରକାର ହେଉଛି, ତେଣୁ ଓଡ଼ିଶାରେ ପ୍ରଥମ ଥର ଭାଜପା ସରକାର ହେବା ଆବଶ୍ୟକ । ପ୍ରଥମ ଥର ଓଡ଼ିଆ କହୁଥିବା ଏବଂ ଓଡ଼ିଆ ବୁଝୁଥିବା ଲୋକଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ। ଆସନ୍ତା ଗୋଟିଏ ମାସ ପରିଶ୍ରମ କଲେ ଭଲ ଫଳ ନିଶ୍ଚୟ ମିଳିପାରିବ। ଏତେସବୁ ପ୍ରାକୃତିକ ସମ୍ପଦ ଥାଇ ମଧ୍ୟ ଓଡ଼ିଶା ଗରିବ କାହିଁକି ଅଛି। ତେଣୁ ଏହି କଥା ଲୋକଙ୍କ ନିକଟରେ ପହଞ୍ଚାନ୍ତୁ। ଏଠି ଲୋକମାନେ ମଧ୍ୟ ପରିବର୍ତ୍ତନ ଚାହୁଁଛନ୍ତି। ତେଣୁ ଏହି କଥାକୁ ସଫଳ କରିବା ଦରକାର। ଯେଉଁମାନେ ନିର୍ବାଚନରେ ଲୋକ ସଭା ଏବଂ ବିଧାନସଭା ପାଇଁ ପ୍ରାର୍ଥୀ ହୋଇଛନ୍ତି କେହି ନିଜକୁ ଦୁର୍ବଳ ଭାବନ୍ତୁ ନାହିଁ। ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ସମୟରେ ଓଡ଼ିଶା ଲୋକମାନେ ଯେପରି ଏଥିରେ ଯୋଗ ନ ଦେଇପାରିବେ ସେଥିଲାଗି ଚେଷ୍ଟା କରାଯାଇଥିବା କଥା ମଧ୍ୟ ରୁଦ୍ଧଦ୍ୱାର ବୈଠକରେ ଶାହା ଦୋହରାଇଥିବା ଜଣାପଡ଼ିଛି। ବୈଠକ ଶେଷରେ ଶାହା ସ୍ୱତନ୍ତ୍ର ବିମାନ ଯୋଗେ ଭୋପାଳ ଗସ୍ତ କରିଥିବା ଦଳର ଜଣେ ଆଗଧାଡ଼ିର ନେତା ସୂଚନା ଦେଇଛନ୍ତି। ତେବେ ପୂର୍ବରୁ ଶାହା ଗୁରୁବାର ଭୁବନେଶ୍ୱରଠାରେ ରାତ୍ରିଯାପନ କରିବା କାର୍ଯ୍ୟକ୍ରମ ଥିବାବେଳେ ଏହା ଶେଷ ସମୟରେ ବାତିଲ ହୋଇଥିବା ଜଣାପଡ଼ିଛି।

# ନିର୍ଣ୍ଣାୟକ ହୋଇପାରନ୍ତି କାଶୀପୁର ବ୍ଲକ୍ ଭୋଟର

ରାୟଗଡ଼ା,୨୫।୪(ଆଶିଷ ରଞ୍ଜନ ପଣ୍ଡା)

## ରାୟଗଡ଼ା ବିଧାନସଭା ଆସନ


ଅନସୂୟା ମାଝି


ଆପଲାସ୍ୱାମୀ କାଡ୍ରାକା


ବସନ୍ତ ଉଲାକା

ରାୟଗଡ଼ା ବିଧାନସଭା ଆସନରେ ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ମକରନ୍ଦ ମୁଦୁଲି ବିଜୟୀ ହୋଇଥିଲେ। ଚଳିତ ନିର୍ବାଚନରେ ପ୍ରମୁଖ ୩ ଦଳ ସେମାନଙ୍କ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ବିଜେଡି ମହିଳା କାର୍ଡ ଖେଳିଥିବା କୁହାଯାଉଛି । ଅନସୂୟା ମାଝି ବିଜେଡିରୁ ପ୍ରାର୍ଥୀ ହୋଇଥିବାବେଳେ କଂଗ୍ରେସରୁ ଆପଲସ୍ୱାମୀ କାଡ୍ରାକା ଏବଂ ଭାଜପା ବସନ୍ତ ଉଲାକାଙ୍କୁ ରିପିଟ୍ କରିଛି।

ଅନସୂୟା ରାଜନୀତିରେ ପୁରୁଣା ହୋଇଥିଲେ ମଧ୍ୟ ସିଧାସଳଖ ବଡ଼ ନିର୍ବାଚନରେ ପ୍ରଥମ ଥର ପାଇଁ ପାଦ ଥାପିଛନ୍ତି। ତେବେ ଚଳିତ ଥର ୩ ଦଳ ପାଇଁ ଟାର୍ଗେଟରେ ରହିଛି କାଶୀପୁର ବ୍ଲକ୍ ଭୋଟ। ଏହି ବ୍ଲକର ଭୋଟ ଯେଉଁ ଆଡ଼କୁ ଯିବ, ସେହି ଦଳର ଜିତିବା ସମ୍ଭାବନା ଅଧିକ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ଅନସୂୟା ରାୟଗଡ଼ା ସହରରେ ରହୁଥିବାବେଳେ ତାଙ୍କ ନିଜ ଘର କାଶୀପୁର ବ୍ଲକରେ ହୋଇଥିବାରୁ ତାଙ୍କୁ ସେଠାକାର ଲୋକଙ୍କ ଅଧିକ ସମର୍ଥନ ମିଳିବ ବୋଲି ସେ ଆଶାବାଦୀ ଅଛନ୍ତି। ଅନ୍ୟପକ୍ଷରେ ରାୟଗଡ଼ା ସହର ବାସିନ୍ଦା କଂଗ୍ରେସର ଆପଲାସ୍ୱାମୀ ଓ ବସନ୍ତ ୨୦୧୯ ନିର୍ବାଚନ ହାରିବା ପରେ ଲଗାତର ୫ ବର୍ଷ ଧରି କାଶୀପୁର ବ୍ଲକ୍‌କୁ ଅଧିକ ଫୋକସ କରୁଛନ୍ତି। ସପ୍ତାହର ୪ ଦିନ କାଶୀପୁର ବ୍ଲକରେ ରହି ସଙ୍ଗଠନକୁ ସୁଦୃଢ଼ କରିବା ସହ ବିଭିନ୍ନ ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରୁଥିଲେ।

ଏଭଳିକି ଚଳିତ ଥର ମଧ୍ୟ ନାମାଙ୍କନ ଦାଖଲ ବେଳେ ୩ ଦଳର ପ୍ରାର୍ଥୀ କାଶୀପୁର କର୍ମୀଙ୍କ ଉପରେ ଅଧିକ ଭରସା କରିଥିବା ଦେଖିବାକୁ ମିଳିଥିଲା। କାରଣ ଗତ ନିର୍ବାଚନରେ କାଶୀପୁର ବ୍ଲକ୍‌ର ଭୋଟରଙ୍କ ଯୋଗୁ ମକରନ୍ଦ ମୁଦୁଲି ସ୍ୱାଧୀନ ଭାବେ ନିର୍ବାଚିତ ହୋଇଥିଲେ। ରାଜ୍ୟରେ କେବଳ ରାୟଗଡ଼ା ଆସନରୁ ହିଁ ସ୍ୱାଧୀନ ପ୍ରାର୍ଥୀ ଭାବେ ସେ ବିଜୟୀ ହୋଇଥିଲେ। ଏହା ରାଜ୍ୟରେ ସେ ସମୟରେ ହଇଚଇ ସୃଷ୍ଟି କରିଥିଲା। ଗତ ନିର୍ବାଚନରେ ମକରନ୍ଦ ମୁଦୁଲି ୫୨ ହଜାର ୮୪୪ ଭୋଟ ପାଇ ୪ହଜାରରୁ ଊର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଥିଲେ । ଚଳିତ ଥର ମକରନ୍ଦ ନିର୍ବାଚନ ଲଢୁ ନ ଥିବା ବେଳେ ବିଜେଡିକୁ ସମର୍ଥନ କରୁଛନ୍ତି। ଫଳରେ ଏହା ଅନ୍ୟ ଦଳ ପାଇଁ ଚିନ୍ତାର କାରଣ ପାଲଟିଥିବା କୁହାଯାଉଥିବା ବେଳେ ସେଠାକାର ସମୀକରଣ ବଦଳାଇବାର ସମ୍ଭାବନା ଉପୁଜିଲାଣି। ସୂଚନାଯୋଗ୍ୟ, ଗତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଲାଲବିହାରୀ ହିମିରିକା ୪୭ ହଜାର ୯୭୪, କଂଗ୍ରେସ ପ୍ରାର୍ଥୀ ଆପଲାସ୍ୱାମୀ କାଡ୍ରାକା ୩୯ ହଜାର ୬୫୭ ଓ ଭାଜପା ପ୍ରାର୍ଥୀ ବସନ୍ତ ଉଲାକା ୨୪ ହଜାର ୪୨୫ ଖଣ୍ଡ ଭୋଟ ପାଇଥିଲେ।

# ପଛରେ ପଡ଼ିଛି ପଦ୍ମ ପ୍ରାର୍ଥୀ ଘୋଷଣା

## ବସ୍ତା ବିଧାନସଭା ନିର୍ବାଚନମଣ୍ଡଳୀ


ମହେଶ୍ୱର ଜେନା


ରବୀନ୍ଦ୍ର ଅଣ୍ଡିଆ


ସଞ୍ଜୀବ ପାଢ଼ୀ

କାଳୀପଦା,୨୫।୪(ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ଜିଲା ବସ୍ତା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ଘର ଘର ବୁଲି ପ୍ରଚାର ଚଳାଇଛନ୍ତି। ଇତିମଧ୍ୟରେ କଂଗ୍ରେସର କେତେକ ନେତା ଦଳ ଛାଡ଼ି ବିଜେଡିରେ ସାମିଲ ହେଉଥିବା ଦେଖିବାକୁ ମିଳୁଛି। ସେପଟେ କଂଗ୍ରେସ ପ୍ରାର୍ଥୀ ବିଜନ ନାୟକ କର୍ମୀମାନଙ୍କୁ ନେଇ ତାଙ୍କର ଦମ୍ ଦେଖାଉଛନ୍ତି। ହେଲେ ପଛରେ ପଡ଼ିଯାଇଛି ଭାଜପା। ଏଠାରେ ଦଳ କାହାକୁ ମଇଦାନକୁ ଛାଡ଼ିବ ତାହା ଜଣାପଡ଼ିନାହିଁ।

ବାଲିଆପାଳ ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ମହେଶ୍ୱର ଜେନା ପଦ୍ମ ପ୍ରାର୍ଥୀ ଲାଗି ପ୍ରମୁଖ ଦାବିଦାର ଥିବା ସାଧାରଣରେ ଆଲୋଚନା ହେଉଛି। ମହେଶ୍ୱର ୨୦୧୯ ନିର୍ବାଚନ ସମୟରେ ଭାଜପାରେ ଯୋଗଦେଇଥିଲେ। ସେତେବେଳେ ମଧ୍ୟ ଭାଜପାରୁ ଲଢ଼ିବାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ମାତ୍ର କିଛିଦିନ ପରେ ଅଙ୍କ ଓଲଟପାଲଟ ହୋଇଯାଇଥିଲା। ପୂର୍ବତନ ମନ୍ତ୍ରୀ ତଥା ବସ୍ତାରୁ ୫ଥର ବିଧାୟକ ହୋଇଥିବା ରଘୁନାଥ ମହାନ୍ତି ଭାଜପାରେ ମିଶି ଟିକେଟ ହାତେଇଥିଲେ। ଲଗାତର ଦଳ ପାଇଁ ମହେଶ୍ୱର କାର୍ଯ୍ୟ କରି ବାଲେଶ୍ୱର ଏମ୍‌ପିଙ୍କ ଶୁଭ ଦୃଷ୍ଟିରେ ଅଛନ୍ତି। ମହେଶ୍ୱର ପୂର୍ବରୁ କୁଣ୍ଡୁଳୀ ପଞ୍ଚାୟତର ସରପଞ୍ଚ, ରତାଇ ପଞ୍ଚାୟତର ସମିତିସଭ୍ୟ ଏବଂ ୨୨ ନଂ. ଜିଲା ପରିଷଦ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସେ ବସ୍ତା ନିର୍ବାଚନମଣ୍ଡଳୀରେ ଥିବା ପୁରୁଖା ନେତାମାନଙ୍କ ସହିତ ଭଲ ସମ୍ପର୍କରେ ଅଛନ୍ତି। ବାଲିଆପାଳ ଅଞ୍ଚଳର ଅନ୍ୟତମ ଜଣାଶୁଣା ବରିଷ୍ଠ ନେତା ରବୀନ୍ଦ୍ରନାଥ ଅଣ୍ଡିଆ ବିଜେଡି ଛାଡି କିଛି ଦିନର ନୀରବତା ପରେ ଭାଜପାରେ ସାମିଲ ହୋଇଥିଲେ। ରବୀନ୍ଦ୍ର ପୂର୍ବରୁ ୨୧ ନଂ. ଜିଲା ପରିଷଦ ସଦସ୍ୟ ଥିଲେ, ଏବେ ମଧ୍ୟ ତାଙ୍କର ସଙ୍ଗଠନ ବେଶ ଦୃଢ଼ ଅଛି। ସେହିପରି କଂଗ୍ରେସର ଟାଣୁଆ ନେତା ଶିଳ୍ପପତି ସଞ୍ଜୀବ ପାଢ଼ୀ ଭାଜପାରେ ମିଶିଥିବାରୁ ତାଙ୍କୁ ନେଇ ଚର୍ଚ୍ଚା ଚାଲିଛି। ବାଲିଆପାଳ ଅଞ୍ଚଳର ସେ ଶିଳ୍ପ ପ୍ରତିଷ୍ଠାନ ନିର୍ମାଣ କରି ବେରୋଜଗାର ଯୁବତୀଯୁବକମାନଙ୍କୁ କର୍ମନିଯୁକ୍ତି ଯୋଗାଇଥିବାରୁ ସାଧାରଣ ଲୋକଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ଏହି ୩ଜଣଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ଦେଖିବାକୁ ବାକି ରହିଲା ଭାଜପା ରାଜ୍ୟ ନେତୃତ୍ୱ କାହା ଉପରେ ଭରସା କରୁଛନ୍ତି। ତେବେ ଟିକେଟ ଘୋଷଣା ବିଳମ୍ବ ହେବାରୁ କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ କମିଯାଉଥିବା ଲକ୍ଷ୍ୟ କରାଯାଉଛି।

# କଂଗ୍ରେସରେ ପୂର୍ବତନ ଏମ୍‌ପି ନଗେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୫।୪
(ସୁନିତ୍ ମିଶ୍ର)

ସମ୍ବଲପୁରର ପୂର୍ବତନ ସାଂସଦ ତଥା ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର କୁମାର ପ୍ରଧାନ ବିଜେଡି ଛାଡ଼ି ଗୁରୁବାର କଂଗ୍ରେସରେ ଯୋଗଦେଇଛନ୍ତି। କଂଗ୍ରେସ ଭବନଠାରେ ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର, ସହ ପ୍ରଭାରୀ ଶାହାନୱାଜ ଚୌଧୁରୀ, ପ୍ରଚାର କମିଟିର ଅଧ୍ୟକ୍ଷ ଭକ୍ତଚରଣ ଦାସ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ ନଗେନ୍ଦ୍ର ବିଧିବଦ୍ଧ ଭାବେ ହାତ ଧରିଛନ୍ତି। ଅଜୟ କୁମାର ତାଙ୍କୁ ଦଳରେ ସ୍ୱାଗତ କରିବା ଅବସରରେ କହିଛନ୍ତି, ନଗେନ୍ଦ୍ରଙ୍କ ଯୋଗଦାନ କଂଗ୍ରେସକୁ କେବଳ ସମ୍ବଲପୁର ନୁହେଁ ସମଗ୍ର ଜିଲାରେ ସୁଦୃଢ଼ କରିବ। ଅପରପକ୍ଷରେ ନଗେନ୍ଦ୍ର କହିଛନ୍ତି, ଦେଶର ଗଣତନ୍ତ୍ର, ସମ୍ବିଧାନକୁ ସୁରକ୍ଷା ଦେବାରେ କଂଗ୍ରେସ ଲଢ଼େଇରେ ସେ ସାମିଲହୋଇ ବହୁତ ଖୁସି ଅନୁଭବ କରୁଛନ୍ତି। ଦେଶରେ ହିଂସା ଓ ବିଦ୍ୱେଷର ମାହୋଲକୁ ପ୍ରଶମିତ କରିବା ସହ ଧର୍ମନିରପେକ୍ଷତାକୁ ବଜାୟ ରଖିବା ପାଇଁ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରା ଓ ନ୍ୟାୟ ଯାତ୍ରା ତାଙ୍କୁ ପ୍ରଭାବିତ କରିଥିଲା। କଂଗ୍ରେସରେ ଯୋଗଦେବା ତାଙ୍କ ଜୀବନର ଏକ ସୁଖଦ ଦିନ ବୋଲି ନଗେନ୍ଦ୍ର କହିଛନ୍ତି।

# ସମ୍ବଲପୁର କଂଗ୍ରେସ ଯୁବନେତା ବିଜେଡି ମୁହାଁ


ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଜେଡିରେ ଯୋଗଦେଇଥିବା କଂଗ୍ରେସର ଯୁବନେତାମାନେ ଭେଟୁଛନ୍ତି।

ସମ୍ବଲପୁର,୨୫।୪
(ଭବାନୀ ଶଙ୍କର ଭୋଇ)

ରାଜ୍ୟରେ କଂଗ୍ରେସ ଦଳର ଗୋଟିଏ ପରେ ଗୋଟିଏ ନେତା ଦଳ ଛାଡୁଛନ୍ତି। ରାଜ୍ୟ କିମ୍ବା କେନ୍ଦ୍ରୀୟ ନେତୃତ୍ୱ ନିଜର କର୍ମୀମାନଙ୍କ ଭିତରେ ଉତ୍ସାହ ଭରି ପାରୁ ନ ଥିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ସମ୍ବଲପୁର ଜିଲାରେ ଚାରୋଟି ଯାକ ବିଧାନସଭା ଏବଂ ଲୋକ ସଭା ଆସନରେ କଂଗ୍ରେସ ଯୁବ ପ୍ରାର୍ଥୀଙ୍କୁ ସୁଯୋଗ ଦେଇଛି। ଏହାପରେ ଆଶା କରାଯାଉଥିଲା କଂଗ୍ରେସ ଯୁବ ଗୋଷ୍ଠୀଙ୍କୁ ଆକର୍ଷିତ କରିବାରେ ସଫଳ ହୋଇପାରିବ। ତେବେ ଜିଲାରେ ପ୍ରାର୍ଥୀ ଘୋଷଣା ହେବା ପରେ ବି କଂଗ୍ରେସର ଯୁବନେତାଙ୍କ ମଧ୍ୟରେ ସେମିତି ଉତ୍ସାହ ଦେଖିବାକୁ ମିଳି ପାରିନାହିଁ। ଅନ୍ୟପକ୍ଷରେ ଗୁରୁବାର ସମ୍ବଲପୁରର ୯ ଜଣ ଯୁବ କଂଗ୍ରେସ ପଦାଧିକାରୀ ଦଳ ଛାଡି ଏକାସାଙ୍ଗରେ ବିଜେଡିରେ ଯୋଗ ଦେଇଛନ୍ତି। ଓଡିଶା ପ୍ରଦେଶ ଓବିସି ସେଲର ଉପସଭାପତି ତଥା ଯୁବ ନେତା ଆଶୁତୋଷ ସ୍ୱାଇଁ, ସମ୍ବଲପୁର ଜିଲା ଯୁବ କଂଗ୍ରେସ ସଭାପତି ପ୍ଲାବନ ବହିଦାର, ଜିଲା ଛାତ୍ର କଂଗ୍ରେସ ସଭାପତି ଗିରୀଶ ପୃଷେଠ, ସମ୍ବଲପୁର ବିଧାନସଭା କ୍ଷେତ୍ର ଯୁବ କଂଗ୍ରେସ ସଭାପତି ଶେଖ ହାସିମ, ଟାଉନ ଯୁବ କଂଗ୍ରେସ ସଭାପତି ସରୋଜ ବନଛୋର, ଜିଲା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ବିକାଶ ବେହେରା ଏବଂ ନୀଳକଣ୍ଠ ମେସୁଆ, ଟାଉନ କଂଗ୍ରେସ ସମ୍ପାଦକ ଦିବାକର ବାଗ ତଥା ସମ୍ବଲପୁର ଲୋକ ସଭା ସାମାଜିକ ଗଣମାଧ୍ୟମ ସଂଯୋଜକ ମୁକେଶ ନାୟକ ଇଂଗ୍ରେସରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହୋଇଛନ୍ତି। ଜିଲାର ପ୍ରମୁଖ ଯୁବ କଂଗ୍ରେସ ପଦାଧିକାରୀ ଏକାସଙ୍ଗେ ଦଳ ଛାଡିବା ପରେ ଏହାର ପ୍ରଭାବ ନିର୍ବାଚନରେ ପଡିବାର ସମ୍ଭାବନା ରହିଛି। ତେବେ ଦୀର୍ଘଦିନରେ ଜିଲାରେ କଂଗ୍ରେସର ସ୍ଥିତି ଦୁର୍ବଳ ରହିଥିବା ବେଳେ ଆଗାମୀ ନିର୍ବାଚନରେ ମଧ୍ୟ ସଫଳତା ମିଳିବା ନେଇ ସ୍ଥାନୀୟ ନେତାମାନେ ଆଶା ସଞ୍ଚାର କରିପାରୁ ନ ଥିବାରୁ କଂଗ୍ରେସର ଯୁବନେତାମାନେ ଦଳ ଛାଡି ଅନ୍ୟଦଳରେ ଯୋଗ ଦେଉଥିବା ଚର୍ଚ୍ଚା ହେଉଛି। ଏନେଇ ଜିଲା କଂଗ୍ରେସର ସଭାପତି ଜୟଶଙ୍କର ମିଶ୍ର କହିଛନ୍ତି, ଯେଉଁମାନେ ଦଳ ଛାଡିଛନ୍ତି ସେମାନେ ନିଜ ସ୍ୱାର୍ଥ ପାଇଁ ଯାଇଛନ୍ତି। ତେବେ ଏନେଇ ସେମାନେ ଜିଲା କଂଗ୍ରେସକୁ ଜଣାଇ ନାହାନ୍ତି। କଂଗ୍ରେସର ପ୍ରକୃତ ଯୁବକର୍ମୀମାନେ ଏବେବି ଦଳ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ମିଶ୍ର କହିଛନ୍ତି ।

# ସୋଫିଆ ହେବେ କଂଗ୍ରେସ ପ୍ରାର୍ଥୀ

## ୨୭ରେ ଘୋଷଣା କରିପାରେ ଦଳ

କଟକ,୨୫।୪(ଶିଳ୍ପା ପ୍ରିୟଦର୍ଶିନୀ)

କଂଗ୍ରେସ ପକ୍ଷରୁ ଆସନ୍ତା ୨୭ ତାରିଖରେ ବାଲିଯାତ୍ରା ଉପର ପଡ଼ିଆରେ ଏକ ବଡ଼ ସଭା ହେବ ଏବଂ ସେଥିରେ ଦଳ ମହମ୍ମଦ ମୋକିମଙ୍କ ବଡ଼ ଝିଅ ସୋଫିଆ ଫିରଦୋସ୍‌ଙ୍କୁ ବାରବାଟୀ- କଟକ ଆସନରୁ ପ୍ରାର୍ଥୀ ଭାବେ ଘୋଷଣା କରିପାରେ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ଏନେଇ ଗୁରୁବାର ଶେଲ୍‌ଟର ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋକିମଙ୍କ ସମେତ କଂଗ୍ରେସର ଅନ୍ୟ ବରିଷ୍ଠ ନେତା, କର୍ପୋରେଟର ଓ କର୍ମୀମାନେ ଯୋଗଦେଇଥିଲେ। ସୋଫିଆଙ୍କ ପ୍ରାର୍ଥୀତ୍ୱ ନେଇ ଆଲୋଚନା କରାଯାଇଥିଲା।

# ୨ ନବାଗତଙ୍କ ସହ ଅଭିଜ୍ଞଙ୍କ ମୁକାବିଲା

ଅନୁଗୋଳ,୨୫।୪
(ଅମିତ କୁମାର ସାମଲ)

## ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ


ସଂଯୁକ୍ତା ସିଂହ


ଅମ୍ବିକା ପ୍ରସାଦ ଭଞ୍ଜ


ପ୍ରତାପ ଚନ୍ଦ୍ର ପ୍ରଧାନ

ଆସନ୍ତା ମେ ୨୫ରେ ହେବ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭୋଟଗ୍ରହଣ। ଏଥର ବିଜେଡି ଅନୁଗୋଳରେ ନୂଆ ରଣନୀତି ଆପଣାଇଛି। ଦଳ ଦୀର୍ଘ ୨୦ ବର୍ଷ ପରେ ଏଠାରେ ପ୍ରାର୍ଥୀ ବଦଳାଇ ପ୍ରଥମ କରି ଜଣେ ମହିଳାଙ୍କୁ ନିର୍ବାଚନ ମଇଦାନକୁ ଛାଡ଼ିଛି। ଲଗାତର ୪ଥରର ବିଧାୟକ ରଜନୀକାନ୍ତ ସିଂହଙ୍କୁ ଦଳ ଟିକେଟ୍ ନ ଦେଇ ତାଙ୍କ ସ୍ତ୍ରୀ ସଂଯୁକ୍ତା ସିଂହଙ୍କୁ ପ୍ରାର୍ଥୀ କରିଛି। ରାଜନୀତି ଓ ନିର୍ବାଚନ ଲଢ଼େଇରେ ସଂଯୁକ୍ତା ସମ୍ପୂର୍ଣ୍ଣ ନୂଆ ଚେହେରା। ସେହିପରି କଂଗ୍ରେସ ମଧ୍ୟ ଏଥର ପ୍ରାର୍ଥୀ ବଦଳାଇ ଜିଲା ସଭାପତି ଦାୟିତ୍ୱରେ ଥିବା ଅମ୍ବିକା ପ୍ରସାଦ ଭଞ୍ଜଙ୍କୁ ଟିକେଟ୍ ଦେଇଛି। ଅମ୍ବିକା ପ୍ରଥମ କରି ବିଧାନସଭା ନିର୍ବାଚନ ଲଢୁଛନ୍ତି। ତେବେ ଭାଜପା ଅନୁଗୋଳରେ ପ୍ରାର୍ଥୀ ପରିବର୍ତ୍ତନ କରିନାହିଁ। ପୁରୁଣା ମୁହଁ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଉପରେ ଦଳ ପୁଣି ଭରସା କରିଛି। ତେଣୁ ଅଭିଜ୍ଞ ପ୍ରତାପଙ୍କ ସହ ଏଠାରେ ବିଜେଡି ଓ କଂଗ୍ରେସର ନବାଗତ ପ୍ରାର୍ଥୀଙ୍କ ମୁକାବିଲା ହେବା ବୋଲି କୁହାଯାଉଛି।

ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀରେ ଦୀର୍ଘ ୨୪ ବର୍ଷ ହେଲା ବିଜେଡି ବିଜୟ ଲାଭ କରିଆସୁଛି। ୨୦୦୦ ମସିହାରେ ଅଦ୍ୱୈତ ପ୍ରସାଦ ସିଂହ ଓ ୨୦୦୪ରୁ ଲଗାତର ତାଙ୍କ ପୁତ୍ର ରଜନୀକାନ୍ତ ସିଂହ ବିଜେଡିରୁ ବିଜୟୀ ହୋଇ ଅନୁଗୋଳକୁ ବିଜେଡି ଗଡ଼ରେ ପରିଣତ କରିଆସିଛନ୍ତି। ଏଥର ମଧ୍ୟ ସେ ଟିକେଟ୍ ଲବିରେ ଥିଲେ। ହେଲେ ଗତ ନିର୍ବାଚନରେ ଭୋଟହାର ହ୍ରାସକୁ ଦେଖି ଦଳ ରଜନୀକାନ୍ତଙ୍କ ପରିବର୍ତ୍ତେ ତାଙ୍କ ସ୍ତ୍ରୀ ସଂଯୁକ୍ତାଙ୍କୁ ପ୍ରାର୍ଥୀ କରିବାକୁ ସୁରକ୍ଷିତ ମଣିଛି। ଦଳର ଏପରି ନିଷ୍ପତ୍ତି ଅନ୍ୟ ଆଶାୟୀଙ୍କୁ ନିରାଶ କରିଥିବା ବେଳେ ଅସନ୍ତୁଷ୍ଟ ଗୋଷ୍ଠୀଙ୍କ ସଂଖ୍ୟା ମଧ୍ୟ ବଢ଼ିଛି। ଇତିମଧ୍ୟରେ ଦଳର ବରିଷ୍ଠ ନେତା ଭକ୍ତି ପ୍ରସାଦ ଦାସ, ମୀରା ଗଡ଼ନାୟକ, ଯୁବ ବିଜେଡି ରାଜ୍ୟ ଉପସଭାପତି ପ୍ରକାଶ ଚନ୍ଦ୍ର ଭୋଇ, ଆଦର୍ଶ ଗ୍ରୁପ୍ ପ୍ରତିଷ୍ଠାତା ମହେଶ ଚନ୍ଦ୍ର ଧଳ, ବିଜେଡି ଡିଜିଟାଲ ସମ୍ପାଦକ ପ୍ରଶାନ୍ତ କୁମାର ଦେହୁରୀ, ବିଜୁ ଛାତ୍ର ଜନତା ଦଳ ଜିଲା ସାଧାରଣ ସମ୍ପାଦକ ରାହୁଲ ମହାପାତ୍ର ଓ ବାଉଲିଗଡ଼ ସରପଞ୍ଚ ଅମରେନ୍ଦ୍ର ଗଡ଼ନାୟକ ବିଜେଡି ପରିତ୍ୟାଗ କରି ଭାଜପାରେ ସାମିଲ ହେବା ବିଜେଡିର ଭୋଟବ୍ୟାଙ୍କ ଉପରେ ପ୍ରଭାବ ପକାଇପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ବନ୍ତଲା ଅଞ୍ଚଳର ବିଜେଡି ନେତା ଦୁର୍ଗା ପ୍ରସାଦ ପ୍ରଧାନ ଘର ବାହୁଡ଼ା କରିଥିବାରୁ ଏହା ଅନୁଗୋଳ ବିଜେଡି ପାଇଁ ସାମାନ୍ୟ ଆଶ୍ୱାସନା ଆଣିପାରିଛି।

ସେହିପରି କଂଗ୍ରେସ ଟିକେଟ୍ ପାଇଥିବା ଅମ୍ବିକା ପ୍ରସାଦ ନିର୍ବାଚନ ଲଢ଼େଇରେ ସମ୍ପୂର୍ଣ୍ଣ ନୂଆ ହୋଇଥିବା ବେଳେ ଦଳ ମଧ୍ୟ ଅନୁଗୋଳରେ ଆଉ ପୂର୍ବପରି ଶକ୍ତିଶାଳୀ ହୋଇ ରହିନାହିଁ। ଏହାଛଡ଼ା ଅମ୍ବିକାଙ୍କୁ ପ୍ରାର୍ଥୀ କରାଯିବା ପରଠାରୁ ଦଳରେ ଗୋଷ୍ଠୀ କନ୍ଦଳ ଦେଖାଦେଇଛି। ଶେଷଥର ପାଇଁ ୧୯୯୫ରେ କଂଗ୍ରେସ ପ୍ରାର୍ଥୀ ରମେଶ ଜେନା ଅନୁଗୋଳରେ ବିଜୟୀ ହୋଇଥିଲେ। ଅନ୍ୟପକ୍ଷରେ ଭାଜପା ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ ୨୦୧୪ରେ କଂଗ୍ରେସରୁ ଓ ୨୦୧୯ରେ ଭାଜପାରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବାରୁ ଅଭିଜ୍ଞତା କ୍ଷେତ୍ରରେ ଆଗରେ ରହିଛନ୍ତି। ଏପରି କି ୨୦୧୯ରେ ବିଜେଡି ସହ କଡ଼ା ମୁକାବିଲା କରିଥିବା ପ୍ରତାପ ମାତ୍ର ୮,୮୨୩ ଖଣ୍ଡ ଭୋଟ୍‌ରେ ପରାସ୍ତ ହୋଇଥିବାରୁ ଏଥର ସଫଳତା ପାଇଁ ବେଶ୍ ଉତ୍ସାହୀ ରହିଥିବା ଆଲୋଚନା ହେଉଛି।

# 'ପାଣ୍ଡିଆନ୍‌ଙ୍କୁ ଜେଡ୍ କାଟେଗୋରି ସୁରକ୍ଷା କାହିଁକି ମିଳୁଛି'

ଭୁବନେଶ୍ୱର, ୨୫।୪(ସୁନିତ୍ ମିଶ୍ର)

## ସିଇଓଙ୍କୁ ଫେରାଦ ହେଲା ଭାଜପା

କୌଣସି ସାମ୍ବିଧାନିକ ପଦପଦବୀରେ ନାହାନ୍ତି। ସେ ଏମ୍‌ପି କି ବିଧାୟକ କିମ୍ବା କୌଣସି ଦଳୀୟ ନେତା ବି ନୁହନ୍ତି । ସେ ଜଣେ ବିଜେଡିର ସାମାନ୍ୟ ସଦସ୍ୟ। ଶାସକ ବିଜେଡିର ସାମାନ୍ୟ ସଦସ୍ୟ କାର୍ତ୍ତିକ ପାଣ୍ଡିଆନଙ୍କୁ ପୋଲିସ ଛାଉଣିରେ ରଖିବା ସହ ତାଙ୍କ ପାଇଁ ସ୍ୱତନ୍ତ୍ର ହେଲିପ୍ୟାଡ୍ ନିର୍ମାଣ କରାଯାଉଛି। କେଉଁ ଆଧାରରେ ପାଣ୍ଡିଆନ୍‌ଙ୍କୁ ଏତେ ମାତ୍ରାରେ ଜେଡ୍ କାଟେଗୋରିର ସୁରକ୍ଷା ଦିଆଯାଉଛି ବୋଲି ଭାଜପା ପ୍ରଶ୍ନ କରିଛି। ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ଏହି ପ୍ରସଙ୍ଗରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏନେଇ ଅଭିଯୋଗ କରିଛନ୍ତି। ଭାଜପା ପ୍ରତିନିଧି ଦଳ କହିଛି ଯେ, ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ଗୃହ ସଚିବ କାହିଁକି ଓ କାହା ନିର୍ଦ୍ଦେଶରେ ଜେଡ୍ କାଟେଗୋରି ସୁରକ୍ଷା ଦେଇଛନ୍ତି। ନେତାଗିରି କରୁଥିବା ପାଣ୍ଡିଆନ୍‌ଙ୍କ ଲୋକଙ୍କୁ ଏତେ ଭୟ କାହିଁକି। ବିଜେଡିର ସାମାନ୍ୟ କର୍ମୀ ପାଣ୍ଡିଆନ୍‌ଙ୍କୁ ଏଭଳି ସୁରକ୍ଷା ଯୋଗାଇଦେବା ଆଦର୍ଶ ନିର୍ବାଚନ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଂଘନ। ପାଣ୍ଡିଆନ୍‌ଙ୍କ ଠାରୁ ତୁରନ୍ତ ସୁରକ୍ଷା ପ୍ରତ୍ୟାହାର କରାଯିବା ଉଚିତ। ରାଜ୍ୟ ନିର୍ବାଚନ ଅଧିକାରୀ ତୁରନ୍ତ ହସ୍ତକ୍ଷେପକରି ବିହୀତ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଦାବି କରିଛନ୍ତି ।



ଛତ୍ରପୁରସ୍ଥିତ ଜିଲା ପରିଷଦ କାର୍ଯ୍ୟାଳୟରେ ଭାଜପାର ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।



ଗଞ୍ଜାମ ଜିଲା ଗୋପାଳପୁର କ୍ଷେତ୍ରରୁ ବିଜେଡି ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡା ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରୁଛନ୍ତି।

# ବିଜେଡିରେ କଂଗ୍ରେସ ନେତା ରାଜଗୋପାଳ, ଭାଜପା ନେତା ରଘୁବୀର

**ଭୁବନେଶ୍ୱର,୨୫।୪(ଅନିଲ ଦାସ)**

ବୀରମହାରାଜପୁର ନିର୍ବାଚନମଣ୍ଡଳୀର ଜିଲା କଂଗ୍ରେସ ଉପସଭାପତି ରାଜଗୋପାଳ ପାଣିଗ୍ରାହୀ ଓ ପୂର୍ବତନ ଭାଜପା ରାଜ୍ୟ କିଷାନ ମୋର୍ଚ୍ଚା କୋଷାଧ୍ୟକ୍ଷ ରଘୁବୀର ପାଣିଗ୍ରାହୀଙ୍କ ସମେତ ବହୁ ନେତା ଏବଂ କର୍ମକର୍ତ୍ତା ଗୁରୁବାର ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଓ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ରାଜଗୋପାଳ ଓ ରଘୁବୀରଙ୍କୁ ଉଭୟ ନେତା ଉପଢ଼ୌକନ ଦେଇ ସ୍ୱାଗତ କରିଛନ୍ତି । ରାଜଗୋପାଳ ଏବଂ ରଘୁବୀରଙ୍କ ଯୋଗଦାନ ଫଳରେ ବୀରମହାରାଜପୁରରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ସସ୍ମିତ ଓ ପଦ୍ମନାଭ କହିଛନ୍ତି।

ଏହି ଅବସରରେ ବିଜେଡିରେ ସାମିଲ ହୋଇଥିବା ରାଜଗୋପାଳ ପାଣିଗ୍ରାହୀ ଓ ରଘୁବୀର ପାଣିଗ୍ରାହୀ ନିଜ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଛନ୍ତି । ନୂତନ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁ ରୂପେ ତୁଲାଇବେ । ଦଳ ଗ୍ରହଣ କରିଥିବାରୁ ସେମାନେ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ପ୍ରେମାନନ୍ଦ ଜଟି, ହରିହର ପାତ୍ର, ନିତ୍ୟାନନ୍ଦ ସାହୁ ଓ ରୁଷଭ ପ୍ରଧାନଙ୍କ ସମେତ ବହୁ କର୍ମକର୍ତ୍ତା ବିଜେଡିରେ ସାମିଲ ହୋଇଛନ୍ତି।

# ଅସନ୍ତୁଷ୍ଟଙ୍କ ପାଇଁ ବଢୁଛି ଅଡୁଆ

**ବୈଶିଙ୍ଗା,୨୫।୪(ରତନ ଦାଶ)**

**ବଡ଼ସାହି ବିଧାନସଭା ନିର୍ବାଚନମଣ୍ଡଳୀ**

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ମୟୂରଭଞ୍ଜ ଜିଲା ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀରେ ସବୁଦିନ କିଛି ନୂଆ କଥା ଦେଖିବାକୁ ମିଳୁଛି। ପ୍ରମୁଖ ୩ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ଏଠାରେ ବିଧାୟକ ପ୍ରାର୍ଥୀ ଘୋଷଣା କରି ସାରିଛନ୍ତି। ମାତ୍ର ଭାଜପା, ଓ ବିଜେଡିରୁ ଟିକେଟ ପାଇଁ ଲବି ଚଳାଇ ନିରାଶ ହୋଇଥିବା ଆଶାୟୀମାନେ ଏବେ ଅସନ୍ତୁଷ୍ଟ ହୋଇପଡ଼ିଛନ୍ତି। ସେମାନଙ୍କୁ ମନେଇବା ପାଇଁ ଉଭୟ ଦଳ ଚେଷ୍ଟା ଚଳାଇଛନ୍ତି। ହେଲେ ଏ ଦିଗରେ ଦଳ ସଫଳ ହେବା ଅପେକ୍ଷା ସ୍ଥିତି ଜଟିଳ ହେଉଥିବା ନେଇ ଚର୍ଚ୍ଚା ଜୋର ଧରିଛି।

ବିଜେଡିର ଅନସୂୟା ପାତ୍ର ଏବଂ ଭାଜପାର ସନାତନ ବିଜୁଳିଙ୍କ ନାମ ଘୋଷଣା ବହୁ ପୂର୍ବରୁ ହୋଇସାରିଛି। ଉଭୟ ନିଜନିଜ ଦଳର ଅସନ୍ତୁଷ୍ଟଙ୍କୁ ମନାଇବାରେ ବ୍ୟସ୍ତଥିବା ଦେଖିବାକୁ ମିଳୁଛି। ବିଜେଡି ପ୍ରାର୍ଥିନୀ ଅନସୂୟାଙ୍କ ପ୍ରଚାର ମଙ୍ଗ ଧରିଛନ୍ତି ତାଙ୍କ ସ୍ୱାମୀ ତଥା ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର। ଦକ୍ଷ ସଂଗଠକ ତଥା ପୂର୍ବତନ ରଣଜୀ ଖେଳାଳି ଲଲାଟେନ୍ଦୁ ବେହେରା ବିଜେଡିରୁ ପ୍ରାର୍ଥୀ ହେବାକୁ ଆଶାୟୀ ଥିଲେ। ଟିକେଟ ନ ମିଳିବାରୁ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇବେ ବୋଲି ତାଙ୍କ ନିକଟତମ ଲୋକଙ୍କ ଶୁଣିବାକୁ ମିଳୁଛି। ସେହିପରି ବିକାଶ ଚନ୍ଦ୍ର ସେଠୀ ଗତ କିଛି ମାସ ହେବ ବିଜେଡି ଟିକେଟ ପାଇଁ ଭୁବନେଶ୍ୱରରେ ଡେରା ପକାଇ ନିରାଶ ହୋଇଛନ୍ତି। ଟିକେଟ ଘୋଷଣା ପରେ ସେ ଓ ତାଙ୍କ ସମର୍ଥକମାନେ ଅସନ୍ତୁଷ୍ଟ ଅଛନ୍ତି। ଆଉ ଦଳୀୟ ପ୍ରାର୍ଥୀଙ୍କୁ ପାନେ ଚଖାଇବା ସୁଯୋଗ ଅପେକ୍ଷାରେ ଥିବା ଆଲୋଚନା ହେଉଛି। ଆଉ ଜଣେ ସାମାଜିକ କର୍ମୀ କରମଚାନ୍ଦ କାଳନ୍ଦି ମଧ୍ୟ ବିଜେଡି ଟିକେଟ ଦୌଡ଼ରେ ଆଗରେ ଥିଲେ। ହେଲେ ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରିପାରିନାହିଁ। ତେଣୁ ସେ ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ମହିଳା ଆଶାୟୀ ଅଞ୍ଜନା ବେହେରା ଶିକ୍ଷୟିତ୍ରୀ ଚାକିରିରୁ ଇସ୍ତଫା ଦେଇ ସମାଜସେବାରେ ଲାଗିଥିଲେ। ବିଜେଡି ଏଠାରେ ମହିଳା ପ୍ରାର୍ଥୀ ଭାବେ ଅନସୂୟାଙ୍କୁ ଟିକେଟ ଦେବା ପରେ ସେ ମଧ୍ୟ ଅସନ୍ତୁଷ୍ଟ ହୋଇ ସ୍ୱାଧୀନ ଭାବେ ନାମାଙ୍କନ ଭରିବେ ବୋଲି ଆଲୋଚନା ଜୋର ଧରିଛି। ଦଳୀୟ ନେତୃତ୍ୱ ଅସନ୍ତୁଷ୍ଟଙ୍କୁ କୌଣସି ଉପାୟରେ ବୁଝାଶୁଝା କରି ନାମାଙ୍କନ ଦାଖଲରୁ ନିବୃତ୍ତ କଲେ ମଧ୍ୟ ସେମାନଙ୍କ ସଂଗଠନ ଭାଜପାକୁ ଭିତିରି ସମର୍ଥନ କରି ଦଳୀୟ ପ୍ରାର୍ଥୀଙ୍କୁ ଅଡୁଆରେ ପକାଇବାକୁ ଉଦ୍ୟମ କରୁଥିବା ନେଇ ଚର୍ଚ୍ଚା ହେଉଛି।

ଭାଜପାର ମଧ୍ୟ ସମାନ ଅବସ୍ଥା। ଆଶାୟୀ ମାନସ ରଞ୍ଜନ ବେହେରା ଟିକେଟ ନ ପାଇବାରୁ ଏବେ ନବ ନିର୍ମାଣ କୃଷକ ସଂଗଠନର ପ୍ରାର୍ଥୀ ହେବାକୁ ଯାଉଛନ୍ତି। ଦୀର୍ଘବର୍ଷ ଧରି ସେ ରାଜନୀତିରେ ସକ୍ରିୟ ରହିବା ଏବଂ ତାଙ୍କ ସପକ୍ଷରେ ବିଶ୍ୱହିନ୍ଦୁ ପରିଷଦର ସମର୍ଥନ ଥିବା ଯୋଗୁ ଦଳୀୟ ପ୍ରାର୍ଥୀଙ୍କ ସେ ପାଇଁ ବାଧକ ସାଜି ପାରନ୍ତି ବୋଲି କୁହାଯାଉଛି। ମୟୂରଭଞ୍ଜ ଜିଲା ପରିଷଦ ୨୪ନଂ. ଜୋନର ବିଜେଡି ସଦସ୍ୟ ଜଗନ୍ନାଥ ମଲ୍ଲିକ ଶଙ୍ଖ ଛାଡି ପଦ୍ମ ଧରିଥିଲେ। ମାତ୍ର ଦଳ ସନାତନ ବିଜୁଳିଙ୍କ ଉପରେ ଆସ୍ଥା ରଖି ଦଳୀୟ ପ୍ରାର୍ଥୀ ଘୋଷଣା କରିବା ପରେ ସେ କେଉଁ କୂଳକୁ ହୋଇ ପାରିନାହାନ୍ତି। ତେଣୁ ଉଭୟ ଦଳର କିଛି ଅସନ୍ତୁଷ୍ଟ ତାଙ୍କୁ ସ୍ୱାଧୀନ ଭାବେ ଲଢ଼ିବାକୁ ପ୍ରବର୍ତ୍ତାଉ ଥିବା କୁହାଯାଉଛି। ଉଭୟ ପ୍ରମୁଖ ଦଳର କେତେକ ଅସନ୍ତୁଷ୍ଟ ନେତାଙ୍କୁ ମନେଇବା ସହଜ ହୋଇପାରୁନାହିଁ। ଏଭଳି ସ୍ଥିତିରେ ଉଭୟ ଦଳର ଅସନ୍ତୁଷ୍ଟ କର୍ମକର୍ତ୍ତାଙ୍କ ସମର୍ଥନ କଂଗ୍ରେସ ସପକ୍ଷରେ ଯାଇପାରେ ବୋଲି ଚର୍ଚ୍ଚା ଚାଲିଛି। ତେବେ ସାମାଜିକ କର୍ମୀ କ୍ଷୀରୋଦ ଚନ୍ଦ୍ର ପାତ୍ରଙ୍କୁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିବା ପରେ ଏଠାରେ ତ୍ରିମୁଖୀ ଲଢ଼େଇ ହେବା ଦିନକୁ ଦିନ ସ୍ପଷ୍ଟ ହେବାରେ ଲାଗିଛି।

# ପଦ୍ମ ଧରିଲେ ପ୍ରବୋଧ ତିର୍କୀ

**ସୋନପୁର,୨୫।୪ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଗୁରୁବାର ଭାଜପାରେ ମିଶିଛନ୍ତି ପ୍ରାକ୍ତନ ଅନ୍ତର୍ଜାତୀୟ ହକି ଖେଳାଳି ତଥା ଭାରତୀୟ ହକି ଦଳର ପ୍ରାକ୍ତନ ଅଧିନାୟକ ପ୍ରବୋଧ ତିର୍କୀ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଗସ୍ତ ଅବସରରେ ପ୍ରବୋଧ ପଦ୍ମ ଧରିଛନ୍ତି। ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ପ୍ରମୁଖ ଶୀର୍ଷ ନେତା ଉପସ୍ଥିତ ଥିଲେ। ପ୍ରକାଶ ଯେ, ସୁନ୍ଦରଗଡ ଜିଲା ତଳସରା ବିଧାନସଭା ଆସନ ପାଇଁ ପ୍ରଥମେ କଂଗ୍ରେସ ଦଳ ପକ୍ଷରୁ ପ୍ରବୋଧଙ୍କୁ ଟିକେଟ୍ ମିଳିଥିଲା। କିନ୍ତୁ ପରେ ଦଳ ତାଙ୍କ ଟିକେଟ୍ କାଟିଥିଲା। ସେହି ଆସନରେ ଦଳ ପ୍ରାର୍ଥୀ ବଦଳାଇ ଥିଲା। ଏଥିଯୋଗୁ ସେ କଂଗ୍ରେସ ଦଳରୁ ଇସ୍ତଫା ଦେଇଥିଲେ।



ଭାରତୀୟ ହକି ଦଳର ପ୍ରାକ୍ତନ ଅଧିନାୟକ ପ୍ରବୋଧ ତିର୍କୀ ଭାଜପାରେ ସାମିଲ ହେଉଛନ୍ତି।

# ମୋକିମ୍‌ଙ୍କୁ ଟାର୍ଗେଟ୍ କଲେ ପ୍ରକାଶ

## 'ଆପରାଧିକ ସାମ୍ରାଜ୍ୟକୁ ସୁରକ୍ଷା ଦେବା ପାଇଁ ମହିଳା କାର୍ଡ ଖେଳିବା ଲଜ୍ଜାଜନକ'

**କଟକ,୨୫।୪(ଶିଳ୍ପା ପ୍ରିୟଦର୍ଶିନୀ)**

ଆପରାଧିକ ସାମ୍ରାଜ୍ୟକୁ ସୁରକ୍ଷା ଦେବା ପାଇଁ ମହିଳା କାର୍ଡ ଖେଳିବା ଲଜ୍ଜାଜନକ ବୋଲି କହି ମହମ୍ମଦ ମୋକିମଙ୍କୁ ଟାର୍ଗେଟ କରିଛନ୍ତି ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା। ବାରବାଟୀ-କଟକ ବିଜେଡିର ବୈଠକ ସମୟରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରକାଶ କହିଛନ୍ତି, ଅପରାଧର ଗନ୍ତାଘର ପାଲଟିଛନ୍ତି ମୋକିମ। ସେ ନିଜ ଆପରାଧିକ ସାମ୍ରାଜ୍ୟକୁ ସୁରକ୍ଷା ଦେବା ପାଇଁ ଏପରି ଗୋଟି ଚଳାଇଛନ୍ତି। ଯେପରି ନୂଆ ବୋତଲ ଓ ପୁରୁଣା ମଦର କଥା, ଠିକ ସେପରି ଏହି କାର୍ଡ ଖେଳିଛନ୍ତି ମୋକିମ। କଟକର ସ୍ୱାଭିମାନ, ଭାଇଚାରା ଓ କଟକିଆ କହୁଥିବା ଲୋକଙ୍କୁ ପଚାରିବାକୁ ଚାହିଁବି ଯେ ମୋକିମ କେଉଁଭଳି କଟକିଆର ଦ୍ୱାହି ଦେଉଛନ୍ତି ଯିଏ କି, ଦୁଇ ଦୁଇ ଥର ବିଧାୟକ ହେବା ନେଇ ଅଯୋଗ୍ୟ ଘୋଷଣା କରାଯିବା ଏବଂ ଆପରାଧିକ ମାମଲାରେ ସୁପ୍ରିମକୋର୍ଟ ରାୟ ସ୍ଥଗିତ ନ କରିବା ପରେ ମଧ୍ୟ ଏଥିରୁ ନ ଓହରି ମହିଳା କାର୍ଡ଼ ଖେଳୁଛନ୍ତି। ଗଣତନ୍ତ୍ରରେ ଏହା ଶୋଭନୀୟ ନୁହେଁ। ପୂର୍ବ ନିର୍ବାଚନରେ ମୋକିମଙ୍କ ପାଇଁ ତାଙ୍କ ଝିଅ ପ୍ରଚାର କରୁଥିଲେ। ତେଣୁ ସେ ସମୟରେ ଡବଲ ଇଞ୍ଜିନ କାମ କରୁଥିଲା। ସେତେବେଳେ ବଡ଼ ଇଞ୍ଜିନ ପଛରେ ଛୋଟ ଇଞ୍ଜିନ କାମ କରୁଥିଲା। ହେଲେ ଏବେ ଓଲଟା ହୋଇଛି। ଛୋଟ ଇଞ୍ଜିନ ପଛରେ ବଡ଼ ଇଞ୍ଜିନ କାମ କରିବ। ଏଥିରେ କୌଣସି ତଫାତ୍ ନାହିଁ ବୋଲି ପ୍ରକାଶ କହିଛନ୍ତି। ଏହି କଟାକ୍ଷକୁ ନେଇ କଟକ ରାଜନୀତି ସରଗରମ ହୋଇଛି। ଉଲ୍ଲେଖଥାଉ କି, ମଙ୍ଗଳବାର ମୋକିମ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ପ୍ରକାଶ ବେହେରା କଂଗ୍ରେସରେ ଥିବା ସମୟରୁ ତାଙ୍କ ସହ ସମ୍ପର୍କ ରହିଛି। ଏପରିକି ବ୍ୟକ୍ତିଗତ ସମ୍ପର୍କ ମଧ୍ୟ ଭଲ। ହେଲେ ପ୍ରକାଶ କଟକିଆ ନୁହନ୍ତି। ଅନ୍ୟପକ୍ଷରେ ବ୍ୟକ୍ତିଗତ ସମ୍ପର୍କ ଓ ରାଜନୀତି ସମ୍ପର୍କ ପ୍ରସଙ୍ଗ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ତେବେ ଏନେଇ ମୋକିମଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# 'ଦଳରେ ମନାନ୍ତର, ମତାନ୍ତର ଦୂର ହୋଇଛି'

**କଟକ,୨୫।୪(ଶିଳ୍ପା ପ୍ରିୟଦର୍ଶିନୀ)**

ବାରବାଟୀ-କଟକ ବିଜେଡିର ସମନ୍ୱୟ ବୈଠକ ଗୁରୁବାର ବାରବାଟୀ ଷ୍ଟାଡିୟମ ନିକଟସ୍ଥ ଗେଷ୍ଟ ହାଉସଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଜେଡି ଜିଲା ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ସଭାପତିତ୍ୱ କରିଥିଲେ। ମେୟର ସୁବାସ ସିଂ, ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା, ନଗର ବିଜେଡି ସଭାପତି ମଧୁସୂଦନ ସାହୁ, ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର, ବିଧାନସଭା ପ୍ରାର୍ଥୀ ପ୍ରକାଶ ବେହେରା, ଜିଲା ସଂଯୋଜକ ଶୋଭନ ମହାନ୍ତି ଯୋଗଦେଇଥିଲେ। ଗତ କିଛି ଦିନ ହେବ ଟିକେଟକୁ ନେଇ ବାରବାଟୀ-କଟକ ନିର୍ବାଚନମଣ୍ଡଳୀର ବିଜେଡିରେ କନ୍ଦଳ ସାମ୍ନାକୁ ଆସିଛି। ଏପରିକି ଗୋଟିଏ ସମୟରେ ଦୁଇଜଣ ନେତୃବୃନ୍ଦ ପୃଥକ୍ ଭାବେ କାର୍ଯ୍ୟକ୍ରମ କରି ଚର୍ଚ୍ଚାକୁ ଆସିଥିବାବେଳେ ଅନ୍ୟ ଏକ ଗୋଷ୍ଠୀ ମଧ୍ୟ କେତେଜଣ ଅସନ୍ତୁଷ୍ଟ କର୍ପୋରେଟରଙ୍କୁ ନେଇ ବୈଠକ କରିଥିଲେ। ଦଳରେ ଏପରି ବିବାଦ ଉପୁଜିବାରୁ କିଛି ଦିନ ପୂର୍ବରୁ ଆଶୀର୍ବାଦଙ୍କ ନେତୃତ୍ୱରେ କେତେଜଣ କର୍ପୋରେଟର ନବୀନ ନିବାସ ଯାଇ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଭେଟିଥିଲେ। ସମ୍ପୃକ୍ତ କର୍ପୋରେଟରମାନେ ଜିଲା ସଭାପତିଙ୍କ ବିରୋଧରେ ଫେରାଦ ହୋଇଥିବା ଶୁଣିବାକୁ ମିଳିଥିଲା। ତେବେ ବୈଠକ ପରେ ଏହି କଥାକୁ ଜିଲା ସଭାପତି ସାମନ୍ତରାୟ ଓ କର୍ପୋରେଟର ବିକାଶ ବେହେରା ଖଣ୍ଡନ କରିଛନ୍ତି। ଦଳରେ ସମସ୍ତେ ଏକଜୁଟ ହୋଇ ଅଛୁ। ଦଳୀୟ ନେତୃବୃନ୍ଦ ଓ କର୍ମୀଙ୍କ ମଧ୍ୟରେ କୌଣସି ସମସ୍ୟା ନାହିଁ। ଗୋଟିଏ ପରିବାରର କଥା ରହିଛି ବୋଲି ପ୍ରକାଶ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଷଣ୍ଢ ଖାଏ ଧାନ**
**ତନ୍ତି ଘର କୋରଖା।**

ସାଧାରଣତଃ ଆମ ସମାଜରେ ନିରୀହ, ଦୁର୍ବଳ ତଥା ସାଧାରଣ ମଣିଷ ବିନା ଦୋଷରେ ଦଣ୍ଡିତ ହେଉଥିବାର ଦେଖିବାକୁ ମିଳୁଥିବାବେଳେ ଧୂର୍ତ୍ତ ବା ଚାଲାକ ପ୍ରକୃତିର ଲୋକ ଦୁର୍ନୀତି କରି ଖସିଯାଉଥିବା ଦେଖିବାକୁ ମିଳିଥାଏ। ଏଭଳି ଧୂର୍ତ୍ତ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏପରି ଉକ୍ତି ପ୍ରକାଶ କରାଯାଇଛି।

**ଷାଠିଏ ଶ୍ଳୋକ ପଢ଼େ ଶୁଆ।**
**ବିଲେଇ ଦେଖିଲେ ଅଟାବୁଆ।।**

ନିଜର ଶତ୍ରୁକୁ ଦେଖିଲେ ଡରିଯିବା, ହାକିମକୁ ଦେଖିଲେ ଚୁପ ହୋଇଯିବା। ତୁମ୍ଫିତୋଫାନ ଦେଖାଉଥିବା ବ୍ୟକ୍ତି ବେଳେବେଳେ ଅନ୍ୟକୁ ଦେଖିବା ମାତ୍ରେ ନିଜକୁ ଅତ୍ୟନ୍ତ ଅସହାୟ ତଥା ଦୁର୍ବଳ ମନେକରିଥାନ୍ତି। ସମାଜରେ ଭାଉ ଦେଖାଉଥିବା ବ୍ୟକ୍ତି ଏମିତି ଧରା ପଡିଯାଆନ୍ତି ବୋଲି ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଅନ୍ୟାନ୍ୟ ଖବର

**ପ୍ରଥମ ପୃଷ୍ଠାରୁ...**

### ଶିମିଳିପାଳ ନିଆଁକୁ...

ପ୍ରକାରର ବ୍ୟବସ୍ଥା ସହିତ ଆଜିପର୍ଯ୍ୟନ୍ତ ୨୦୯ଟି ସ୍ଥାନରେ ନିଆଁ ଚିହ୍ନଟ ହୋଇଛି। ଘଞ୍ଚ ଜଙ୍ଗଲରେ ନିଆଁ ଲାଗିନାହିଁ। କିନ୍ତୁ ଗାଁ ପାଖାପାଖି ଜଙ୍ଗଲରେ ନିଆଁ ଲାଗୁଛି। ନିଆଁକୁ ନିୟନ୍ତ୍ରଣ ପାଇଁ ଓଡ୍ରାଫ ଟିମ୍ ମଧ୍ୟ ନିୟୋଜିତ ହୋଇଛନ୍ତି ଏବଂ ବନ୍ୟପ୍ରାଣୀ ସୁରକ୍ଷିତ ରହିଛନ୍ତି। ମେ'ରେ ଏତେ ଆଉ ନିଆଁ ଚିହ୍ନଟ ହେବ ନାହିଁ ବୋଲି ପିସିସିଏଫ୍ ନନ୍ଦ କହିଛନ୍ତି। ପିସିସିଏଫ୍ ଦେବୀଦତ୍ତ ବିଶାଳ କହିଛନ୍ତି, ଚଳିତବର୍ଷ ସାରା ରାଜ୍ୟରେ ୧୬ହଜାର ପଏଣ୍ଟରେ ନିଆଁ ଚିହ୍ନଟ କରାଯାଇଛି। ଗତବର୍ଷ ଏହି ସମୟରେ ପାଖାପାଖି ୩୮ହଜାର ପଏଣ୍ଟରେ ନିଆଁ ଲାଗିଥିଲା। ତେବେ ବୁଧବାର ଶିମିଳିପାଳର ୧୨୮ଟି ପଏଣ୍ଟରେ ନିଆଁ ଲାଗିଥିଲା। ସେସବୁ ସ୍ଥାନକୁ ଶତପ୍ରତିଶତ ଆଟେଣ୍ଡ କରାଯାଉଛି। ଓଡ୍ରାଫ ଟିମ୍‌କୁ ଶିମିଳିପାଳ ସମେତ ୭ଟି ଡିଭିଜନକୁ ପଠାଇ ଦିଆଯାଇଛି। ବର୍ତ୍ତମାନ ଜଙ୍ଗଲ ନିଆଁ ନିୟନ୍ତ୍ରଣାଧୀନ ରହିଛି। କାରଣ ଅନେକ ସ୍ଥାନରେ କାଳବୈଶାଖୀ ହେବା ସହ ବର୍ଷା ମଧ୍ୟ ହୋଇଛି। ତେବେ ରାଜ୍ୟରେ ଅନେକ ସ୍ଥାନରେ ଜଙ୍ଗଲରେ ନିଆଁ ଲଗାଇଥିବା ୬୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ବନବିଭାଗ ଧରିଛି। ପରବର୍ତ୍ତୀ ସମୟରେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ବର୍ତ୍ତମାନ ଏଭଳି ଭାବରେ ଯଦି ଖରା ୪୦ ଡିଗ୍ରୀ ଉପରେ ରହିବ ତେବେ ବନ ବିଭାଗ ପାଇଁ ବଡ଼ ଚାଲେଞ୍ଜ ହେବ। ରାଜ୍ୟରେ ନିଆଁ ଲିଭାଇବା ପାଇଁ ୩୭୦ଜଣ ଫାୟାର ସ୍କ୍ୱାଡ୍ ନିୟୋଜିତ କରାଯାଇଛି। ଏଥିସହ ୩୩୦ଟି ଜଙ୍ଗଲୀ ଗାଡ଼ିର ମଧ୍ୟ ବ୍ୟବସ୍ଥା କରାଯାଇଛି। ସ୍କ୍ୱାଡ୍‌ଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଗ୍ଲୋଭ୍, ସେଫଟି କିଟ୍ ଯୋଗାଇ ଦିଆଯାଇଛି ବୋଲି ପିସିସିଏଫ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି।

### ପୋଲିସ ଶୁଣିଲାନି...

ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅଭିଯୋଗ କ୍ରମେ ପୋଲିସ ଏକ ହତ୍ୟା ମାମଲା(ନଂ.୧୧୦/୨୪) ରୁଜୁ କରି ୨ ପଡ଼ୋଶୀଙ୍କୁ ଅଟକ ରଖିଛି। ଝୁମ୍ପୁରା ଥାନା ଅଧିକାରୀ ସମ୍ବାରି ହାଁସଦା କହିଛନ୍ତି, ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ କରାଯାଉଛି। ପୋଲିସ ପକ୍ଷରୁ କୌଣସି ଅବହେଳା ହୋଇନାହିଁ। ପୂର୍ବରୁ ଆପୋସ ବୁଝାମଣା ହୋଇଥିଲା। ପରେ ପୁଣି ଅଭିଯୋଗ ଆସିବାରୁ ୧୦୭ ଦଫାରେ କେସ୍ କରାଯାଇ ତଦନ୍ତ କରାଯାଉଥିଲା।

### ରାଜ୍ୟରେ ପ୍ରଥମ ପର୍ଯ୍ୟାୟ...

ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଶୁକ୍ରବାର ନାମାଙ୍କନପତ୍ର ଯାଞ୍ଚ ହେବା ସହିତ ୨୯ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଶେଷ ତାରିଖ ଧାର୍ଯ୍ୟ ହୋଇଛି। ଏହି ପର୍ଯ୍ୟାୟ ପାଇଁ ମେ' ୧୩ ତାରିଖରେ ଭୋଟଗ୍ରହଣ କରାଯିବ। ଜୁନ୍ ୪ରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ରାଜ୍ୟର ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଏବଂ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ୨୮ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭୋଟଗ୍ରହଣ ହେବ। ୪ଟି ସଂସଦୀୟ କ୍ଷେତ୍ରରେ ମୋଟ ୬୨ ଲକ୍ଷ ୮୪ ହଜାର ୬୪୯ ଜଣ ଭୋଟର ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୩୧ ଲକ୍ଷ ୮୭ ହଜାର ୭୭୧ ଜଣ ମହିଳା ମତଦାତା ଥିବାବେଳେ ୩୦ ଲକ୍ଷ ୯୬ ହଜାର ୨୪୩ ଜଣ ପୁରୁଷ ମତଦାତା ରହିଛନ୍ତି। ଉକ୍ତ ସଂସଦୀୟ ନିର୍ବାଚନମଣ୍ଡଳୀରେ ମହିଳା ମତଦାତାଙ୍କ ସଂଖ୍ୟା ପୁରୁଷଙ୍କଠାରୁ ଅଧିକ ରହିଛି।

### ଏମ୍‌ସିସି: ଭାଜପା...

୨୧ ତାରିଖରେ ଦେଇଥିବା ଭାଷଣ ବିଭାଜନକାରୀ ଏବଂ ଅପମାନଜନକ ଥିଲା ବୋଲି ବିରୋଧୀ ଦଳ ଅଭିଯୋଗ କରିଥିଲେ। ଏହା ଉପରେ ନିର୍ବାଚନ କମିଶନ ଭାଜପାକୁ ଜବାବ ମାଗିଛନ୍ତି। ସେହିପରି ମୁଖ୍ୟ ବିରୋଧୀ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ବରିଷ୍ଠ ନେତା ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ ନେଇ ଭାଜପାର ଅଭିଯୋଗ ଉପରେ କଂଗ୍ରେସକୁ ଜବାବ ମଗାଯାଇଛି। କଂଗ୍ରେସ କରିଥିବା ଅଭିଯୋଗ ଅନୁଯାୟୀ, ମୋଦି ମୁଖ୍ୟ ବିରୋଧୀ ଦଳର ନିର୍ବାଚନ ଇସ୍ତାହାରକୁ ନେଇ ସମାଲୋଚନା କରିଥିଲେ। କଂଗ୍ରେସ ଲୋକଙ୍କ ସମ୍ପତ୍ତିକୁ ସଂଗ୍ରହ କରି ମୁସଲମାନମାନଙ୍କୁ ବାଣ୍ଟିଦେବାକୁ ଚାହୁଁଛି। ଏପରିକି ବିରୋଧୀ ଦଳ ମହିଳାଙ୍କ ମଙ୍ଗଳସୂତ୍ରକୁ ମଧ୍ୟ ଛାଡ଼ିବ ନାହିଁ ବୋଲି ମୋଦି କହିଥିଲେ। ଅନ୍ୟପକ୍ଷରେ ରାହୁଲ ତାମିଲନାଡୁର କୋଏମ୍ବାଟୁର୍‌ରେ ଭାଷଣ ଦେଲାବେଳେ ମୋଦିଙ୍କ ବିରୋଧରେ ଦୁର୍ଭାବନାପୂର୍ଣ୍ଣ ଏବଂ ଭୟଙ୍କର ଅଭିଯୋଗ ଆଣିଥିଲେ ବୋଲି ଭାଜପା ନିର୍ବାଚନ କମିଶନଙ୍କୁ ପତ୍ର ଲେଖି ଜଣାଇଥିଲା। ସେହିପରି ଖାର୍ଗେ ମଧ୍ୟ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରି ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ପ୍ରତି ଭେଦଭାବ ଯୋଗୁ ତାଙ୍କୁ ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବକୁ ନିମନ୍ତ୍ରଣ କରାଯାଇ ନ ଥିଲା ବୋଲି କହିଥିବା ଭାଜପା ଅଭିଯୋଗ କରିଥିଲା।

### ଭାଜପା ଆସିଲେ...

ଭାଜପା ସରକାର ଆସିଲେ ଶ୍ରମିକଙ୍କୁ ଅନ୍ୟ ରାଜ୍ୟକୁ ପଳାୟନ କରିବାକୁ ପଡ଼ିବ ନାହିଁ। ଓଡ଼ିଶାରେ ସେମାନଙ୍କୁ ରୋଜଗାର ମିଳିବ ବୋଲି କହିଥିଲେ। ଅନ୍ୟପକ୍ଷେ ଗତ ୧୦ ବର୍ଷର ମୋଦି ସରକାରରେ ଦେଶ ବିଭିନ୍ନ କ୍ଷେତ୍ରରେ ଦ୍ରୁତ ବିକାଶ କରିଛି। ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ହୋଇପାରିଛି। ମୋଦିଜୀ ମନ୍ଦିରର ଭୂମି ପୂଜନ କରିବା ସହ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା କରିଛନ୍ତି। ଦେଶବାସୀ ଉତ୍ସବ ମନାଉଥିବାବେଳେ ଏଠାକାର ସରକାର ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ଡାଇଭର୍ଟ କରିବାକୁ ଚେଷ୍ଟା କରିଥିଲେ।

ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ସହ ଦେଶରୁ ଆତଙ୍କବାଦୀ ଓ ମାଓବାଦୀଙ୍କୁ ନିପାତ କରିବା ପାଇଁ ପଦକ୍ଷେପ ନିଆଯାଇଛି। ପୁଲୱାମାରେ ଆତଙ୍କବାଦୀ ଆକ୍ରମଣର ୧୦ ଦିନ ଭିତରେ ଭାରତୀୟ ସେନା ପାକିସ୍ତାନ ସୀମାରେ ପଶି ଆତଙ୍କବାଦୀଙ୍କୁ ନିପାତ କରିଛନ୍ତି। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ ନେତୃତ୍ୱ ପାଇଁ ସମ୍ଭବ ହୋଇପାରିଛି। ସେହିପରି ଦେଶର ୮୦ କୋଟି ଗରିବ ପରିବାରକୁ ମାଗଣାରେ ଚାଉଳ/ଗହମ ଦିଆଯାଉଛି। ମାତ୍ର ନବୀନ ଆମେ ଦେଉଛୁ କହି ମିଛ ପ୍ରଚାର କରୁଛନ୍ତି। ଦେଶରେ ୧୨କୋଟି ଲୋକଙ୍କ ଶୌଚାଳୟ ଓ ୪ କୋଟି ଲୋକଙ୍କ ଘର ନିର୍ମାଣ କରାଯାଇଛି। ପ୍ରତି ଘରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ କେନ୍ଦ୍ର ସରକାର ଓଡ଼ିଶାକୁ ୧୦ହଜାର କୋଟି ପ୍ରଦାନ କରିଛନ୍ତି। ମାତ୍ର ରାଜ୍ୟ ସରକାର ଖର୍ଚ୍ଚ ନ କରି ୫ହଜାର କୋଟିର ଅନୁଦାନ ଫେରାଇ ଦେଇଛନ୍ତି। ଅନ୍ୟପକ୍ଷେ ରାଜ୍ୟବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳିପାରୁନି। ମୋଦିଙ୍କ ଲୋକପ୍ରିୟତା ବଢ଼ିଯିବା ଆଶଙ୍କାରେ ଆୟୁଷ୍ମାନ୍ ଭାରତ ଯୋଜନା ଏଠାରେ ଲାଗୁ କରାଯାଉନି। ଅବିଭକ୍ତ ବଲାଙ୍ଗୀର ଜିଲାରେ ବହୁଳ ପରିମାଣରେ କପା ଉତ୍ପାଦନ ହେଉଛି। ମାତ୍ର ସୂତା କଳ ଓ ଲୁଗା କାରଖାନା ନ ଥିବାରୁ ବାହାର ରାଜ୍ୟକୁ କପା ଯାଉଛି। ରାଜ୍ୟରେ ଭାଜପା ସରକାର ଆସିଲେ ଏଠାରେ ଲୁଗା କାରଖାନା ସହ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ଶାହା କହିଥିଲେ। ପୁରୀକୁ ପର୍ଯ୍ୟଟନ ନାମରେ ଧ୍ୱଂସ କରାଯାଉଛି। ଭାଜପା ସରକାର ଆସିଲେ କାଶୀ ବିଶ୍ୱନାଥ ଭଳି ବିକାଶ କରାଯିବ। ଉପା ସରକାର ସମୟରେ ରାଜ୍ୟକୁ ବହୁତ କମ୍ ଅନୁଦାନ ମିଳୁଥିଲା। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଆସିବା ପରେ ଗତ ୧୦ ବର୍ଷରେ ୪ ଲକ୍ଷ ୮୧ ହଜାର କୋଟି ଟଙ୍କାର ଅନୁଦାନ ଓଡ଼ିଶାକୁ ମିଳିଛି। ରେଳ, ଭିତ୍ତିଭୂମି, ସଡ଼କ ନିର୍ମାଣରେ ଆହୁରି ଅଧିକ ଅନୁଦାନ ମିଳିଛି। କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ପ୍ରତିଷ୍ଠା ହେଲେ ଓଡ଼ିଶାକୁ ବଡ଼ ଶିଳ୍ପ ସଂସ୍ଥାମାନେ ଆସିବେ। ଓଡ଼ିଶାର ଯୁବତୀ ଯୁବକଙ୍କୁ କାମ ମିଳିବ। ଗତ ୨୫ ବର୍ଷରେ ବିଜେଡି ସରକାର ଯେଉଁ କାମ କରିଛି, ଭାଜପା ୫ ବର୍ଷରେ ଅଧିକ କାମ କରି ରାଜ୍ୟକୁ ବିକଶିତ କରିବ ବୋଲି ଶାହା କହିଛନ୍ତି। ମା, ଭଉଣୀ, ଚାଷୀ ଓ ଜନସାଧାରଣଙ୍କ ଆଶୀର୍ବାଦରେ କେନ୍ଦ୍ରରେ ମୋଦି ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହେବେ ଏବଂ ରାଜ୍ୟରେ ପ୍ରଥମ ଥର ପାଇଁ ଭାଜପା ସରକାର ପ୍ରତିଷ୍ଠା ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଶାହା ବଲାଙ୍ଗୀର, ବରଗଡ, ସମ୍ବଲପୁର, କନ୍ଧମାଳ ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ।

ଏହି ସଭାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ବଲାଙ୍ଗୀର ଏମ୍‌ପି ସଙ୍ଗୀତାରାଣୀ ସିଂଦେଓ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଡ. ମୁକେଶ ମହାଲିଙ୍ଗ, ନାଉରି ନାୟକ, ବରିଷ୍ଠ ନେତା କନକବର୍ଦ୍ଧନ ସିଂହଦେଓ, ଭାଜପା ବରଗଡ ଏମ୍‌ପି ପ୍ରାର୍ଥୀ ପ୍ରଦୀପ ପୁରୋହିତ, କନ୍ଧମାଳ ଏମ୍‌ପି ପ୍ରାର୍ଥୀ ସୁକାନ୍ତ କୁମାର ପାଣିଗ୍ରାହୀ, ପ୍ରମୋଦ ମହାପାତ୍ର, ଇଂ.ରଘୁନାଥ ଜଗଦଲା, କହ୍ନେଇ ଚରଣ ଡାଙ୍ଗ, ସରୋଜ ପଧାନ, ଲକ୍ଷ୍ମଣ ବାଗ, ନବୀନ ଜୈନ, ଗୋପାଳଜୀ ପାଣିଗ୍ରାହୀ ପ୍ରମୁଖ ନିଜ ଅଭିଭାଷଣରେ ନବୀନ ସରକାରଙ୍କ ବିରୋଧରେ ବର୍ଷିବା ସହ ରାଜ୍ୟରେ ଭାଜପା ସରକାର ଆସିଲେ ଧାନ କୁଇଣ୍ଟାଲ ୩୧୦୦ ଟଙ୍କା କରାଯିବ ବୋଲି କହିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................



ଆଦିତ୍ୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜଳବାୟୁ ପରିବର୍ତ୍ତନ ପାଇଁ ବଢୁଛି ଦରଦାମ

**ଭୁବନେଶ୍ୱର,୨୫।୪(ଅନୁରାଧା ମହାରଣା)**

ଆସନ୍ତା ୫ବର୍ଷ ମଧ୍ୟରେ ଦେଶର ଅର୍ଥନୀତିର ବିକାଶ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଆକଳନ କରିଥିବାବେଳେ ପାଣିପାଗ ପରିବର୍ତ୍ତନ ଦରଦାମ ହ୍ରାସରେ ବାଧକ ସାଜିଛି। ପାଣିପାଗ ବିଭାଗ ଆଗାମୀ ଦିନରେ ତାପମାତ୍ରା ବୃଦ୍ଧି ନେଇ ପୂର୍ବାନୁମାନ କରିଛି। ଅନ୍ୟପଟେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ତିକ୍ତତା ମୁଦ୍ରାସ୍ଫୀତି ହ୍ରାସରେ ସମସ୍ୟା ସୃଷ୍ଟି କରିବା ସହ ଆର୍‌ବିଆଇ ମଧ୍ୟ ଚିନ୍ତାରେ ପଡ଼ିଛି। ଚଳିତ ବର୍ଷର ପ୍ରଥମ ୩ମାସ ମଧ୍ୟରେ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ଖୁଚୁରା ମୁଦ୍ରାସ୍ଫୀତି ହାରରେ କ୍ରମାଗତ ହ୍ରାସ ଘଟିଛି। ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ



ଏପ୍ରିଲ ୧୨ରେ ପ୍ରକାଶିତ ମୁଦ୍ରାସ୍ଫୀତି ତଥ୍ୟରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫ ପ୍ରତିଶତରୁ ୪.୮୫ ପ୍ରତିଶତକୁ ଖସି ଆସିଛି। ଏହା ଆର୍‌ବିଆଇର ଲକ୍ଷ୍ୟଠାରୁ ୪ ପ୍ରତିଶତକୁ ହ୍ରାସ ପାଇଛି। ଡିସେମ୍ବର ୨୦୨୩ରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୭ ପ୍ରତିଶତ ଥିଲା। ୨୦୨୩-୨୪ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକରେ ହାରାହାରି ମୁଦ୍ରାସ୍ଫୀତି ହାର ୫ ପ୍ରତିଶତ ହୋଇଛି। ଆର୍‌ବିଆଇର ମାସିକ ବୁଲେଟିନ୍ ଅଶୋଧିତ ତେଲ ବ୍ୟାରେଲ ପ୍ରତି ୧୦୦ ଡଲାର ଅତିକ୍ରମ କରିପାରେ। ବୁଲେଟିନ୍‌ରେ କୁହାଯାଇଛି, ଏହି ଗ୍ରୀଷ୍ମ ଋତୁରେ ଖାଦ୍ୟ ଦରଦାମ ଉପରେ ଅତ୍ୟଧିକ ସତର୍କ ରହିବା ଆବଶ୍ୟକ କାରଣ ଖାଦ୍ୟ ସାମଗ୍ରୀର ମୁଦ୍ରାସ୍ଫୀତି ଏକ ବଡ଼ ଝଟକା ଦେଇପାରେ। ଆର୍‌ବିଆଇ ଆର୍ଟିକିଲ ଅନୁଯାୟୀ, ଅସ୍ୱାଭାବିକ ପାଣିପାଗ କେବଳ ମୁଦ୍ରାସ୍ଫୀତି ପାଇଁ ବିପଦ ନୁହେଁ ବରଂ ଦୀର୍ଘ ଦିନ ଧରି ଚାଲିଆସୁଥିବା ଭୌଗୋଳିକ-ରାଜନୈତିକ ଉତ୍ତେଜନା ହେତୁ ଅଶୋଧିତ ତୈଳ ଦର ମୂଲ୍ୟ ଅସ୍ଥିର ରହିପାରେ। ସମ୍ପ୍ରତି ଅଶୋଧିତ ତୈଳ ବ୍ୟାରେଲ ପିଛା ୯୧ ଡଲାରରେ ପହଞ୍ଚିଛି। ଗତ ସପ୍ତାହରେ, ଆର୍‌ବିଆଇ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରଥମ ମୁଦ୍ରା ନୀତି ବୈଠକର ମିନିଟ ପ୍ରକାଶ କରି କହିଛି ଯେ ଏହି ବୈଠକରେ ସଦସ୍ୟମାନେ ଖାଦ୍ୟ ମୁଦ୍ରାସ୍ଫୀତିକୁ ସବୁଠାରୁ ବଡ ବିପଦ ବୋଲି କହିଛନ୍ତି। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି , ମୁଦ୍ରାସ୍ଫୀତି ବିଷୟରେ ବହୁତ ସତର୍କ ରହିବା ଆବଶ୍ୟକ। ତେଣୁ ଏମ୍‌ପିସିର ସଦସ୍ୟ ମାଇକେଲ ଦେବବ୍ରତ ପାତ୍ର କହିଛନ୍ତି, ବର୍ତ୍ତମାନର ମୁଦ୍ରାସ୍ଫୀତିର ପ୍ରଭାବ ଏବଂ ଖାଦ୍ୟ ମୁଦ୍ରାସ୍ଫୀତି ହାରର ପ୍ରଭାବ ସମ୍ପର୍କିତ ତଥ୍ୟ ଦର୍ଶାଉଛି ଯେ ଖାଦ୍ୟ ଦର ବୃଦ୍ଧିର ଆଶଙ୍କା ରହିଛି। ମେ ୨୦୨୪ ସୁଦ୍ଧା ତାପମାତ୍ରା ବୃଦ୍ଧି ହେତୁ ମୂଲ୍ୟ ବୃଦ୍ଧି ହେବ ବୋଲି ସେ ପୂର୍ବାନୁମାନ କରିଛନ୍ତି। ଖାଦ୍ୟ ପଦାର୍ଥ ଏବଂ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ହେତୁ ଯଦି ମୁଦ୍ରାସ୍ଫୀତି ବୃଦ୍ଧି ହୁଏ, ତେବେ ୨୦୨୪ ମସିହାରେ ମହଙ୍ଗା ଋଣରୁ ମୁକ୍ତି ପାଇବା ସମ୍ଭବ ନୁହେଁ।

# ଆକ୍ସିସ୍ ବ୍ୟାଙ୍କର ବାର୍ଷିକ ଫଳାଫଳ

**ଭୁବନେଶ୍ୱର,୨୫।୪**

ଆକ୍ସିସ୍‌ବ୍ୟାଙ୍କର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ୟାଙ୍କର କାରବାର ଓ ଆଗାମୀ କାର୍ଯ୍ୟକଳାପ ସହ ୨୦୨୩-୨୪ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ଏବଂ ବାର୍ଷିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟାଙ୍କର ମୋଟ ନେଟ୍ ଲାଭ ୨୪,୮୬୧ କୋଟି ଟଙ୍କା ହୋଇଥିବାବେଳେ ୨୦୨୨-୨୩ ଆର୍ଥିକ ବର୍ଷର ଫଳାଫଳ ଅନୁପାତରେ ୧୬୦% ବୃଦ୍ଧି ଘଟିଛି। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷରେ ବ୍ୟାଙ୍କ ମୋଟ ୯,୫୮୦ କୋଟିର ଲାଭ ଆଦାୟ କରିଥିଲାବେଳେ ବ୍ୟାଙ୍କର ନେଟ୍ ସୁଧ ଆୟ ବର୍ଷକ ତୁଳନାରେ ୧୬% ଏବଂ ୪ର୍ଥ ତ୍ରୈମାସିକରେ ୧୧% ବୃଦ୍ଧି ପାଇ ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ୪୯,୮୯୪ କୋଟି ଟଙ୍କାର କାରବାର ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ବ୍ୟାଙ୍କର ମୋଟ କାରବାର ୪୨,୯୪୬ କୋଟି ଟଙ୍କା ଟଙ୍କା ଥିଲା। ଏପରିକି ବ୍ୟାଙ୍କର ନେଟ୍ ସୁଧ ମାର୍ଜିନ ୪.୦୬% ରହିଥିଲା ଏବଂ ୪ର୍ଥ ତ୍ରୈମାସିକରେ ୫ ବିପିଏସ୍ ବୃଦ୍ଧି ପାଇଛି।

ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଅମିତାଭ ଚୌଧୁରୀ କହିଛନ୍ତି, ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟାଙ୍କ ନିରନ୍ତର ଅଭିବୃଦ୍ଧିର ଯାତ୍ରା ଜାରି ରଖିଛି, ଯେତେବେଳେ ଆମେ ଆମର ପ୍ରମୁଖ ପ୍ରାଥମିକ କ୍ଷେତ୍ରଗୁଡିକ ଉପରେ ଧ୍ୟାନଦେବା ସହିତ ସହରର ଏକୀକରଣ ଯୋଜନା କାର୍ଯ୍ୟକାରୀ କରାଉଛୁ। ଏପରିକି ଆମେ ଆଗାମୀ ୬ ମାସ ମଧ୍ୟରେ ଅନ୍ତିମ ମାଇଲଖୁଣ୍ଟ ଏଲ୍‌ଡି୨ ହାସଲ କରିବା ଦିଗରେ ଆଶାବାଦୀ ରହିଛୁ।

**ଅଟୋ ଏକ୍-୨୦୨୪ ସମ୍ମିଳନୀ**

# ଅଟୋ ଉଦ୍ୟୋଗର ଆବଶ୍ୟକତା ପୂରଣ

**ଭୁବନେଶ୍ୱର,୨୫।୪**



ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ ତଥା ଜାତୀୟ ଅଟୋ ଦିବସ ଉପଲକ୍ଷେ ନୂଆଦିଲ୍ଲୀଠାରେ 'ଅଟୋ ଏକ୍-୨୦୨୪' ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ଶିଳ୍ପ ବିଶେଷଜ୍ଞ ଓ ନେତୃତ୍ୱାଧୀନ ଅଧିବେଶନ ପ୍ରଦର୍ଶିତ ହୋଇଥିଲାବେଳେ ଅତ୍ୟାବଶ୍ୟକ ଉପାଦାନ ନିର୍ମାତାମାନେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ଆଲୁମିନିୟମ ହେଉଛି ଏକ ହାଲୁକା ଧାତୁ, ଯାହା ଗୁଣବତ୍ତା ସହ ଅଧିକ ଶକ୍ତି-ଓଜନ ଅନୁପାତ,ଉତ୍କୃଷ୍ଟ ବୈଦ୍ୟୁତିକ କଣ୍ଡକ୍ଟିଭ, ଉନ୍ନତ କ୍ଷୟ ପ୍ରତିରୋଧ ଓ ଅସୀମ ପୁନଃ ବ୍ୟବହାର ଯୋଗ୍ୟ ପଦାର୍ଥ ଭାବେ କାର୍ଯ୍ୟ କରିଥାଏ। ଏପରିକି ଦ୍ରୁତ ଅଭିବୃଦ୍ଧିଶୀଳ ଅଟୋ ଉଦ୍ୟୋଗ ଲାଗି ଏହାର ଆବଶ୍ୟକତା ରହିଛି। ବିଶେଷକରି ୨୦୩୦-୩୧ ଆର୍ଥିକ ବର୍ଷ ସୁଦ୍ଧା ଏହା ଭାରତ ଜିଡିପିର ପ୍ରାୟ ୩୧% ଯୋଗଦାନ କରିବ ବୋଲି ଆଶା କରାଯାଉଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ଆମେ ଅଟୋମୋବାଇଲ ଉଦ୍ୟୋଗରେ ଗ୍ରାହକଙ୍କୁ ସୁବିଧାଗୁଡ଼ିକର ଅପୂର୍ବ ମିଶ୍ରଣ ପ୍ରଦାନକରୁ ଓ ବିଶ୍ୱସ୍ତରୀୟ ଜ୍ଞାନକୌଶଳ ସହ କଷ୍ଟୋମାଇଜ୍‌ଡ,ବ୍ୟବସାୟ କରିବାର ସହଜତା ଓ ନିର୍ଭରଯୋଗ୍ୟ ଯୋଗାଣ ଶୃଙ୍ଖଳା ତଥା ସ୍ଥାୟୀ ବ୍ୟବସାୟ ଲାଗି ଅଦ୍ୟମ ପ୍ରତିବଦ୍ଧତା ପ୍ରଦାନ କରିଥାଉ। ଏପରିକି ଯେଉଁ କାରଣରୁ ଆମେ ଅଟୋ ଉଦ୍ୟୋଗର ଆବଶ୍ୟକତା ପୂରଣ ପାଇଁ ସର୍ବଦା ଆଗରେ ରହିଛୁ।

ସେହିଭଳି ୟୁନୋ ମିଣ୍ଡାର ବିଜ୍‌ନେସ ହେଡ୍ ଭି.ପି. ସିଂ କହିଥିଲେ, ବେଦାନ୍ତ ଅଟୋମୋବାଇଲ କ୍ଷେତ୍ରର ବିକାଶ ପାଇଁ କିପରି ପ୍ରସ୍ତୁତ ରହିଛି ସେ ବିଷୟରେ ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଏପରିକି ଆମେ ସମୃଦ୍ଧ ଜ୍ଞାନକୌଶଳ ସହିତ ସମାଧାନର ମାର୍ଗ ପ୍ରସ୍ତୁତ କରିଥାଉ।

# ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ,୨୫।୪**

କ୍ରମାଗତ ୫ମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୮୬(୪୮୬.୫୦) ପଏଣ୍ଟ ବଢ଼ି ୭୪,୩୩୯(୭୪,୩୩୯.୪୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୬୮(୧୬୭.୯୫) ପଏଣ୍ଟ ବୃଦ୍ଧି ଘଟି ୨୨,୫୭୦(୨୨,୫୭୦.୩୫) ଅଙ୍କରେ କାରବାର ବନ୍ଦ କରିଥିଲା। ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।


## ନବମ ଜନ୍ମବାର୍ଷିକ ଶୁଭେଚ୍ଛା



**ଆଦିତ୍ୟ ଶ୍ରୀଚନ୍ଦନ**

ଆଜି ନବମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।

**ଶୁଭେଚ୍ଛା ସହ:** ବାପା, ବୋଉ, ଅଜା, ଆଇ, ବାବା, ମାମା, ମାମୁ, ମାଇଁ, ଅପା, ନନା, ମଉସା, ମାଉସୀ ଓ ଶ୍ରୀଚନ୍ଦନ ପରିବାରବର୍ଗ ।

ଧ-୧୬୧





# Classified Everyday

**0674-2580101, 2549949**



**REAL ESTATE**

**SALE**

ବାଲିଅନ୍ତା, ଅଟଳା ଏବଂ ହଂସପାଳ, ପୁରୀ କେନାଲକୁ ଲାଗି ରୋଡ୍, ବାଉଣ୍ଡରୀ electry ଥାଇ ସଙ୍ଗେସଙ୍ଗେ ଘର କଲାଭଳି plot ଦିଆଯାଉଛି। 9853040854, 9438328183. D-75725

**ଭୁବନେଶ୍ୱର ପିତାପଲ୍ଲୀ NH-16 କଡ଼ରେ 30' road, ଇଲେକ୍ଟ୍ରିସିଟି ଥାଇ ନଗଦ ଘର କଲାଭଳି ପ୍ଲଟ୍ ମିଳୁଛି। (Owner). 9090963952.** D-75946

Duplex project at Retang Medical, Station C.V Raman, Tamando, Bhubaneswar. 7008459987. D-75947

ଭୁବନେଶ୍ୱର Gita/Gandhi College ପାଖ BDA satellite cityକୁ ଲାଗି 30ft. ରାସ୍ତା ଥାଇ ପ୍ଲଟ୍ ବିକ୍ରିହେବ। 8093712828. D-75944

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grand Bazar NH-16** ଏବଂ **Sum-2 Hospital**ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। **6371200121.** D-75949

**Ready to move 2BHK flat for sale @ 20 lakh near Gudiapokhari, Bhubaneswar. Call-9437631769.** D-093

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Homestead plot sale. Nakhara East College,30 ft. Road, Electricity, Boundary @21,00,000/-. 9938603188. D-75948

Land for sale:- (Under BDA), Mouza/RI Office-Brahmanasadangi, Near Tankapani-Bentapur Road from Sai Temple, BBSR, Area- 6 acres, Price 1acre-5 crores for- Housing Project, Educational Institution, Hospital, Industry, Farming, no middle man, Price negotiable, Ph: 9938677366, 8249806871. D-148

**Commercial plot, facing to NH Road Nakhara to Niali NH 10000sqft., 3sides road, 2-Residential plot near Petal English Medium School 850/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75733

ନଖରା, ପାହାଳ, ପଟିଆ, ରଘୁନାଥପୁରରେ ୩୦ଫୁଟ ରାସ୍ତା, ଇଲେକ୍ଟ୍ରି, **boundarywall** ଥାଇ ଘରବାରି ପ୍ଲଟ୍ କିଣନ୍ତୁ। **9439363944.** D-75950




Newly opened central SPA full-body massage. Trend Therapist. 8456885600. D-75730

Newly open Jyoti SPA positively health benefits (Expert therapist). 8458067955. D-76116

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75734

Newly open SPA positively health benefits with expert therapist. 8658466886. D-76115

**Body massage by experience good looking therapist @ 999/- (Bhubaneswar). 9078484455.** D-077

**Relax, Refresh your Body, Mind at Saikrupa Spa with best therapies. 8984068077.** D-094

## AFFIDAVIT

By virtue of an affidavit sworn before the Court of Executive Magistrate dated 24.04.2024 CF No.-100/2024. I Purusottam Nayak, Address Plot No.-1215/1486 (B) Khandagiri Bari, P.O.- Khandagiri, Bhubaneswar, Dist.- Khordha, PIN-751030 have changed my surname from "NAIK" to "NAYAK" i.e Purusottam Naik to Purusottam Nayak. Henceforth I shall be known as Purusottam Nayak for all purposes. D-162

We Jugal Nanda and Mukta Nanda, R/o. Manoharpur, P.O.- Salepali, Dist.- Balangir by virtue of an affidavit vide No. 904 dt. 3.11.2023 declare that we have adopted one child namely Shubhranshu Bibhar by executed a deed of Gift before the Sub-Registra, Balangir, vide Regd. No. 2301517 dt. 19.08.2023. Our adopted son Shubhranshu Bibhar is studying at Navodaya School, Tarbod, Nuapada, in class VII in which my son's surname should be change from Bibhar to Nanda as an adopted Surname of father. D-164

**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

Q19972384@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ**



**✓ ରାମଚନ୍ଦ୍ର ମିଶ୍ର**

ବୀରବଳଭଦ୍ରପୁର (ପୁରୀ)

ତିରୋଧାନ : ୦୯.୦୪.୨୦୨୩

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା

**ଶୋକସନ୍ତପ୍ତ :** ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ

ଧ-୭୫୮୦୯

## ସ୍ମୃତିରେ ପିଣ୍ଟୁ



**✓ଅଭିଷେକ ସାମଲ**

ଜନ୍ମ: ୧୯୮୩

ତିରୋଧାନ: ୨୦୦୪

ସ୍ନେହର ରଜ୍ଜୁ ଛିଡ଼ିଗଲା ଅବିଶ୍ୱାସ ବନ୍ଧନରେ ବାହୁନି କାନ୍ଦି କେତେ, ଗଳି କନ୍ଦି ରାତିଦିନ ପାଇଲିନି ତତେ । ହଜିଗଲା ତୋର ସତେଜ ମୁଖ, ଦେଇଗଲୁ ସବୁ ଯନ୍ତ୍ରଣା ଦୁଃଖ । ପୁଣ୍ୟ ଅରଜିଛୁ ପାପ ତ କରିନୁ ଫେରିଆ ପୁଅରେ ସରଗପୁରୁ। ପାଇବୁ କି ନାହିଁ ଜାଣେନା ପୁଅରେ, କବିତା ଲେଖୁଛି ନରକ ପୁରୁ ।

ତୋର ଦୁଃଖିନୀ ମା' ଓ ଭାଇ ରିଣ୍ଟୁ ।

ଧ-୭୧୦୭୩

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଏଚ୍‌ଏମ୍‌ଏସ୍‌ଆଇର ନୂତନ ମାଇଲଖୁଣ୍ଟ

**ଭୁବନେଶ୍ୱର,୨୫।୪**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)କୁ ନିକଟରେ ଆଉ ଏକ ସଫଳତା ସହ ପୂର୍ବ ଭାରତ ବଜାରରେ କମ୍ପାନୀ ନୂତନ ମାଇଲଖୁଣ୍ଟ ହାସଲ କରିଛି। ଏପରିକି କ୍ରମାଗତ ଭାବେ ବ୍ୟବସାୟିକ ବିସ୍ତାର ମାଧ୍ୟମରେ ଏଚ୍‌ଏମ୍‌ଏସ୍‌ଆଇ ପୂର୍ବ ଭାରତରେ ୮ନିୟୁତ ୟୁନିଟ୍ ଗାଡ଼ି ବିକ୍ରୟ କରିବାରେ ଉଲ୍ଲେଖନୀୟ ସଫଳତା ହାସଲ ସହ ସମ୍ପୃକ୍ତ ଅଞ୍ଚଳର ୨ଚକିଆ ଗ୍ରାହକଙ୍କ ପାଇଁ ପସନ୍ଦଯୋଗ୍ୟ ବ୍ରାଣ୍ଡ୍ ଭାବେ ନିଜକୁ ପୁନଃ ପ୍ରମାଣିତ କରିଛି। କମ୍ପାନୀର ଏହି ସଫଳତା ପୂର୍ବାଞ୍ଚଳର ଗ୍ରାହକ(ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଉତ୍ତର-ପୂର୍ବ ଭାରତ ଭଳି ରାଜ୍ୟକୁ ନେଇ ଗଠିତ)ଙ୍କୁ ଉଚ୍ଚ-ଗୁଣାତ୍ମକ, ଅଭିନବ ଏବଂ ନିର୍ଭରଯୋଗ୍ୟ ୨ଚକିଆ ଯାନ ଯୋଗାଇବାର ପ୍ରତିବଦ୍ଧତାକୁ ସୂଚିତ କରୁଛି।

ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ନିର୍ଦ୍ଦେଶକ (ବିକ୍ରୟ ଏବଂ ମାର୍କେଟିଂ) ଯୋଗେଶ ମାଥୁର କହିଛନ୍ତି, ପୂର୍ବାଞ୍ଚଳରେ ୮ ନିୟୁତ ବିକ୍ରିର ନୂତନ ମାଇଲଖୁଣ୍ଟ ହାସଲକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଗ୍ରାହକମାନେ ରଖିଥିବା ବିଶ୍ୱାସ ଓ ଆଦରର ପ୍ରମାଣ। ଆମ ଉପରେ କ୍ରମାଗତ ବିଶ୍ୱାସ ପାଇଁ ଆମେ ଆମର ଗ୍ରାହକ ଏବଂ ଡିଲର ଅଂଶୀଦାରମାନଙ୍କ ନିକଟରେ କୃତଜ୍ଞ ଅଛୁ।

# ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣକୁ ଗୁରୁତ୍ୱ

**ଭୁବନେଶ୍ୱର,୨୫।୪ (ଅଭୟ ଦାଶ)**

ଦିନକୁ ଦିନ ଓଡ଼ିଶାର ତାପମାତ୍ରା ବଢୁଥିବା ବେଳେ ଭାରତୀୟ ପାଣିପାଗ ବିଭାଗ ମଧ୍ୟ ଭୁବନେଶ୍ୱରକୁ ଦେଶର ଉତ୍ତପ୍ତ ସହର ମଧ୍ୟରେ ସ୍ଥାନିତ କରିଛି। ଏଭଳି ସମୟରେ ଏସି ଓ କୁଲରର ଅତ୍ୟଧିକ ବ୍ୟାବାହାର ଦ୍ୱାରା ସମଗ୍ର ରାଜ୍ୟରେ ବିଦ୍ୟୁତ୍ ଚାହିଦା ଅହେତୁକ ଭାବେ ବୃଦ୍ଧି ଘଟିଛି। ରାଜ୍ୟରେ ବଢୁଥିବା ବିଦ୍ୟୁତ୍ ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟର ଶକ୍ତି କ୍ଷେତ୍ରର ଆଗଧାଡ଼ିର ହିରୋ ତଥା ଓଡ଼ିଶା ଡିସ୍‌କମ୍‌ର ଉତ୍ସର୍ଗୀକୃତ ଲାଇନମ୍ୟାନମାନେ ନିରନ୍ତର କାର୍ଯ୍ୟ କରୁଛନ୍ତି। ଏପରିକି ରକ୍ଷଣାବେକ୍ଷଣ ଆବଶ୍ୟକ ଥିବା ସ୍ଥାନଗୁଡ଼ିକରେ ଶୀଘ୍ର ପହଞ୍ଚି ରାଜ୍ୟକୁ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଡିସ୍‌କମ୍‌ର କର୍ମଚାରୀମାନେ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ବିଶେଷକରି ଟିପି ସେଣ୍ଟ୍ରାଲ, ଟିପି ସଦର୍ନ, ଟିପି ନର୍ଦନ ଓ ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ ଡିସ୍‌କମ୍ ସହ ଜଡିତ ୨୫,୦୦୦ରୁ ଅଧିକ ଗ୍ରାଉଣ୍ଡ କର୍ମଚାରୀ ଓଡ଼ିଶାର ପ୍ରାୟ ୫କୋଟି ଜନସଂଖ୍ୟାକୁ ଉତ୍ତମ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରୁଛନ୍ତି। ଶ୍ରମିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାର ମଧ୍ୟ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ କାମ କରିବାକୁ ବାରଣ କରିଛନ୍ତି। ସେହିଭଳି ଅତ୍ୟଧିକ ଉତ୍ତାପ ସତ୍ତ୍ୱେ ବଢୁଥିବା ବିଦ୍ୟୁତ୍ ଚାହିଦା ପୂରଣ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଥିବା ଲାଇନମ୍ୟାନଙ୍କ ପ୍ରତି ଥିବା ବିପଦକୁ ଧ୍ୟାନରେ ରଖି ଓଡ଼ିଶା ଡିସ୍‌କମ୍ ସେମାନଙ୍କ କଲ୍ୟାଣ ପାଇଁ ଅନେକ ସକ୍ରିୟ ପଦକ୍ଷେପ ମଧ୍ୟ ଗ୍ରହଣ କରିଛି। ଏଥିପାଇଁ ଡିସ୍‌କମ୍‌ଗୁଡିକ ପକ୍ଷରୁ ବିସ୍ତୃତ ତାଲିମ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଯେଉଁଥିରେ 'ଟୁଲ୍ ବକ୍ସ ଟକ୍' ଅନ୍ତର୍ଭୁକ୍ତ ରହିଛି, ଏପରିକି 'ଟୁଲ୍ ବକ୍ସ ଟକ୍' ରେ ସୁପରଭାଇଜରମାନେ ଖରା ପାଇଁ ବିଭିନ୍ନ ନିରାପତ୍ତା ବ୍ୟବସ୍ଥା, ପ୍ରବଳ ତାତିରେ କାର୍ଯ୍ୟ କରିବା ସମୟର ବିପଦକୁ ହ୍ରାସ କରିବା ପାଇଁ ଆବଶ୍ୟକ ଜ୍ଞାନ ଏବଂ ଉପକରଣ ବିଷୟରେ ସୂଚନା ଦେଇଥାନ୍ତି। ଏଥିସହ ଡିସ୍‌କମ୍‌ଗୁଡ଼ିକ ମଧ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ପୋଷ୍ଟର, ବ୍ୟାନର ଏବଂ ହ୍ୱାଟ୍ସଆପ୍ ବାର୍ତ୍ତା ମାଧ୍ୟମରେ ନିର୍ଦ୍ଦେଶାବଳୀ ଜାରି କରୁଛନ୍ତି। ଗ୍ରୀଷ୍ମ ନିରାପତ୍ତା ପ୍ରୟାସର ଏକ ଅଂଶ ଭାବେ ଲାଇନମ୍ୟାନମାନଙ୍କୁ ଆବଶ୍ୟକ ସୁରକ୍ଷା ସାମଗ୍ରୀ ଯଥା ହେଲ୍‌ମେଟ୍, ପାଣି ବୋତଲ, ଓଆର୍‌ଏସ୍ ପ୍ୟାକେଟ ଏବଂ ବ୍ୟକ୍ତିଗତ ସୁରକ୍ଷା ପାଇଁ ଫାଷ୍ଟ ଏଡ୍ ସାମଗ୍ରୀ ଯୋଗାଇ ଦିଆଯାଇଛି। ପ୍ରବଳ ଖରାରେ ସେମାନଙ୍କୁ ଜରୁରିକାଳୀନ ପରିସ୍ଥିତିରେ କାର୍ଯ୍ୟ କରିବାକୁ ପଡୁଥିବାରୁ ଅଂଶୁଘାତ ସମ୍ବନ୍ଧୀୟ ବିଶେଷ ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି, ଯାହା ସେମାନଙ୍କୁ ଉତ୍ତାପ ସମ୍ବନ୍ଧୀୟ ଜରୁରିକାଳୀନ ପରିସ୍ଥିତିକୁ ତୁରନ୍ତ ଚିହ୍ନିବା ଏବଂ ଆବଶ୍ୟକ ପଦକ୍ଷେପ ନେବାରେ ସାହାଯ୍ୟ କରିବ। ଓଡ଼ିଶା ଡିସ୍‌କମ୍‌ଗୁଡ଼ିକର ଲାଇନମ୍ୟାନଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରତିବଦ୍ଧତା ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ଆଶାର ଏକ ଆଲୋକ ଭାବେ କାର୍ଯ୍ୟ କରୁଛୁ। ସମସ୍ତ ସୁରକ୍ଷା ନିୟାମକ ପାଳନକରି ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଲାଇନମ୍ୟାନ ମାନେ ସର୍ବଦା ପ୍ରତିବଦ୍ଧ।



ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ରାସ୍ତା ଶୂନ୍‌ଶାନ : ପ୍ରଚଣ୍ଡ ତାପମାତ୍ରା ସତ୍ତ୍ୱେ ଜଣେ ବ୍ୟକ୍ତି ସମ୍ବଲପୁର ତଡ଼ଙ୍ଗପୁର ବ୍ରିଜ ଉପରେ ଗୁରୁବାର ଜଣେ ବ୍ୟକ୍ତି ମାଛ ଧରିବାକୁ ଯାଉଛନ୍ତି।




ପ୍ରଚଣ୍ଡ ରୌଦ୍ରତାପରେ ବ୍ୟବସାୟ ମାନ୍ଦା : ଗୁରୁବାର ସମ୍ବଲପୁର କଚେରି ଛକ ନିକଟ ରାସ୍ତାରେ ଆଳୁ ମୁଢ଼ି ଦୋକାନରେ ଗ୍ରାହକ ନ ଥିବାରୁ ବ୍ୟବସାୟୀ ଜଣକ ଗଛ ଛାଇରେ ପାରାମାନଙ୍କୁ ଖାଦ୍ୟ ଦେଉଛନ୍ତି।

**ସଂକ୍ଷେପରେ**

## ବିଭିନ୍ନ ବୁଥ୍ ପରିଦର୍ଶନ କଲେ ଜିଲାପାଳ

**ଝାରସୁଗୁଡ଼ା,୨୫।୪ (ସଞ୍ଜୟ ମାଲି)**

ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଆବୋଲୀ ସୁନୀଲ ନରୱଣେ ବେଲପାହାଡ଼ ପୌରାଞ୍ଚଳ ଓ ଲଖନପୁର ବ୍ଲକର ବିଭିନ୍ନ ବୁଥ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ଜିଲାପାଳ ବୁଥଗୁଡ଼ିକରେ ମତଦାନ ସକାଶେ ଆନୁସଙ୍ଗିକ ପ୍ରସ୍ତୁତି, ପାନୀୟ ଜଳ, ବିଦ୍ୟୁତ୍ ଯୋଗାଣ, ଛାମୁଣ୍ଡିଆ, ପୁରୁଷ ଓ ମହିଳାଙ୍କ ସକାଶେ ପୃଥକ ଶୌଚାଳୟ ସମ୍ପର୍କରେ ସମୀକ୍ଷା କରିଥିଲେ। ଜିଲା ଶିକ୍ଷା ଅଧିକାରୀ, ଲଖନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବେଲପାହାଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## କଂଗ୍ରେସର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

**ଦେବଗଡ଼,୨୫।୪ (ଶଶାଙ୍କ ଶେଖର ଝାଙ୍କର)**

ରିଆମାଳ ବ୍ଲକ ଅନ୍ତର୍ଗତ ପଳସମା ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଜିଲା କଂଗ୍ରେସ ପକ୍ଷରୁ ଏକ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କର୍ମୀ ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ତଥା ଦେବଗଡ ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ସେମ ହେମ୍ବ୍ରମ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ପାତ୍ର, ସୁରେଶ୍ୱର ସାହୁ, ଲମ୍ବୋଦର ମାଝି, ବଂଶୀଧର ସେଠୀ, ଆକାଶ ଦାଶ, ବିନୟ କୁମାର ଦେବତା, କୁକ୍ରେଶ୍ୱର ଭଇଁଷା, ଶ୍ରୀତମ ସାହୁ, ଅଲେଖ ନାଏକ ଓ ଦେବେନ୍ଦ୍ରେ ଗଡନାୟକଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ବହୁ କଂଗ୍ରେସ ନେତା ଓ କର୍ମୀ ଯୋଗଦେଇ ଦଳୀୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ।

# କଂଗ୍ରେସ ପ୍ରାର୍ଥୀଙ୍କ ପରିବର୍ତ୍ତନ ଯାତ୍ରା

**ଅମରପାଲି,୨୫।୪(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ଗ୍ରାମରେ ଗୁରୁବାର କଂଗ୍ରେସ ଦଳର ଏମ୍‌ପି ପ୍ରାର୍ଥୀ ମନୋଜ ମିଶ୍ର ଓ ବିଧାୟକ ପ୍ରାର୍ଥୀ ପ୍ରଦୀପ ସେଠୀ ଏକାଠି ପରିବର୍ତ୍ତନ ଯାତ୍ରା କରିଛନ୍ତି। ଉକ୍ତ ଯାତ୍ରାରେ କଂଗ୍ରେସ ଦଳର ଗ୍ୟାରେଣ୍ଟି ସମ୍ପର୍କରେ ଲୋକଙ୍କୁ ବୁଝେଇବା ସହ ଦଳର ପ୍ରାର୍ଥୀଙ୍କୁ ଭୋଟଦେଇ ଜୟଯୁକ୍ତ କରିବା ସକାଶେ ନିବେଦନ କରାଯାଇଥିଲା। କଂଗ୍ରେସ କ୍ଷମତାସୀନ ହେଲେ ଧାନ କୁଇଣ୍ଟାଲ ୩୦୦୦ ଟଙ୍କା, କୃଷି ଋଣଛାଡ, ଚାଷୀକୁ ମାସିକ ୨୦୦୦ଟଙ୍କା ପେନସନ, ବେକାରୀ ଭତ୍ତା, ଘରୋଇ ଉପଭୋକ୍ତାଙ୍କୁ ୨୦୦ ୟୁନିଟ ବିଦ୍ୟୁତ୍ ଛାଡ କରିବ ବୋଲି କହିଥିଲେ। ବିଭିନ୍ନ ଗ୍ରାମରେ ସମର୍ଥକମାନେ 'ଜଏ କୋଶଳ' ନାରା ଦେବା ମଧ୍ୟ ଦେଖିବାକୁ ମିଳିଥିଲା। ଉଭୟ ପ୍ରାର୍ଥୀ ବୀରମହାରାଜପୁର ବ୍ଲକର ପଣ୍ଡିଆପାଲି, ଉଫୁଲା, ବୀରମହାରାଜପୁର ମୁଖ୍ୟଛକ,



କଂଗ୍ରେସ ପରିବର୍ତ୍ତନ ଯାତ୍ରାରେ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କ ସହିତ ସମର୍ଥକ।

ହିଲୁଙ୍ଗ, ମେଣ୍ଡାମାଳ, ସାଗଜୁରୀ, ଅମରପାଲି, ବହଲପଦର, ଲୁଡୁରପଙ୍କ, ଅଡାଲ, ଖଣ୍ଡହତା, ଟିଁକିରାପଡ଼ା, କମିରା, ଲଖନୀ, ସଂଗ୍ରାମପୁର, ପିତାମହୁଲ, ଡୁଲେଶ୍ୱର, ସୁବଳୟା ଆଦି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ପିସିସି ସମ୍ପାଦକ ତଥା ବୀରମହାରାଜପୁର ଜୋନ-୧ର ଜିଲା ପରିଷଦ ସଦସ୍ୟ ଲବକୁମାର ସାହୁ, ବ୍ଲକ ଯୁବ କଂଗ୍ରେସ ସଭାପତି ବିଦ୍ୟାଧର ଖୁର୍ଡିଆ, କୃଷକ ସେଲ ସଭାପତି ନରେନ୍ଦ୍ର ପଣ୍ଡା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଧର୍ମେନ୍ଦ୍ର ମେହେର, ରାଧେଶ୍ୟାମ ମିଶ୍ର, ବିକାଶ ପଣ୍ଡା, ସୁରେଶ ପଣ୍ଡା, ମୁକୁନ୍ଦି ବିଶାଳ, ରଘୁନାଥ ପ୍ରଧାନ, ସୁନୀଲ ପଧାନ, କଳ୍ପତରୁ ମହାକୁର ବହୁ କର୍ମକର୍ତ୍ତା ଓ କର୍ମୀ ସାମିଲ ହୋଇଥିଲେ।

# ଗ୍ରୀଷ୍ମ ଛୁଟିରେ 'ସନ୍ଦେହ ମୋଚନ' ନିରନ୍ତର ଶିକ୍ଷା ପ୍ରଦାନ

**ପାଇକମାଳ, ୨୫।୪(ବଡ ଶତପଥୀ)**

ଭୀଷଣ ଗ୍ରୀଷ୍ମ ପ୍ରବାହ ଦୃଷ୍ଟିରେ ରଖି ରାଜ୍ୟ ସରକାର ସ୍କୁଲ ଛୁଟି ଘୋଷଣା କରିଛନ୍ତି। ହେଲେ ବରଗଡ ଜିଲା ପାଇକମାଳ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ଏବଂ ଅଭିଭାବକଙ୍କ ଅନୁରୋଧକ୍ରମେ ସକାଳ ୬ଟା ୩୦ମିନିଟ୍‌ରୁ ୮ଟା ୩୦ମିନିଟ୍ ପର୍ଯ୍ୟନ୍ତ 'ସନ୍ଦେହ ମୋଚନ' ଶିକ୍ଷାଦାନ କରନ୍ତି ଶିକ୍ଷକ ଶିକ୍ଷୟିତ୍ରୀମାନେ। ଏହାପ୍ରତି ବର୍ଷ ଗ୍ରୀଷ୍ମ ଛୁଟିରେ ଚାଲେ ଏବଂ ଚଳିତ ବର୍ଷ ମଧ୍ୟ ଚାଲିବ। ଫଳରେ ମେଧାବୀ, ଗରିବ, ଶିକ୍ଷା କ୍ଷେତ୍ରରେ ଅନଗ୍ରସର ଶ୍ରେଣୀର ଛାତ୍ରୀମାନେ ବିଶେଷ ଉପକୃତ ହୋଇ ପାରିବେ। ପ୍ରକାଶ ଥାଉକି ଏହି ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀମାନେ ପ୍ରତିଶିକ୍ଷା ବର୍ଷରେ ଦଶହରା, ବଡଦିନ, ଗ୍ରୀଷ୍ମକାଳୀନ ଛୁଟି



ସହିତ ରବିବାର ଦିନମାନରେ ଶିକ୍ଷା ଦାନ ଦେଉଥିବାରୁ ପ୍ରାୟତଃ ୧୫ କି: ମି: ଦୂର ଦୂର ଦୁରାନ୍ତରରୁ ପିଲା ବିଦ୍ୟାଳୟକୁ ଖୁସିରେ ଆସିଥାନ୍ତି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ଶିକ୍ଷକଶିକ୍ଷୟିତ୍ରୀଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ଦୀର୍ଘ ୯ବର୍ଷ ଧରି ୧୦୦ ଶତକଡା ରେଜଲ୍ଟ ସହିତ ଗୁନାତ୍ମକ ପରୀକ୍ଷାର ଭଲ ଫଳ ମିଳୁଛି। ଏତଦ୍ୱାରା ପିଲାମାନେ ଖୁସି ହେବା ସହିତ ଶିକ୍ଷକ, ଶିକ୍ଷୟିତ୍ରୀମାନେ ବେଶୀ ଖୁସି ହୋଇଥାନ୍ତି।

## ଆକ୍ରମଣ ଘଟଣା: ଜେଲ ଗଲେ ଅରୁଣ ମୁନ୍ଦ୍ରା

**ବ୍ରଜରାଜନଗର,୨୫।୪(ବିଜୟ ବରାଡ଼)**

ବ୍ରଜରଜନଗର ଥାନା ଗାନ୍ଧିଛକ ଫାଣ୍ଡି ଅନ୍ତର୍ଗତ କିଶୋର ପେଟ୍ରୋଲ ପମ୍ପ ନିକଟରେ ବ୍ୟବସାୟିକ ଶତ୍ରୁତାକୁ ନେଇ ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲଙ୍କୁ ଅରୁଣ ମୁନ୍ଦ୍ରା ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ବ୍ରଜରଜନଗର ଥାନାରେ ଅଭିଯୋଗ ହୋଇଛି। ପୋଲିସ ମୁନ୍ଦ୍ରଙ୍କୁ ଗିରଫ କରିବାରେ ବିଳମ୍ବ କରିବା ହେତୁ ବୁଧବାର ସନ୍ଧ୍ୟାରେ ଅଞ୍ଚଳବାସି ମୁଖ୍ୟ ବଜାର ବନ୍ଦ କରିବା ସହିତ ଶତାଧିକ ମହିଳା ପୁରୁଷ ଥାନା ଘେରାଉ କରିଥିଲେ। ଏସଡିପିଓ ଚିନ୍ତାମଣି ପ୍ରଧାନ ଘଟଣାସ୍ଥଳକୁ ଆସି ୨୪ଘଣ୍ଟା ଭିତରେ ଗିରଫ କରିବାର ପ୍ରତିଶ୍ରୁତି ଦେଇ ରାତାରାତି ଉଠାଇ ଆଣି ଅଟକ ରଖିଥିଲେ। ବ୍ରଜରଜନଗର ଥାନାରେ ଏକ ମାମଲା (ନଂ.୧୨୦/୨୪) ରୁଜୁ କରି ଅରୁଣ ମୁନ୍ଦ୍ରାଙ୍କୁ କୋର୍ଟ ଚାଲାଣ କରାଯାଇଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ମ୍ୟାଲେରିଆ ନିରାକରଣ ସଚେତନତା

**ବରଗଡ଼,୨୫।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ବିକାଶ ନର୍ସିଂ କଲେଜରେ ଗୁରୁବାର ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଏକ ଶୋଭାଯାତ୍ରାରେ ସଚେତନତା ସୃଷ୍ଟି କରାଯାଇଛି । ବରାହଗୋଡ଼ା ଅଙ୍ଗନୱାଡ଼ି କର୍ମୀ ଏବଂ ସ୍ୱାସ୍ଥ୍ୟକର୍ମୀ ଏଥିରେ ସହଯୋଗ କରିଥିଲେ । ସେହିପରି ନର୍ସିଂ ଛାତ୍ରୀଛାତ୍ର ଏକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ । ନର୍ସିଂ କଲେଜର ସ୍ୱାଗତିକା ପ୍ରଧାନ, ନିର୍ମଳା ବାରୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଚାତ୍ର ଘରଘର ବୁଲି ସଚେତନତା ସୃଷ୍ଟି କରିଥିଲେ ।

## ମାରୱାଡି ଯୁବାମଞ୍ଚ ପକ୍ଷରୁ ଖୋଲିଲା ଜଳଛତ୍ର

**ଡୁଙ୍ଗୁରିପାଲି, ୨୫।୪(ଦୀନବନ୍ଧୁ ସୁନା )**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ମାରୱାଡି ଯୁବାମଞ୍ଚ ପକ୍ଷରୁ ଗୁରୁବାର ଆର୍‌ଏମସି ସାପ୍ତାହିକ ବଜାର ଛକରେ ଥଣ୍ଡା ପାନୀୟ ଜଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବାଟୋଇ, ଯାତ୍ରୀମାନଙ୍କୁ ଥଣ୍ଡା ପାନୀୟ ଜଳ ବଣ୍ଟନ କରିଥିଲେ। ମାରୱାଡି ଯୁବାମଞ୍ଚ ସଭାପତି ଯୁଗେଶ ଅଗ୍ରୱାଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସଆଇ ଟଙ୍କଧର ଛତ୍ରିଆ, ରାଜ୍ୟ ମାରୱାଡି ଯୁବାମଞ୍ଚ ଉପସଭାପତି ରାକେଶ ଅଗ୍ରୱାଲ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଡୁଙ୍ଗୁରିପାଲି ମାରୱାଡି ଯୁବାମଞ୍ଚ ସମ୍ପାଦକ ସଂକେତ ମିତ୍ତଲ, କୋଷାଧକ୍ଷ ପିୟୁଷ ଅଗ୍ରୱାଲ, ସହସମ୍ପାଦକ ଅଜିତ ଅଗ୍ରୱାଲ, କୁମର ବାବ ପ୍ରମୁଖ ଥଣ୍ଡା ପାନୀୟ ଜଳ ବଣ୍ଟନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।




ଥଣ୍ଡା ପାନୀୟ ଜଳ ବଣ୍ଟନ କାର୍ଯ୍ୟ ଶୁଭାରମ୍ଭ ଅବସରରେ ଥାନା ଅଧିକାରୀ ସତ୍ୟ ନାରାୟଣ ପଧାନ ଓ ଅନ୍ୟମାନେ।

## ଜଗନ୍ନାଥ ମନ୍ଦିରରେ ସନ୍ଥ ନିବାସ ଉଦଘାଟିତ

**ଗାଇସିଲେଟ,୨୫।୪ (ଦୁର୍ଗା ପ୍ରସାଦ ତ୍ରିବେଦୀ)**

ଗାଇସିଲେଟ ଜଗନ୍ନାଥମନ୍ଦିର ପରିସରରେ ନବ ନିର୍ମିତ ସାଧୁ-ସନ୍ଥ ନିବାସ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର କୁଳପତି ପ୍ରଫେସର ପଣ୍ଡିତସାଧୁ ଚରଣ ପଣ୍ଡାଙ୍କ ଦ୍ୱାରା ମନ୍ଦିର ପୂଜକ ପଣ୍ଡିତ ଲଳିତ କୁମାର ପଣ୍ଡାଙ୍କ ପୂଜାର୍ଚ୍ଚନା ପରେ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅମ୍ବିକା ପ୍ରସାଦ ତ୍ରିବେଦୀ, ଡା. ଓ୍ୱନିଲକମାର ପଣ୍ଡା, ନବିନ ଚନ୍ଦ୍ର ତ୍ରପାଠୀ, ଦେବେନ୍ଦ୍ର କମାର ପଣ୍ଡା ପ୍ରମୁଖ ସହଯୋଗକରିଥିଲେ। ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥ ଭଳଭଦ୍ର ଓ ମାତାସୁଭଦ୍ରାଙ୍କ ଆଳତି ପରେ ପ୍ରସାଦ ବିତରଣ ପରେ ଅଞ୍ଚଳର ବିଖ୍ୟାତ ପ୍ରବଚକ ପଣ୍ଡିତ ଉଦ୍ଧବ ତ୍ରିପାଠୀ ପ୍ରବଚନ ଦେଇଥିଲେ।



# ପୂଝାରୀପାଲି ଅଙ୍ଗ ନଦୀବନ୍ଧ ପ୍ରତିରୋଧ କମିଟିର ବୈଠକ

**ପଦ୍ମପୁର,୨୫।୪(ପ୍ରଦୀପ୍ତ ଦାଶ)**

### ଡ୍ୟାମ ସପକ୍ଷବାଦୀ ଗୋବର୍ଦ୍ଧନଙ୍କୁ ତୀବ୍ର ବିରୋଧ

ପଦ୍ମପୁର ଅନ୍ତର୍ଗତ ସରଇକେଲା ଗ୍ରାମପଞ୍ଚାୟତ ସମ୍ବଲପୁରୀ ଗ୍ରାମରେ ପୂଝାରୀପାଲି ଅଙ୍ଗନଦୀ ପ୍ରତିରୋଧ କମିଟିର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡ୍ୟାମ ସପକ୍ଷବାଦୀ ଭାଜପା ବିଧାନସଭା ପ୍ରାର୍ଥୀ ଗୋବର୍ଦ୍ଧନ ଭୁଏଙ୍କୁ ଏହି ଚବିଶଖଣ୍ଡ ସରଇକେଲା ଗ୍ରାମକୁ ଯାଇଥିଲେ। ସେଠାରେ ତାଙ୍କୁ କେତେକ ବ୍ୟକ୍ତି ସମ୍ବର୍ଦ୍ଧନା ସହ ମିଶି ଫଟୋ ଓ ବାର୍ତାଳାପ କରିଥିଲେ। ସେହି ବ୍ୟକ୍ତିବିଶେଷ ପ୍ରତି ବୁଡି ଅଞ୍ଚଳର ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେମାନେ ବୈଠକରେ ଯୋଗଦେଇ ନିଜର ଭୁଲ ସୁଧାର ସହ ଗୋବର୍ଦ୍ଧନ ମୁର୍ଦାବାଦ କହି ଏତାଦୃଶ କାର୍ଯ୍ୟ ପାଇଁ କ୍ଷମା ମାଗିଥିଲେ। ବୈଠକରେ ପୂଝାରୀପାଲି ଅଙ୍ଗନଦୀ ବନ୍ଧ ପ୍ରତିରୋଧ କମିଟି ସମ୍ପାଦକ ଆଇନଜୀବୀ କେଶବ ସାହୁ, ପୂର୍ବତନ ସଭାପତି ମଧୁସୂଦନ ଦାସ, ପ୍ରଭାତ ସାହୁ, ପାନଲାଲ ନାଏକ, ଗୋଲକ ପ୍ରଧାନ, ପ୍ରକାଶ ପ୍ରଧାନ, ଚରଦାପାଲି ପୂର୍ବତନ ସରପଞ୍ଚ ଗିରିଶ ନାୟକ, ସାରାଇକେଲା ଗ୍ରାମପଞ୍ଚାୟତ ସରପଞ୍ଚ ଉପେନ୍ଦ୍ର ପଟେଲ, ସୀତାନାଥ ସାହୁ, ଅରକ୍ଷିତ ପ୍ରଧାନ, ସୁଶାନ୍ତ ସାହୁ, ସୁନୀଲ ଅଗ୍ରୱାଲ ଓ ଅନେକ ବ୍ୟକ୍ତି ଅଭିଭାଷଣରେ ଗୋବର୍ଦ୍ଧନଙ୍କୁ ତୀବ୍ର ସମାଲୋଚନା ସହ ଭୋଟ ଦିବସ ପର୍ଯ୍ୟନ୍ତ ବୁଡି ଅଞ୍ଚଳର ପ୍ରତ୍ୟେକ ଗ୍ରାମରେ ନଦୀବନ୍ଧ ସପକ୍ଷବାଦୀ ବିରୋଧରେ ରାଲି କରିବା ପାଇଁ ଆହ୍ୱାନ କରିଥିଲେ। ଏହାପରେ ସମ୍ବଲପୁରୀ ଗ୍ରାମର ଜନସାଧାରଣଙ୍କୁ ନେଇ ଏକ ରାଲି ଅନୁଷ୍ଠିତ ହୋଇଥିଲା।



ପଦ୍ମପୁର ଅନ୍ତର୍ଗତ ସମ୍ବଲପୁରୀ ଗ୍ରାମବାସୀ ଓ ଡ୍ୟାମ୍ ବିପକ୍ଷବାଦୀଙ୍କ ବୈଠକ।

# ମା' ଶରଣୀପାଟ ମନ୍ଦିରରେ ଚୈତ୍ର ପୂର୍ଣ୍ଣିମା ଉତ୍ସବ

**ଦେବଗଡ଼,୨୫।୪ (ଶଶାଙ୍କ ଶେଖର ଝାଙ୍କର)**

ରିଆମାଳ ବ୍ଲକ ପାଇକନଗର ଗ୍ରାମର ମା' ଶରଣୀ ପାଟ ମନ୍ଦିରରେ ଚୈତ୍ର ପୂର୍ଣ୍ଣିମା ଉତ୍ସବ ଦୁଇ ଦିନ ଧରି ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଥମ ଦିବସ ପୂର୍ବାହ୍ନରେ ସ୍ଥାନୀୟ ଶିଆରଧୂଣ୍ଡି ନାଳ ନିକଟରୁ ଏକ ବିରାଟ କଳସ ଶୋଭାଯାତ୍ରା ଆସି ପୂଜା ସ୍ଥାନରେ ସ୍ଥାପନ କରାଯାଇଥିଲ। ପୂଜକ ମନୋରଞ୍ଜନ ଶତପଥି, କୁନୁ ଶତପଥି, ଅକ୍ଷୟ ନନ୍ଦଙ୍କ ଦାରା ପୂଜା କର୍ମ, ଚଣ୍ଡୀ ପାଠ ହୋମ କାର୍ଯ୍ୟ କରାଯାଇଥିଲା । ହୋମ କାର୍ଯ୍ୟରେ କର୍ତ୍ତା ଭାବେ ଅମୃତ ଗଡ଼ନାୟକ ଓ ଚାନ୍ଦମଣି ଗଡ଼ନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ମଧ୍ୟାହ୍ନରେ ଆୟୋଜିତ ଆନନ୍ଦ ବଜାର କାର୍ଯ୍ୟକ୍ରମ ଅତିଥି ଭାବେ ଜିଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ ଉଦଘାଟନ କରିଥିଲେ। ଅପରାହ୍ନରେ ସଂକୀର୍ତ୍ତନ ଓ ଅନ୍ୟ ସାଂସ୍କୃତିକ ନୃତ୍ୟ ଗୀତାର ତଳେ ତାଳେ ମା'ଙ୍କ ମେଳଣ ଗ୍ରାମ ପରିକ୍ରମା



କରିଥିଲା। ଯାତ୍ରା କମିଟି ସଭାପତି ପୌଲସ୍ତି ପୋଇଙ୍କ ସଭାପତିତ୍ୱ ଓ ସଂଯୋଜକ ପ୍ରାଣବନ୍ଧୁ ଘଡେଇଙ୍କ ସଂଯୋଜନାରେ ଆୟୋଜିତ ଯାତ୍ରା ମଣ୍ଡପକୁ ଅପୂର୍ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାମେଶ୍ୱର ନାୟକ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ଧରଣୀ ଧର ଜେନା, ଟିକେଶ୍ୱର ଗୁରୁ, ଗ୍ରାମ୍ୟ କମିଟି ସଭାପତି ପଦ୍ମନାଭ ଦଳବେହେରା, ଯାତ୍ରା କମିଟି ସମ୍ପାଦକ ଭୋଳେଶର ମାଝି, କୋଷାଧକ୍ଷ ରଜତ ନନ୍ଦ ପ୍ରମୁଖ ଉଦଘାଟନ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ପ୍ରକାଶ ମାଝି ଓ ସାଇପ୍ରସାଦ ଗଡ଼ନାୟକଙ୍କ ସଂଯୋଜନାରେ ଆୟୋଜିତ ନୃତ୍ୟ ପ୍ରତଯୋଗୀତା ନୃତ୍ୟାଙ୍ଗନା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ପ୍ରଫୁଲ ନାୟକ, ଶିକ୍ଷକ ଭୋଳେଶର ଘଡେଇ, ମହେଶ୍ୱର ପ୍ରଧାନ, ପଞ୍ଚାନନ ଭୋଇ ଯୋଗ ଦେଇଥିଲେ। ପୁରସ୍କାର ବିତରଣୀ ଉତ୍ସବ ର ରିଆମାଳ ପଞ୍ଚାୟତ ସମିତି ଉପାଧକ୍ଷା ଶର୍ମିଷ୍ଠା ଘଡେଇ, ପୂର୍ବତନ ସରପଞ୍ଚ ଚନ୍ଦମଣୀ ଗଡ଼ନାୟକ, ସମାଜସେବୀ ଟିକେଶ୍ୱରୀ ନାୟକ ପ୍ରମୁଖ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ନିମନ୍ତେ ରିଆମାଳ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ସେହିପରି ଗ୍ରାମପଞ୍ଚାୟତ ପକ୍ଷରୁ ସରପଞ୍ଚ ପ୍ରକାଶ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦର୍ଶକମାନଙ୍କ ନିମନ୍ତେ ଜଳଛତ୍ରର ବ୍ୟବସ୍ଥା କରାଯାଇଥିଲା। ଦୁଇ ଦିନିଆ କାର୍ଯ୍ୟକ୍ରମରେ ହଜାର ହଜାର ଭକ୍ତ, ରାଜନେତା ମା'ଙ୍କ ଦର୍ଶନ କରିବା ସହ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସୁବ୍ରତ ସାହୁ, ଟିକୁନୁ ଦଳବେହେରା, ଅବନୀ ସାହୁ, ମନୋରଞ୍ଜନ ସାହୁ, ନଗେନ ଭୁକ୍ତା, ନରେଶ ଦଳ ବେହେରା, ନରେଶ ବେହେରା, ସୁନୀଲ ଦଳ ବେହେରା, ସନ୍ତୋଷ ଜେନା, ଅଶୋକ ବେହେରା, ବିନେଶ ଦଳ ବେହେରା, ଅପେକ୍ଷା ଅମାତ୍ୟ, ମାନସ ଅମାତ୍ୟ, ଖଗେଶ୍ୱର ଘଡେଇ, କୁନା ବେହେରା ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ହାଇଦ୍ରାବାଦକୁ ହରାଇଲା ବେଙ୍ଗାଲୁରୁ

ହାଇଦ୍ରାବାଦ, ୨୫।୪ (ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୪ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଏହାର ଦ୍ୱିତୀୟ ବିଜୟ ହାସଲ କରିଛି। ରାଜୀବଗାନ୍ଧୀ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ମ୍ୟାଚରେ ରଜତ ପଟିଦାରଙ୍କ ବିସ୍ଫୋରକ ଓ ବିରାଟ କୋହଲିଙ୍କ ମାପଚୁପ ଅର୍ଦ୍ଧଶତକ ସହାୟତାରେ ସନରାଇଜର୍ସ ହାଇଦ୍ରାବାଦକୁ ଦଳ ୩୫ ରନରେ ହରାଇ ଦେଇଛି। ଆରସିବି ଦ୍ୱାରା ଧାର୍ଯ୍ୟ ୨୦୭ରନର ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ସନରାଇଜର୍ସ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୭୧ ରନ କରିଥିଲା। ଦଳ ପକ୍ଷରୁ ଟପ୍ ସ୍କୋରର ଶାହାବାଜ ଅହମଦ ୪୦ ରନ କରି ଅପରାଜିତ ରହିଥିବା ବେଳେ ଅଭିଷେକ ଶର୍ମା ଓ ପ୍ୟାଟ କୁମିନ୍ସ ୩୧ ରନ ଲେଖାଏଁ କରିଥିଲେ। ଆରସିବି ତରଫରୁ କାମେରନ ଗ୍ରୀନ, କର୍ନ ଶର୍ମା ଓ ସ୍ୱପ୍ନିଲ ସିଂ ପ୍ରତ୍ୟେକ ଦୁଇଟି ଲେଖାଏଁ ଉଇକେଟ ନେଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆରସିବି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୨୦୬ ରନ କରିଥିଲା। ପଟିଦାର (୨୦ ବଲ୍‌ରୁ ୫୦ରନ) ଓ କୋହଲି (୪୩ ବଲ୍‌ରୁ ୫୧ରନ) ତୃତୀୟ ଉଇକେଟ ପାର୍ଟନରଶିପ୍‌ରେ ଗୁରୁତ୍ୱପୂର୍ଣ୍ଣ ୬୫ ରନ ଯୋଗ କରିଥିଲେ। ପରେ ଡେଥ୍ ଓଭରରେ କାମେରନ ଗ୍ରୀନ୍ (୨୦ ବଲ୍‌ରୁ ୩୭*) ଏବଂ ସ୍ୱପ୍ନିଲ ସିଂ (୬ ବଲ୍‌ରୁ୧୨ରନ)ଙ୍କ ଚମତ୍କାର ବ୍ୟାଟିଂ ଯୋଗୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆରସିବି ୨୦୦ ରନ ଅତିକ୍ରମ କରିଥିଲା। ସନରାଇଜର୍ସ ତରଫରୁ ସଫଳ ବୋଲର ଭାବେ ଜୟଦେବ ଉନାଡକଟ ୩୦ରନ ବିନିମୟରେ ୩ଟି ଉଇକେଟ ନେଇଥିଲେ। ତାଙ୍କ ବୋଲିଂରେ କୋହଲି ଓ ପଟିଦାରଙ୍କ ବ୍ୟତୀତ ମହିପାଲ ଲମରୋର (୭ରନ) ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟି. ନଟରାଜନ ୨ଟି ଏବଂ ମୟଙ୍କ ମାର୍କଣ୍ଡେ ଓ ପ୍ୟାଟ୍ କୁମିନ୍ସ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ସନରାଇଜର୍ସ ଦଳରେ ଏହି ମ୍ୟାଚ ପାଇଁ ୱାଶିଂଟନ ସୁନ୍ଦରଙ୍କ ସ୍ଥାନରେ ଜୟଦେବ ଉନାଡ୍‌କଟଙ୍କୁ ସାମିଲ କରାଯାଇଥିଲା। ପଏଣ୍ଟ ଟେବୁଲର ନିମ୍ନରେ ଥିବା ଆରସିବି ୯ଟି ମ୍ୟାଚରେ ଦ୍ୱିତୀୟ ବିଜୟ ହାସଲ କରିଛି। ଅନ୍ୟପକ୍ଷରେ ସନରାଇଜର୍ସ ଦଳ ଗତ ୪ଟି ମ୍ୟାଚରେ ବିଜୟ ପରେ ପରାଜୟ ବରଣ କରିଥିଲେ ସୁଦ୍ଧା ପୂର୍ବଭଳି ତୃତୀୟ ସ୍ଥାନରେ ରହିଛି।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ରଜତ ପଟିଦାର।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
**କୋଲକାତା ବନାମ ପଞ୍ଜାବ**
ସ୍ଥାନ: କୋଲକାତା
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

**ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ:** ୨୦ ଓଭରରେ ୨୦୬/୭ (ବିରାଟ କୋହଲି-୫୧, ରଜତ ପଟିଦାର-୫୦, କାମେରନ ଗ୍ରୀନ-୩୭*, ଫାଫ୍ ଡୁପ୍ଲେସି-୨୫; ଜୟଦେବ ଉନାଡକଟ-୩/୩୦, ଟି. ନଟରାଜନ-୨/୩୯, ମୟଙ୍କ ମାର୍କଣ୍ଡେ-୧/୪୨, ପ୍ୟାଟ୍ କୁମିନ୍ସ-୧/୫୫)।
**ସନରାଇଜର୍ସ ହାଇଦ୍ରାବାଦ:** ୨୦ ଓଭରରେ ୧୭୧/୮ (ଶହାବାଜ ଅହମଦ-୪୦*, ଅଭିଷେକ ଶର୍ମା-୩୧, ପ୍ୟାଟ୍‌କୁମିନ୍ସ-୩୧ ; କାମେରନ ଗ୍ରୀନ-୨/୧୨, କର୍ନ ଶର୍ମା-୨/୨୯, ସ୍ୱପ୍ନିଲ ସିଂ-୨/୪୦)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୮ | ୭ | ୧ | ୧୪ | +୦.୬୯୮ |
| କୋଲକାତା ନାଇଟ ରାଇଡର୍ସ | ୭ | ୫ | ୨ | ୧୦ | +୧.୨୦୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୫ | ୩ | ୧୦ | +୦.୫୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୫ | ୩ | ୧୦ | +୦.୧୪୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୪ | ୪ | ୮ | +୦.୪୧୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୪ | ୫ | ୮ | -୦.୩୮୬ |
| ଗୁଜରାଟ ଟାଇଟନ୍ସ | ୯ | ୪ | ୫ | ୮ | -୦.୯୭୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୩ | ୫ | ୬ | -୦.୨୨୭ |
| ପଞ୍ଜାବ କିଙ୍ଗ୍ସ | ୮ | ୨ | ୬ | ୪ | -୦.୨୯୨ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୯ | ୨ | ୭ | ୪ | -୦.୭୨୧ |

# କିଟ୍ ଛାତ୍ରୀ ପ୍ରିୟଙ୍କାଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

ଭୁବନେଶ୍ୱର, ୨୫।୪ (ତପନ ସ୍ୱାଇଁ)

କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ପ୍ରିୟଙ୍କା ଗୋସ୍ୱାମୀ ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେ ଓ ତାଙ୍କ ପାର୍ଟନର ଆକାଶଦୀପ ସିଂ ତୁର୍କୀର ଆଣ୍ଟାଲ୍ୟାଠାରେ ଅନୁଷ୍ଠିତ ୱାର୍ଲ୍ଡ ଆଥ୍‌ଲେଟିକ୍ସ ରେସ୍ ୱାକିଂ ଟିମ୍ ଚାମ୍ପିୟନଶିପ୍‌ରେ ୩:୦୫.୦୩ ସେକେଣ୍ଡ ସମୟ ନେଇ ଅଲିମ୍ପିକ୍ସର ମାରାଥନ ରେସ୍ ୱାକ୍ ମିକ୍ସଡ ରିଲେ ଇଭେଣ୍ଟ ପାଇଁ ଯୋଗ୍ୟତା ପାଇଛନ୍ତି। ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ମାରାଥନ ମିକ୍ସଡ ରିଲେ ଇଭେଣ୍ଟ ଡେବ୍ୟୁ କରିବାକୁ ଯାଉଛି। ଏହି ଇଭେଣ୍ଟ ରିଲେ ଫର୍ମାଟରେ ଅନୁଷ୍ଠିତ ହେବ। ଜଣେ ଲେଖାଏ ମହିଳା ଓ ପୁରୁଷ ଆଥ୍‌ଲେଟ ଫୁଲ ମାରାଥନ ଦୂରତ୍ୱ ୪୨.୧୯୫ କିଲୋମିଟରକୁ ଅତିକ୍ରମ କରିବାକୁ ହେବ। ଆରମ୍ଭରେ ପୁରୁଷ ପାଇଁ ୧୨.୧୯୫ କିଲୋମିଟର ଓ ମହିଳାଙ୍କ ପାଇଁ ୧୦ କିମି ରେସ୍ ହେବ। ଏହାପରେ ପୁରୁଷ ଓ ମହିଳାଙ୍କ ପାଇଁ ୧୦ କିମି ଲେଖାଏ ରେସ୍ ପରେ ବିଜେତା ନିର୍ଣ୍ଣିତ ହେବେ। ଏହା ପୂର୍ବରୁ ପ୍ରିୟଙ୍କା ପ୍ୟାରିସ ଅଲିମ୍ପିକ୍ସର ବ୍ୟକ୍ତିଗତ ମହିଳା ୨୦ କିମି ରେସ୍ ୱାକ୍ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଛନ୍ତି। କିଟ୍ ଓ କିସ୍‌ର ମୋଟ ୪ ଖେଳାଳି ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପାଇଛନ୍ତି। ସେମାନେ ହେଲେ ପାରୁଲ ଚୌଧାରୀ (ମହିଳା ୩୦୦୦ ମି. ଷ୍ଟିପଲଚେଜ୍, ପ୍ରିୟଙ୍କା (ମହିଳା ୨୦ କିମି ରେସ୍ ୱାକ୍ ଓ ମାରାଥନ ରେସ୍ ୱାକ୍ ମିକ୍ସଡ ରିଲେ), କିଶୋର କୁମାର ଜେନା (ପୁରୁଷ ଜାଭେଲିନ୍ ଥ୍ରୋ) ଓ ଅମିତ ରୋହିଦାସ (ପୁରୁଷ ହକି)। ଗତ ଟୋକିଓ ଅଲିମ୍ପିକ୍ସ ଲାଗି କିଟ୍-କିସ୍‌ର ୪ ଛାତ୍ର ଯୋଗ୍ୟତା ପାଇଥିଲେ। ପ୍ୟାରିସ ଅଲିମ୍ପିକ୍ସ ପାଇଁ ୪ ଛାତ୍ର ଯୋଗ୍ୟତା ପାଇ ସାରିଥିବାବେଳେ ଆହୁରି ୭-୮ ଜଣ ର୍‌ୟାଙ୍କିଙ୍ଗ୍ କିମ୍ବା କୋଟା ମାଧ୍ୟମରେ ଯୋଗ୍ୟତାର ଦାବିଦାର ଅଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଲିମ୍ପିକ୍ସ ଆଶାୟୀ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ପ୍ରିୟଙ୍କା ଗୋସ୍ୱାମୀ

# ଅପରାଜେୟ ସତ୍ତ୍ୱେ ଓଡ଼ିଶା କ୍ୱାର୍ଟର ଫାଇନାଲରୁ ବଞ୍ଚିତ

**୨୦ ବର୍ଷରୁ କମ୍ ଜାତୀୟ ଫୁଟ୍‌ବଲ**

ଭୁବନେଶ୍ୱର, ୨୫।୪ (ତପନ ସ୍ୱାଇଁ)

ଛତିଶଗଡ଼ର ନରେନପୁରସ୍ଥିତ ରାମକୃଷ୍ଣ ମିଶନ ଆଶ୍ରମ ଗ୍ରାଉଣ୍ଡରେ ଚାଲିଥିବା ସ୍ୱାମୀ ବିବେକାନନ୍ଦ ୨୦ ବର୍ଷରୁ କମ୍ ଜାତୀୟ ଫୁଟବଲ ଚାମ୍ପିୟନଶିପ୍‌ର ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ଦଳ ଅପରାଜେୟ ରହିବା ସତ୍ତ୍ୱେ କ୍ୱାର୍ଟର ଫାଇନାଲ ପ୍ରବେଶରୁ ବଞ୍ଚିତ ହୋଇଛି। ଗୁରୁବାର ଅନୁଷ୍ଠିତ ଓଡ଼ିଶା-ମଣିପୁର ମ୍ୟାଚ ୧-୧ ଗୋଲରେ ଡ୍ର ରହିଥିଲା। ଓଡ଼ିଶା ପକ୍ଷରୁ ସୁରେଶ ଖାଡ଼ିଆ ୧୨ଶ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିବାବେଳେ ମଣିପୁର ପକ୍ଷରୁ ଅସଙ୍ଗବାମ ଭାସ୍କର ସିଂ ୫୧ତମ ମିନିଟରେ ତାହାକୁ ପରିଶୋଧ କରି ଦେଇଥିଲେ। ଲିଗ୍ ପର୍ଯ୍ୟାୟ ଶେଷରେ ଉଭୟ ଓଡ଼ିଶା ଓ ମଣିପୁର ୩ଟି ଲେଖାଏ ମ୍ୟାଚରୁ ୨ ପରାଜୟ ଓ ୧ ଡ୍ର ସହ ୭ ପଏଣ୍ଟ ଲେଖାଏ ପାଇଥିଲେ। ତେବେ ଗୋଲ ବ୍ୟବଧାନରେ ମଣିପୁର କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଥିଲା। ମଣିପୁର ୧୨ ଗୋଲ ଦେଇଥିବାବେଳେ ୨ଟି ବରଣ କରିଥିଲା। ଗୋଲ ବ୍ୟବଧାନ ଥିଲା ୧୦। ଅନ୍ୟପକ୍ଷରେ ଓଡ଼ିଶା ୫ ଗୋଲ ଦେଇଥିବାବେଳେ ଗୋଟିଏ ବରଣ କରିଥିଲେ ହେଁ ଗୋଲ ବ୍ୟବଧାନ ୪ ରହିବା ଯୋଗୁ ପଛରେ ପଡ଼ି ଯାଇଥିଲା।

# ଆନନ୍ଦଙ୍କୁ ଶ୍ରେୟ ଦେଲେ ଗୁକେଶ

ଚେନ୍ନାଇ, ୨୫।୪ (ପି.ଟି.)

କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟ ଜିତିବା ପରେ ଗୁରୁବାର ସ୍ୱଦେଶ ଫେରିଛନ୍ତି ଭାରତୀୟ ଚେସ୍ ପ୍ରତିଭା ଡି. ଗୁକେଶ। ଚେନ୍ନାଇରେ ତାଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ସେ ଏକ ସାକ୍ଷାତ୍‌କାରରେ ତାଙ୍କ ସଫଳତା ପାଇଁ ବିଶ୍ୱନାଥନ ଆନନ୍ଦଙ୍କୁ ଶ୍ରେୟ ଦେଇଛନ୍ତି। ତାଙ୍କ କ୍ୟାରିୟର ଗଠନରେ ଏହି ଚେସ୍ କିମ୍ବଦନ୍ତୀଙ୍କ ବଡ଼ ଭୂମିକା ରହିଛି। ତାହା ହୋଇ ନ ଥିଲେ ସେ ବର୍ତ୍ତମାନ ଯେଉଁ ସ୍ଥାନରେ ରହିଛନ୍ତି, ସେଠାରେ ପହଞ୍ଚି ପାରି ନ ଥାନ୍ତେ ବୋଲି କହିଛନ୍ତି। ୧୭ ବର୍ଷୀୟ ଗ୍ରାଣ୍ଡମାଷ୍ଟର ସୋମବାର ଟରଣ୍ଟୋଠାରେ କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟ ଜିତିବା ପରେ ବିଶ୍ୱ ଟାଇଟଲ ପାଇଁ ସର୍ବକନିଷ୍ଠ ଚ୍ୟାଲେଞ୍ଜର ଭାବେ ଉଭା ହୋଇଛନ୍ତି। ଏହା ଦ୍ୱାରା ସେ ୪୦ ବର୍ଷ ପୂର୍ବ କିମ୍ବଦନ୍ତୀ ଗ୍ୟାରି କାସ୍ପାରୋଭଙ୍କ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ଏହି ସଫଳତା ପରେ ସେ ଚଳିତବର୍ଷ ପରବର୍ତ୍ତୀ ଭାଗରେ ବିଶ୍ୱ ଚାମ୍ପିୟନ ଚାଇନାର ଡିଙ୍ଗ୍ ଲିରେନଙ୍କ ସହ ମୁକାବିଲା କରିବାକୁ ଯାଉଛନ୍ତି। ଗୁକେଶ କହିଛନ୍ତି ଆନନ୍ଦ ତାଙ୍କ ପାଇଁ ପ୍ରେରଣାର ଉତ୍ସ ରହିଛନ୍ତି। ତାଙ୍କ ଏକାଡେମୀରୁ ସେ ବିଶେଷ ଭାବେ ଉପକୃତ ହୋଇଛନ୍ତି। ତାଙ୍କ ନିକଟରେ ସେ କୃତଜ୍ଞ। ଗୁକେଶ ୨୦୨୦ରେ ପ୍ରତିଷ୍ଠିତ ୱେଷ୍ଟବ୍ରିଜ୍-ଆନନ୍ଦ ଚେସ୍ ଏକାଡେମୀରେ ଟ୍ରେନିଂ ନେଇଛନ୍ତି। କୌତୂହଳର କଥା ୨୦୧୪ରେ ଆନନ୍ଦଙ୍କ ପରେ ଗୁକେଶ ଦ୍ୱିତୀୟ ଭାରତୀୟ ଭାବେ କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟ ଜିତିଛନ୍ତି।


ଚେନ୍ନାଇରେ ସମ୍ବର୍ଦ୍ଧିତ ହେବା ଅବସରରେ ଚେସ୍ ପ୍ରତିଭା ଡି. ଗୁକେଶ।

## ଚିଫ୍ ଡି' ମିଶନ ପଦବୀ ପାଇଁ ସୋଢ଼ୀ ଆଗ୍ରହୀ

**ନୂଆଦିଲ୍ଲୀ, ୨୫।୪ (ପି.ଟି.):** ପ୍ୟାରିସରେ ହେବାକୁଥିବା ଅଲିମ୍ପିକ ଗେମ୍ସ ଲାଗି ଭାରତୀୟ ଦଳର ଚିଫ୍ ଡି' ମିଶନ ହେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ଖେଳରତ୍ନ ପୁରସ୍କାର ବିଜେତା ଶୁଟର ରଞ୍ଜନ ସୋଢ଼ୀ। ପୂର୍ବରୁ ଚିଫ୍ ଡି' ମିଶନ ନିଯୁକ୍ତି ପାଇଥିବା ୬ଥର ବିଶ୍ୱ ଚାମ୍ପିୟନ ବକ୍ସର ଏମ୍.ସି. ମେରୀକମ ଏପ୍ରିଲ ୧୨ରେ ବ୍ୟକ୍ତିଗତ କାରଣ ଦର୍ଶାଇ ଓହରିଯିବାରୁ ବର୍ତ୍ତମାନ ଏହି ପଦବୀ ଖାଲି ପଡ଼ିଛି। ବିଶ୍ୱକପ୍, ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏକାଧିକ ପଦକ ଜିତିଥିବା ସୋଢ଼ୀ ବର୍ତ୍ତମାନ ଏହି ପଦବୀ ପାଇଁ ଇ-ମେଲ୍ ଜରିଆରେ ଆବେଦନ କରିଛନ୍ତି। ଭାରତୀୟ ଅଲିମ୍ପିକ ଆସୋସିଏଶନ(ଆଇଓଏ) ସଭାପତି ପି. ଟି. ଉଷାଙ୍କ କାର୍ଯ୍ୟନିର୍ବାହୀ ସହକାରୀ ଅଜୟ ନାରଙ୍ଗ ଏ ବିଷୟରେ ସୂଚନା ଦେଇଛନ୍ତି। ଚିଫ୍ ଡି' ମିଶନ ପଦବୀରେ କାହାକୁ ନିଯୁକ୍ତି ମିଳିବ ତାହା ପି.ଟି. ଉଷା ଓ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟଗଣ ସ୍ଥିର କରିବେ।

# ଓଡ଼ିଶା ସିଏଚ୍ଏସ୍ଇ ବାଳିକା ଦଳକୁ ରୌପ୍ୟ


ରୌପ୍ୟ ପଦକ ସହ ଓଡ଼ିଶା ସିଏଚ୍ଏସ୍ଇ ବାଳିକା ଦଳ।

ଭୁବନେଶ୍ୱର, ୨୫।୪ (ତପନ ସ୍ୱାଇଁ)

ପୁଣେର ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ୬୭ତମ ନ୍ୟାଶନାଲ ସ୍କୁଲ ଗେମ୍ସର ରଗ୍‌ବୀ ଇଭେଣ୍ଟରେ ଓଡ଼ିଶା ସିଏଚ୍ଏସ୍ସି (ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ) ୧୯ ବର୍ଷରୁ କମ୍ ବାଳିକା ଦଳ ରୌପ୍ୟ ପଦକ ହାସଲ କରିଛି। ଗୁରୁବାର ଓଡ଼ିଶା ଓ ବିହାର ମଧ୍ୟରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ୭-୨୭ରେ ପରାଜିତ ହୋଇ ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲା। ଲିଗ୍ ମ୍ୟାଚ ଗୁଡ଼ିକରେ ଓଡ଼ିଶା ୧-୦ରେ ସିବିଏସ୍ଇକୁ ହରାଇଥିବାବେଳେ ବିହାରଠାରୁ ୦-୧୯ ପଏଣ୍ଟରେ ପରାଜିତ ହୋଇଥିଲା। କ୍ୱାର୍ଟର ଫାଇନାଲରେ ଦଳ ୨୭-୦ରେ ରାଜସ୍ଥାନକୁ ଏବଂ ସେମିଫାଇନାଲରେ ୩୬-୦ରେ ଛତିଶଗଡ଼କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା।

**ନ୍ୟାଶନାଲ ସ୍କୁଲ ଗେମ୍ସ ରଗ୍‌ବୀ**

ରାଇମଣି ଛତର, ବିଦ୍ୟୁସ୍ମିତା ସିଂ, ସଞ୍ଜୁକ୍ତା ଭୂମିଜ, ବର୍ଷାରାଣୀ ପ୍ରଧାନ, ସନ୍ଧ୍ୟାରାଣୀ ବିଶ୍ୱାଳ, ରଞ୍ଜୁଲତା ନାଏକ, ବେଲାମତି ଭତ୍ରା (ସମସ୍ତେ କିସ୍), ଭାଗ୍ୟଲକ୍ଷ୍ମୀ ମାରାଣ୍ଡି, ହିସି ଟୁଡୁ, ଅସ୍ମିତା ରାଣୀ ମାଝି (ସମସ୍ତେ ମୟୂରଭଞ୍ଜ), ଲକ୍ଷ୍ମୀପ୍ରୀୟା ବେହେରା ଓ ନମିତା ମହାନ୍ତି (ଉଭୟେ ବାଲେଶ୍ୱର) ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଏବଂ ବିଏମ୍‌ସି ପକ୍ଷରୁ ଗୁରୁବାର ଭୁବନେଶ୍ୱରସ୍ଥିତ ବିଜେବି କଲେଜରେ ଭୋଟର ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ। **(ଫଟୋ– ବିକାଶ ନାୟକ)**

## ଜେଇଇ ମେନ୍ ଫଳ ପ୍ରକାଶିତ

**ଭୁବନେଶ୍ୱର,୨୫।୪ (ଅନୁରାଧା ମହାରଣା)**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଦ୍ୱାରା ପରିଚାଳିତ ସର୍ବଭାରତୀୟ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ ମେନ୍ ଫେଜ୍–୨) ୨୦୨୪ ଫଳ ବୁଧବାର ପ୍ରକାଶ ପାଇଛି। ୫୬ଜଣ ପରୀକ୍ଷାର୍ଥୀ ୧୦୦ ପର୍ସେଣ୍ଟାଇଲ୍ ରଖିଛନ୍ତି। ଏମାନଙ୍କ ମଧ୍ୟରେ ତେଲଙ୍ଗାନାରୁ ୧୫ଜଣ, ଆନ୍ଧ୍ରପ୍ରଦେଶରୁ ୭ଜଣ, ମହାରାଷ୍ଟ୍ରରୁ ୭ଜଣ ଏବଂ ଦିଲ୍ଲୀରୁ ୬ ଜଣ ରହିଛନ୍ତି। ଶତପ୍ରତିଶତ ମାର୍କ ତାଲିକାରେ ଦୁଇଜଣ ଝିଅ ରହିଥିବାବେଳେ ସେମାନେ ହେଉଛନ୍ତି ଦିଲ୍ଲୀର ଶାୟନା ସିହ୍ନା ଏବଂ କର୍ନାଟକର ସାନଭି ଜୈନ। ଏହା ବ୍ୟତୀତ ପଶ୍ଚିମବଙ୍ଗର ଭୂମିକା ଶାହା ଥାର୍ଡଜେଣ୍ଡର ବର୍ଗରେ ୫୬.୬୭୮୪୮୨୦ ପ୍ରତିଶତ ହାସଲ କରିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ଜାନୁଆରୀ ଓ ଏପ୍ରିଲରେ ଦୁଇଟି ରାଉଣ୍ଡରେ ଜେଇଇ ମେନ୍ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୧୦ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ।

## ସରକାରୀ ହସ୍ପିଟାଲ ପରିସରରେ ଥିବା ଘରୋଇ ଔଷଧ ଦୋକାନ ବନ୍ଦ ହେବ

**ଭୁବନେଶ୍ୱର, ୨୫।୪ (ବନ୍ଦନା ସେଠୀ)**

ରାଜ୍ୟର ସରକାରୀ ଡାକ୍ତରଖାନା ପରିସରରେ ରହିଥିବା ଘରୋଇ ଔଷଧ ଷ୍ଟୋର୍ ବନ୍ଦ ହେବ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏପରି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଉକ୍ତ ଘରୋଇ ମେଡିସିନ ଷ୍ଟୋର୍‌ଗୁଡିକର ଲିଜ୍ ଅବଧି ଆଉ ନ ବଢ଼ାଇବା ପାଇଁ ବିଭାଗ ନିର୍ଦ୍ଦେଶ ଦେବା ସହ ନୂଆ ଷ୍ଟୋର ଯେପରି ନ ଖୋଲିବ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଏ ସଂକ୍ରାନ୍ତରେ ସମସ୍ତ ସିଡିଏମ୍‌ଓଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟ ସରକାର ସବୁ ସରକାରୀ ଡାକ୍ତରଖାନାରେ ଔଷଧ ବିତରଣ କେନ୍ଦ୍ର (ଡିଡିସି) ଜରିଆରେ ୨୪ ଘଣ୍ଟିଆ ଔଷଧ ଯୋଗାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି। ମାତ୍ର ସରକାରୀ ହସ୍ପିଟାଲ ପରିସରରେ କେତେଜଣ ବ୍ୟବସାୟୀ ଔଷଧ ଦୋକାନ ଖୋଲି ବିକ୍ରୟ କରୁଛନ୍ତି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ବିରୋଧରେ ହାଇକୋର୍ଟରୁ ରହିତାଦେଶ ଆଣି ବ୍ୟବସାୟ କରୁଛନ୍ତି। ଅପରପକ୍ଷେ ଅନେକ ଦୋକାନୀଙ୍କ ପାଖରେ ହାଇକୋର୍ଟଙ୍କ ରହିତାଦେଶ ନ ଥିଲେ ବି ସେମାନେ ବ୍ୟବସାୟ ଜାରି ରଖିଛନ୍ତି। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏବେ ସ୍ୱାସ୍ଥ୍ୟ ବିଭାଗ ତତ୍ପର ହୋଇଉଠିଛି। ଆସନ୍ତା ୧୫ଦିନ ମଧ୍ୟରେ ସରକାରୀ ମେଡିକାଲ କଲେଜ ସହ ସରକାରୀ ଡାକ୍ତରଖାନା ପରିସରରେ ଥିବା ସମସ୍ତ ଔଷଧ ଷ୍ଟୋର୍‌ଗୁଡ଼ିକୁ ଉଚ୍ଛେଦ କରିବା, ବେଆଇନ ଭାବେ ଔଷଧ ବିକ୍ରି କରୁଥିବା ଦୋକାନୀଙ୍କ ଚୁକ୍ତିକୁ ତୁରନ୍ତ ବାତିଲ କରିବାକୁ କୁହାଯାଇଛି।

## ନିର୍ବାଚନ ପାଇଁ ରାଜ୍ୟରେ ଅତିରିକ୍ତ ୧୦ କମ୍ପାନୀ ସଶସ୍ତ୍ର ପୋଲିସ ମୁତୟନ ହେବେ

**ଭୁବନେଶ୍ୱର,୨୫।୪(ଅନିଲ ଦାସ)**

ସାଧାରଣ ନିର୍ବାଚନ–୨୦୨୪କୁ ମୁକ୍ତ, ଅବାଧ ଓ ସ୍ୱଚ୍ଛ ରୂପେ ସମ୍ପନ୍ନ କରାଇବା ପାଇଁ ସୁରକ୍ଷା ଓ ଆଇନଶୃଙ୍ଖଳାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ସେହି କ୍ରମରେ ରାଜ୍ୟରେ ଅତିରିକ୍ତ ୧୦ କମ୍ପାନୀ ତ୍ରିପୁରା ରାଜ୍ୟ ସଶସ୍ତ୍ର ପୋଲିସ(ଭାରତ ରିଜର୍ଭ ବାଟାଲିୟନ) ମୁତୟନ ପାଇଁ ନିଷ୍ପତ୍ତି ହୋଇଛି। ଏହି ୧୦ କମ୍ପାନୀ ସଶସ୍ତ୍ର ପୋଲିସ ବଳ ଓଡ଼ିଶାର ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ଜଗତ୍‌ସିଂହପୁର, ଢେଙ୍କାନାଳ, ସୋନପୁର, ଦେବଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲାରେ ମୁତୟନ ହେବେ। ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କ ନିର୍ଦ୍ଦେଶରେ ଗୁରୁବାର ରାଜ୍ୟ ପୋଲିସ ନୋଡାଲ ଅଧିକାରୀ ତଥା ଅତିରିକ୍ତ ଡିଜି ସଞ୍ଜୟ କୁମାର, ସିଏପିଏଫ୍ ନୋଡାଲ ଅଧିକାରୀ ତଥା ଅତିରିକ୍ତ ଡିଜି ଏସ୍. ଦେବଦତ୍ତ ସିଂ ଓ ଷ୍ଟେଟ୍ ଫୋର୍ସ କୋଅର୍ଡିନେଟର ତଥା ସିଆର୍‌ପିଏଫ୍ ଆଇଜି ଅର୍ଚ୍ଚନା ଶିବହରେଙ୍କ ମଧ୍ୟରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି କମ୍ପାନୀଗୁଡ଼ିକ ମୁତୟନ ହୋଇଥିବା ସ୍ଥାନରେ ୨୦୨୪ ମେ' ୧ ତାରିଖରୁ କାର୍ଯ୍ୟ ଆରମ୍ଭ କରିବେ। ରାଜ୍ୟରେ ସୁରକ୍ଷିତ ନିର୍ବାଚନ ଓ ଶାନ୍ତିଶୃଙ୍ଖଳା ମଧ୍ୟରେ ତ୍ରୁଟିଶୂନ୍ୟ ନିର୍ବାଚନ ପରିଚାଳନା ପାଇଁ ପୂର୍ବରୁ ରହିଥିବା ସଶସ୍ତ୍ର ବାହିନୀ ଓ ପୋଲିସ ବଳ ସହ ମିଶି ଏହି ୧୦ କମ୍ପାନୀ ବିଶେଷ ସହାୟକ ହେବେ।

# ଡିଭିଜନ ବେଞ୍ଚରେ ରାଜ୍ୟ ସରକାରଙ୍କ ଅପିଲ

**କନିଷ୍ଠ ଶିକ୍ଷକ ନିଯୁକ୍ତି ମାମଲା**

### ୨୯ରେ ରାୟ ଶୁଣାଇବେ ହାଇକୋର୍ଟ

**କଟକ,୨୫।୪(କାର୍ତ୍ତିକ ସାହୁ)**

ରାଜ୍ୟର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ନେଇ ରୁଜୁ ହୋଇଥିବା ମାମଲାର ରାୟ ପ୍ରକାଶ କରି ହାଇକୋର୍ଟର ଜଣିକିଆ ବିଚାରପତି ବିରଜା ପ୍ରସନ୍ନ ଶତପଥୀଙ୍କ ବେଞ୍ଚ ଗତ ମାର୍ଚ୍ଚ ୧୨ରେ ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି (ଓସେପା)ର ମେରିଟ ଲିଷ୍ଟ ଖାରଜ କରିଥିଲେ। ଏଥିସହ ନିଯୁକ୍ତି ସର୍ତ୍ତାବଳୀ ଅନୁଯାୟୀ ସାନି ମେରିଟ ଲିଷ୍ଟ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ରାୟ ବିରୋଧରେ ରାଜ୍ୟ ସରକାର ହାଇକୋର୍ଟର ଡିଭିଜନ୍ ବେଞ୍ଚରେ ଅପିଲ କରିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂହ ଏବଂ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର ଏହି ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ୨୯ ତାରିଖରେ ଉକ୍ତ ମାମଲାର ରାୟ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ କନିଷ୍ଠ ଶିକ୍ଷକ ନିଯୁକ୍ତି ନିମନ୍ତେ ଅନ୍‌ଲାଇନ୍ ଆବେଦନ ପାଇଁ ୨୦୨୩ ସେପ୍ଟେମ୍ବର ୧୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆବେଦନପତ୍ର ଦାଖଲର ଶେଷ ତାରିଖ ଅକ୍ଟୋବର ୧୦ ତାରିଖ ଥିଲା। ଆବେଦନ ପ୍ରକ୍ରିୟା ଶେଷ ପରେ ୨୦୨୪ ଜାନୁଆରୀ ୧୫ରେ ଓସେପା ପକ୍ଷରୁ ଡ୍ରାଫ୍ଟ ମେରିଟ ଲିଷ୍ଟ ପ୍ରକାଶ କରାଯାଇଥିଲା। ଏହି ମେଧା ତାଲିକାରେ ପ୍ରକାଶିତ ଆବେଦନକାରୀଙ୍କ ସାର୍ଟିଫିକେଟ ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରାଯିବ ବୋଲି ଓସେପା ପକ୍ଷରୁ ଜାନୁଆରୀ ୧୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯାଞ୍ଚ କାର୍ଯ୍ୟକ୍ରମ ପାଇଁ ପ୍ରତି ଜିଲାରେ ନିର୍ଦ୍ଧାରିତ ହୋଇଥିବା ସ୍ଥାନ ସମ୍ପର୍କରେ ମଧ୍ୟ ବିଜ୍ଞପ୍ତିରେ ସୂଚନା ଦିଆଯାଇଥିଲା। ହେଲେ ଏହି ମେଧା ତାଲିକା ନିୟମ ଉଲ୍ଲଂଘନ କରି ପ୍ରସ୍ତୁତ କରାଯାଇଥିବା ଏବଂ ଗଣଶିକ୍ଷା ବିଭାଗର ମୂଳ ନିଯୁକ୍ତି ବିଜ୍ଞପ୍ତିରେ ଥିବା ସର୍ତ୍ତାବଳୀକୁ ପାଳନ କରାଯାଇନଥିବା ନେଇ ଅଭିଯୋଗ ହୋଇଥିଲା। ଏହାଦ୍ୱାରା ବହୁ ଯୋଗ୍ୟ ପ୍ରାର୍ଥୀ ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ପଡ଼ିଛନ୍ତି। ଫଳରେ ଉକ୍ତ ମେଧା ତାଲିକାକୁ ରଦ୍ଦ କରିବା ପାଇଁ ଜେ. ଆର୍. ମହାରଣା ଏବଂ ଅନ୍ୟମାନେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ହାଇକୋର୍ଟ ଜାନୁଆରୀ ୧୯ ତାରିଖରେ ମାମଲାର ଶୁଣାଣି କରି ନିଯୁକ୍ତି ପ୍ରକ୍ରିୟା ଉପରେ ଅନ୍ତରୀଣ ଅଙ୍କୁଶ ଲଗାଇଥିଲେ। ସାର୍ଟିଫିକେଟ ଓ କାଗଜପତ୍ର ଯାଞ୍ଚ ପ୍ରକ୍ରିୟା ଚାଲୁ ରହିବ, ମାତ୍ର ଚୟନ ଓ ନିଯୁକ୍ତି ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରିବ ନାହିଁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁସାରେ ରାଜ୍ୟ ସରକାର ସତ୍ୟପାଠ ଦାଖଲ କରି କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ଜିଲା ଅନୁଯାୟୀ ମେଧା ତାଲିକା ପ୍ରକାଶ କରାଯାଇଥିବା ଦର୍ଶାଇଥିଲେ। ପୂର୍ବରୁ ପ୍ରକାଶିତ ମେଧା ତାଲିକା ପ୍ରତ୍ୟାହାର ହୋଇଛି କି ନାହିଁ ସେନେଇ ସତ୍ୟପାଠ ଦାଖଲ କରିବାକୁ ପୁଣି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ହାଇକୋର୍ଟ ଗତ ଜାନୁଆରୀ ୩୧ ତାରିଖରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ।

# ଆହୁରି ୨ ସପ୍ତାହ ଗ୍ରୀଷ୍ମ ପ୍ରବାହ

**ଭୁବନେଶ୍ୱର,୨୫।୪ (ଅନୁରାଧା ମହାରଣା)**

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଗୁରୁବାର ୩୩ ସହରରେ ଦିନର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ରହିଥିଲା। ସେହିଭଳି ୨୨ ସହରରେ ପାରଦ ୪୨ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଥିବାବେଳେ ୪୩.୮ ଡିଗ୍ରୀ ସହ ଝାରସୁଗୁଡା ରାଜ୍ୟର ଉତ୍ତପ୍ତ ସହର ପାଲଟିଥିଲା। ତେବେ ଆଗାମୀ ୨ଦିନ ମଧ୍ୟରେ ରାଜ୍ୟର କିଛି କିଛି ସ୍ଥାନରେ ଦିନ ତାପମାତ୍ରାରେ ଆହୁରି ୨ରୁ ୩ ଡିଗ୍ରୀ ବୃଦ୍ଧି ହେବାର ଆଶଙ୍କା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ଆସନ୍ତା ୫ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୩ରୁ ୬ ଡିଗ୍ରୀ ଅଧିକ ରହିବା ସହ ଭୀଷଣ ଗ୍ରୀଷ୍ମପ୍ରବାହ ପରିସ୍ଥିତି ଲାଗିରହିବ। ବିଭାଗ ତରଫରୁ ଜାରି ବିସ୍ତାରିତ ଆକଳନ ଅନୁଯାୟୀ, ରାଜ୍ୟରେ ଆଗାମୀ ୨ ସପ୍ତାହ ଯାଏ ଗ୍ରୀଷ୍ମପ୍ରବାହ ଲାଗି ରହିପାରେ। ଶୁକ୍ରବାର ଭୀଷଣ ଗ୍ରୀଷ୍ମ ପ୍ରବାହ ବା ହିଟ୍‌ୱେଭ୍ ପ୍ରଭାବ ବିଶେଷକରି ଗଜପତି ଓ ଗଞ୍ଜାମ ଜିଲାରେ ଅଧିକ ଅନୁଭୂତ ହେବ। ସେହିପରି ଝାରସୁଗୁଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଅନୁଗୋଳ, ନୟାଗଡ଼, ବଲାଙ୍ଗୀର, ବୌଦ୍ଧ, ନୂଆପଡ଼ା, କନ୍ଧମାଳ, ଖୋର୍ଦ୍ଧା, କଟକ ଓ ଢେଙ୍କାନାଳ ଜିଲାରେ ମଧ୍ୟ ହିଟ୍‌ୱେଭ୍ ଜାରିରହିବ। ଏଥିପାଇଁ ସମ୍ପୃକ୍ତ ଜିଲାଗୁଡ଼ିକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହାସହ କାଳବୈଶାଖୀ ନେଇ କିଛି ଜିଲାକୁ ୟେଲୋ ୱାର୍ନିଂ ରହିଛି। ପରବର୍ତ୍ତୀ ୨ଦିନରେ ହିଟ୍‌ୱେଭ୍ ପାଇଁ ବିଭିନ୍ନ ଜିଲାକୁ ରେଡ୍ ୱାର୍ନିଂ ଓ କିଛି ଜିଲାକୁ ଅରେଞ୍ଜ ୱାର୍ନିଂ ରହିଥିବା ସୂଚନା ଦେଇଛି ପାଣିପାଗ କେନ୍ଦ୍ର।

# ପୁଅଙ୍କ ଲଢ଼େଇ, ବାପାଙ୍କ ଚିନ୍ତା

**ବଲାଙ୍ଗୀର,୨୫।୪**
**(ବୀରେନ୍ଦ୍ର କୁମାର ଝାଙ୍କର)**



ସମରେନ୍ଦ୍ର ମିଶ୍ର



ନରସିଂହ ମିଶ୍ର



କଳିକେଶ ନାରାୟଣ ସିଂଦେଓ



ଅନଙ୍ଗ ଉଦୟ ସିଂଦେଓ



ନିହାର ରଞ୍ଜନ ବେହେରା



ଯୋଗେନ୍ଦ୍ର ବେହେରା

୨୦୨୪ ନିର୍ବାଚନରେ ନିଜ ପୁଅକୁ ପ୍ରାର୍ଥୀ କରି ରାଜ୍ୟର ଅନେକ ବରିଷ୍ଠ ଏବଂ ସଫଳ ରାଜନେତା ଏବେ ଷ୍ଟାର ପ୍ରଚାରକ ପାଲଟିଛନ୍ତି। ବିଶେଷକରି ବଲାଙ୍ଗୀର ବିଧାନସଭା ନିର୍ବାଚନମଣ୍ଡଳୀରେ ଦୁଇ ପାରମ୍ପରିକ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ବଲାଙ୍ଗୀର ରାଜ ପରିବାର ଏବଂ ମିଶ୍ର ପରିବାର ଭିତରେ ବାପ–ପୁଅ ଯୋଡ଼ିଙ୍କ ହାଇଭୋଲ୍‌ଟେଜ୍ ଲଢ଼େଇ ଓ ପ୍ରତିଦ୍ୱନ୍ଦ୍ୱିତା ଏବେ ଚର୍ଚ୍ଚାର ବିଷୟ ହୋଇଛି। ବରିଷ୍ଠ କଂଗ୍ରେସ ନେତା, ପୂର୍ବତନ ମନ୍ତ୍ରୀ ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ସାନପୁଅ ଯୁବନେତା ସମରେନ୍ଦ୍ର ମିଶ୍ର ଏବଂ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓଙ୍କ ବଡ଼ପୁଅ ପୂର୍ବତନ ଲୋକ ସଭା ସଦସ୍ୟ କଳିକେଶ ନାରାୟଣ ସିଂଦେଓ ଏଥର ନିର୍ବାଚନୀ ମଇଦାନରେ ପରସ୍ପର ମୁହାଁମୁହିଁ ହୋଇଛନ୍ତି। ଏବେ ସମରେନ୍ଦ୍ର–ନରସିଂହ ଏବଂ କଳିକେଶ–ଅନଙ୍ଗ ବାପପୁଅ ଯୋଡ଼ି ନିର୍ବାଚନ ରାଜନୀତିକୁ ସରଗରମ କରିଦେଇଛି। ପୁଅ ପାଇଁ ବାପା ଏବେ ଷ୍ଟାର ପ୍ରଚାରକ ଏବଂ ରଣନୀତି ବିଶେଷଜ୍ଞ ପାଲଟିଛନ୍ତି। ଉଭୟ ଯୋଡ଼ିଙ୍କ ପ୍ରତିଦ୍ୱନ୍ଦ୍ୱିତା, ପ୍ରଚାର ଏବଂ ପ୍ରଚଣ୍ଡ ଖରାରେ ତୋଫାନୀ ଗସ୍ତ ଏବେ ନିର୍ବାଚନମଣ୍ଡଳୀର ଗାଁ ଓ ସହର ଏପରି କି ରାଜ୍ୟ ରାଜନୀତିକୁ ଉଷ୍ମ କରିଦେଇଛି।

ବଲାଙ୍ଗୀର ଆସନରେ ୨୦୧୪ରେ ନରସିଂହ– ଅନଙ୍ଗ ପରସ୍ପର ମୁହାଁମୁହିଁ ହୋଇଥିଲେ। ଏଥିରେ ନରସିଂହ ବିଜୟୀ ହୋଇଥିଲେ। ୨୦୧୯ରେ ଅନଙ୍ଗଙ୍କ ସାନପୁଅ ଅର୍କେଶ ନାରାୟଣ ସିଂଦେଓକୁ ପରାସ୍ତକରି ନରସିଂହ ଲଗାତର ବିଜୟ ଲାଭ କରିଥିଲେ। ତେବେ ୨୦୨୪ ନିର୍ବାଚନ ନରସିଂହ ଆଉ ଲଢ଼ିବେ ନାହିଁ ବୋଲି ପୂର୍ବରୁ ଘୋଷଣା କରିଥିଲେ। ତାଙ୍କ ସ୍ଥାନରେ ତାଙ୍କ ସାନପୁଅ ସମରେନ୍ଦ୍ର ଏଥର କଂଗ୍ରେସ ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ୫ ଥର ବିଧାୟକ ଏବଂ ପୂର୍ବତନ ମନ୍ତ୍ରୀ ନରସିଂହଙ୍କ ଲୋକ ସମ୍ପର୍କ, ଗତ ୧୦ ବର୍ଷର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଏବଂ ସାଙ୍ଗଠନିକ ଶକ୍ତି ସମରେନ୍ଦ୍ରଙ୍କୁ ସହାୟ ହେବ ବୋଲି ଆକଳନ କରାଯାଉଛି। ୨୦୧୯ ନିର୍ବାଚନରେ ସମରେନ୍ଦ୍ର ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ସମରେନ୍ଦ୍ରଙ୍କ ପାଇଁ ବାପା ନରସିଂହ ଏବେ ମାରାଥନ୍ ପ୍ରଚାରରେ ଲାଗିଛନ୍ତି। ପ୍ରଚଣ୍ଡ ଖରାରେ ସେ ଗାଁ ଗାଁରେ ସଭା କରୁଛନ୍ତି। ଅନ୍ୟପଟେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟଙ୍କ ବଡ଼ପୁଅ ପୂର୍ବତନ ଲୋକ ସଭା ସଦସ୍ୟ କଳିକେଶଙ୍କୁ ଏଥର ବିଜେଡି ବଲାଙ୍ଗୀର ବିଧାନସଭା ଆସନରେ ପ୍ରାର୍ଥୀ କରିଛି। ୨୦୦୪ ନିର୍ବାଚନରେ କଳିକେଶ ସଇଁତଲା ଆସନରୁ ବିଧାୟକ ନିର୍ବାଚିତ ହୋଇଥିଲେ। ଏହାପରେ ସେ ୨୦୦୯ ଏବଂ ୨୦୧୪ରେ ଲୋକ ସଭା ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ। ୨୦୧୯ ନିର୍ବାଚନରେ ସେ ତାଙ୍କ ଭାଉଜ ତଥା ଭାଜପା ପ୍ରାର୍ଥୀ ସଙ୍ଗୀତା କୁମାର ସିଂଦେଓଙ୍କଠାରୁ ହାରିଯାଇଥିଲେ। ୧୯୯୦ ମସିହାରୁ ନିରବଚ୍ଛିନ୍ନ ଭାବେ ଦୀର୍ଘ ୨୪ ବର୍ଷ ଧରି ବିଧାୟକ ଓ ମନ୍ତ୍ରୀ ପଦରେ ଥିବା ଅନଙ୍ଗ ଉଦୟଙ୍କ ରାଜନୈତିକ ଦକ୍ଷତା ଏବଂ ନିଜ ଅଭିଜ୍ଞତାକୁ ନେଇ କଳିକେଶ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। କଳିକେଶଙ୍କ ପାଇଁ ବାପା ଅନଙ୍ଗ ଉଦୟ ଏବେ ଷ୍ଟାର ପ୍ରଚାରକ ଭାବେ ନିର୍ବାଚନୀ ରଣନୀତି ମଙ୍ଗ ଧରିଛନ୍ତି। ସେହିପରି ଲୋଇସିଂହା ନିର୍ବାଚନମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ଯୋଗେନ୍ଦ୍ର ବେହେରାଙ୍କ ସାନପୁଅ ନିହାର ରଞ୍ଜନ ବେହେରାଙ୍କୁ ଏଥର ବିଜେଡି ବିଧାୟକ ପ୍ରାର୍ଥୀ କରିଛି। ୨୦୧୯ରେ ସେ ଆଶାୟୀ ଥିଲେ ମଧ୍ୟ ଦଳ ତାଙ୍କୁ ଟିକେଟ ଦେଇ ନ ଥିଲା। ଏଥର କିନ୍ତୁ ନିହାର ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ପାଇଁ ନିର୍ବାଚନୀ ପ୍ରଚାର ମଇଦାନକୁ ଏ ପର୍ଯ୍ୟନ୍ତ ବାପା ଯୋଗେନ୍ଦ୍ର ଓହ୍ଲାଇ ନ ଥିଲେ ମଧ୍ୟ ଲୋଇସିଂହାସ୍ଥିତ ବାସଭବନରେ ରହି ପୁରାତନ କର୍ମୀ ଓ ସମର୍ଥକଙ୍କୁ ଭେଟି ପ୍ରଚାର କାର୍ଯ୍ୟ କରୁଛନ୍ତି। ନାମାଙ୍କନପତ୍ର ଦାଖଲ ପରେ ସେ ନିର୍ବାଚନୀ ସଭାରେ ଯୋଗ ଦେବେ ବୋଲି ଜଣାପଡ଼ିଛି। ଚଳିତ ନିର୍ବାଚନରେ କଳିକେଶ ଓ ନିହାରଙ୍କୁ ପ୍ରାର୍ଥୀ କରି ୨ ବିଜେଡି ନେତା ଅନଙ୍ଗ ଉଦୟ ଏବଂ ଯୋଗେନ୍ଦ୍ର ଯେତିକି ଚିନ୍ତାରେ ଅଛନ୍ତି ପୁଅ ସମରେନ୍ଦ୍ରଙ୍କୁ ପ୍ରାର୍ଥୀ କରି ବରିଷ୍ଠ କଂଗ୍ରେସ ନେତା ନରସିଂହ ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। ଅପରପକ୍ଷରେ ବାପ–ପୁଅ ଯୋଡ଼ିଙ୍କ ଚିନ୍ତା, ରଣନୀତି ଏବଂ ପ୍ରଚାର କାର୍ଯ୍ୟ ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

## ଗାଡ଼ି ମିଳିଲାନି, ଖଟିଆରେ ବୁହାହେଲା ମୃତଦେହ



ମେଡିକାଲରୁ ମୃତଦେହ ଖଟିଆରେ ନିଆଯାଉଛି।

**ଥୁଆମୂଳ ରାମପୁର,୨୫।୪(ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ସରକାରଙ୍କ ମହାପ୍ରୟାଣ ଯୋଜନାରେ ଗାଡ଼ି ନ ମିଳିବାରୁ ପରିବାର ଲୋକେ ମୃତଦେହକୁ ଖଟିଆରେ ବୋହି ଘରକୁ ନେଇଛନ୍ତି। ମିଳିଥିବା ସୂଚନା ମୁତାବକ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ଥୁଆମୂଳ ରାମପୁର ଗ୍ରାମର ଉପେନ୍ଦ୍ର ନାଗ (୨୨) ଓ ତାଙ୍କ ସାଙ୍ଗ ସନ୍ତୋଷ ବାଗ୍ (୨୭) ବୁଧବାର କୌଣସି ଏକ କାମରେ ସନ୍ଧ୍ୟା ୬ଟା ବେଳେ ବାଇକ୍ ଧରି ଘରୁ ବାହାରିଥିଲେ। ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରେ ପରିବାର ଲୋକେ ଉଭୟଙ୍କ ଫୋନକୁ ଯୋଗାଯୋଗ କରିଥିଲେ ମଧ୍ୟ ସେମାନେ ଫୋନ ଉଠାଇ ନ ଥିଲେ। ଏପରିସ୍ଥଳେ ଗୁରୁବାର ସକାଳେ ଅଗ୍ନିଶମ ବିଭାଗ କର୍ମଚାରୀ ଥୁଆମୂଳ–ରାମପୁର ରାସ୍ତାର ଏକ ଜଙ୍ଗଲ ନିକଟରେ ଦୁଇ ଯୁବକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀ ଦୁଇ ଯୁବକଙ୍କୁ ଉଦ୍ଧାର କରି ତାଙ୍କ ଗାଡ଼ିରେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ପରୀକ୍ଷା କରି ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ଉପେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପରିବାର ଲୋକେ ମୃତଦେହ ନେବା ପାଇଁ ମହାପ୍ରୟାଣ ଯୋଜନାରେ ଗାଡି ବ୍ୟବସ୍ଥା କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଶେଷରେ ସେମାନେ ବାଧହୋଇ ଖଟିଆରେ ମୃତଦେହ ଘରକୁ ନେଇଥିବା ପ୍ରକାଶ କରିଥିଲେ। ବର୍ଷ ବର୍ଷ ଧରି ଏହି ସମସ୍ୟା ସମାଧାନ ପାଇଁ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବା କହିଛନ୍ତି। ଏ ସମ୍ପର୍କରେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଇନ୍‌ଚାର୍ଜ ଡା. ନୀତିନ ଝାଙ୍କୁ ପଚାରିବାରୁ ସେ ଘଟଣା ବିଷୟରେ କେହି ତାଙ୍କୁ ଜଣାଇ ନାହାନ୍ତି। ଯଦି ଜଣାଇଥାନ୍ତେ ତା'ହେଲେ ବ୍ୟବସ୍ଥା କରାଯାଇଥାନ୍ତା ବୋଲି କହିଥିଲେ।

## ଦୁର୍ଘଟଣାରେ ବାପ, ପୁଅ ମୃତ

**ବଡ଼ଗାଁ,୨୫।୪**
**( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ତୁଡାଲଗା ବସ୍‌ଷ୍ଟାଣ୍ଡଠାରେ ବୁଧବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାପ ଓ ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତୁଡାଲଗା ଗ୍ରାମର ଗଣେଶ କମାର(୩୮) ଓ ତାଙ୍କ ପୁଅ ଓମ୍ (୧୩)। ଦୁର୍ଘଟଣା ଘଟାଇଥିବା ଗାଡ଼ି ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ଏନେଇ ବଡ଼ଗାଁ ଥାନା ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ସୂଚନା ଅନୁଯାୟୀ, ବୁଧବାର ରାତିରେ ଗଣେଶ ବାଇକରେ ତାଙ୍କ ପୁଅକୁ ବସାଇ ବଡ଼ଗାଁକୁ ରାମଲୀଳା ଯାତ୍ରା ଦେଖିବା ପାଇଁ ଆସିଥିଲେ। ଯାତ୍ରା ଦେଖି ବିଳମ୍ବିତ ରାତିରେ ଫେରୁଥିବା ବେଳେ ରାଉରକେଲା ପଟୁ ଆସୁଥିବା କୌଣସି ଏକ ଭାରିଯାନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାପା, ପୁଅଙ୍କ ମୃତ୍ୟୁ ଘଟିଥିଲା। ତୁଡାଲଗା ସରପଞ୍ଚ ସୁଦୀପ ବାଡା ମୃତକଙ୍କ ପରିବାରକୁ ସାକ୍ଷାତ୍ କରି ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। ତୁଡାଲଗା ବସ୍‌ଷ୍ଟାଣ୍ଡରେ ସିସି କ୍ୟାମେରା ଲାଗିଥିବାରୁ ଦୁର୍ଘଟଣା ଘଟାଇଥିବା ଗାଡ଼ି ଜଣାପଡିବ ବୋଲି ସରପଞ୍ଚ ଓ ଗ୍ରାମବାସୀ ପୋଲିସକୁ କହିଛନ୍ତି। ଏନେଇ ପୋଲିସ ତଦନ୍ତ କରୁଛି।

## ସଂକ୍ଷେପରେ

### ପ୍ରଭାବତୀ ସ୍କୁଲରେ ଭୋଟର ସଚେତନତା କାର୍ଯ୍ୟକ୍ରମ



ଟିଟିଲାଗଡ଼,୨୫।୪(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଗୁରୁବାର ସ୍ଥାନୀୟ ପ୍ରଭାବତୀ ପବ୍ଲିକ ସ୍କୁଲରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଟିଟିଲାଗଡ ଉପ ଜିଲାପାଳ ରେହାନ ଖତ୍ରୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭୋଟଦାନ କାହିଁକି ଗୁରୁତ୍ୱପୂର୍ଣ୍ଣ ସେ ନେଇ ବୁଝାଇଥିଲେ । ସ୍ୱଚ୍ଛ ଏବଂ ନିରପେକ୍ଷ ମତଦାନ ଉପରେ ଉପଜିଲାପାଳ ଗୁରୁତ୍ୱ ଦେଇଥିଲେ । ନିଜ ଅଭିଭାବକ ଏବଂ ପଡୋଶୀମାନଙ୍କୁ ଭୋଟଦାନ ନେଇ ସଚେତନ କରିବାକୁ ଖତ୍ରୀ ପରାମର୍ଶ ଦେଇଥିଲେ । ସହାୟକ ଜିଲାପାଳ ସନ୍ଦୀପ ଚନ୍ଦ୍ରାକର, ସନ୍ତୋଷ ବେହେରା, ବିଦ୍ୟାଳୟର ଅଧକ୍ଷା ଡ଼. ସୁନନ୍ଦା ଜତି, ଉପାଧ୍ୟକ୍ଷ ପୀତାମ୍ବର ଶର୍ମା, ପ୍ରକଳ୍ପ ନିର୍ଦ୍ଦେଶକ ଧରିତ୍ରୀ ମହାନ୍ତି, ଅନୁପମା ଚୌଧୁରୀ, ଉଦୟ ମହାପାତ୍ର, ପ୍ରମୋଦ ପାଲ, ଧୂଳେଶ୍ୱର ଦଳବେହେରା, ଭାସ୍କର ଭୋଇ, ଉଜ୍ଜ୍ୱଳ ସିଂ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ । ଏହି ଅବସରରେ ଭୋଟରଙ୍କୁ ସଚେତନ ନେଇ ଛାତ୍ରୀଛାତ୍ର ରଙ୍ଗୋଲି ଅଙ୍କନ କରିଥିଲେ ।

### ନାଟକ ସୀତା ଚୋରି ମଞ୍ଚସ୍ଥ

ଘଣ୍ଟାପଡ଼ା,୨୫।୪(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ାର ବିଭିନ୍ନ ଅଞ୍ଚଳରେ ଶ୍ରୀରାମନବମୀଠାରୁ କେଉଁଠାରେ ନାଟକ ତ କେଉଁଠାରେ ପାରାୟଣ ହେଉଛି। ସେହିପରି ଘଣ୍ଟାପଡ଼ା ଗାଁର ୨ଟି ସାହିରେ ନାଟ୍ୟଉତ୍ସବ ମହାସମାରୋହରେ ଚାଲିଛି। ଶ୍ରୀ ଜଗନ୍ନାଥ ନାଟ୍ୟସଂସଦ ତରଫରୁ ସପ୍ତମ ସନ୍ଧ୍ୟାରେ ନାଟକ ସୀତା ଚୋରି ମଞ୍ଚସ୍ଥ ହୋଇଯାଇଛି। ଉକ୍ତ ନାଟକରେ ରାମ ଭୂମିକାରେ ଫକିର ରଣା, ସୀତା ରସରାଜ ସେନାପତି, ଲକ୍ଷ୍ମଣ ଅମରସିଂ ରଣା, ରାବଣ ସୁବଳ ପାଣ୍ଡେଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମଧ୍ୟରାତ୍ର ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ସେହିପରି ଶ୍ରୀ ରଘୁନାଥ ନାଟ୍ୟ ସଂସଦ ତରଫରୁ ପୂଜା ମଣ୍ଡପରେ ରାମାୟଣ ଚରିତ ସୂର୍ପଣଖାର ନାସାକର୍ଣ୍ଣ ଛେଦନ ନାଟକ ମଞ୍ଚସ୍ଥ ହୋଇଥିଲା। ଉକ୍ତ ନାଟକରେ ରାମ ଭୂମିକାରେ ଦେବରାଜ ବିଶି, ସୀତା ଜିତେନ୍ଦ୍ର ପାଣିଗ୍ରାହୀ, ଲକ୍ଷ୍ମଣ ଅକ୍ଷୟ ମଲିକ, ସୂର୍ପଣଖା ଭୂମିକାରେ ଯୋଗୀରାମ ରଣା ପ୍ରମୁଖ ଅଭିନୟ କରି ଦର୍ଶକଙ୍କ ମନ ମୋହିଥିଲେ। ଉକ୍ତ ନାଟ୍ୟୋତ୍ସବ ୧୪ ଦିନ ଧରି ଚାଲୁ ରହିବ।



ସୀତାଚୋରି ନାଟକର ଏକ ଦୃଶ୍ୟ।

# ଦେବଭୂମିରୁ ଆରମ୍ଭ ହେବ ଶଙ୍ଖନାଦ: ପ୍ରଣବ ପ୍ରକାଶ

ଦେବଗଡ଼,୨୫।୪(ଶଶାଙ୍କ ଶେଖର ଝାଙ୍କର)



ତିଲେଇବଣି ଓ ବଳମଠାରେ ଆୟୋଜିତ ସମାବେଶରେ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଉଦ୍‌ବୋଧନ ଦେଉଛନ୍ତି।

**ତିଲେଇବଣି, ବଳମରେ ବିଜେଡି ଲୋକ ସଭା ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର**

ଦେବଗଡ ଜିଲାର ତିଲେଇବଣି ଓ ବଳମଠାରେ ଆୟୋଜିତ ଜନ ସମାବେଶରେ ଲୋକଙ୍କୁ ଭରସା ଦେଇଛନ୍ତି ସମ୍ବଲପୁର ଲୋକ ସଭା ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ। ମୁଖ୍ୟମନ୍ତ୍ରୀଙ୍କର ଗୋଟିଏ ନାରା ସାଢେ ୪ କୋଟି ଓଡିଶାବାସୀ ମୋ ପରିବାର। ମୁଁ ତାଙ୍କ ପାଇଁ ଜୀବନର ଶେଷ ରକ୍ତ ବିନ୍ଦୁ ଥିବା ପର୍ଯ୍ୟନ୍ତ କାମ କରିବି ଓ ଏହାହିଁ ତାଙ୍କର ଜୀବନର ଲକ୍ଷ୍ୟ। ମୁଖ୍ୟମନ୍ତ୍ରୀ ଯାହା କହନ୍ତି ତାହା କରନ୍ତି। ତେଣୁ ଏବେ ସମୟ ଆସିଛି ଦେବଭୂମୀରୁ ଶଙ୍ଖନାଦ ଆରମ୍ଭ ହେବ। ଆପଣମାନେ ଦୁଇ ଦୁଇ ଥର ଶଙ୍ଖ ଚିହ୍ନରେ ଭୋଟ ଦେଇ ନବୀନ ବାବୁଙ୍କର ହାତ ମୁଠାକୁ ସଶକ୍ତ କରିବେ। ତାଙ୍କର ଗୋଟିଏ ଲକ୍ଷ୍ୟ ସମ୍ବଲପୁର ଲୋକ ସଭା ଓ ଦେବଗଡ ବିଧାନସଭା କ୍ଷେତ୍ରର କିଭଳି ଉନ୍ନତି ହେବ। ଆପଣମାନଙ୍କ ସ୍ୱର ବିଧାନସଭା ଓ ଲୋକ ସଭାରେ କେମିତି ଉଠିବ ସେ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ। ଜିଲା ବିଜେଡି ସଭାପତି ଇଂ. ଚିତରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭା ଦ୍ୱୟରେ ବିଜେଡି ଦେବଗଡ ବିଧାନ ସଭା ପ୍ରାର୍ଥିନୀ ଅରୁନ୍ଧତୀ କୁମାରୀ ଦେବୀ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପାଞ୍ଜିଆ ଭୋଇ, ଦେବଗଡ ଜିଲା ପରିଷଦ ସଭାପତି କୌଶିକ କୁମାର ପ୍ରଧାନ, ଦେବଗଡ ପୌର ପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ବରିଷ୍ଠ ବିଜେଡି ନେତା ସଞ୍ଜିତ କୁମାର ମହାନ୍ତି, ଜିଲା ପରିଷଦ ଉପାଧ୍ୟକ୍ଷା ବର୍ଷାରାଣୀ ମୁଣ୍ଡା, ଜିଲା ପରିଷଦ ସଦସ୍ୟ ରାଜେଶ ମହାନାୟକ, ପୁଷ୍ପାଞ୍ଜଳି ସାମଲ, ସମରେନ୍ଦ୍ର କୁମାର ଜିତ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର ଓ ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ ଓ ତିଲେଇବଣି ବ୍ଲକ ବିଜେଡି ସଭାପତି ବାବୁଲାଲ ପୃଷେଠ, ପରିଷଦ ସଦସ୍ୟା ବାସନ୍ତୀ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଭୂତି ଗଙ୍ଗଦେବ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସୁଷମା ବେହେରା,ବାରକୋଟ ବ୍ଲକ ବିଜେଡିସ ଭାପତି ହୀରାଲାଲ ସାହୁ, ଏସ୍‌ଡିସିସି ବ୍ୟାଙ୍କ ପୂର୍ବତନ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ଉମାଶଙ୍କର ସାହୁ, ଜିଲା ମହିଳା ବିଜେଡି ସଭାନେତ୍ରୀ ଅରୁଣୀ ପ୍ରଧାନ, ଅର୍ଚ୍ଚନା ପ୍ରଧାନ, ଜିଲା ଯୁବ ବିଜେଡି ସବାପତି ପ୍ରତାପ କୁମାର ଦେବ, ଜିଲା ଛାତ୍ର ବିଜେଡି ସଭାପତି ଭବାନୀ ଶଙ୍କର ସାହୁ, ବିଜେଡି ଦେବଗଡ ବିଧାନସଭା ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଞ୍ଜନ କୁମାର ସାହୁ, ରାଜକିଶୋର ଦାଶଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ। ବିଜେଡି ଏମ୍‌ପି ପ୍ରାର୍ଥୀ ଦାସ ଉଭୟ ସଭା ସ୍ଥଳରେ ପହଞ୍ଚିବା ପରେ ତାଙ୍କୁ ହଜାର ହଜାର ଲୋକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ୨୭ରେ ପାଣ୍ଡିଆନଙ୍କ କଳାହାଣ୍ଡି ଗସ୍ତ

ଭବାନୀପାଟଣା,୨୫।୪(ଉତ୍ତମ କୁମାର ଦାଶ)

**ବିଜେଡି ଶିବିରରେ ଉତ୍ସାହ**



କାର୍ତ୍ତିକ ପାଣ୍ଡିଆନ

ଆସନ୍ତା ୨୭ ତାରିଖରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କଳାହାଣ୍ଡି ଗସ୍ତରେ ଆସି ନିର୍ବାଚନ ପ୍ରଚାର କରିବା କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ ଜୁନାଗଡ଼ ବିଧାୟକ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ସୂଚନା ଦେଇଛନ୍ତି। ନୂଆପଡାରୁ ସେ ହେଲିକପ୍ଟର ଯୋଗେ ଆସି ଜିଲାର କୋକସରା ବ୍ଲକ ଗୋଟୋମୁଣ୍ଡା ଚୂନଚୂନିରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେଇ ଲୋକଙ୍କୁ ସମ୍ବୋଧିତ କରିବେ। ପରେ ଗୋଲାମୁଣ୍ଡା ବ୍ଲକ ଦଶପୁରଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେବେ। ଏହାସହ ଜୟପାଟଣା ବଜାର ପଡିଆ, କର୍ଲାମୁଣ୍ଡା ବ୍ଲକର ଜୋରାଡୋବ୍ରା ହାଇସ୍କୁଲ ପଡିଆରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପାଣ୍ଡିଆନଙ୍କ କାର୍ଯ୍ୟକ୍ରମକୁ ନେଇ କଳାହାଣ୍ଡି ବିଜେଡି ଶିବିରରେ ଉତ୍ସାହ ଦେଖିବାକୁ ମିଳିଛି।

# ବିରାଯୁଧ ବଧ, ସୂର୍ପଣଖା ନାଶା ଛେଦନ ନାଟକ ମଞ୍ଚସ୍ଥ



ବିରାଯୁଧ ବଧ ନାଟକର ଏକ ଦୃଶ୍ୟ।

ରିଷିଡ଼ା,୨୫।୪(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ଜଗନ୍ନାଥ ସାଂସ୍କୃତିକ ସଂସଦ କୁମ୍ଭାରପଡ଼ା ପକ୍ଷରୁ ଶ୍ରୀରାମ ନବମୀ ଉତ୍ସବ ଅନୁଷ୍ଠିତ ହେଉଛି। ଏହି ଅବସରରେ ସପ୍ତମ ଦିବସ ଗୁରୁବାର ରାତିରେ ରାମ ବନବିହାର, ବିରାଯୁଧ ବଧ ଓ ସୂର୍ପଣଖା ନାଶା ଛେଦନ, ଖରଦୂଷଣ, ତ୍ରିଶିରା ବଧ ନାଟକ ମଞ୍ଚସ୍ଥ ହୋଇଛି। ନାଟ୍ୟ ଅଭିନୟରେ ନୂଆ ଓ ପୁରୁଣା କଳାକାର ଅଭିନୟ କରିଥିଲେ। ଖୋଲା ରଙ୍ଗମଞ୍ଚରେ ନାଟ୍ୟ ଅଭିନୟ ବେଶ୍ ଆକର୍ଷଣୀୟ ଥିଲା। ରାମଲୀଳା ପାଇଁ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଏଠାରେ ଶ୍ରୀରାମ ନବମୀଠାରୁ ୧୪ଦିନ ରାମଲୀଳା ନାଟକ ମଞ୍ଚସ୍ଥ ହୋଇଥାଏ। ନାଟକର ବିଭିନ୍ନ ଭୂମିକାରେ ବୈବସ୍ୱତ ରଣା, ସାନ ରଣା, ନିମାଇଁ ରଣା,ବିରଞ୍ଚି ରଣା, ବଡ଼ ରଣା, ପ୍ରେମା ମଲ୍ଲିକ ପ୍ରମୁଖ ଅଭିନୟ କରୁଛନ୍ତି। ମୋହନଲାଲ ରଣା ପୁରାଣ ପଣ୍ଡା ଦାୟିତ୍ୱ ନିର୍ବାହ କରୁଛନ୍ତି। ସାଂସ୍କୃତିକ ସଂସଦ ସଭାପତି ସୀତାରାମ ରଣା, ସମ୍ପାଦକ ପୀତବାସ ରଣା, ଉପସଭାପତି ପ୍ରଦୀପ ରଣା, ସହ ସମ୍ପାଦକ ସୁଜିତ ରଣା ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।

# ଜୁରାବନ୍ଧ ଓ ଟିକ୍ରାପଡ଼ାରେ ବିଜେଡିର ନିର୍ବାଚନୀ ସଭା



ବିଜେଡି ପକ୍ଷରୁ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥିଗଣ।

ସଇଁତଲା,୨୫।୪(ରାଖାଲ ପ୍ରସାଦ ଶତପଥୀ)

ଟିଟିଲାଗଡ଼ ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରାର୍ଥୀ ଟୁକୁନୀ ସାହୁଙ୍କ ଦ୍ୱାରା ସଇଁତଲା ବ୍ଲକ ଜୁରାବନ୍ଧ ଓ ଟିକ୍ରାପଡ଼ାଠାରେ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ସଇଁତଲା ବ୍ଲକ ବିଜେଡ଼ିର ପର୍ଯ୍ୟବେକ୍ଷକ ଲୋଟସ ଷଡ଼ଙ୍ଗୀ, ମୁକେଶ ଜୈନ, ଶୋଭନ ସିଂ ଭୋଇ, ସିମରନ ସିଂ ଭୋଇ, ଜିଲା ପରିଷଦ ସଦସ୍ୟ ହିମାଞ୍ଚଳ ବୁଡେକ, ଟୁନୁ ରାଜପାଲିଆ, ସୁବ୍ରତ ନାଗ ପ୍ରମୁଖ ମଞ୍ଚାସୀନ ଥିଲେ। ବିଜୁ ଜନତା ଦଳକୁ ମଜବୁତ କରିବା ସହ ଯୋଡ଼ି ଶଙ୍ଖରେ ଭୋଟ ଦେଇ ବଲାଙ୍ଗୀର ଏମ୍‌ପି ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ ଏବଂ ଟିଟିଲାଗଡ଼ ବିଧାୟିକା ପ୍ରାର୍ଥୀ ଟୁକୁନୀ ସାହୁଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ନିବେଦନ କରିଥିଲେ। ସେହିପରି ଅନ୍ୟ ଦଳର ବହୁ ସଦସ୍ୟ ବିଜେଡ଼ିରେ ସାମିଲ ହୋଇଥିଲେ। ସଭାରେ ଉପସ୍ଥିତ ଜନସାଧାରଣ ଘରେ ଘରେ ଶଙ୍ଖ ଏବଂ ଆଗାମୀ ଦିନରେ ରାଜ୍ୟରେ ବିଜେଡ଼ି ସରକାର ଗଠନ କରିବେ ବୋଲି ସଂକଳ୍ପ ନେଇଥିଲେ। ଆଗାମୀ ଦିନରେ ଅନେକ ବିକାଶମୂଳକ କାର୍ଯ୍ୟ କରିବାର ଅଛି। ଏଣୁ ଲୋକଙ୍କ ସେବା କରିବା ସହ ସେମାନଙ୍କ ସୁଖ ଓ ଦୁଃଖର ସାଥୀ ହୋଇ ରହିବାକୁ ଚାହେଁ ବୋଲି ବିଧାୟିକା ପ୍ରାର୍ଥୀ ଟୁକୁନୀ ସାହୁ କହିଥିଲେ। ଏହାସହ ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ପୁଣି ଥରେ ବିଜେଡ଼ିକୁ ଭୋଟ ଦେଇ ବିଜୟୀ କରିବାକୁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ।

### ଭୋଟର ସଚେତନତା ରାଲି

ଥୁଆମୂଳ ରାମପୁର, ୨୫।୪(ଦୁର୍ଗା କୀର୍ତ୍ତି)

ଥୁଆମୂଳ ରାମପୁର ବ୍ଲକ ମୁଖ୍ୟାଳୟରେ ଗୁରୁବାର ବ୍ଲକ ପ୍ରଶାସନ ପକ୍ଷରୁ ବିଡ଼ିଓ ଧ୍ରୁବ ଚରଣ ମୁଦୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୋଟର ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ରାଲିରେ ବିଭିନ୍ନ ସ୍ଲୋଗାନ ଦିଆଯାଇ ଲୋକମାନଙ୍କୁ ସଚେତନ କରାଯାଇଥିଲା। ରାଲିରେ ଏଇଇ ଦିଲୀପ କୁମାର ପଟେଲ, ଜିପିଓ ଜ୍ଞାନରଞ୍ଜନ ଭୋଇ, ଏମ୍‌ଆଇ ବିଭୂରଞ୍ଜନ ସାହୁ, ଏପିଓ ଅଶୋକ ମୋଦି, ବିପିଏମ୍ ସୌମ୍ୟରଞ୍ଜନ ମହାପାତ୍ର, ଆଇସିଡ଼ିଏସ୍ ସୁପରଭାଇଜର ସରୋଜା ସେଠୀ, ସିଡ଼ିପିଓ ଫୁଲ ଜୋନସିଆ ଶରେନ, ଅଙ୍ଗନୱାଡି ୱାର୍କର, ମିଶନ ଶକ୍ତି ବିଭାଗ, ଏମ୍‌ବିକେ, ସିଆର୍‌ପି, କୃଷି ମିତ୍ର, ପ୍ରଣୀମିତ୍ର, ଏସ.ଏଚ.ଜି ମହିଳା, ଥୁଆମୂଳ ରାମପୁର ତହସିଲ ଅଧିକାରୀ, ବ୍ଲକ କୃଷି ଅଧିକାରୀ ପ୍ରମୁଖ ସାମିଲ ହୋଇଥିଲେ।

# ଲାଞ୍ଜିଗଡ଼ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



ସମ୍ବେଦନଶୀଳ ଅଞ୍ଚଳରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ।

ଲାଞ୍ଜିଗଡ଼,୨୫।୪(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ପୋଲିସ ପକ୍ଷରୁ ଗୁରୁବାର ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଲାଞ୍ଜିଗଡ଼ ସହର ସମେତ ସମ୍ବେଦନଶୀଳ ଅଞ୍ଚଳରେ ଏହି କାର୍ଯ୍ୟକ୍ରମ କରାଯାଉଛି। ଗୁରୁବାର ଛତ୍ରପୁର ଗ୍ରାମପଞ୍ଚାୟତର ଭାଟଗୁଡ଼ା ଓ ଟାଙ୍ଗନକଣା ଗ୍ରାମଠାରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ନିର୍ବାଚନ କମିଶନର, କଳାହାଣ୍ଡି ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ପଦକ୍ଷେପ ଗ୍ରହଣ କରାଯାଉଛି। ଲାଞ୍ଜିଗଡ଼ ଥାନାଧିକାରୀ ବିଜୟଲକ୍ଷ୍ମୀ ହିକ୍କାଙ୍କ ନେତୃତ୍ୱରେ ତ୍ରିଲୋଚନପୁର ସିଆର୍‌ପିଏଫ୍‌ର ୨ ପ୍ଲାଟୁନ କେନ୍ଦ୍ରୀୟ ସୁରକ୍ଷା ବଳଙ୍କ ସମେତ ଏସ୍‌ଆଇ ଲିଙ୍ଗରାଜ ସେଠୀ, ଏସ୍‌ଆଇ ସ୍ୱର୍ଣ୍ଣଲତା ଗମାଙ୍ଗ, ଏସ୍‌ଆଇ ମାଝି ଗମାଙ୍ଗ ପ୍ରମୁଖ ଫ୍ଲାଗ୍‌ମାର୍ଚ୍ଚରେ ସାମିଲ ହୋଇଥିଲେ। ଆଗାମୀ ମେ ୧୩ରେ ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀରେ ଉଭୟ ଲୋକ ସଭା ଓ ବିଧାନସଭା ପାଇଁ ଭୋଟ ଗ୍ରହଣ ହେବ। ନିର୍ବାଚନ ସମୟରେ ଆଚରଣ ବିଧି ପାଳନ, ଆଇନ ଶୃଙ୍ଖଳା ରକ୍ଷା ଓ ଲୋକଙ୍କ ମନରୁ ଭୟ ଦୂରକରି ପୋଲିସ ଉପରେ ଆସ୍ଥା ପ୍ରକଟ ଉଦ୍ଦେଶ୍ୟରେ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି ବୋଲି ଥାନାଧିକାରୀ ହିକ୍କା ପ୍ରକାଶ କରିଛନ୍ତି।

# ଯୋଗଗୁରୁ ହରି ଭାଇ ବିଦ୍ୟା ବାଚସ୍ପତି ସମ୍ମାନରେ ସମ୍ବର୍ଦ୍ଧିତ

ଖପ୍ରାଖୋଲ,୨୫।୪(ଅଭୟ ତ୍ରିପାଠୀ)



ସମାରୋହରେ ହରିଭାଇଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସାହଜପାଣି ପଞ୍ଚାୟତ ଫୁଲୁକିମୁଣ୍ଡା ଗାଁର ଯୁବ ଯୋଗଗୁରୁ ହରିଭାଇଙ୍କୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ହିନ୍ଦୀ ବିଦ୍ୟାପୀଠ ମଥୁରା ତରଫରୁ ମଧ୍ୟପ୍ରଦେଶ ଭୋପାଳର ଏକ ହୋଟେଲଠାରେ ଆୟୋଜିତ ଭବ୍ୟ ସମାରୋହରେ ବୁଧବାର ବିଦ୍ୟା ବାଚସ୍ପତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିବା ଜଣାଯାଇଛି। ହିନ୍ଦୀ ଭାଷା ପ୍ରଚାର ପ୍ରସାର, ପ୍ରାକୃତିକ ଚିକିତ୍ସା, ଯୋଗ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାପୀଠର କୁଳପତି ଡ଼ା ଇନ୍ଦୁଭୂଷଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ନ୍ୟାୟାଧୀଶ ଦେବେନ୍ଦ୍ର କୁମାର ଜୈନ, ମୁଖ୍ୟବକ୍ତା ଭାବେ କଥା ବାଚିକା ଦିପା ମିଶ୍ର, ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ପଣ୍ଡିତ ବିଶ୍ୱନାଥ ପାଣିଗ୍ରାହୀ, ପରିବେଶବିତ୍ ବିଶ୍ୱକାନ୍ତ କାନକାନେ ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ କରିଥିବା ଜଣାଯାଇଛି। ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୫୮ ଜଣକୁ ସମ୍ମାନଜନକ ବିଦ୍ୟା ବାଚସ୍ପତି ସମ୍ମାନରେ ଉପଢୌକନ, ମାନପତ୍ର ଆଦି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ, ଯୁବ ଯୋଗ ଗୁରୁ ହରିଭାଇ ପୂର୍ବରୁ ଡକ୍ଟରେଟ, ସେବା ଗୌରବ, ଯୁବ ଗୌରବ ଭଳି ବିଭିନ୍ନ ସମ୍ମାନରେ ସମ୍ବର୍ଦ୍ଧିତ ହୋଇ ସାରିଛନ୍ତି।

# ସୁସ୍ଥ ହୋଇ ନିଜ ଘର ମହାରାଷ୍ଟ୍ରକୁ ଫେରିଲେ ସଞ୍ଜୟ ସିରାସତେ

ଝାରସୁଗୁଡ଼ା,୨୫।୪ (ସଞ୍ଜୟ ମାଲି)



**ମାନସିକ ଗ୍ରସ୍ତ ଅବସ୍ଥାରେ ଉଦ୍ଧାର ହୋଇ ମିଶନ ଆଶାଲୋକରେ ଥିଲେ**

ଝାରସୁଗୁଡ଼ା ଜିଲା ରାଜପୁର ପଞ୍ଚାୟତ କଟାପାଲିସ୍ଥିତ ମାନସିକ ଗ୍ରସ୍ଥ ଲୋକଙ୍କ ପାଇଁ ଜିଲା ପ୍ରଶାସନ ଓ ପିପୁଲ୍ସ ଫୋରମ ଦ୍ୱାରା ପରିଚାଳିତ ଥଇଥାନ କେନ୍ଦ୍ର ମିଶନ ଆଶାଲୋକରୁ ଜଣେ ମାନସିକ ବିଚାରଗ୍ରସ୍ଥ ସଞ୍ଜୟ ସିରାସତେ ନିଜ ଘର ମହାରାଷ୍ଟ୍ରକୁ ଫେରିଛନ୍ତି। ସୂଚନାଯୋଗ୍ୟ ଯେ, ଦୀର୍ଘ ୧ ବର୍ଷ ତଳେ ସଞ୍ଜୟ ମାନସିକ ଗ୍ରସ୍ଥ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଅଶାଲୋକର କର୍ମଚାରୀଙ୍କ ସେବା, ଯତ୍ନ, ନିୟମିତ ଔଷଧ ଓ ବିଭିନ୍ନ କାଉନ୍‌ସେଲିଂ, ଥେରାପି ଫଳରେ ସଞ୍ଜୟ ମାନସିକ ସ୍ଥିତିରେ ସୁଧାର ଆସିଥିଲା। ସୁସ୍ଥ ହେବା ପରେ ନିଜ ଘର ଠିକଣା ମନେ ପକାଇଥିଲେ। ଆଶାଲୋକର ପରାମର୍ଶ ଦାତା ତାଙ୍କ ଠିକଣା ଖୋଜିଥିଲେ। ମହାରାଷ୍ଟ୍ରର ଲାତୁର ଜିଲାର ଚାକୁର ପୋଲିସ ସହ ଠିକଣା ପାଇଁ ଯୋଗାଯୋଗ କରାଯାଇଥିଲା ଏବଂ ତାଙ୍କ ପରିବାର ଲୋକଙ୍କୁ ସଞ୍ଜୟଙ୍କ ସମ୍ପର୍କରେ ଜଣାଇ ଦିଆଯାଇଥିଲା। ୨୦।୪।୨୪ରେ ତାଙ୍କ ପରିବାରର ବାପା, ଭାଇ, ଭାଉଜ, ୨ ପୁତୁରା କାରରେ ୨୨।୪।୨୦୨୪ ସନ୍ଧ୍ୟାରେ ମିଶନ ଆଶାଲୋକରେ ପହଞ୍ଚିଥିଲେ। ପରିବାର ଲୋକ ସଞ୍ଜୟଙ୍କୁ ଦେଖିବା ମାତ୍ରେ ଭାବ ବିହ୍ୱଳ ହୋଇପଡ଼ିଥିଲେ। ଯାହାକି କେନ୍ଦ୍ର ପରିସର ରେ ପୁନର୍ମିଳନର ଆବେଗ ସୃଷ୍ଟି ହୋଇଥିଲା। ପରିବାର ଲୋକଙ୍କ ଅନୁଯାୟୀ ସଞ୍ଜୟ ଘରୁ ୨ ବର୍ଷରୁ ଊର୍ଦ୍ଧ୍ୱ ନିଖୋଜ ଥିଲେ ଏବଂ କୌଣସି ସନ୍ଧାନ ନ ମିଳିବାରୁ ପୋଲିସରେ ରିପୋର୍ଟ କରିଥିଲେ। ଘର ବାହୁଡ଼ା କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲାର ବରିଷ୍ଠ ନାଗରିକ ସଂଘ ସଭାପତି ବାଲଗୋବିନ୍ଦ ମିଶ୍ର, ଝଡେଶ୍ୱରି ଦିବ୍ୟାଙ୍ଗ ବିଦ୍ୟାଳୟ ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର, ଶିକ୍ଷାବିତ୍ ଏବଂ ସାମାଜିକ କର୍ମୀ କବିତା ପଣ୍ଡା, ଅଧ୍ୟାପିକା ଓ କବୟିତ୍ରି ମନ୍ଦାକିନୀ ଶତପଥୀ ଏବଂ ୟଙ୍ଗଷ୍ଟାର ଚାରିଟେବୁଲ ଟ୍ରଷ୍ଟ ରାଜେଶ ପାଢ଼ୀ ଏବଂ ବିଜୟ ସିଗାଲ ଯୋଗଦେଇଥିଲେ। ତାଙ୍କ ପରିବାର ଲୋକ ଖୁସି ହୋଇ ଆମ ପିପଲ୍ସ ଫୋରମ ତଥା ପଶ୍ଚିମାଞ୍ଚଳର ମୁଖ୍ୟ ସଞ୍ଜୟ କୁମାର ଜେଠିଙ୍କୁ ସମ୍ବର୍ଦ୍ଧିତ କରିଥଲେ। ତାହା ସହିତ ଘଣ୍ଟା, ମିଠା ଏବଂ ମହାରାଷ୍ଟ୍ରର ପ୍ରସିଦ୍ଧ ଚୁଡ଼ା ପ୍ରଦାନ କରିଥିଲେ। କେନ୍ଦ୍ର କର୍ମଚାରୀ ଓ ଅନ୍ତେବାସୀମାନେ ସଞ୍ଜୟ ଏବଂ ତାଙ୍କ ପରିବାରକୁ ବିଦାୟ ଦେଇଥିଲେ। ଶେଷରେ ପରିବାର ଲୋକ ସଞ୍ଜୟଙ୍କୁ ନେଇ ଘରକୁ ଫେରିଛନ୍ତି।

# ସ୍କୁଲରେ ଶିକ୍ଷକ, ଯୁବକଙ୍କୁ ରୋଜଗାର ଲକ୍ଷ୍ୟ

ବଲାଙ୍ଗୀର,୨୫।୪(ବୀରେନ୍ଦ୍ର କୁମାର ଝାଙ୍କର)



ସଦର ବ୍ଲକରେ ହୋଇଥିବା ନିର୍ବାଚନୀ ସଭାରେ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ବକ୍ତବ୍ୟ ଦେଉଛନ୍ତି।

**ବଲାଙ୍ଗୀର ସଦର ବ୍ଲକରେ କଂଗ୍ରେସର ନିର୍ବାଚନ ପ୍ରଚାର**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ସାହାଜବାହାଲ, କର୍ଲାପିଟା ଓ ଶିବତଲାଠାରେ କଂଗେସ ପକ୍ଷରୁ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଛି। ଏଥିରେ ବଲାଙ୍ଗୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଓ ବିଧାୟକ ନରସିଂହ ମିଶ୍ର ଯୋଗଦାନ କରିଥିଲେ। ସଦର ବ୍ଲକ କଂଗ୍ରେସ ସଭାପତି ରାମ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମରେନ୍ଦ୍ର କହିଥିଲେ ଯେ, ଶିକ୍ଷା ପାଇଁ ଶିକ୍ଷକ ନ ଦେଇ ସ୍କୁଲ କୋଠାରେ ୫-ଟି ନାଁରେ ରଙ୍ଗବୋଳି ଦେଲେ ଛାତ୍ରୀଛାତ୍ର ଉପକୃତ ହେବେ ନାହିଁ ବରଂ ଶିକ୍ଷାର ମାନ ଖସିଯିବ। ରାଜ୍ୟରେ ଏତେ ଲମ୍ବା ସମୟ ପର୍ଯ୍ୟନ୍ତ ବିଜେଡି ସରକାର ଥିଲେ ହେଁ ଆମ ଅଞ୍ଚଳରେ ଶିଳ୍ପ, କାରଖାନା ପ୍ରତିଷ୍ଠା ହେଲାନାହିଁ। ସରକାରଙ୍କ ବିଫଳତା ଯୋଗୁ ବେକାରୀ ଓ ବେରୋଜଗାରୀ ସମସ୍ୟା ବଢ଼ିଛି। ଆଗାମୀ ନିର୍ବାଚନରେ କଂଗ୍ରେସ ଦଳକୁ ଭୋଟ ଦେଇ ସରକାରକୁ ଆଣିଲେ ସ୍କୁଲ, କଲେଜରେ ଶିକ୍ଷକ, ଯୁବତୀଯୁବକଙ୍କୁ ରୋଜଗାର ପ୍ରଦାନ ଆମର ମୂଳଲକ୍ଷ୍ୟ ହେବ ବୋଲି ସମରେନ୍ଦ୍ର କହିଥିଲେ। ସଭାରେ ବଲାଙ୍ଗୀର ବିଧାୟକ ମିଶ୍ରଙ୍କ ପ୍ରଚେଷ୍ଟାରେ ହୋଇଥିବା ବିକାଶ ପ୍ରକଳ୍ପଗୁଡ଼ିକୁ ନିଜେ କରିଛନ୍ତି ବୋଲି କହୁଥିବା ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ କଡା ସମାଲୋଚନା ଓ ପ୍ରଶ୍ନ କରିଥିଲେ। ରାଜ୍ୟ ଗୃହ ନିର୍ମାଣ ବୋର୍ଡର ଅଧ୍ୟକ୍ଷ ବଲାଙ୍ଗୀରର ଗରିବ ଲୋକଙ୍କ ପାଇଁ ସେ କେଉଁ କେଉଁ ପ୍ରକଳ୍ପ ଆଣିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ବିଧାୟକ ମିଶ୍ର ଗତ ୧୦ ବର୍ଷରେ ତାଙ୍କ ବିକାଶମୂଳକ କାର୍ଯ୍ୟ ଓ ଲୋକସମ୍ପର୍କକୁ ଠିକ୍ ଭାବେ ତର୍ଜମା କରନ୍ତୁ ଏବଂ ବଲାଙ୍ଗୀର ନିର୍ବାଚନ ମଣ୍ଡଳୀ ବିକାଶ ପାଇଁ କଂଗ୍ରେସ ଦଳର ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ବିଜୟୀ କରନ୍ତୁ ବୋଲି କହିଥିଲେ। ଏହି ଅବସରରେ କଂଗ୍ରେସର ଗ୍ୟାରେଣ୍ଟି କାର୍ଡରେ ସବୁ ବର୍ଗର ଲୋକଙ୍କ ଉନ୍ନତି ପାଇଁ ଥିବା ବ୍ୟବସ୍ଥା ଉପରେ ଲୋକଙ୍କୁ ଅବଗତ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଶଙ୍କର୍ଷଣ ପୁରୋହିତ, ନିରୁପମା ମହାନନ୍ଦ, କଳାକାହ୍ନୁ ବେହେରା, ଗୋପ ମେହେର, ଜଗନ୍ନାଥ ସାହୁ, ଜୟକୃଷ୍ଣ ମିଶ୍ର, ଚଗଲା ପରିଚ୍ଛା, ସରୋଜ ରଥ, ଗଗନ ନାଥ, ରିଙ୍କୁ ଦୀକ୍ଷିତ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ବିଜୁ ଯୁବ ଛାତ୍ର ସମାବେଶରେ ବିରୋଧୀଙ୍କ ଉତ୍ତର ରଖିଲେ କଲିକେଶ

ବଲାଙ୍ଗୀର,୨୫।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବ୍ଲକ ଅନ୍ତର୍ଗତ ବିଡିଘାଟ ଗ୍ରାମ ପଞ୍ଚାୟତରେ ବିଜୁ ଯୁବ-ଛାତ୍ର ଜନତା ଦଳର ଏକ ବିରାଟ ସଭା ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ଯୁବ-ଛାତ୍ର, ବିଜେଡି କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଯୁବ ରାଜ୍ୟ ସମ୍ପାଦକ ଗୁଞ୍ଜ ଖାନ୍ , ବଲାଙ୍ଗୀର ଛାତ୍ର ସଭାପତି ସୁମନ ନନ୍ଦ, ଯୁବ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ହୋତା ସରକାରୀ ଯୋଜନାରୁ ଛାତ୍ରୀଛାତ୍ରମାନେ କିଭଳି ଲାଭବାନ୍ ହେଉଛନ୍ତି କହିଥିଲେ। ସଭାରେ ବରିଷ୍ଠ ବିଜେଡି ନେତା କୈଳାଶ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ, ପ୍ରଦ୍ୟୁମ୍ନ ହୋତା, ପାଣ୍ଡବ କୁମ୍ଭାର, ନରେନ୍ଦ୍ର ସୁନା ଉପସ୍ଥିତ ଥିଲେ। ସଭାରେ ବିଜେଡି ବିଧାୟକ ପ୍ରାର୍ଥୀ କଲିକେଶ ନାରାୟଣ ସିଂଦେଓ ଛାତ୍ରୀଛାତ୍ରଙ୍କୁ ସରକାରୀ ସହାୟତା ଏବଂ ଶିକ୍ଷାର ଉନ୍ନତି ଦିଗରେ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସଭାରେ କଂଗ୍ରେସ ପ୍ରାର୍ଥୀ ପଚାରିଥିବା ପ୍ରଶ୍ନର ଉତ୍ତର ରଖି ଯେଉଁମାନେ ଦୀର୍ଘଦିନ ପୂର୍ବରୁ ସରକାରଙ୍କ ପାଖରୁ କମ୍ ମୂଲ୍ୟରେ କିଣିଥିବା ଡିହ ବା ଜମିପଟ୍ଟା ପାର୍ଚ୍ଚା ପାଇ ନ ଥିଲେ ସେଭଳି ତିନିଶହରୁ ଊର୍ଦ୍ଧ୍ୱ ଲୋକ ପଟ୍ଟା ପାଇଛନ୍ତି ବୋଲି କହିଥିଲେ। ବଲାଙ୍ଗିରିଆ ପ୍ରସଙ୍ଗରେ ମଧ୍ୟ ଶାଣିତ ସମାଲୋଚନା କରିଥିଲେ। ସଭା ଶେଷରେ ସୁକତେଲ ଡ୍ୟାମ୍‌ରୁ କିଭଳି ଲୋକେ ଶୀଘ୍ର ପାଣି ପାଇବେ ସେନେଇ ପ୍ରୟାସ ଚାଲିଛି ବୋଲି କହିଥିଲେ। ସୁକତେଲ ଅଞ୍ଚଳରେ ରୋଜଗାର ହରାଇଥିବା ଶିକ୍ଷିତ ଯୁବତୀ, ଯୁବକଙ୍କ ପାଇଁ ସୁକତେଲ ପାର୍ଶ୍ୱରେ ଥିବା ପଡିଆ ଜମିକୁ ସରକାରଙ୍କ ଠାରୁ ଅଧିଗ୍ରହଣ କରି ଇଣ୍ଡଷ୍ଟ୍ରି ବସାଇବା ପାଇଁ ବଦ୍ଧପରିକର ବୋଲି ସେ କହିଥିଲେ।

## ଶ୍ରମିକଙ୍କୁ ମଜୁରି ଟଙ୍କା ପ୍ରଦାନ କରାଯାଉ

ଲାଠୋର,୨୫।୪(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ (ଏମଜିଏନଆରଇଜିଏସ) ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟରତ ଶ୍ରମିକମାନେ ମାଟି କାମ କରି ତାଙ୍କର ମଜୁରି ପାଇ ନ ଥିବା ନେଇ ଅଭିଯୋଗ କରିଛନ୍ତି । ଏହି ଯୋଜନାରେ ୬୦ ପ୍ରତିଶତ ମାଟି କାମ ହେଉଥିବା ବେଳେ ୪୦ ପ୍ରତିଶତ ମେଟେରିଆଲ କାମ ହୋଇଥାଏ। ଏହି କାମରେ ଶ୍ରମିକମାନେ ଯେଉଁ ୩୫୨ ଟଙ୍କା ଦୈନିକ ମଜୁରୀ ପାଉଛନ୍ତି ସେଥିରେ ରାଜ୍ୟ ସରକାର ୧୧୫ ଟଙ୍କା ଓ କେନ୍ଦ୍ର ସରକାର ୨୩୭ ଟଙ୍କା ପ୍ରଦାନ କରିଥାନ୍ତି । ସରକାରୀ ନିୟମ ଅନୁସାରେ ମାଟି କାମ କରିବାର ୧୫ ଦିନ ମଧ୍ୟରେ ଶ୍ରମିକଙ୍କ ଆକାଉଣ୍ଟରେ ସିଧାସଳଖ ମଜୁରି ଟଙ୍କା ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଜମା ଦେବା କଥା। ହେଲେ ଚଳିତ ଏପ୍ରିଲ ମାସରୁ ଆଜିଯାଏ ରାଜ୍ୟ ସରକାର ତାଙ୍କର ଭାଗ ୧୧୫ ଟଙ୍କା ମଜୁରି ବାବଦରେ ଶ୍ରମିକମାନଙ୍କୁ ପ୍ରଦାନ କରି ନ ଥିବା ବେଳେ କେନ୍ଦ୍ର ସରକାର ମଧ୍ୟ ତାଙ୍କର ଭାଗ ୨୩୭ ଟଙ୍କା ପ୍ରଦାନ କରି ନାହାନ୍ତି। ଶ୍ରମିକମାନେ ନିଜ ଆକାଉଣ୍ଟ ଯାଞ୍ଚ କଲା ପରେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ପଚାରିଲେ ନିର୍ବାଚନ ନାମରେ ପଞ୍ଚାୟତ କର୍ତ୍ତୃପକ୍ଷ ଶ୍ରମିକଙ୍କ କଥାକୁ ଏଡାଇ ଯାଉଛନ୍ତି । ଫଳରେ ଶ୍ରମିକ ପରିବାର ଆର୍ଥିକ ଅନାଟନର ଶିକାର ହୋଇ ନା ନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ପ୍ରାୟ ୬ ମାସ ହେବ ୪୦ ପ୍ରତିଶତ ମେଟେରିଆଲ କାମର ଟଙ୍କା ମଧ୍ୟ ଭେଣ୍ଡର ମାନଙ୍କ ଆକାଉଣ୍ଟରେ ଜମା ଦିଆଯାଇ ନାହିଁ। ଫଳରେ ମେଟେରିଅଲ କାମ କରିଥିବା ଲୋକ ପ୍ରାପ୍ୟ ପାଇବାରୁ ବଞ୍ଚିତ ରହିଛନ୍ତି । ସରକାରଙ୍କ ଏପରି ନୀତି ଶ୍ରମିକମାନଙ୍କୁ ଦାଦନ ଖଟି ଯିବା ପାଇଁ ଖୋରାକ ଯୋଗାଇଛି ବୋଲି ଚର୍ଚ୍ଚା ହେଉଛି। ଏନେଇ ବିଭିନ୍ନ ପଞ୍ଚାୟତର ଗ୍ରାମ ରୋଜଗାର ସେବକ ଏବଂ ସରପଞ୍ଚମାନଙ୍କୁ ପଚାରିଲେ ଏହି ସମସ୍ୟା କେବଳ ଆମ ପଞ୍ଚାୟତର ନୁହେଁ ରାଜ୍ୟର ସବୁ ପଞ୍ଚାୟତରେ ଏକା ସମସ୍ୟା। ଆମେ ବ୍ଲକ କାର୍ଯ୍ୟାଳୟ ସହ ଯୋଗାଯୋଗ କରି କହିବୁ ବୋଲି କହୁଛନ୍ତି। ତେବେ ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଶ୍ରମିକମାନେ ଦାବି କରିଛନ୍ତି ।

# ଜଳୁଛି ଝାରସୁଗୁଡ଼ା ସହର

**ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର**

ଝାରସୁଗୁଡ଼ା,୨୫।୪(ସଞ୍ଜୟ ମାଲି)

ପ୍ରବଳ ଗ୍ରୀଷ୍ମ ସହ ଅସହ୍ୟ ତାପମାତ୍ରା ବୃଦ୍ଧି ଯୋଗୁ ଝାରସୁଗୁଡା ସହର ତଥା ଏହାର ଆଖପାଖ ଅଞ୍ଚଳ ଜଳୁଛି। ପୂର୍ବାହ୍ନ ୧୦ଟା ପରେ ଲୋକେ ଘରୁ ବାହାରିବା ପାଇଁ ଭୟ କରୁଛନ୍ତି। ପ୍ରତିଦିନ ତାପମାତ୍ରା ବୃଦ୍ଧି ହେବାରେ ଲାଗିଛି। ଲୋକେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ସହର ତଥା ଏହାର ଆଖପାଖ ଅଞ୍ଚଳରେ ଗଢ଼ି ଉଠିଥିବା କଳକାରଖାନା ଯୋଗୁ ଝାରସୁଗୁଡା ଜିଲାର ତାପମାତ୍ରା ବୃଦ୍ଧି ହେଉଛି। କଳକାରଖାନା ଯୋଗୁ ହଜାର ହଜାର ହେକ୍ଟର ଜଙ୍ଗଲ ଜମି ନଷ୍ଟ ହୋଇଛି। ଲକ୍ଷ ଲକ୍ଷ ଗଛ କଟା ଯାଇଛି। ଏହା ଛଡ଼ା ଏହାର ଗୋଟିଏ ପାସରେ ମହାନଦୀ କୋଇଲା ଖଣି ତଥା ଅନ୍ୟ ପାର୍ଶ୍ୱରେ ବସୁନ୍ଧରା ମାଇନ୍ସ ରହିଛି। ଜିଲା ପ୍ରଶାସନ ପକ୍ଷରୁ ଅଂଶୁଘାତ ମୁକାବିଲା ତଥା ଅଂଶୁଘାଘାତରୁ କିପରି ଭାବେ ରକ୍ଷା କରିବେ ସେ ନେଇ ବେନର, ପୋଷ୍ଟର ମାଧ୍ୟମରେ ସତର୍କ ସୂଚନା ଦିଆଯାଇଛି। ପୌର ପରିଷଦ ପକ୍ଷରୁ ଜାଗା ଜାଗାରେ ଜଳଛତ୍ର ଖୋଲାଯାଇଛି। ଶିଳ୍ପାନୁଷ୍ଠାନ ତଥା ବେସରକାରୀ କାର୍ଯ୍ୟସ୍ଥଳରେ କାମ କରୁଥିବା ଶ୍ରମିକମାନଙ୍କୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଯାଏଁ କାମ ବନ୍ଦ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଗୁରୁବାର ସକାଳ ୮ ଟାରେ ଝାରସୁଗୁଡା ସହର ତାପମାତ୍ରା ୩୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳକୁ ୧୧ଟାରେ ୩୬ ଡିଗ୍ରୀ, ଅପରାହ୍ନ ୧ଟା ବେଳକୁ ୪୦ ଓ ୩ଟା ବେଳକୁ ୪୩ ଡିଗ୍ରୀ ଉପରେ ତାପମାତ୍ରା ରେକର୍ଡ କରାଯାଇଛି। କାମ ନ ଥିଲେ ଲୋକଙ୍କୁ ପୂର୍ବାହ୍ନ ୧୧ ପରେ ଘରୁ ନ ବାହାରିବାକୁ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ଆଜି ତାପମାତ୍ରା ୪୩ ଡିଗ୍ରୀ ଉପରେ ରହିଥିଲା। ଗତ କିଛି ଦିନହେବ ତାପମାତ୍ରା ବୃଦ୍ଧି ହେବାକୁ ଲାଗିଛି। ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ମୁଖ୍ୟ ରାସ୍ତା ପୂର୍ବାହ୍ନ ୧୧ଟା ପରେ ଖାଁ ଖାଁ ଲାଗୁଛି। ପ୍ରବଳ ଗରମ ଯୋଗୁ ନଈ ନାଳ ପାଣି ଶୁଖି ଯାଉଥିବା ବେଳେ ବିଭିନ୍ନ ଜାଗାରେ ପୌର ପରିଷଦ ପକ୍ଷରୁ ଟ୍ୟାଙ୍କର ଯୋଗେ ପାଣି ଯାଉ ନ ଥିବାରୁ ଲୋକେ ପାଣି ବୁନ୍ଦାଏ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଝାରସୁଗୁଡ଼ା ଜିଲାର ଗତ ମାସରେ କଦମଡିହି ଗୋବିନ୍ଦପୁର ଜଙ୍ଗଲରେ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। ବର୍ତ୍ତମାନ ପ୍ରବଳ ଗରମ ହେବା ଯୋଗୁ ସହରର ବିଭିନ୍ନ ସ୍ଥାନରେ ବିଜୁଳି କାଟ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଛାତ୍ରୀଛାତ୍ର ପାଠ ପଢ଼ିବାରେ ବ୍ୟାଘାତ ଆସୁଛି।



ଝାରସୁଗୁଡା ସହରର ରାସ୍ତାଘାଟ ଶୂନ୍‌ଶାନ ହୋଇପଡ଼ିଛି।

## ଶିଳ୍ପୀଙ୍କ ମିଳିତ ଚିତ୍ରକଳା ପ୍ରଦର୍ଶନୀ



ମିଳିତ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟନୀ ଅବସରରେ ଅତିଥି ଏବଂ ଚିତ୍ରଶିଳ୍ପୀ।

ବଲାଙ୍ଗୀର,୨୫।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ନିକଟରେ ଥିବା ଓଡିଶା ଲଳିତ କଳା ଏକାଡେମୀର ଆଞ୍ଚଳିକ ଆର୍ଟ ଗ୍ୟାଲେରୀରେ ବୁଧବାର ସନ୍ଧ୍ୟାରେ ମିଳିତ ଚିତ୍ରକଳା ପ୍ରଦର୍ଶନୀ ଆରମ୍ଭ ହୋଇଛି। ଏଥିରେ ୫ଜଣ ସ୍ଥାନୀୟ ଚିତ୍ରଶିଳ୍ପୀଙ୍କ ଦ୍ୱାରା ମିଳିତ ଚିତ୍ରକଳା ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଛି। ଏହାକୁ ବରିଷ୍ଠ ଚିତ୍ରଶିଳ୍ପୀ ବାସୁଦେବ ମେହେର ଏବଂ ଭାସ୍କର୍ଯ୍ୟ ଶିଳ୍ପୀ ଅନ୍ତର୍ଯ୍ୟାମୀ ମେହେର ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ ଚିତ୍ରଶିଳ୍ପୀ ଡା. ଦୀନବନ୍ଧୁ ସାହୁ, ଶାନ୍ତନୁ କୁମାର ମେହେର, ଝରଣା ମିଶ୍ର, ଲୀନା ମେହେର ଏବଂ ସୁଶାନ୍ତ ମେହେରଙ୍କ ଦ୍ୱାରା ପ୍ରସ୍ତୁତ ସମୁଦାୟ ୩୭ଟି ଚିତ୍ରକଳା ପ୍ରଦର୍ଶିତ ହୋଇଛି। ସାମ୍ପ୍ରତିକ ସମୟରେ ଜୀବନର ବାସ୍ତବତା, ଗ୍ଲୋବାଲ ୱାର୍ମିଂ, ଜନ ସଂସ୍କୃତି, ମାନବିକ ମୂଲ୍ୟବୋଧ, ପ୍ରେମ, ଭାବାବେଗ ଓ ଚିନ୍ତନକୁ ନେଇ ଅଙ୍କିତ ଚିତ୍ରଗୁଡିକ ପ୍ରଦର୍ଶିତ ହୋଇଛି। କବି ଭାଗୀରଥି ମିଶ୍ର, ପ୍ରହଲ୍ଲାଦ ଶତପଥୀ, ଡା. ନିବେଦିତା ସାହୁଙ୍କ ସମେତ ଉପସ୍ଥିତ ଦର୍ଶକମାନେ ଏହାକୁ ପ୍ରଶଂସା କରିଛନ୍ତି। ସ୍ଥାନୀୟ ଚିତ୍ରଶିଳ୍ପୀଙ୍କୁ ଉତ୍ସାହିତ କରିବା ପାଇଁ ଗ୍ୟାଲେରୀର ତତ୍ତ୍ୱାବଧାରକ ଚିତ୍ରଶିଳ୍ପୀ ସରୋଜ ମହାପାତ୍ର ପ୍ରଦର୍ଶନୀ ଆୟୋଜନ ପାଇଁ ସହଯୋଗ କରିଛନ୍ତି। ପ୍ରଜ୍ଞା ବେଦବ୍ୟାସ ପ୍ରଦର୍ଶିତ ଚିତ୍ରଗୁଡିକ ଉପରେ ବିଶ୍ଳେଷଣାତ୍ମକ ମନ୍ତବ୍ୟ ରଖିଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସାଧାରଣ ଦର୍ଶକ ତଥା କଳାପ୍ରେମୀଙ୍କ ପାଇଁ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବ।

## ନୂତନ ପୋଲିଂ, ପ୍ରିଜାଇଡିଂ ଅଧିକାରୀଙ୍କୁ ତାଲିମ

ଦେବଗଡ଼,୨୫।୪(ଶଶାଙ୍କ ଶେଖର ଝାଙ୍କର)

ସାଧାରଣ ନିର୍ବାଚନ ପାଇଁ ଦେବଗଡ ଜିଲା ପ୍ରଶାସନ ପକ୍ଷରୁ ନୂତନ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ନେଇ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାନସଭା ଓ ଲୋକ ସଭା ନିର୍ବାଚନରେ ମତଦାନ ପ୍ରକ୍ରିୟା ସରଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କ ତତ୍ତ୍ୱାବଧାନର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ନୂତନ ୫୨ଜଣ ପୋଲିଙ୍ଗ ଅଧିକାରୀ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ସେମାନଙ୍କୁ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପ ଜିଲାପାଳ ପରକ୍ଷୀତ ସାହୁ, ଡେପୁଟି କଲେକ୍ଟର (ନିର୍ବାଚନ) ଏଜଲିନ ବାରା, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର, ହେମନ୍ତ ସିଂ ଓ ଈଶ୍ୱର ଗୁରୁ, ତାପସ କୁମାର ମହାନ୍ତ, ରାଜୀବ ଲୋଚନା ନାୟକ ଓ ଆଇଟିଡିଏର ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟାରାଣୀ ମାଝି ପ୍ରମୁଖ କିପରି ବ୍ୟବସ୍ଥିତ ଭାବେ ବୁଥ ପର୍ଯ୍ୟନ୍ତ ଯାତ୍ରା କରିବା ଓ ବୁଥଗୁଡିକରେ ସେମାନଙ୍କ ଦାୟିତ୍ୱ କ'ଣ ରହିବ ସେ ସମ୍ପର୍କରେ ବୁଝାଇଥିଲେ। ସେହିପରି ମତଦାନ ଦିବସରେ କିଭଳି ଶାନ୍ତିଶୃଙ୍ଖଳା ସହ ମତଦାନ ପ୍ରକ୍ରିୟା ନିର୍ବାହ କରିପାରିବେ, ସେକ୍ଟର ଅଧିକାରୀଙ୍କ ସହିତ କିଭଳି ଯୋଗାଯୋଗ ରକ୍ଷା କରି କିଭଳି ସୂଚନା ଦେବେ, ଇଭିଏମ ଓ ଭିଭିପାଟଗୁଡିକୁ କିଭଳି ସଂଯୋଗ କରିବେ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା।

## ଜିଲା ବ୍ରାହ୍ମଣ ମହାସଭା ପକ୍ଷରୁ ସାଇରାଜଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗୀର,୨୫।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ନରସିଂହ ମନ୍ଦିର ପ୍ରାଙ୍ଗଣରେ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବଲାଙ୍ଗୀର ସାଗରପଡାର ସାଇରାଜ ମିଶ୍ରଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଜିଲା ବ୍ରାହ୍ମଣ ମହାସଭା ପକ୍ଷରୁ ମାନପତ୍ର, ଉତ୍ତରୀୟ ତଥା ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଧନଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସମ୍ପାଦକ ତଥା ଆଇନଜୀବୀ ଜୟରାମ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନା ଉତ୍ତରରେ ସାଇରାଜ ନିଜ ଅଞ୍ଚଳର ଲୋକଙ୍କ ପାଇଁ କାର୍ଯ୍ୟ କରିବେ ବୋଲି କହିଥିଲେ। ପଣ୍ଡିତ ଶ୍ୟାମ ସୁନ୍ଦର ମିଶ୍ର ଶାନ୍ତିପାଠ କରିଥିବା ବେଳେ ଉପସଭାପତି ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଇରାଜଙ୍କ ପିତା ସଞ୍ଜୟ ମିଶ୍ର, ବ୍ରାହ୍ମଣ ସମାଜ ଉପଦେଷ୍ଟା ନୀଳମଣି ମିଶ୍ର, ସତ୍ୟବନ୍ତ ବେଦବାକ, ପର୍ଶୁରାମ ନାୟକ, କିଶୋର ମୋହନ ମିଶ୍ର, ଗିରିଧାରୀ ଶତପଥୀ, ହେମସାଗର ମିଶ୍ର, ନରେନ୍ଦ୍ର ଆଚାର୍ଯ୍ୟ, ସଂକୀର୍ତ୍ତନ ତ୍ରିପାଠୀ, ବିଶ୍ୱନାଥ ଶତପଥୀ ଆହ୍ଲାଦ ପୂଜାରୀ ଏବଂ ବ୍ରହ୍ମ ସମାଜର ଅନେକ ସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।



ସାଇରାଜ ମିଶ୍ରଙ୍କୁ ଜିଲା ବ୍ରାହ୍ମଣ ମହାସଭା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ କଳ୍ପନା



@ ମାନସ



@ ପ୍ରତିଭା



@ ସତ୍ୟବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ବରଗଡ଼,୨୫।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟେଡ଼ିୟମରେ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ଚାଲିଥିବା କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦଯାପିତ ହୋଇଛି। ଏହି ଅବସରରେ କ୍ରୀଡ଼ା ସଂସଦର ଉପସଭାପତି ଯୁଗଳ ପ୍ରସାଦ ସିଂଙ୍କ ସଭାପତିତ୍ୱରେ ଏବଂ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଉଦଯାପନୀ ସମାରୋହ ହୋଇଥିଲା। ଏଥିରେ କ୍ରୀଡ଼ା ସଂସଦର ପୂର୍ବତନ ସମ୍ପାଦକ ତଥା ଏପିକଲ ଅଧ୍ୟକ୍ଷ ପ୍ରଭାତ ଆଦିତ୍ୟ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ସଂସଦର ସମ୍ପାଦକ କିଶୋର ମିଶ୍ର, କ୍ରୀଡ଼ା ସମ୍ପାଦକ ହରଦୀପ ସିଂ, ଆଉଟଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲ, କଲେଜ, କ୍ରୀଡ଼ା ସଂଗଠନର ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ।

## ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ଅସିଚାଳନା ତାଲିମ ଶିବିର

ବଲାଙ୍ଗୀର,୨୫।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ଅସି ଚାଳନା ତାଲିମ ଶିବିର ଚାଲିଛି। ଏହା ମେ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ତାଲିମ ଶିବିରରେ ୮ରୁ ୨୦ ବର୍ଷ ବୟସ ପର୍ଯ୍ୟନ୍ତ ଖେଳାଳିମାନଙ୍କୁ ତାଲିମ ଦିଆଯିବ ବୋଲି ରାଜ୍ୟ ଅସି ଚାଳନା ସଂଘ ଯୁଗ୍ମ ସମ୍ପାଦକ ତଥା ଜିଲା ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ଏହି ତାଲିମ ଶିବିରରେ ବଲାଙ୍ଗୀର ଅସି ଚାଳନା ସ୍ପୋର୍ଟସ୍ ହଷ୍ଟେଲ କୋଚ ଅନ୍ୟାଶା ରାଉତ ଏବଂ ରୋଶନ ସାହୁ ପରିଚାଳନା କରୁଛନ୍ତି। ବଲାଙ୍ଗୀରର ବହୁ ଅସି ଚାଳନା ଖେଳାଳି ରାଜ୍ୟସ୍ତରୀୟ, ଜାତୀୟ ସ୍ତରୀୟ ପଦକ ହାସଲ କରି ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଶିବିରରେ ୧୦୦ ଜଣ ଖେଳାଳି ଯୋଗଦେଇ ତାଲିମ ଗ୍ରହଣ କରୁଛନ୍ତି।



ଶିବିରରେ ତାଲିମ ଗ୍ରହଣ କରୁଥିବା ଖେଳାଳି।

# କଂଗ୍ରେସର ମହିଳା ସମାବେଶ

ବଲାଙ୍ଗୀର,୨୫।୪(ବୀରେନ୍ଦ୍ର କୁମାର ଝାଙ୍କର)



ମହିଳା ସମାବେଶରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

- ସମରେନ୍ଦ୍ର-ନରସିଂହଙ୍କ ଜୋରଦାର ନିର୍ବାଚନୀ ପ୍ରଚାର
- ପିଲାଙ୍କ ଭବିଷ୍ୟତ ନଷ୍ଟ କରିଥିବା ନେତାଙ୍କୁ ଲୋକେ ଚିହ୍ନିଛନ୍ତି

ବଲାଙ୍ଗୀର ପୌରାଞ୍ଚଳ ଅନ୍ତର୍ଗତ ବିଷ୍ଣୁମୁଣ୍ଡା ଓ ସୁନ୍ଦପଡାଠାରେ ମଙ୍ଗଳବାର କଂଗ୍ରେସ ଦଳ ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ କଂଗ୍ରେସ ଦଳର ବଲାଙ୍ଗୀର ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଓ ବିଧାୟକ ନରସିଂହ ମିଶ୍ର ଯୋଗଦାନ କରି କଡା ଭାଷାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ସମରେନ୍ଦ୍ର କହିଥିଲେ ଯେ, ରାଜ୍ୟରେ ଏବଂ ବଲାଙ୍ଗୀର ପୌର ପରିଷଦରେ ଦୀର୍ଘ ଦିନ ଧରି ବିଜେଡି କ୍ଷମତାରେ ରହିଛି। ଏତେ ଲମ୍ବା ସମୟ କ୍ଷମତାରେ ଥିବା ସତ୍ତ୍ୱେ ବଲାଙ୍ଗୀରର କୌଣସି ଆଖିଦୃଶିଆ ଯୋଜନା କରିପାରି ନାହାନ୍ତି। ପୌର ପରିଷଦ ଅଧୀନରେ ଥିବା ଡ୍ରେନ, ରାସ୍ତା ଅତି ଶୋଚନୀୟ ହୋଇପଡିଛି। ପୌର ପରିଷଦ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି । କିଛି ଉନ୍ନତି କରିବା ପରିବର୍ତ୍ତେ ବିଭିନ୍ନ ସମୟରେ କ୍ଷମତାରେ ଥିବା ନେତା ଏଠାକାର ଯୁବକମାନଙ୍କ ପାଇଁ କିଛି ନ କରି ସେମାନଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଇଛନ୍ତି। ଏଣୁ ଆଗାମୀ ନିର୍ବାଚନରେ ଏଠାକାର ସାଧାରଣ ଜନତା ଉଚିତ ଜବାବ ଦେବେ ବୋଲି କହିଥିଲେ। ପୌର ପରିଷଦରେ ଦୁର୍ନୀତିଖୋର ବ୍ୟକ୍ତିଙ୍କ ଗୁଣ୍ଡାଗର୍ଦ୍ଦିକୁ ଉଚିତ ଜବାବ ଦିଆଯିବ ବୋଲି କହିଥିଲେ। କଂଗ୍ରେସ ସରକାରକୁ ଆସିଲେ ଧାନ କୁଇଣ୍ଟାଲ ୩ ହଜାର ଟଙ୍କା, ମାସିକ ୨୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ ଛାଡ, ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କୁ ବ୍ୟାଙ୍କ ଋଣ ଛାଡ, ମହିଳାଙ୍କୁ ମାସିକ ଭତ୍ତା ୨ହଜାର ଟଙ୍କା, ଦଳିତ ମହିଳାଙ୍କୁ ୩ ହଜାର ଟଙ୍କା, ମାସକୁ ୫୦୦ ଟଙ୍କାରେ ଗୋଟିଏ ଗ୍ୟାସ ସିଲିଣ୍ଡର, ସାମାଜିକ ସୁରକ୍ଷା ଅନ୍ତର୍ଗତ ମାସିକ ଭତ୍ତା ୨ହଜାର ଟଙ୍କା, ବେକାରୀ ଭତ୍ତା ୩ ହଜାର ଟଙ୍କା ଓ ୫ଲକ୍ଷ ଯୁବତୀ ଯୁବକଙ୍କ ପାଇଁ ନିଯୁକ୍ତି ଦିଆଯିବ ବୋଲି ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ। ମହିଳା ସମାବେଶକୁ ନଗର କଂଗ୍ରେସ ସଭାପତି ବୁଲୁ ଦାନି ସଂଯୋଜନା ଓ ମହିଳା କଂଗ୍ରେସ ସଭାନେତ୍ରୀ ମିଳନୀ ସାହୁ ସଭାପତିତ୍ୱ କରିଥିଲେ।

## ସଂକ୍ଷେପରେ

### ଟ୍ରଲର ପଛରେ ପିଟି ହେଲା ବାଇକ, ଆରୋହୀ ମୃତ

**ସମ୍ବଲପୁର,୨୫।୪(ପ୍ରମୋଦ ବହିଦାର)**

ଝାରସୁଗୁଡ଼ା-ସମ୍ବଲପୁର ବିଜୁ ବିଜୁ ଏକ୍ସପ୍ରେସ୍ ୱେ(ରାଜ୍ୟ ରାଜପଥ-୧୦)ର ମାଝିପାଲି ନିକଟସ୍ଥ ହୋଟେଲ ୱେଲକମ୍ ରିସୋର୍ଟ୍ସ ସମ୍ମୁଖ ରାସ୍ତାରେ ଛିଡ଼ା ହୋଇଥିବା ଏକ ଟ୍ରଲର(ଆର୍‌ଜେ-୪୮-ଜିଏ-୧୩୯୫) ପଛପଟେ ପିଟି ହୋଇଯିବାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ମନୋରଞ୍ଜନ ପ୍ରଧାନ(୩୩)। ଗୁରୁବାର ସକାଳେ ମନୋରଞ୍ଜନ ଝାରସୁଗୁଡ଼ାରୁ ବାଇକ୍(ଓଡି-୧୫-ଏଚ୍-୦୨୦୫)ରେ ସମ୍ବଲପୁର ଗୋପାଳମାଳରେ ରହୁଥିବା ତାଙ୍କ ସମ୍ପର୍କୀୟଙ୍କ ଘରକୁ ଆସୁଥିବାବେଳେ ଏହି ଦୁଘଟଣା ଘଟିଥିଲା। ଅଇଁଠାପାଲି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଝାଡ଼େଶ୍ୱରୀ ଦିବ୍ୟାଙ୍ଗ ବିଦ୍ୟାଳୟରେ ଶିକ୍ଷଣ ଉପକରଣ ପ୍ରସ୍ତୁତି

**ଝାରସୁଗୁଡ଼ା,୨୫।୪ (ସଞ୍ଜୟ ମାଲି)**

ସହରସ୍ଥିତ ବୁଡାପଡା ବଗ୍ଗୁମାଲ ଉପକଣ୍ଠରେ ଥିବା ଝାଡେଶ୍ୱରୀ ସମନ୍ୱିତ ସ୍ୱତନ୍ତ୍ର ଦିବ୍ୟାଙ୍ଗ ବିଦ୍ୟାଳୟରେ ୨୦୨୪-୨୫ ଶିକ୍ଷାବର୍ଷ ନିମନ୍ତେ ଦୃଷ୍ଟିବାଧିତ, ମୁକ ବଧିର ଓ ମାନସିକ ଅନାଗ୍ରସର ପିଲାଙ୍କ ପାଠପଢ଼ିବା ପାଇଁ ବିଭିନ୍ନ ପ୍ରକାରର ଶିକ୍ଷଣ ଉପକରଣ ପ୍ରସ୍ତୁତି କାର୍ଯ୍ୟକ୍ରମ ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର ଅନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ପରିଚାଳନା କମିଟି ସଭ୍ୟ ଗୁଣନିଧି ଭୈସା, ପ୍ରିନସିପାଲ ନମିତା ନାଥ ଉପସ୍ଥିତ ରହି ସମସ୍ତ ଶିକ୍ଷଣ ଉପକରଣକୁ ଦେଖିବା ସହିତ ତାର ସ୍ୱତନ୍ତ୍ର ପାଠ୍ୟକ୍ରମରେ ଉପଯୋଗ ଓ ଉପଯୋଗିତା ବିଷୟରେ ପଚାରି ବୁଝିଥିଲେ। ଏହି ଶିକ୍ଷଣ ଉପକରଣ ପ୍ରସ୍ତୁତି କାର୍ଯ୍ୟକ୍ରମ କ୍ରମରେ ମୁକବଧିର ବିଭାଗ ସ୍ୱତନ୍ତ୍ର ପ୍ରଶିକ୍ଷକ ଉପେନ୍ଦ୍ର ଭୈଶା, ଆଲୋକ କୁମାର ଷାଣ୍ଡ, ରସରାଜ ବଗର୍ତି, ଦୃଷ୍ଟି ବାଧିତ ବିଭାଗ ସ୍ୱତନ୍ତ୍ର ପ୍ରଶିକ୍ଷିକା ସସ୍ମିତା ବରାଲସ୍ ଓ ମାନସିକ ଅନାଗ୍ରସର ବିଭାଗ୍ ସ୍ୱତନ୍ତ୍ର ପ୍ରଶିକ୍ଷିକା ପଲ୍ଲବୀ ଭୋଇ, ସୁଲୋଚନା ସାହୁ, ପ୍ରୀତି ରାଣୀ ଦାସ, ଲକ୍ଷ୍ମୀପ୍ରିୟା ଭୋଇ, ପୂଜାରାଣୀ ସା, କ୍ରାଫ୍ଟ ଶିକ୍ଷୟିତ୍ରୀ ସରୋଜିନୀ ପଟେଲ ଶିକ୍ଷଣ ଉପକରଣ ତିଆରି କରୁଥିବା ବେଳେ ଅଫିସ ପ୍ରସାଶିକା ନିହାରିକା ମିଶ୍ର ସହଯୋଗ କରିଥିଲେ। ଏହି ଶିକ୍ଷଣ ଉପକରଣ ପ୍ରସ୍ତୁତି କାର୍ଯ୍ୟକ୍ରମ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପ୍ରଧାନ ଶିକ୍ଷକ ସୁଶ୍ରୀ ନାଥ କହିଥିଲେ।

# ଶେଷଦିନରେ ୪ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ



ବିଏସ୍‌ପି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବା ପାଇଁ ଆସୁଛନ୍ତି।



ସମାଜବାଦୀ ପ୍ରାର୍ଥୀ ନାମାଙ୍କନ କରି ଫେରୁଛନ୍ତି।

**ନୂଆପଡ଼ା,୨୫।୪ (ମକାରୁ ବେମାଲ)**

ନାମାଙ୍କନର ଶେଷ ଦିନ ଗୁରୁବାର ନୂଆପଡ଼ା ଓ ଖଡିଆଳ ନିର୍ବାଚନ ମଣ୍ଡଳୀର ୪ ଜଣ ବିଧାୟକ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନୂଆପଡା ନିର୍ବାଚନ ମଣ୍ଡଳୀରୁ ସମାଜବାଦୀ ପାର୍ଟି ପ୍ରାର୍ଥୀ ଲୋଚନ ସିଂ ମାଝି, ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ଶୁକଧର ଦଣ୍ଡସେନା ଓ ଜଣେ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଖଡିଆଳ ନିର୍ବାଚନ ମଣ୍ଡଳୀରୁ ସମାଜବାଦୀ ପାର୍ଟି ପ୍ରାର୍ଥୀ ବୁଧାରୁ ବିହାରି ନିର୍ବାଚନ ଅଧିକାରୀଙ୍କଠାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ନୂଆପଡା ନିର୍ବାଚନ ମଣ୍ଡଳୀର ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ଶୁକଧର ନିଜ ସମର୍ଥକଙ୍କ ସହ ସ୍ଥାନୀୟ ଏକତା ଛକରୁ ଏକ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ନିର୍ବାଚନ ଅଧିକାରୀ ଯୋଗେନ୍ଦ୍ର ମାଝିଙ୍କଠାରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେହିପରି ସମାଜବାଦୀ ପାର୍ଟି ପ୍ରାର୍ଥୀ ଲୋଚନ ସିଂ ମାଝି ନିଜ ସମର୍ଥକଙ୍କ ସହ ଏକ ଶୋଭାଯାତ୍ରାରେ ଆସି ନାମାଙ୍କନପତ୍ର ଦାଖଲ କରିଛନ୍ତି। ସ୍ୱାଧୀନ ପାର୍ଟି ପ୍ରାର୍ଥୀ ଭାବରେ ଜଣେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଖଡିଆଳ ନିର୍ବାଚନ ମଣ୍ଡଳୀର ସମାଜବାଦୀ ପ୍ରାର୍ଥୀ ଭାବରେ ବୁଧାରୁ ବିହାରୀ ନାମାଙ୍କନ ଦାଖଲ କରିଛନ୍ତି। ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ସୁଦ୍ଧା ନୂଆପଡ଼ା ନିର୍ବାଚନ ମଣ୍ଡଳୀରେ ୯ଜଣ ଓ ଖଡିଆଳ ନିର୍ବାଚନ ମଣ୍ଡଳୀରେ ୬ ଜଣ ବିଧାୟକ ପ୍ରାର୍ଥୀ ଭାବରେ ମୋଟ ୧୫ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି।

# ୩ ଲୋକ ସଭା, ୨୧ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ

**ଭବାନୀପାଟଣା,୨୫।୪(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାରେ ଚଳିତ ସାଧାରଣ ନିର୍ବାଚନ ପାଇଁ ଗତ ୧୮ତାରିଖଠାରୁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇଥିଲା। ଶେଷ ଦିନ ଗୁରୁବାର ଜିଲାର ଲୋକ ସଭା ପାଇଁ ୩ଜଣ ଓ ୫ ବିଧାନସଭା ପାଇଁ ୨୧ ବିଧାୟକ ପ୍ରାର୍ଥିନୀ/ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କଳାହାଣ୍ଡି ଲୋକ ସଭା ଆସନ ପାଇଁ ସମାଜବାଦୀ ପାର୍ଟି ପକ୍ଷରୁ ଶିବ ହାତୀ, ସ୍ୱାଧୀନ ପ୍ରାର୍ଥୀ ରାଜାରାମ ସାହୁ, ଧର୍ମାନନ୍ଦ ଗହୀର ପ୍ରମୁଖ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ଭବାନୀପାଟଣା ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ସଞ୍ଜୟ ସୁନାନୀ, ରୋହିତ ଦୁର୍ଗା, ଛାୟାକାନ୍ତ ଖମାରୀ, ରମେଶ କୁମାର ମହାନନ୍ଦ, ସମାଜବାଦି ପାର୍ଟି ପ୍ରାର୍ଥୀ ଦୁର୍ଯୋଧନ ଠାକୁର, ବହୁଜନ ସମାଜବାଦି ପାର୍ଟି ପ୍ରାର୍ଥୀ ସୁଗ୍ରୀ ଦୀପ, ଆପ୍ ପ୍ରାର୍ଥୀ ରମେଶ ନାଏକ, ଜୁନାଗଡ ବିଧାନସଭା ପାଇଁ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ପ୍ରାର୍ଥୀ ରାଜେନ୍ଦ୍ର ବୈଠାରୁ, ଧର୍ମଗଡ ବିଧାନସଭା ପାଇଁ ସ୍ୱାଧୀନ ପ୍ରାର୍ଥୀ ସୋମ୍ୟ ରଞ୍ଜନ ନାଏକ, ହେରାମ୍ବ ସେନାପତି, ପ୍ରହଲ୍ଲାଦ ଅଗ୍ରୱାଲ, ସମାଜ ବାଦୀ ପାର୍ଟି ପ୍ରାର୍ଥୀ ସନ୍ତୋଷ କୁମାର ଭୋଇ, ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ରୂପଧର ନାଏକ, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ପ୍ରାର୍ଥୀ ଟଙ୍କଧର ଶବର, ଲାଞ୍ଜିଗଡ ବିଧାନସଭା ପାଇଁ ସମାଜବାଦୀ ପାର୍ଟି ପ୍ରାର୍ଥୀ ରାକ୍ଷୀ ନାୟକ, ସ୍ୱାଧୀନ ପ୍ରାର୍ଥୀ ଫୁଲମେ ମାଝି, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ପ୍ରାର୍ଥୀ ଉଦ୍ଧବ ନାଏକ, ନର୍ଲା ବିଧାନସଭା ପାଇଁ ନ୍ୟାଶନାଲ ଅପନି ପାର୍ଟି ପ୍ରାର୍ଥୀ ଶଶିଦେବ ହରିଜନ, ଓଡ଼ିଶା ଜନତା ପାର୍ଟି ପ୍ରାର୍ଥୀ କାଜଲ ପଟ୍ଟନାୟକ, ସ୍ୱାଧୀନ ପ୍ରାର୍ଥୀ ଟିକେମଣି ଦୀପ, ରୋଜାରାଣୀ ଜାଲ ପ୍ରମୁଖ ନାମାଙ୍କନ ପତ୍ର ଦାଖଲ କରିଛନ୍ତ।



ଭବାନୀପାଟଣା ବିଧାନସଭା ସ୍ୱାଧୀନ ପ୍ରାର୍ଥୀ ସଞ୍ଜୟ ସୁନାନୀ, ଲାଞ୍ଜିଗଡ ବିଧାନସଭା ସ୍ୱାଧୀନ ପ୍ରାର୍ଥୀ ଫୁଲମେ ମାଝି ନିଜ ସମର୍ଥକ ସହ।

# ସ୍ୱାଧୀନ ପ୍ରାର୍ଥୀଙ୍କୁ ଗରିବସେନା ସଂଘର ସମର୍ଥନ



ସଭାରେ ଉପସ୍ଥିତ ଆଦିବାସୀ, ଦଳିତ ଓ ଅନ୍ୟାନ୍ୟ ପଛୁଆ ବର୍ଗର କର୍ମକର୍ତ୍ତା।

**ନୂଆପଡ଼ା,୨୫।୪ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ବରଗଛ ପଡିଆରେ ଗୁରୁବାର ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଗରିବସେନା ଆବାହକ ରବି ମଙ୍ଗରାଜ ନିଜ ସମର୍ଥକଙ୍କ ସହ ଜିଲା ଆଦିବାସୀ କଲ୍ୟାଣ ସଂଘରେ ସାମିଲ ହୋଇ ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝିଙ୍କୁ ସମର୍ଥନ ଜଣାଇଛନ୍ତି। ଆବାହକ ରବିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ୧୧ ସମ୍ପ୍ରଦାୟର ଆଦିବାସୀ, ଦଳିତ ଓ ଅନ୍ୟାନ୍ୟ ବର୍ଗର ବହୁସଂଖ୍ୟାରେ ଲୋକ ଉପସ୍ଥିତ ଥିଲେ। ଗରିବସେନା ଆବାହକ ରବି ମଙ୍ଗରାଜ ଆଶାୟୀ ପ୍ରାର୍ଥୀ ଭାବରେ ଥିଲେ। କୌଣସି ଦଳ ଟିକେଟ ନ ଦେବାରୁ ସ୍ୱାଧୀନ ପ୍ରାର୍ଥୀ ଭାବରେ ଛିଡ଼ା ହେବା ପାଇଁ ଆଗେଇ ଆସିଥିଲେ। ଶେଷ ମୁହୂର୍ତ୍ତରେ ନାମାଙ୍କନ ପତ୍ର ଦାଖଲ ନ କରି ଜିଲା ଆଦିବାସୀ କଲ୍ୟାଣ ସଂଘ ସ୍ୱାଧୀନ ପ୍ରାର୍ଥୀ ଭାବରେ ଛିଡ଼ା କରିଥିବା ମାଝିଙ୍କୁ ସମର୍ଥନ ଜଣାଇଛନ୍ତି। ୨୪ ବର୍ଷ ଶାସନ କାଳରେ ରାଜ୍ୟ ସରକାର ଆଦିବାସୀ, ଦଳିତ ଓ ପଛୁଆ ବର୍ଗର ଲୋକଙ୍କୁ ଅଣଦେଖା କରିଥିବାବେଳେ ପଶ୍ଚିମ ଓଡ଼ିଶାର କୌଣସି ବିକାଶ ମଧ୍ୟ ହୋଇପାରି ନାହିଁ। ଏ ସବୁକୁ ଦୃଷ୍ଟିରେ ରଖି ସ୍ୱାଧୀନ ପ୍ରାର୍ଥୀଙ୍କୁ ସମର୍ଥନ କରିଥିବା ମଙ୍ଗରାଜ ପ୍ରତିକ୍ରିୟା ଦେଇଛନ୍ତି। ଏହି ସମୟରେ ସ୍ୱାଧୀନ ପ୍ରାର୍ଥୀ ମାଝିଙ୍କ ସମେତ ଭାନୁ ପ୍ରତାପ ସିଂ ମାଝି, ଖାମ ସିଂ ମାଝି, ହୋମ ସିଂ ମାଝି, ସୁଧୀର ମିଶ୍ର, କମଳେଶ ଠାକୁର, ବାଳକୃଷ୍ଣ ଶବର, ବିମଳ ସାହୁ, ସିଧନ ସାହୁଙ୍କ ସମେତ ଗରିବସେନାର ବହୁ ସମର୍ଥକ ଓ ୧୧ ସମ୍ପ୍ରଦାୟର ଆଦିବାସୀ ଉପସ୍ଥିତ ଥିଲେ।

# ଭାଜପାର ଯୁବ ସମାବେଶ

**କେସିଙ୍ଗା,୨୫।୪(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ସହରସ୍ଥିତ ଭାଜପା କାର୍ଯ୍ୟାଳୟ ପରିସରରେ ସଭାପତି ପିଙ୍କୁ ପରିଡାଙ୍କ ନେତୃତ୍ୱରେ ଗୁରୁବାର ଯୁବ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁବମୋର୍ଚ୍ଚା ଜିଲା ସଭାପତି ବିଜୟଦେ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପ ଜ୍ୟୋତି ମୁଣ୍ଡ, ରାଷ୍ଟ୍ରୀୟ କାର୍ଯ୍ୟ କାରିଣୀ ସଦସ୍ୟ ମଗନ ସିନ୍ଧୁର, କେସିଙ୍ଗା ନଗର ସଭାପତି ଯୁଗଳ ପୋଦ୍ଦ୍, ଜିଲା ସାଧାରଣ ସମ୍ପାଦକ ବିଧାୟକ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସମ୍ପାଦକ ସନ୍ତୋଷ କୁମାର ଦାଶ ପ୍ରଥମେ ଉଦ୍‌ବୋଧନ ଦେଇଥିଲେ। ଏଥିରେ ବିଧାୟକ ପ୍ରାର୍ଥୀ ପ୍ରଦୀପ୍ତ କୁମାର ନାଏକ, ପୂର୍ବତନ ବିଧାୟକ ଅନାମ ନାଏକ, ମୁକେଶ ଅଗ୍ରୱାଲ ଜୁନାଗଡ ଏନ୍‌ଏସି ଅଧ୍ୟକ୍ଷ ଭବନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ଆସନ୍ତା ନିର୍ବାଚନରେ କିପରି ବିଜୟୀ ହେବା ସେ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ।

# ଭୋଟର ସଚେତନତା ପାଇଁ ପଦଯାତ୍ରା

**ନୂଆପଡ଼ା,୨୫।୪ (ମକାରୁ ବେମାଲ)**

ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଗୁରୁବାର ଭୋଟର ସଚେତନତା ପଦଯାତ୍ରା ବାହାରି ସହର ପରିକ୍ରମା କରି ପୋଲିସ ପଡିଆ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତ ମୁଖ୍ୟଅତିଥି, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଜିଲା ପରିଷଦ ସିଡିଓ ଲମ୍ବୋଦର ଧରୁଆ, ସଦର ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ, ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ କମଳାସନ ରଥ, ଅବସରପ୍ରାପ୍ତ ଜିଲା କ୍ରୀଡା ଅଧିକାରୀ ରାଜେଶ ଚନ୍ଦ୍ର ବଢେଇ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ଏସ୍‌ବିଆଇ ମୁଖ୍ୟ ଶାଖା ପରିଚାଳକ ଦେବାଶିଷ ଯୋଶୀ, ସଦର ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟ, କୋମନା ବିଡିଓ ହିତାଂଶୁ ଶେଖର ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଜିଲା ପରିଷଦ ବରିଷ୍ଠ ସହାୟକ ବିଭୁଦତ୍ତ ମିଶ୍ର ଓ ମୋହନ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ନ୍ୟାଶନାଲ ମହାବିଦ୍ୟାଳୟ, ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର, ଏନ୍‌ସିସି, ଇକୋ କ୍ଲବ, ଯୁବ ଭୋଟର, ଜିଲାସ୍ତରୀୟ ପଦାଧିକାରୀ ସାମିଲ ହୋଇ ଲୋକଙ୍କୁ ସଚେତନ କରିଥିଲେ ।




ଭୋଟର ସଚେତନତା ପଦଯାତ୍ରାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

# ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ

**ଦେବଗଡ଼,୨୫।୪(ଶଶାଙ୍କ ଶେଖର ଝାଙ୍କର)**



ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହଠାରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ପ୍ରଭାତ କୁମାର ଓଝାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଧନଞ୍ଜୟ ମହନ୍ତଙ୍କ ସଭାପତିତ୍ୱରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। ଡ଼ା ଓଝା ବିଶ୍ୱ ମ୍ୟାଲେରିଆ ଦିବସ ପାଳନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ନେଇ ମ୍ୟାଲେରିଆ ରୋଗ ପ୍ରତି ସଚେତନତା ସୃଷ୍ଟି କରିବା ସହ ଏହି ରୋଗକୁ ନିୟନ୍ତ୍ରଣ କରିବା ଉପରେ ଆଲୋକପାତ କରିଥିଲେ। ମ୍ୟାଲେରିଆରୁ ରକ୍ଷା ପାଇବା ପାଇଁ ଘର ଚାରିପାଖ ସଫା ରଖିବା ସହ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ ଓ ମଶାରୀ ଟାଙ୍ଗୀ ଶୋଇବା ଉଚିତ। ଏହି ରୋଗ ଘାତକ ସାଜିଥାଏ, ଠିକ ସମୟରେ ଉପଯୁକ୍ତ ଚିକିତ୍ସା କରା ନ ଗଲେ ରୋଗୀ ମୃତ୍ୟୁ ମୁଖ୍ୟରେ ପଡ଼ିଥାଏ। ମ୍ୟାଲେରିଆ ରୋଗର କାରଣ, ନିରାକରଣ ଏବଂ ଚିକିତ୍ସା ସମ୍ବନ୍ଧରେ ଜିଲା ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଧନଞ୍ଜୟ ମହନ୍ତ ସବିଶେଷ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଜିଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ, ଜିଲା ମଙ୍ଗଳ ଅଧିକାରୀ ବିଭୁ ରଞ୍ଜନ ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶ ଦାତା ସନ୍ତୋଷ କୁମାର ଷଡଙ୍ଗୀ, ଏଏମଏନସିଡି ଅମୀୟ କୁମାର ସାହୁ, ଡିଏମଆରସିଏଚ ଜ୍ୟୋତ୍ସ୍ନା ଶର୍ମା, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଗଣେଶର ମହାନ୍ତି ଶପଥ ପାଠ କରାଇବା ସହ ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଖ୍ରୀଷ୍ଟିଆନ ସମ୍ପ୍ରଦାୟ ପକ୍ଷରୁ କଂଗ୍ରେସ ସଭା

**ବଲାଙ୍ଗୀର,୨୫।୪ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଖ୍ରୀଷ୍ଟିଆନ ସମ୍ପ୍ରଦାୟ ପକ୍ଷରୁ ସ୍ଥାନୀୟ ବ୍ଲୁ ଲାଗୁନ୍ ମଣ୍ଡପରେ କଂଗ୍ରେସ ଦଳର ଏକ ସଭା ଆୟୋଜିତ ହୋଇଥିଲା। ସଭାରେ ସଭାପତି ଜ୍ୟୋତିରାଜ ନାଗ ସ୍ୱାଗତ ଭାଷଣ ଦେଇ ମୁଖ୍ୟଅତିଥି ବିଧାୟକ ନରସିଂହ ମିଶ୍ର, ବଲାଙ୍ଗୀର ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଏବଂ ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ଅଜିତ୍ ପାଲଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅଜିତ୍‌ଙ୍କୁ ଭାରତୀୟ ଜାତୀୟ କଂଗ୍ରେସ ଦଳ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ଏବଂ ବଲାଙ୍ଗୀର ଜିଲା କଂଗ୍ରେସ ଗଣମାଧ୍ୟମ ସେଲ ଚେୟାରମ୍ୟାନ ଭାବେ ନିଯୁକ୍ତି ଦେଇଥିବାରୁ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ପକ୍ଷରୁ ବିଧାୟକ ମିଶ୍ରଙ୍କୁ ଧନ୍ୟବାଦ ଜଣାଇଥିଲେ। ଆଗାମୀ ନିର୍ବାଚନରେ କଂଗ୍ରେସ ଦଳ ପ୍ରାର୍ଥୀ ସମରେନ୍ଦ୍ରଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ସଭାରେ ନିବେଦନ କରାଯାଇଥିଲା। ସମରେନ୍ଦ୍ର ତାଙ୍କ ବକ୍ତବ୍ୟରେ ସମ୍ବିଧାନକୁ ସୁରକ୍ଷିତ ରଖିବା ଦିଗରେ ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ଏବଂ କଂଗ୍ରେସକୁ ମଜଭୁତ କରିବା ଉପରେ କହିଥିଲେ। ବିଧାୟକ ମିଶ୍ର ସଂଖ୍ୟାଲଘୁ ସମ୍ପ୍ରଦାୟର ସମସ୍ୟା ଏବଂ ଏହାର ସମାଧାନ ଉପରେ କହିଥିଲେ। କଂଗ୍ରେସ ଦଳ ହିଁ ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ଓ ଉନ୍ନତି ପାଇଁ କାର୍ଯ୍ୟ କରି ଆସିଛି ବୋଲି କହିଥିଲେ। ସଭାରେ ଅଜିତ ପାଲ କଂଗ୍ରେସର ଉନ୍ନତି ଏବଂ ସାଙ୍ଗଠନିକ ଏକତା ପାଇଁ କାର୍ଯ୍ୟ କରିବେ ବୋଲି କହିଥିଲେ। ବିଧାୟକ କିଭଳି ବିଭିନ୍ନ ସମୟରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟକୁ ସହାୟତା ଦେଇଛନ୍ତି ସୂଚନା ଦେଇଥିଲ। ସଭାରେ ସୁବାସ ନାଗ ପ୍ରାରମ୍ଭିକ ପ୍ରାର୍ଥନା କରିଥିଲେ। ରୁପେଶ ନାଗ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଡ. ସୁଶାନ୍ତ କୁମାର ଧନ୍ୟବାଦ ଦେଇଥିଲେ। ବଲାଙ୍ଗୀର କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ମନୀଷ ମିଶ୍ର ଏବଂ ସନ୍ତକ ବହିଦାର ମଞ୍ଚାସୀନ ଥିଲେ। ଫୋରମ୍ ସମ୍ପାଦକ କୁଲଦୀପ ବାଗ, ପ୍ରବୀଣ ନାଗ, ଏଲିୟ କୁମାର, ବିଜୟ ପଣ୍ଡା, ଅହାସ ନାଗ ପ୍ରମୁଖ ଉପସ୍ଥିତ ଥିଲେ।




ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ପକ୍ଷରୁ ଆୟୋଜିତ ସଭାରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଏବଂ ପ୍ରବକ୍ତା ଅଜିତ ପାଲ।

# ଦବିଯାଉଛି କଂକ୍ରିଟ ରାସ୍ତା, ଦୁର୍ଘଟଣା ଆଶଙ୍କା

**ଲୋଇସିଂହା,୨୫।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାଲିଆମୁଣ୍ଡା ବସ୍ତିରୁ ଉଚ୍ଚ ପ୍ରାଥମିକ ସ୍କୁଲ ରାସ୍ତାର କଂକ୍ରିଟ ଗୋଟିଏ ପାର୍ଶ୍ୱ ଦବି ଯାଉଛି। ନିମ୍ନମାନର କାମ ଯୋଗୁ ଏପରି ଅବସ୍ଥା ସୃଷ୍ଟି ହୋଇଛି। ଏହି ରାସ୍ତାରେ ଯାତ୍ରୀବାହୀ ଓ ମାଲ ପରିବହନ ଗାଡିଗୁଡିକ ଯାତାୟତ କରୁଛି। ଏଠାରେ ଯେ କୌଣସି ମୁହୂର୍ତ୍ତରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେବାର ଆଶଙ୍କା ରହିଛି। ଏହି ସମସ୍ୟା ପ୍ରତି ପଞ୍ଚାୟତ ଓ ବ୍ଲକ ପ୍ରଶାସନର ଦୃଷ୍ଟି ପଡୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ୨୦୨୦-୨୧ ଆର୍ଥିକ ବର୍ଷରେ ବାଦିବାହାଲ ପଞ୍ଚାୟତ ପକ୍ଷରୁ ପଞ୍ଚଦଶ ଆୟୋଗ ଯୋଜନାରେ ୩ ଲକ୍ଷ ବ୍ୟୟ ଅଟକଳରେ ପ୍ରଥମ ପର୍ଯ୍ୟାୟରେ ଭାଲିଆମୁଣ୍ଡାରୁ ଉଚ୍ଚପ୍ରାଥମିକ ସ୍କୁଲ ରାସ୍ତା ଉନ୍ନତୀ ଓ କଂକ୍ରିଟକରଣ କରାଯାଇଛି। ଏହି ରାସ୍ତା ଗ୍ରାମର ପ୍ରମୁଖ ରାସ୍ତା। ରଥଯାତ୍ରା ବେଳେ ବସ୍ତିସ୍ଥିତ ବଳଦେବ ଜୀଉଙ୍କ ମନ୍ଦିରରୁ ଛକରେ ଥିବା ମାଉସୀ ମା' ମନ୍ଦିରକୁ ରଥାଟଣା ହୋଇଥାଏ। ଏହି ରାସ୍ତା ଦେଇ ଆଗଲାପାଲି, ବଳଦେବପୁରବାସୀ ପଞ୍ଚାୟତ ମୁଖ୍ୟାଳୟକୁ ନିୟମିତ ବିଭିନ୍ନ କାମରେ ଯାଇଥାନ୍ତି। ଏହାବ୍ୟତୀତ ଜିଲାର ଆଗଲପୁର ,ସୁବର୍ଣ୍ଣପୁର ଓ ବରଗଡ ଜିଲାର ଅଧିବାସୀ ଏହି ରାସ୍ତା ଦେଇ ଶନିବାର ସାପ୍ତାହିକ ବଜାର ଯାଇଥାନ୍ତି। ନିୟମିତ ଭାବରେ ଯାତ୍ରୀବାହୀ ଓ ପରିବହନ ଯାନଗୁଡିକ ଯିବାଆସିବା କରିଥାଏ। ଏହା ଗ୍ରାମାଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ହୋଇଥିଲେ ସୁଦ୍ଧା ବ୍ଲକ ପ୍ରଶାସନର ଉପଯୁକ୍ତ ତଦାରଖ ଅଭାବରୁ ସେତେବେଳେ ନିମ୍ନମାନର କାମ କରାଯାଇଥିଲା। ସେତେବେଳେ ସ୍ଥାନୀୟ ଅଧିବାସୀ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନଥିଲା। ଏବେ ଏହି ରାସ୍ତାର ବସ୍ତିରୁ ସ୍କୁଲ ପଟକୁ ଯିବା ବେଳେ ବାମପାର୍ଶ୍ୱରେ ଗାର୍ଡୱାଲ କାମ ପାଇଁ ନିହ ଖୋଳାଯାଇଛି। ଏଥିପାଇଁ ରାସ୍ତା ଉପରେ ବାଲି ଓ ମେଟାଲ ପକାଇଛନ୍ତି ଠିକାଦାର। କାମ ଅଗ୍ରଗତି ହେଉନାହିଁ। ଦୀର୍ଘଦିନ ହେଲା ବାଲି, ମେଟାଲ ରାସ୍ତାର ଗୋଟିଏ ପାର୍ଶ୍ୱରେ ପଡି ରହିଥିବାରୁ ଅନ୍ୟପାର୍ଶ୍ୱରେ ଯାନବାହାନ ଚଳାଚଳ କରୁଛି। ଏବେ ରାସ୍ତାରେ କଂକ୍ରିଟ ଦବି ଯାଉଛି। କେତେକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ସ୍ଥାନରେ ଯଦି ଯାନବାହାନ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟେ ତେବେ ୩ ଫୁଟରୁ ଅଧିକ ତଳକୁ ଖସି ମୃତାହତ ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସ୍ଥାନୀୟ ଅଧିବାସୀ କହିଛନ୍ତି। ଅଘଟଣ ପୂର୍ବରୁ ଗାର୍ଡୱାଲ କାମ ସାରି ରାସ୍ତା ଉପରୁ ବାଲି ଓ ମେଟାଲ ହଟାଇ ଦେବାକୁ କାମ କରୁଥିବା ଠିକାଦରାଙ୍କୁ ତାଗିଦ କରିଥିବା କହିଛନ୍ତି ସ୍ଥାନୀୟ ଅଧିବାସୀ। ଅପରପକ୍ଷେ ଗାର୍ଡୱାଲ କାମର ସୂଚନା ଫଳକ ଲାଗି ନ ଥିବାରୁ ତାହା କେଉଁ ପାଣ୍ଠି ଓ ବ୍ୟୟ ଅଟକଳ କେତେ ସାଧାରଣରେ ଲୋକେ ଜାଣିବାରେ ସଂଶୟରେ ପଡିଯାଇଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ରାସ୍ତାଘାଟର ଉନ୍ନତି ପାଇଁ ସରକାର ବିପୁଳ ପରିମାଣର ଅନୁଦାନ ଦେଉଛନ୍ତି। ଠିକାଦର-ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ନିମ୍ନମାନର କାମ ହେଉଛି। ସ୍ଥାୟୀ ବଦଳରେ ଅଳ୍ପ ଦିନରେ ଶୋଚନୀୟ ହୋଇ ପଡୁଛି।



ଦବି ଯାଉଥିବା କଂକ୍ରିଟ ରାସ୍ତା।

## ସଂକ୍ଷେପରେ

### ପଦ୍ମପୁର ଅଞ୍ଚଳରେ ବେଧଡକ ଚାଲିଛି ମଦବେପାର
#### ଅବକାରୀ ବିଭାଗ ଚୁପ, ନିର୍ବାଚନ ଋତୁ ପାଇଁ ମଦ ବେପାର ବୃଦ୍ଧି

**ପଦ୍ମପୁର,୨୫।୪(ପ୍ରଦୀପ୍ତ ଦାଶ):** ବର୍ତ୍ତମାନ ନିର୍ବାଚନ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ପଦ୍ମପୁର ଉପଖଣ୍ଡରେ ଦେଶୀ ରନ୍ଧା ମଦ ସମେତ ବିଦେଶୀ ମଦ ବେପାର ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ବିଭାଗୀୟ ଅଧିକାରୀ ଚୁପ ସାଜିଥିବା ସାଧାରଣରେ ଅଭିଯୋଗ ହେଉଛି। ପଦ୍ମପୁର ଅଞ୍ଚଳର ଅନେକ ସ୍ଥାନରେ ସ୍କୁଲ ସନ୍ନିକଟ ଓ ଗାଁ ଭିତରେ ଖୋଲାଖୋଲି ମଦ ବିକ୍ରି ଚାଲିଛି, ଯାହାକି ପରିବାର ମଧ୍ୟରେ ଅଶାନ୍ତ ବାତାବରଣ ସୃଷ୍ଟି ହେଉଛି। ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ନିର୍ବାଚନ ଋତୁ ଚାଲିଥିବା ବେଳେ ମଦ କାରବାର ବୃଦ୍ଧିପାଇଛି। ବହୁ ମଦ ବେପାରୀ ଅପମିଶ୍ରିତ ମଦ ବିକ୍ରି ଚଲାଇଛନ୍ତି। ଅବକାରୀ ବିଭାଗ ପକ୍ଷରୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନ ହେବାରୁ ମଦ ବେପାରୀ ଉତ୍ସାହିତ ହେଉଛନ୍ତି। ବିଶେଷ କରି ଗାଇସିଲେଟର ମଲମଣ୍ଡା, ଚାଣ୍ଟିପାଲି କନ ସିଂଘା, ମୋହନପାଲି, ଲଖମରା ଟେମେରୀ, ତଥା ଛତିଶଗଡ଼ ସୀମାନ୍ତ ଜଗଦଲପୁର ତଥା ଅଙ୍ଗ ନଦୀ ସୀମାନ୍ତ ଗ୍ରାମରେ ଏହି କାରବାର ଚାଲି ଥିବା ଜଣାପଡିଛି। ଗତ ଦିନରେ ଅବକାରୀ ବିଭାଗ ବାରମ୍ବାର ଚଢ଼ାଉ କରୁଥିଲେ ମାତ୍ର ବର୍ତ୍ତମାନ ଅବକାରୀ ବିଭାଗ ସ୍ଥାଣୁ ପାଲଟିଥିବା ସାଧାରଣରେ ବିଭାଗର ସ୍ୱଚ୍ଛତା ପ୍ରତି ସନ୍ଦେହ ସୃଷ୍ଟି ହୋଇଛି। ଉକ୍ତ ଅଧିକାରୀ ଦୃଷ୍ଟି ଆକର୍ଷଣ କରିବା ପାଇଁ ଦାବି ହେଉଛି।

### ଭାଜପାରୁ ସିଦ୍ଧାର୍ଥ ମିଶ୍ରଙ୍କ ଇସ୍ତଫା

**ପଦ୍ମପୁର,୨୫।୪(ପ୍ରଦୀପ୍ତ ଦାଶ):** ପଦ୍ମପୁର ଅଞ୍ଚଳର ବରିଷ୍ଠ ଭାଜପା ନେତା ସିଦ୍ଧାର୍ଥ ଶଙ୍କର ମିଶ୍ର ଗୁରୁବାର ଭାରତୀୟ ଜନତା ପାର୍ଟିର ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି।



ସେ ତାଙ୍କ ଇସ୍ତଫା ପତ୍ର ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ପଠାଇଦେଇଛନ୍ତି। ଦଳ ତାଙ୍କୁ ଅଣ ଦେଖା କରିବାରୁ ସେ ଇସ୍ତଫା ଦେଇଥିବା କହିବା ସହିତ ସେ ଆଗକୁ ଅଣ କଂଗ୍ରେସ ରାଜନୀତିରେ ରହିବେ ବୋଲି କହିଛନ୍ତି।

### ବିଜେଡିର ମିଶ୍ରଣ ପର୍ବ

**ବରପାଲି,୨୫।୪(ଚିତ୍ତରଞ୍ଜନ ସାହୁ):** ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ଲେଣ୍ଡା ପଞ୍ଚାୟତର ବହୁ ଯୁବକ ଗୁରୁବାର ବିଜେଡ଼ିରେ ସାମିଲ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଗଣେଶ ପ୍ରଧାନ, ତୁଳସୀ ଦାଶ, ଅଜିତ ପଧାନ, ରାକେଶ ପ୍ରଧାନ, ଆକାଶ ସାହୁ ପ୍ରମୁଖ ରହିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବରଗଡ଼ ବିଧାୟକ ଆଚାର୍ଯ୍ୟଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସେମାନେ ବିଜେଡ଼ିରେ ସାମିଲ ହୋଇଥିବା କହିଛନ୍ତି ।



ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହରେ ଅତିଥିଙ୍କ ଗହଣରେ ଆୟୋଜକ ଏବଂ କୃତୀ ଛାତ୍ରୀଛାତ୍ର ।

# ପଞ୍ଚାୟତିରାଜ ବ୍ୟବସ୍ଥାରେ ଲୋକଙ୍କ ସମ୍ପୃକ୍ତି ଲୋଡ଼ା

**ବରଗଡ଼,୨୫।୪(ପ୍ରେମାନନ୍ଦ ଖମାରୀ)**

ଗଣତନ୍ତ୍ର ସଫଳତା ଯେଭଳି ଗଣ ତଥା ଲୋକଙ୍କ ସମ୍ପୃକ୍ତି ବିନା ସମ୍ଭବ ନୁହେଁ, ଠିକ୍ ସେହିଭଳି ପଞ୍ଚାୟତିରାଜର ସଫଳତାରେ ଲୋକଙ୍କ ଆନ୍ତରିକ ସମ୍ପୃକ୍ତିର ଆବଶ୍ୟକତା ରହିଛି ବୋଲି ବରଗଡ଼ ମହିଳା ସମିତି ପକ୍ଷରୁ ଗୁରୁବାର ଅନୁଷ୍ଠିତ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହରେ ମତପ୍ରକାଶ ପାଇଛି। ସମିତିର ସଭାନେତ୍ରୀ ହରଜୀନ୍ଦର କୌରଙ୍କ ସଭାପତିତ୍ୱରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମାଜିକ ନ୍ୟାୟ ଏବଂ ଦକ୍ଷସେବା ପ୍ରଦାନ ସହିତ ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରିବା ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ଏହାଦ୍ୱାରା ଏକ ସୁଦୃଢ଼ ସ୍ଥାନୀୟ ସ୍ୱାୟଂଶାସନ ସମ୍ଭବ ହୋଇ ପାରୁଛି ବୋଲି ମତପ୍ରକାଶ କରିଥିଲେ। ଏହି ଦିବସ ଅବସରରେ ଗୋବିନ୍ଦପୁର ପଞ୍ଚାୟତ ସରପଞ୍ଚ ପ୍ରଫୁଲ୍ଲ ନାଏକଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଖବରଦାତା ପ୍ରସନ୍ନ କୁମାର ମିଶ୍ର ପଞ୍ଚାୟତିରାଜ ବ୍ୟବସ୍ଥାରେ ଗ୍ରାମୀଣ ଆତ୍ମନିର୍ଭରଶୀଳତା ସମ୍ଭବ ହେବା ସାଙ୍ଗକୁ ସାମାଜିକ, ଆର୍ଥିକ ଏବଂ ସାଂସ୍କୃତିକ ପରିବର୍ତ୍ତନକୁ ପ୍ରୋତ୍ସାହନ ମିଳି ପାରୁଛି ବୋଲି ଦର୍ଶାଇ ଜନଗଣଙ୍କ ଅଧିକ ସମ୍ପୃକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବରଗଡ଼ ମହିଳା ସମିତି ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତା ପିଲାମାନଙ୍କୁ ଆନନ୍ଦ ଦିଏ ଏବଂ ଭବିଷ୍ୟତ ପାଇଁ ଅନୁପ୍ରେରିତ କରେ ବୋଲି ସମ୍ମାନିତ ଅତିଥି ଅଭିଜିତ ପ୍ରତୀହାର ଏବଂ ସର୍ଦ୍ଦାର ପ୍ରୀତମ ସିଂ ମତପ୍ରକାଶ କରିଥିଲେ। ସମିତି ବରିଷ୍ଠ ସଦସ୍ୟ ଗୀତା ମିଶ୍ର ଏବଂ ଡଃ କମଳିନୀ ଶତପଥୀ ମଞ୍ଚାସୀନ ଥିଲେ। ରାଧାରାଣୀ ମିଶ୍ର ସ୍ୱାଗତ କରିଥିବାବେଳେ ବନଶ୍ରୀ ପାତ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମିତି ଉପସଭାନେତ୍ରୀ ମନ୍ଦାକିନୀ ପତି, କୋଷାଧ୍ୟକ୍ଷା ଦେବକୀ ମେହେର, ସହସମ୍ପାଦିକା ସୁଧାଂଶୁବାଳା ଦାଶ, ବରିଷ୍ଠ ସଦସ୍ୟା କନକ ପ୍ରଧାନ, ଅଞ୍ଜନା ଦାଶ, ଜୟଗୀତା ପଣ୍ଡା, ବାସନ୍ତୀ ଗଡ଼ତିଆ, ସୁମିତ୍ରା ଦାଶ, ସରୋଜ ସଲୋନୀ, ସସ୍ମିତା ପଟ୍ଟନାୟକ, ପ୍ରତିମା ବାରିକ, ରିନୁ ପତି, ପ୍ରଣତୀ ପଣ୍ଡା, ସଙ୍ଗୀତା ଗୁପ୍ତା, ପଦ୍ମିନୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦିକା ଇନ୍ଦ୍ରାଣୀ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।

# ସୁଧୁରୁନି ରାସ୍ତା, ଡ୍ରେନ୍ ସମସ୍ୟା



ସାମାନ୍ୟ ବର୍ଷାରେ ଜ୍ୟୋତି ନଗର ରାସ୍ତାରେ ଡ୍ରେନ ପାଣି।



ପଦ୍ମପୁର ଭେଡଉଁରିଆ ଛକ ମୁଖ୍ୟ ରାସ୍ତା।

**ପଦ୍ମପୁର,୨୫।୪(ପ୍ରଦୀପ୍ତ ଦାଶ)**

**ପଦ୍ମପୁର ସହର**

ପଦ୍ମପୁର ସହରରେ ଦିନକୁ ଦିନ ଜନସଂଖ୍ୟା ସହିତ ଯାନବାହନ ଚଳାଚଳ ବୃଦ୍ଧି ପାଇବାରେ ଲାଗିଛି। ବର୍ଷ ସାରା ମରାମତି କରିବା ସତ୍ତ୍ୱେ ମଧ ସହରର ବିକାଶ ଅସଜଡା ହୋଇରହିଛି। ଏହାକୁ ନେଇ ସହରର ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସହରର ପ୍ରମୁଖ ବଜାର ପେଣ୍ଠସ୍ଥଳ କୁହାଯାଉଥିବା ପୁରୁଣା ବସ୍ତି ରାସ୍ତା ଓ ଭେଡଉଁରିଆ ଛକ ରାସ୍ତା ଦୀର୍ଘ ଦିନ ହେବ ଖରାପ ହୋଇପଡିଛି। ଏହି ରାସ୍ତା ସହରର ପ୍ରମୁଖ ରାସ୍ତା ହୋଇଥିବା ବେଳେ ପ୍ରତିଦିନ ଶହଶହ ଯାନବାହନ ଚଳାଚଳ ହେଉଛି। ମାତ୍ର ଏହି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇପଡିଛି। ସହରର ବିଭିନ୍ନ ଗଳି ରାସ୍ତାରେ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିଲେ ମଧ ନିମ୍ନମାନର କାମ ଯୋଗୁ କଂକ୍ରିଟ ସବୁ ଉପୁଡି ପଡୁଛି। ସେହିପରି ଶହରର ଶାନ୍ତିନଗର, ଜ୍ୟୋତି ନଗର, ବଡବନ୍ଧ ପଡା, ଗଳିପଡାରେ ବର୍ଷ ସାରା ଡ୍ରେନ ସମସ୍ୟା ଲାଗି ରହିଥିବା ବେଳେ ସାଧାରଣ ବର୍ଷାରେ ମଧ ଡ୍ରେନ ଆବର୍ଜନାରେ ଅବରୋଧ ହୋଇ ଡ୍ରେନ ପାଣି ରାସ୍ତାରେ ଲହଡି ମାରୁଛି। ସେହିପରି ଅନେକ ସ୍ଥାନରେ ଜବରଦଖଲ ଯୋଗୁ ରାସ୍ତା ସଙ୍କୁଚିତ ହେଉଛି। ଏନଏସି କର୍ତ୍ତୃପକ୍ଷ ବର୍ଷ ସାରା କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ପରିଚାଳନାଗତ ତ୍ରୁଟି ଯୋଗୁ ଏହି ସମସ୍ୟା ଲାଗିରହିଛି ବୋଲି ସହରବାସୀ ଅଭିଯୋଗ କରିଛନ୍ତି। ବର୍ଷା ଋତୁ ଆସିବା ପୂର୍ବରୁ ଡ୍ରେନେଜ ସମସ୍ୟା ଓ ତୁରନ୍ତ ରାସ୍ତା ମରାମତି କରିବା ପାଇଁ ସହରବାସୀ ଦାବି କରିଛନ୍ତି।

### ବିଜେଡି ସାଂସ୍କୃତିକ ସାମ୍ମୁଖ୍ୟ ସଦସ୍ୟଙ୍କୁ ସମ୍ବର୍ଦ୍ଧନା

ବରଗଡ଼,୨୫।୪(ପ୍ରେମାନନ୍ଦ ଖମାରୀ) ରାଜ୍ୟ ବିଜେଡି ସାଂସ୍କୃତିକ ସମନ୍ୱୟ ସାମୁଖ୍ୟରେ ନିଯୁକ୍ତି ପାଇଥିବା ୫ବରିଷ୍ଠ କଳାକାରଙ୍କ ମଧ୍ୟରେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ଅଧ୍ୟକ୍ଷ ଚୈତନ୍ୟ ପାଇକ ନିଯୁକ୍ତି ପାଇଛନ୍ତି । ତାଙ୍କୁ ବିଜେଡ଼ି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ପାଇକଙ୍କୁ ବରଗଡ଼ରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଜେଡ଼ି ଟାଉନ ସଭାପତି କିଶୋର ମିଶ୍ର, ଜିଲା ସଂକୀର୍ତ୍ତନ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ, କଣ୍ଠଶିଳ୍ପୀ ବାଲେଶ୍ୱର କୁଅଁର, ଜିଲା ବାରିକ ସମାଜ ସଭାପତି ରୋହିତ ବାରିକ, ନୃତ୍ୟ ନିର୍ଦ୍ଦେଶକ ରାଜେଶ ବାରିକ, ସନ୍ତୋଷ ସାହୁ, ଡୋଲାମଣି ଶତପଥି, ସରୋଜ ସାହୁ ପ୍ରମୁଖ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।



ସଦସ୍ୟଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

# ସୀମାନ୍ତରେ ଯାଞ୍ଚ କଡ଼ାକଡ଼ି: ପିକ୍‌ଅପ୍ ଗାଡ଼ିରୁ ୪ ଲକ୍ଷ ଟଙ୍କା ଜବତ

**ସୋହେଲା,୨୫।୪( ଅଶ୍ୱିନୀ କୁମାର ପାତ୍ର)**



ଜବତ ଟଙ୍କା ।

ରାଜ୍ୟରେ ଆଗାମୀ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ଅବାଧ ଏବଂ ନିରପେକ୍ଷ ପାଇଁ ବରଗଡ ଏସପି ପ୍ରହଲ୍ଲାଦ ସହାଇ ମୀଣାଙ୍କ ନିର୍ଦ୍ଦେଶକ୍ରମେ ପଡୋଶୀ ଛତିଶଗଡ ସୀମାକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାରେ ସନ୍ଦିଗ୍ଧ ଯାନବାହନ ଯାଞ୍ଚ କରାଯାଉଛି। ବୁଧବାର ଅପରାହ୍ନରେ ସୋହେଲା ପୋଲିସ ଛତିଶଗଡକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ଉପରେ ସୀମାନ୍ତ ଲୁହୁରାଟି ନିକଟ ଏବଂ ସୋହେଲା ବରମକେଲା ରାସ୍ତା ସୀମାନ୍ତ ଗ୍ରିଂଜାଲ ପେଟ୍ରୋଲ ପମ୍ପ ଛକାଠାରେ ଯାନବାହନ ଯାଞ୍ଚ ବେଳେ ନଗଦ ୪ ଲକ୍ଷ ୧ ହଜାର ୬ ଶହ ଟଙ୍କା ଜବତ ହୋଇଛି। ଟଙ୍କା ସମ୍ପର୍କରେ ଗାଡି ଚାଳକ ବରଗଡ ସଦର ଥାନା ତାଲପାଲି ଗ୍ରାମର ଜଗଦୀଶ ଖୁଣ୍ଟିଆଙ୍କୁ ପୋଲିସ ପଚରାଉଚୁରା କରିଥିଲେ। ଚାଳକ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ କିମ୍ବା ଟଙ୍କାର କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ଟଙ୍କା ଜବତ କରି ଘଟଣାର ତଦନ୍ତ କରୁଥିବା ସୋହେଲା ଥାନା ଆଇଆଇସି ପ୍ରଣୟ ମୁର୍ମୁ ସୂଚନା ଦେଇଛନ୍ତି। ସୀମାନ୍ତ ଲୁହୁରାଚଟି ନିକଟରେ ସୋହେଲା ଥାନା ଏଏସଆଇ ପୁଷ୍ପା ଡୁଙ୍ଗଡୁଙ୍ଗ ଏବଂ ଅନ୍ୟ ପୋଲିସମାନେ ଯାନବାହନ ଯାଞ୍ଚ କରୁଥିଲେ। ସୋହେଲା ପଟକୁ ଆସୁଥିବା ଏକ ବୋଲେରୋ ପିକ୍‌ଅପ୍ ଗାଡି (ନଂ.ଓଡି୧୭-ଏବି-୧୦୬୭) ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଗାଡି ଭିତରୁ ନଗଦ ୪ ଲକ୍ଷ ୧ ହଜାର ୬ ଶହ ଟଙ୍କା ମିଳିଥିଲା।

# ନୂତନ ୧୧କେଭି ଫିଡର୍ ଲାଇନ ସଂସ୍ଥାପିତ



ନୂତନ ୧୧କେଭି ଫିଡର୍ ଲାଇନର ଶୁଭାରମ୍ଭ କରାଯାଉଛି ।

**ବରଗଡ଼,୨୫।୪(ପ୍ରେମାନନ୍ଦ ଖମାରୀ)**

ବିଦ୍ୟୁତ ବିତରଣ କମ୍ପାନୀ ଟିପିଓଡ୍ଲୁଡ଼ିଏଲ ପକ୍ଷରୁ ବରଗଡ଼ ବ୍ଲକର ଚାଷୀଙ୍କ ଉଠାଜଳସେଚନ ପାଇଁ ପୃଥକ ଭାବେ ନୂତନ ୧୧ କେଭି କ୍ଷମତା ସମ୍ପନ୍ନ ଫିଡର୍ ଲାଇନକୁ ଟିପିଓଡ୍ଲୁଡ଼ିଏଲ ସଂସ୍ଥାପିତ କରିଛି। କମ୍ପାନୀ ରକ୍ଷଣାବେକ୍ଷଣ ବିଭାଗ ମୁଖ୍ୟ ଆଶିଷ କୁମାର ପାଢୀଯୋଶୀ ଏବଂ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହାର ଶୁଭାରମ୍ଭ କରାଯାଇଛି। ଚଳିତ ଗ୍ରୀଷ୍ମଋତୁରେ ଲୋ ଭୋଲଟେଜ ସମସ୍ୟା ରୋକିବା ପାଇଁ ବରଗଡ଼ ବ୍ଲକ ଅନ୍ତର୍ଗତ ଡୁମ୍ବେରପାଲି, କଟାପାଲି, ନିଲେଶ୍ୱର, ବିରମାଳ, ନୂଆପାଲି, ବାଲିଯୋରୀ, ପିପିଲିପାଲି ଗ୍ରାମର ଚାଷୀଙ୍କ ସୁବିଧା ସକାଶେ ସରଣ୍ଡାପାଲି ପିଏସଏସରୁ ପ୍ରାୟ ୧୮କି.ମି ଦୂରତାରେ ନୂତନ ୧୧କେ.ଭି ଫିଡର୍ ଲାଇନ ଆରମ୍ଭ ହୋଇଛି। ଏହି ନୂତନ ଫିଡ଼ର ଲାଇନ ଚାର୍ଜ ହେବା ପରେ ଉପରୋକ୍ତ ଗ୍ରାର ୫୦୦ଚାଷୀ ଏଥିରେ ଉପକୃତ ହେବେ ବୋଲି ଟିପିଡବ୍ଲୁଓଡିଏଲ ସୂଚନା ଦେଇଛି । ଏହି ନୂତନ ଫିଡର ଲାଇନ ସଂଯୋଗ ପାଇଁ ପ୍ରାୟ ୨କୋଟି ଟଙ୍କା ଖର୍ଚ୍ଚ ହୋଇଛି। ତେବେ ଉକ୍ତ ନୂତନ ୧୧କେ.ଭି ଫିଡର୍ ଲାଇନ କେବଳ ବରଗଡ଼ ବ୍ଲକର ଚାଷୀଙ୍କୁ ଫାଇଦା ଦେବ, ତାହା ନୁହେଁ, ଏହା ଡୁମ୍ବେରପାଲିସ୍ଥିତ ପୁରୁଣା ୧୧କେଭିର ଫିଡର ଲାଇନରେ ହେଉଥିବା ଓଭରଲୋଡ଼ିଂ ସମସ୍ୟାକୁ ମଧ୍ୟ ଦୂର କରିବ ବୋଲି ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ନୂତନ ଭାବେ ଦାୟିତ୍ୱ ବହନ କରିଥିବା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ କୁମାର ବର୍ମା କହିଛନ୍ତି, ଏହିଭଳି ଯୋଜନାବଦ୍ଧ ଭାବେ କମ୍ପାନୀ ପକ୍ଷରୁ ଦୀର୍ଘମିଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଇ ସମୁଦାୟ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ ପାଇଁ ପ୍ରୟାସ ଜାରି ରହିଛି। ଏଥିପାଇଁ ସେ ସମସ୍ତ ବିଦ୍ୟୁତ ଉପଭୋକ୍ତାଙ୍କ ସହଯୋଗ କାମନା କରିଛନ୍ତି।

### ଗୋଡ଼ଭଗା ବିରାଟ ପକ୍ଷରୁ ରଙ୍ଗୋଲି ପ୍ରତିଯୋଗିତା

**ସରଣ୍ଡା,୨୫।୪(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଗୋଡ଼ଭଗାସ୍ଥିତ ବିରାଟ ଏଜୁକେଶନାଲ ଇନଷ୍ଟିଚ୍ୟୁଟଠାରେ ଗୁରୁବାର ରଙ୍ଗୋଲି ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ରାମନବମୀକୁ ଆଧାର କରି ବିରାଟ ଏଜୁକେଶନାଲ ଇନଷ୍ଟିଚ୍ୟୁଟ ପରିସରରେ ସିବିଏସସି ଏବଂ ସିଏଚଏସସି ସମର କୋର୍ସର ଛାତ୍ରୀଛାତ୍ରଙ୍କୁ ନେଇ ରଙ୍ଗୋଲି, ମେହେନ୍ଦୀ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଅନୁଷ୍ଠାନର ଡାଇରେକ୍ଟର ରାହୁଲ ରାଜ ଏବଂ ସମ୍ପାଦକ ପଙ୍କଜ ଅଗ୍ରୱାଲ ଅତିଥିଭାବେ ଯୋଗ ଦେଇଥିବା ବେଳେ ପ୍ରଶାସନିକ ମୁଖ୍ୟ ଜ୍ୟୋତିରଞ୍ଜନ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ପ୍ରତିଯୋଗିତାର ବିଚାରକ ଭାବେ ଆତ୍ମ ସୁରକ୍ଷା ତାଲିମପ୍ରାପ୍ତ ଟ୍ରେନର ପ୍ରିୟଦର୍ଶିନୀ ଅର୍ଚ୍ଚନା ବାଗ, ଶିକ୍ଷୟିତ୍ରୀ ବିଦ୍ୟୁତ୍‌ପ୍ରଭା ନାୟକ ଓ ସି. ଶ୍ୟାମଳା ଦାୟିତ୍ୱ ବହନ କରିଥିଲେ। ଅନୁଷ୍ଠାନର ଜୟଚନ୍ଦ୍ର ମେହେର ଓ ସାହେବ ହୁସେନ ଆନସାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ବିରାଟ ଗ୍ରୁପର ବାଳକୃଷ୍ଣ ସାହୁ, ସୁଶାନ୍ତ ଶତପଥି, ମୋହନ ପ୍ରସାଦ ଛନ୍ଦ, ଟିଲୁ ଓରଫ ସୀତାରାମ ରଥ, ପ୍ରଭୁଦତ୍ତ ପ୍ରଧାନ, ଟଙ୍କଧର ମହାପାତ୍ର, ବିଶୁଧାନନ୍ଦ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ପ୍ରତିଯୋଗିତାର ରଙ୍ଗୋଲିରେ, ଶ୍ରଦ୍ଧା ସୁନୟନା ଦୀପ, ତେଲିଷା ପଧାନ, ଆୟୁଷ ପଧାନ ଓ ମୌସୁମୀ ପରିଡା, ସେହିପରି ମେହେନ୍ଦୀରେ ଲକ୍ଷ୍ମୀ ପ୍ରିୟା ଜେନା, ଶୁଶ୍ରୀ ଶ୍ରୀୟା ସାହୁ, ପୂଜା ସରଭଙ୍ଗ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର ଫଳାଫଳ ସରପ୍ରାଇଜ ରଖାଯାଇଛି।



ଗୋଡ଼ଭଗା ବିରାଟ ପକ୍ଷରୁ ଆୟୋଜିତ ରଙ୍ଗୋଲି ପ୍ରତିଯୋଗିତାକୁ ବିଚାରକ, ଅତିଥି ଓ କର୍ମକର୍ତ୍ତା ବୁଲି ଦେଖୁଛନ୍ତି।

# କ୍ରିଷ୍ଣା ବିକାଶ ଗ୍ରୁପ୍ ଛାତ୍ରୀଛାତ୍ରଙ୍କ ସଫଳତା

**ଆଇଆଇଟି-ଜେଇଇ(ମେନ୍) ପ୍ରବେଶିକା ପରୀକ୍ଷା**

**ବରଗଡ଼,୨୫।୪(ପ୍ରେମାନନ୍ଦ ଖମାରୀ)**



କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ, ଅଧ୍ୟକ୍ଷଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

ଆଇଆଇଟି-ଜେଇଇ(ମେନ୍) ପ୍ରବେଶିକା ପରୀକ୍ଷାରେ କ୍ରୀଷ୍ଣା ବିକାଶ ଗୃପ ଅନ୍ତର୍ଗତ ବରଗଡ଼ର ବିକାଶ ଆବାସିକ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। କ୍ରୀଷ୍ଣା ବିକାଶ ଗୃପର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ସୂଚନା ଦେଇଛନ୍ତି, ରାଜ୍ୟରୁ ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଉକ୍ତ ଅନୁଷ୍ଠାନର ୨ଜଣ ଛାତ୍ର ୯୯ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଛନ୍ତି। ସେହିପରି ୮ଜଣ ୯୮, ୨୧ଜଣ ୯୭, ୩୩ଜଣ ୯୫ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଥିବାବେଳେ ୯୨ଜଣ ଛାତ୍ରୀଛାତ୍ର ୨୦୨୪ ଜେଇଇର ନିର୍ଦ୍ଧାରୀତ କଟ୍‌ଅଫ୍ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ (ସିନିୟର ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି ପରୀକ୍ଷାଫଳ ଉପରେ ସୂଚନା ଦେଇଛନ୍ତି, ଉକ୍ତ ଅନୁଷ୍ଠାନର ରିତେଶ ୯୯.୬୪୬, ପ୍ରିୟାଙ୍କ ୯୯.୬୪୦, ପ୍ରତୀକ ୯୮.୮୪, ସନତ ୯୮.୬୭, ଅରିନ୍ ୯୮.୫୧, ବିପ୍ରାଂଶୁ ୯୮.୩୫, ମନୀଷା ୯୮.୧୨, ଖୁସି ୯୮.୧୧, ସୌମ୍ୟା ୯୭.୯୪, କିରନ କୁମାର ୯୭.୯୨, ଶୁଭାଶିଷ ୯୭.୯୨, ସତ୍ୟମ ସାଇ ୯୭.୯୧, ଅଙ୍ଗିରା ୯୭.୭୪, ଜୟନ୍ତ ୯୭.୫୧, ଶୁଭଙ୍କର ୯୭.୩୩, ଅରମାନ୍ ୯୭.୨୩, ପ୍ରିୟଦେବ ୯୭.୨୦, ସ୍ୱଂସିତ ୯୭.୧୭, କୃଷ୍ଣାନନ୍ଦ ୯୭.୧୨, ପୋଲସ୍ତ୍ୟ ୯୭.୧୧, ମଧୁସୂଦନ ୯୭.୦୯, ଅଙ୍କିତା ୯୬.୭୯, ଚିନ୍ମୟାନନ୍ଦ ୯୬.୭୮, ପ୍ରିୟଦର୍ଶନ ୯୬.୭୧ ଓଜସ୍ୱୀ ୯୬.୪୧ ପ୍ରତିଶତ ମାର୍କ ରଖିଛନ୍ତି। ସେହିପରି ଆୟୁଷମନ୍ତ ୯୫.୯୭, ଅସୀମ ୯୫.୯୭, ରଜତ ୯୫.୯୩, ପ୍ରଦ୍ୟୁତ ୯୫.୮୧, ଆଦ୍ୟାଶା ୯୫.୩୯, ଚେତନ ୯୫.୩୬, ସୁରଜ ୯୫.୨୬, ଆୟୁଷ୍ମାନ ୯୫.୦୪ ମାର୍କ ରଖି ତାଲକାର ଶୀର୍ଷରେ ରହିଛନ୍ତି। ପଦାର୍ଥ ବିଜ୍ଞାନରେ ପ୍ରତୀକ ଓ ଅରୀନ ଶତ ପ୍ରତିଶତ ମାର୍କ ରଖିଥିବାବେଳେ ପ୍ରିୟାଙ୍କ ୯୯.୯୨, ଖୁସି ୯୯.୮୯, ସୌମ୍ୟ ୯୯.୬୯, ରିତେଶରାଜ ୯୯.୬୮, ସନତ ୯୯.୬୪, ପ୍ରିୟଦର୍ଶନ ୯୯.୫୫, ଅସୀମ ୯୯.୪୮, ସ୍ୱସିଂତ ୯୯.୪୭, ପୋଲସ୍ତ୍ୟ ୯୯.୪୫, ଜୟନ୍ତ ୯୯.୧୯, ଶୁଭଙ୍କର ୯୯.୧୨ପ୍ରତିଶତ ମାର୍କ ରଖିଛନ୍ତି। ରସାୟନ ବିଜ୍ଞାନରେ ସତ୍ୟମ ସାଇ ଶତଶତ ପ୍ରତିଶତ ମାର୍କ ରଖିଥିବାବେଳେ ଅରିନ ୯୯.୯୪, ଓଜସ୍ୱୀ ୯୯.୮୨, ବିପ୍ରାଂଶୁ ୯୯.୮୨, ସନତ ୯୯.୭୭, ଅଙ୍ଗିରା ୯୯.୭୭, ପ୍ରତୀକ ୯୯.୭୦, ଖୁସି ୯୯.୭୦, ହର୍ଷିତା ୯୯.୫୯, ମନୀଷା ୯୯.୪୮, ଚିନ୍ମୟାନନ୍ଦ ୯୯.୪୭, ଶୁଭାଶିଷ ୯୯.୩୭, ଅରମାନ୍ ୯୯.୩୭, ରିତେଶରାଜ ୯୯.୩୪ ପ୍ରତିଶତ ମାର୍କ ରଖିଛନ୍ତି। ଗଣିତରେ ରିତେଶରାଜ ୯୯.୬୪ ଏବଂ ପ୍ରିୟାଙ୍କ ୯୯.୬୧ପ୍ରତିଶତ ମାର୍କ ରଖିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ କ୍ରୀଷ୍ଣା ବିକାଶ ଗୃପର ଚେୟାରମ୍ୟାନ ଡି. ମୂରଲୀ କ୍ରୀଷ୍ଣା ବିକାଶରେ ଚାଲିଥିବା ସେଣ୍ଟ୍ରାଲାଇଜଡ୍ ଏଣ୍ଟ୍ରାନ୍ସ ଏକାଡ଼େମୀର ପାଠ୍ୟ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହିତ କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ (ସିନିୟର ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି, ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା, ଅଧ୍ୟାପକଙ୍କ ପରିଶ୍ରମକୁ ଶ୍ରେୟ ଦେଇଛନ୍ତି । ଆଗାମୀ ଦିନରେ ହେବାକୁ ଥିବା ଆଇଆଇଟି ଜେଇଇ ଏଡ଼ଭାନ୍ସଡ୍, ଏନଟିଏ-ନିଟ୍(ମେଡ଼ିକାଲ), ସିୟୁଇଟି, ସିଏ, କ୍ଲାଟ୍, ଏନଡ଼ିଏ ଏବଂ ବୋର୍ଡ଼ ପରୀକ୍ଷାମାନଙ୍କରେ କ୍ରୀଷ୍ଣା ବିକାଶ ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ସହିତ ଓଡ଼ିଶା ପାଇଁ ଗୌରବ ଆଣିବେ ବୋଲି ସେ ଆଶାପୋଷଣ କରିଛନ୍ତି। କ୍ରୀଷ୍ଣା ବିକାଶ ଗୃପର ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା, ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖ ସଫଳ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



ରିତେଶରାଜ ସାହୁ।



ପ୍ରିୟଙ୍କ ଅଗ୍ରୱାଲ।

# ରାମଜୀଗୁଡ଼ିରେ ୯ ଦିନରେ ଠାକୁରଙ୍କ ନଅ ବେଶ

**ସମ୍ବଲପୁର,୨୫।୪ (ଭବାନୀ ଶଙ୍କର ଭୋଇ)**

## କାଠରେ ତିଆରି ଶ୍ରୀରାମ, ଲକ୍ଷ୍ମଣ ଏବଂ ସୀତା ଆକର୍ଷଣର କେନ୍ଦ୍ରବିନ୍ଦୁ



ସମ୍ବଲପୁର ସହରର ରାମଜୀଗୁଡିରେ ୨୨୩ ବର୍ଷ ହେବ ପୂଜା ପାଉଛନ୍ତି ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଏବଂ ମାତା ସୀତା। ୧୮୦୧ ମସିହାରେ ସମ୍ବଲପୁରର ରାଜକୁମାରୀ ଆଶାକୁମାରୀ ଦେବୀ ଏହି ମନ୍ଦିର ନିର୍ମାଣ କରାଇଥିଲେ। ସେହି ଦିନଠାରୁ ପ୍ରତିବର୍ଷ ରାମନବମୀଠାରୁ ନଅ ଦିନ ପର୍ଯ୍ୟନ୍ତ ରାମନବମୀ ଉତ୍ସବର ଆୟୋଜନ କରାଯାଇଆସୁଛି। ଚଳିତବର୍ଷ ନବଦିନାତ୍ମକ ରାମନବମୀ ଉତ୍ସବରେ ଗୁରୁବାର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ ମହାପ୍ରଭୁ ମନ୍ଦିର ବିଜେ କରିବେ। ତେବେ ଆଶାକୁମାରୀ ଦେବୀ ଆରମ୍ଭ କରିଥିବା ରାମନବମୀ ପରମ୍ପରା ଆଜି ପର୍ଯ୍ୟନ୍ତ ବଜାୟ ରହିଛି। ସେ ପରବର୍ତ୍ତୀ ସମୟରେ କଳାହାଣ୍ଡି ରାଜପରିବାରରେ ବିବାହ କରିବା ପରେ ମଧ୍ୟ ରାମନବମୀ ପରମ୍ପରାରେ ସାମିଲ ହୋଇ ଆସୁଥିଲେ। ପ୍ରତିବର୍ଷ କଳାହାଣ୍ଡି ରାଜ ପରିବାରରୁ ରାମନବମୀ ପାଇଁ ପୂଜା ସାମଗ୍ରୀ ଆଦି ସମ୍ବଲପୁର ରାମଜୀ ଗୁଡିକୁ ଆସିବାର ପରମ୍ପରା ଶହଶହ ବର୍ଷ ଧରି ଜାରି ରହିଥିଲା । ବିଗତ ୧୨ ବର୍ଷ ହେବ ଏହି ପରମ୍ପରା ବନ୍ଦ ହୋଇଯାଇଛି। ତଥାପି ପୂଜା କମିଟି ରାମଜୀଗୁଡିର ରାମନବମୀ ଉତ୍ସବ ପାରମ୍ପରାକୁ ଉତ୍ସାହ ଉଦ୍ଦୀପନାର ସହ ଆୟୋଜିତ କରିଆସୁଛି।

ଏହି ମନ୍ଦିରରେ ପୂଜା ପାଉଥିବା ରାମ ସୀତା ଏବଂ ଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତି କାଠରେ ତିଆରି ହୋଇଛି। ପରମ୍ପରା ଅନୁସାରେ ପ୍ରତିବର୍ଷ ଚୈତ୍ର ପ୍ରତିପଦାରେ ଏହି ମୂର୍ତ୍ତୀଗୁଡିକ ରଙ୍ଗ କରାଯାଇ ରାମନବମୀରେ ବେଶ ଆରମ୍ଭ ହୋଇଥାଏ । ନଅ ଦିନ ପର୍ଯ୍ୟନ୍ତ ରାମ ସୀତା ଏବଂ ଲକ୍ଷ୍ମଣ ପ୍ରତିଦିନ ବିଭିନ୍ନ ବେଶରେ ସଜ୍ଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେବାର ପରମ୍ପରା ରହିଛି। ବିଗତ ନଅ ଦିନ ମଧ୍ୟରେ ପ୍ରଥମ ଦିନରେ ରାମଜନ୍ମ ବେଶ,ଦ୍ୱିତୀୟ ଦିନରେ ବ୍ରତଧାରଣ ବେଶ, ଏହାପରେ ବିବାହ ବେଶ, ବନବାସ ବେଶ, ଚିତ୍ରକୁଟରେ ଅବସ୍ଥାନ, ସୀତା ଚୋରୀ, ଲଙ୍କା ଠାବ, ଯୁଦ୍ଧ ବେଶ(ରାବଣ ବଧ) ଏବଂ ନବମ ଦିନରେ ଗୁରୁବାର ରାମଙ୍କ ରାଜ୍ୟାଭିଷେକ ବେଶରେ ସଜ୍ଜିତ କରାଯାଇଥିଲା। ମନ୍ଦିରର ମୁଖ୍ୟ ପୂଜକ ମାନସ ପଣ୍ଡା ଏବଂ ଅନ୍ୟତମ ପୂଜକ ବିନୋଦ ପଣ୍ଡା ଏହି ରାମ ସୀତା ଏବଂ ଲକ୍ଷ୍ମଣଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରିଥିଲେ। ଏହି ନଅ ଦିନ ପର୍ଯ୍ୟନ୍ତ ମନ୍ଦିର ପରିସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବହୁବର୍ଷ ପୂର୍ବରୁ ପ୍ରତିଦିନ ସନ୍ଧ୍ୟାରେ କୃଷ୍ଣଗୁରୁର ଆୟୋଜନ କରାଯାଉଥିଲା। ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ଭୁରକୁଟୀ ପରମ୍ପରା ମଧ୍ୟ ଆୟୋଜିତ ହେଉଥିଲା। ତେବେ ବିଗତ କିଛି ବର୍ଷ ହେବ ଶେଷ ତିନିଦିନ ନାମଯଜ୍ଞ ଆୟୋଜନ କରାଯାଇ ଆସୁଛି।

# ସୁରକ୍ଷା ମଞ୍ଚର ବନ୍ଧୁମିଳନରେ ଯୋଗଦେଲେ କୁସୁମ, ଜୁଏଲ



କାର୍ଯ୍ୟକ୍ରମରେ ବିଧାୟିକା କୁସୁମ ଟେଟେ ଉଦ୍‌ବୋଧନ ଦେଉଛନ୍ତି।

**ହେମଗିର,୨୫।୪ (ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିରସ୍ଥିତ ବିଶ୍ୱକାନନଠାରେ ଗୁରୁବାର ହେମଗିର ସୁରକ୍ଷା ମଞ୍ଚ ପକ୍ଷରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାଜପାର ଏମ୍‌ପି ପ୍ରାର୍ଥୀ ଜୁଏଲ ଓରାମ ଓ ବିଧାୟିକା ପ୍ରାର୍ଥୀ କୁସୁମ ଟେଟେ ଯୋଗଦେଇ ୨ଟି ଭୋଟ ପଦ୍ମ ଚିହ୍ନରେ ଦେବା ପାଇ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ଓରାମ କହିଥିଲେ, କେନ୍ଦ୍ର ସରକାର ଜନସାଧାରଣଙ୍କ ପାଇ ଅନେକ ଯୋଜନା କରିଥିବା ବେଳେ ରାଜ୍ୟ ସରକାର ଯୋଜନା ଗୁଡିକ ଓଡିଶାରେ ଲାଗୁ କରୁ ନ ଥିବାରୁ ଓଡିଶାର ଜନସାଧାରଣ ତାହାର ଲାଭ ପାଇପାରୁ ନାହାଁନ୍ତି। ଠିକ ସେହିପରି ଭାବରେ କୁସୁମ ଟେଟେ ମଧ୍ୟ ରାଜ୍ୟ ସରକାର ଆୟୁଷ୍ମାନ ଭାରତ ଯୋଜନାର ଲାଭ ଓଡିଶାରେ ରାଜ୍ୟ ସରକାର ଲାଗୁ କରୁ ନ ଥିବାରୁ ଲୋକ ସେହି ଯୋଜନା ଲାଭ ଉଠାଇ ପାରୁ ନ ଥିବା କହିଥିଲେ। ଏହି ଅବସରରେ ଅନେକ ଲୋକ ବିଭିନ୍ନ ଦଳ ଛାଡି ଭାଜପାରେ ସାମିଲ ହୋଇଥିଲେ। ଏହି ଅବସରରେ ଗିରିଶ ସାହୁ, ସୁରକ୍ଷା ମଞ୍ଚର ଉପଦେଷ୍ଟା ସନ୍ତୋଷ ଅମାତ, ସଭାପତି ଶୁଶାନ୍ତ ରଞ୍ଜନ ପଟ୍ଟନାୟକ,ଉପ ସଭାପତି ମହେଶ ସତପଥୀ, ସମ୍ପାଦକ ସୁବୋଧ ସା, ଗୋବିନ୍ଦ ସତପଥୀ, ଅରୁଣ ପ୍ରଧାନ,ସରୋଜ ପାଣିଗ୍ରାହୀ, ପଲଟନ କୁଅଁର,ସୁମିତ କର ପ୍ରମୁଖ ଉପସ୍ଥିତ ଥିଲେ।

# ଆମ୍‌କୋ-ସିମ୍‌କୋ ଶହୀଦ ଦିବସ ପାଳିତ

**କୁଆଁରମୁଣ୍ଡା,୨୫।୪(ମହେନ୍ଦ୍ର କୁମାର ସାହୁ):** କୁଆଁରମୁଣ୍ଡା ବ୍ଲକ ରାଏବୋଗା ପଞ୍ଚାୟତ ଆମ୍‌କୋ-ସିମ୍‌କୋଠାରେ ଶହୀଦ ସ୍ମାରକି ଦିବସ ପାଳିତ ହୋଇଯାଇଛି। ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ପାନପୋଷ ଉପଜିଲାପାଳ ବିଜୟ କୁମାର ନାଏକ, ବୀରମିତ୍ରପୁର ପୌରପାଳିକା ନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାସ,ବୀରମିତ୍ରପୁର ଏସଡିପିଓ ସୁଶାନ୍ତ କୁମାର ଦାସ,ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଓ ଶହୀଦ ସ୍ମୃତି କମିଟିର ସଦସ୍ୟମାନେ ଶହୀଦ ପୀଠରେ ପହଞ୍ଚି ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜଣାଇଥିଲେ। ହେଲେ ଶହୀଦ ଦିବସ ପାଳନ ନେଇ ପ୍ରଚାର,ପ୍ରସାର କରାଯାଇ ନ ଥିବାରୁ କମ୍ ଲୋକଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା।

# ଦିଲୀପ ରାୟଙ୍କ ସଭାରେ ଗଣ୍ଡଗୋଳ

**ରାଉରକେଲା, ବନ୍ଧମୁଣ୍ଡା,୨୫।୪(ଦିନେଶ ମିଶ୍ର/ ସଙ୍ଗୀତା ଜେନା/ସୁବ୍ରତ ଡେ):** ବନ୍ଧମୁଣ୍ଡା ସେକ୍ଟର-୧ ସ୍ଥିତ ମୁଖୀବସ୍ତିରେ ରାଉରକେଲା ଭାଜପା ପ୍ରାର୍ଥୀ ଦିଲୀପ ରାୟଙ୍କ ଗସ୍ତକୁ ନେଇ ଗୁରୁବାର ଗଣ୍ଡଗୋଳ ହୋଇଛି। ବନ୍ଧମୁଣ୍ଡା ମୁଖୀବସ୍ତିରେ ଦିଲୀପ ତାଙ୍କ ଦଳୀୟ କର୍ମୀଙ୍କ ସହ ବିଭିନ୍ନ ସମସ୍ୟା ଓ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବା ପାଇଁ ଗୁରୁବାର ପୂର୍ବାହ୍ନରେ ଯାଇଥିଲେ। ଏହି ସମୟରେ ବିଜେଡିର କେତେଜଣ କର୍ମକର୍ତ୍ତା ସଭା ସ୍ଥଳରେ ପହଞ୍ଚି ବିନା ଅନୁମତିରେ କେଉଁ ଦଳର ନେତା ଆମ ବସ୍ତିକୁ ଆସି ପାରିବେ ନାହିଁ ବୋଲି କହିଥିଲେ। ଫଳରେ ଉଭୟ ଦଳ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ଦିଲୀପ କାହାକୁ କିଛି ନ କହି ସଭା ସ୍ଥଳକୁ ପଳାଇ ଆସିଥିଲେ। ଏ ନେଇ ବନ୍ଧମୁଣ୍ଡା ଥାନାରେ ଉଭୟ ପକ୍ଷରୁ ଏତଲା ଦିଆଯାଇଥିଲା। ପୋଲିସ ୨ଟି ପୃଥକ୍ ପୃଥକ୍ ମାମଲା ରୁଜୁ କରିଥିବା ଥାନାଧିକାରୀ ଅଶୋକ ଦାସ ସୂଚନା ଦେଇଛନ୍ତି। ଭାଜପା ପକ୍ଷରୁ ଦିଆଯାଇଥିବା ଏତଲାରେ କୁହାଯାଇଛି, ଏକ ଜନସଭା ଆୟୋଜନ ପାଇଁ ପ୍ରସ୍ତୁତିକରାଯାଉଥିଲା। ସେଠାରେ ଜଣେ ମହିଳା ଓ ୨ଜଣ ପୁରୁଷ ପହଞ୍ଚି ଗଣ୍ଡଗୋଳ କରିଥିଲେ। ଭାଜପା ପକ୍ଷରୁ ଅଭିଯୋଗକୁ ଆଧାର କରିପୋଲିସ ମାମଲା ନଂ. ୧୦୦/୨୪ ରୁଜୁ କରିଛି। ସେହିପରି ବିଜେଡି ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ ଭାଜପା ସମର୍ଥକମାନେ ଜୋରଜବରଦସ୍ତି ଭୋଟ ମାଗିଥିଲେ। ଫଳରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ ମାମଲା ନଂ.୧୦୧/୨୪ ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

# ଓଡ଼ିଶାର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ଆବଶ୍ୟକ

**ସୁନ୍ଦରଗଡ,୨୫।୪(ଜୟ ନାରାୟଣ ମେଣ୍ଢୁଲି)**



ଓଡ଼ିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାର ଆବଶ୍ୟକ ବୋଲି ସୁନ୍ଦରଗଡ଼ ଏମ୍‌ପି ତଥା ଭାଜପା ଲୋକସଭା ପ୍ରାର୍ଥୀ ଜୁଏଲ ଓରାମ ପ୍ରକାଶ କରିଛନ୍ତି। ଗୁରୁବାର ଭାଜପା ଜିଲା କାର୍ଯ୍ୟାଳୟଠାରେ ସୁନ୍ଦରଗଡ଼ ଲୋକସଭା ନିର୍ବାଚନ ସଂଯୋଜକ ବଟକିଶୋର ମିଶ୍ରଙ୍କ ନେତୃତ୍ୱରେ ଏକ ଖବରଦାତା ସମ୍ମିଳନୀରେ ଜୁଏଲ ଏହା ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀରେ ଓରାମ, ବିଧାୟିକା ପ୍ରାର୍ଥୀନୀ କୁସୁମ ଟେଟେ, ସୁନ୍ଦରଗଡ଼ ଲୋକସଭା ସହ ସଂଯୋଜକ ଗିରିଶ ସାହୁ, ବରିଷ୍ଠ ନେତା ସନ୍ତୋଷ ଅମାତ,ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ଯଶୋବନ୍ତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ମୋଦିଙ୍କ ଗ୍ୟାରେଣ୍ଟି ତଥା ବିକଶିତ ଭାରତ ବିକଶିତ ଓଡ଼ିଶା ସଂକଳ୍ପ ପତ୍ର, ଇସ୍ତାହାରର ଓଡ଼ିଆ ସଂସ୍କରଣକୁ ଏହି ଅବସରରେ ମଞ୍ଚାସୀନ ବରିଷ୍ଠ ପଦାଧିକାରୀଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଜୁଏଲ କହିଥିଲେ ଯେ,ମୋଦିଙ୍କ ଗ୍ୟାରେଣ୍ଟି ହିଁ ଭାରତୀୟ ଜନତା ପାର୍ଟିର ସଂକଳ୍ପ ପତ୍ର। ଏହି ସଂକଳ୍ପ ଭାରତର ୧୪୦ କୋଟି ଲୋକଙ୍କର ଆଶା, ଆକାଂକ୍ଷା ଓ ସ୍ୱପ୍ନକୁ ପୂରଣ କରିବ। ଓଡ଼ିଶାର ସାଢ଼େ ଚାରି କୋଟି ଲୋକଙ୍କୁ ଏହି ଐତିହାସିକ କାର୍ଯ୍ୟରେ ଯୋଡ଼ିବାର ଆମର ଲକ୍ଷ୍ୟ।ସୁନ୍ଦରଗଡ଼ବାସୀ ପଦ୍ମ ଫୁଲରେ ଭୋଟ ଦେବା ପାଇଁ ଓରାମ ଅନୁରୋଧ କରିଥିଲେ। ଜିଲାରେ ଥିବା ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଏବଂ ଜିଲାକୁ ଉନ୍ନତି ପଥରେ ଆଗେଇ ନେବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା, ରାଜ୍ୟ ସ୍ୱଚ୍ଛ ଭାରତ ଅଭିଯାନ ସହ ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାର, ଜିଲା କୋଷାଧ୍ୟକ୍ଷ ଦିନେଶ କର, ଜିଲା ସମ୍ପାଦକ ଅମୀୟ ପଟ୍ଟନାୟକ, ପୂର୍ବତନ ଜିଲା ସମ୍ପାଦକ ସସିମ ପଟେଲ, ବରିଷ୍ଠ ନେତା ଭୋପାଳ ସାହୁ, ଶମ୍ଭୁନାଥ ଭୋଲ, ଅଶୋକ ଗହୀର, ଜିଲା ଯୁବ ମୋର୍ଚ୍ଚା ସଭାପତି ଶ୍ରୀକାନ୍ତ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

# ଜଳଛତ୍ର ଉଦ୍‌ଘାଟିତ

**ସୁନ୍ଦରଗଡ,୨୫।୪(ଜୟ ନାରାୟଣ ମେଣ୍ଢୁଲି)**

ସୁନ୍ଦରଗଡ ଷ୍ଟାଡିୟମ ଛକଠାରେ ଟିମ୍ ଶ୍ମଶାନ ବନ୍ଧୁ ଓ ଜିଲା କ୍ରିଡା ସଂସଦର ମିଳିତ ଆନୁକୂଲ୍ୟରେ ଜଳଛତ୍ର ଓ ସରବତ ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ ସହରର ଜଣାଶୁଣା ବର୍ଷିୟାନ ଡା. ଦିଲ୍ଲୀପ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରବତ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଡା.ମିଶ୍ର ଏହି ଜଳଛତ୍ର ଓ ସରବତ ବଣ୍ଟନ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡା ଓ ଜିଲା କ୍ରିଡା ସଂସଦ ସମ୍ପାଦକ ପ୍ରଭାତ କୁମାର ଭୋଳ କହିଛନ୍ତି, ଗ୍ରୀଷ୍ମ ଶେଷ ଓ ମୌସୁମୀର ଆଗମନ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ। ଏହି ଉଦଘାଟନ କାର୍ଯ୍ୟକ୍ରମରେ ଜିଲା କ୍ରିଡା ସଂସଦ ସଂପାଦକ ପ୍ରଭାତ ଭୋଳଙ୍କ ସହିତ ଜୟଦେବ ପାତ୍ର, ଶିଶିର କୁମାର ପଟେଲ, ଭେଡାବାହାଲ କଲେଜର ଅଧ୍ୟାପକ ଅଶୋକ କୁମାର ବରାଇ, ଖବରଦାତା ଡମ୍ବରୁଧର ନାୟକ, ଦେବାଶିଷ କବି, ବିଜୟ ବରୁଆ, କିଶୋର ନାୟକ, ମନୋଜ ଧଳ, ପିଙ୍କୁ ଦାସ, ସଞ୍ଜୟ କୁମାର ପୋଢ, ହେମନ୍ତ ପାଢ଼ି, ସୁମନ୍ତ ସାହୁ, ବୀରକିଶୋର ସାମଲ, ବିଭୁତି ଭୂୟାଁ,ଟୁନା ସାହୁ, ରାକେଶ ଗୁରୁ, ସୁମନ୍ତ ମହାପାତ୍ର, ଜ୍ୟୋତିଷ ବିଶ୍ୱାଳ, ବିଷ୍ଣୁ ରକ୍ସା, ଦେବେନ୍ଦ୍ର ସାହୁ, ଶିଶିର କୁମାର ବେହେରା, କମଲେଶ ନଥାନୀ, ବସନ୍ତ ସାହୁ, ନରେନ୍ଦ୍ର ସିଂ, ନିର୍ଲିପ୍ତ ବେହୁରା, ମନୋଜ ସାହୁ, ପଙ୍କଜ ଠାକୁର, ପ୍ରଶାନ୍ତ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ।



# ସଦର ବ୍ଲକରେ ଯୋଗେଶଙ୍କ ନିର୍ବାଚନୀ ପ୍ରଚାର

**ସୁନ୍ଦରଗଡ,୨୫।୪(ଜୟ ନାରାୟଣ ମେଣ୍ଢୁଲି)**

ସୁନ୍ଦରଗଡ ସଦର ବ୍ଲକର ବିଭିନ୍ନ ଗ୍ରାମରେ ବିଜେଡି ବିଧାୟକ ପ୍ରାର୍ଥୀ ଯୋଗେଶ କୁମାର ସିଂହ ନିର୍ବାଚନ ପ୍ରଚାର କରି ଭୋଟ ଭିକ୍ଷା କରୁଛନ୍ତି। ସଦର ବ୍ଲକ ଅନ୍ତର୍ଗତ ଲେଢ଼ିମଙ୍ଗ ପଞ୍ଚାୟତ ଏବଂ ମଝାପଡା ପଞ୍ଚାୟତର ଲେଢ଼ିମଙ୍ଗ ବସ୍ତି, ସୁଆମାଲ, କେନ୍ଦୁପଡା, ଧାରୁଆଡିହି, ସୁନାମୁଣ୍ଡା, ବାବୁ ପଡା,ଡୁଡୁକାବାହାଲ, ତିଲେଇମଲ୍ଲି, ବାନ୍ଧୁବାହାଲ, ଡୁଲେମବୁଡ, ଅମସରଙ୍ଗା, କୁମ୍ଭାରଡିପା, ମଝପଡା, ତେଲିମାଲ, ନୂଆଁପଡାଠାରେ ପ୍ରଚାର କାର୍ଯ୍ୟକ୍ରମ କରିଥିଲେ। ଏହି ପ୍ରଚାର ସମୟରେ ଯୋଗେଶ ରାଜ୍ୟର ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ନିର୍ବାଚନରେ ବିଜୁଜନତା ଦଳର ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟ କରାଇ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ବସାଇବାକୁ ଅନୁରୋଧ କରିଥିଲେ। ଏହିପ୍ରଚାର ବେଳେ ଯୋଗେଶଙ୍କୁ ବିଭିନ୍ନ ଗ୍ରାମରେ ମହିଳାମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଗ୍ରାମବାସୀ ମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ତାଙ୍କୁ ଅବଗତ କରିଥିଲେ। ଯୋଗେଶ ସମସ୍ତ ସମସ୍ତ ସମସ୍ୟା ଓ ଦାବି ଗୁଡିକ ପୂରଣ ନେଇ ପ୍ରତିଶ୍ରୁତି ଦେଇଥିଲେ। ମହିଳା ଏବଂ ପୁରୁଷ ଯୋଗେଶଙ୍କୁ ସମର୍ଥନ ଜଣାଉଥିବା ଦେଖାଯାଇଥିଲା। ଏହି ପ୍ରଚାର ସମୟରେ ବ୍ଲକ ସଭାପତି ତଥା ଜିଲା ପରିଷଦ କ ଜୋନ ସଭ୍ୟ ଅଶ୍ୱିନୀ କୁମାର ନାଏକ, ଜିଲା ପରିଷଦ ଖ ଜୋନ ସଭ୍ୟା ମଞ୍ଜୁଲତା ସେଠ, ଲେଢିମଙ୍ଗ ସରପଞ୍ଚ ଅନିରୁଦ୍ଧ ଠେମେରିଆ, ସମିତି ସଭ୍ୟ ମନୋଜ ଅଗସ୍ତି, ବସନ୍ତ ଶେଖର ଦେଓ,ବରିଷ୍ଠ ନେତା ଅମୃତ ଶେଖର ଦେଓ, ଶିବାଶିଷ ନାଏକ, ବଂଶୀଧର ମେହେର, ଅବସର ପ୍ରାପ୍ତ ପୋଲିସ ଅଧିକାରୀ ସୁରେନ୍ଦ୍ର ସାହୁ, ପ୍ରଶାନ୍ତ ସାହୁ, ସନ୍ତୋଷ ମଗର ପ୍ରମୁଖ ସାମିଲ ହୋଇ ଯୋଗେଶଙ୍କ ବିଜୟ ପାଇଁ ସଂକଳ୍ପ କରିଥିଲେ।



ଯୋଗେଶ କୁମାର ସିଂହ ନିର୍ବାଚନ ପ୍ରଚାର କରି ଭୋଟ ଭିକ୍ଷା କରୁଛନ୍ତି।

# ପ୍ରବୋଧଙ୍କୁ ସ୍ୱାଗତ ଜଣାଇଲେ ସୁନ୍ଦରଗଡ଼ ଜିଲା ଭାଜପା ନେତୃମଣ୍ଡଳୀ

**ସୁନ୍ଦରଗଡ,୨୫।୪(ଜୟ ନାରାୟଣ ମେଣ୍ଢୁଲି)**

ସୋନପୁରଠାରେ ଆୟୋଜିତ ଏକ ବିଶାଳ ଜନ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କ ବଳିଷ୍ଠ ନେତୃତ୍ୱ ଏବଂ ଭାରତୀୟ ଜନତା ପାର୍ଟିର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପ୍ରବୋଧ ତିର୍କୀ ଦଳରେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲା ଭାଜପା ପରିବାରରେ ଆନନ୍ଦ ଉଲ୍ଲାସ ଭରି ଯାଇଥିବାବେଳେ ତାଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯାଇଛି। ସୁନ୍ଦରଗଡ଼ ଏମ୍‌ପି ତଥା ସଂସଦୀୟ ପ୍ରତିରକ୍ଷା କମିଟି ଅଧ୍ୟକ୍ଷ ଜୁଏଲ ଓରାମ, ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀଶଙ୍କର ଭୋଇ ଏବଂ ରାଜ୍ୟ ଉପସଭାନେତ୍ରୀ ତଥା ବିଧାୟିକା କୁସୁମ ଟେଟେ ଫୋନ ଯୋଗେ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ଯୋଗଦାନ ପାଇଁ ତଳସରା ନିର୍ବାଚନ ମଣ୍ଡଳୀ ସମେତ ସୁନ୍ଦରଗଡ଼ ଜିଲାରେ ଭାଜପାର ସଂଗଠନ ତୃଣମୂଳ ସ୍ତରରେ ଆହୁରି ମଜବୁତ ହେବ ବୋଲି ଶୀର୍ଷ ନେତୃମଣ୍ଡଳୀ ମତ ପ୍ରକାଶ କରିଛନ୍ତି ।

# ୨୮ ରେ ଚାଷୀ ସଚେତନତା ରାଲି କରିବ କୃଷକ ସଂଘର୍ଷ ସମିତି

**ଲୋଇସିଂହା,୨୫।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଗୁରୁଡ଼ିଖାଲ ସାପ୍ତାହିକ ବଜାର ପ୍ରାଙ୍ଗଣରେ ଲୋଇସିଂହା ଓ ଆଗଲପୁର ବ୍ଲକ ମିଳିତ କୃଷକ ସଂଘର୍ଷ ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ସଭାପତି ରତ୍ନାକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଲୋୟର ସୁକତେଲ ପ୍ରକଳ୍ପରୁ ଜଳସେଚନରୁ ବାଦ ପଡିଥିବା ଲୋଇସିଂହା ଓ ଆଗଲପୁର ବ୍ଲକର ୧୦ ପଞ୍ଚାୟତରେ ମିଳିତ କୃଷକ ସଂଘର୍ଷ ସମିତି ପକ୍ଷରୁ ବାଇକ୍ ରାଲି କରି ଜନ ସଚେତନତା ସୃଷ୍ଟି କରିବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ୨୮ ତାରିଖ ରବିବାର ଲୋଇସିଂହା ବ୍ଲକ ବୁଢ଼ୀପଦର, ବାଦିବାହାଲ, ଯୋଗୀସର୍ଡ଼ା, ହୀରାପୁର ଓ ବୁର୍ଡ଼ା ପଞ୍ଚାୟତରେ କରାଯିବ। ପରବର୍ତ୍ତୀ ସମୟରେ ଆଗଲପୁର ବ୍ଲକ ନୁନିଆପାଲି, ଖାରଣୀପାଲି, ବଡତିକା, ନଅଗାଁ (ଖ) ଓ ବେଦ୍ରା ପଞ୍ଚାୟତରେ କରାଯିବ । ଏହି ରାଲି ପାଇଁ ପ୍ରାୟ ୧୧ ହଜାର ଟଙ୍କା ସଂଗ୍ରହ ହୋଇଥିଲା । ଲୋୟର ସୁକତେଲ ପ୍ରକଳ୍ପରୁ ଉଭୟ ବ୍ଲକର ଅଞ୍ଚଳ ଜଳସେଚନରୁ ବାଦ ପଡିଛି। ଜଳସେଚନ ଦାବିରେ ବିଭିନ୍ନ ସମୟରେ ସଂଘର୍ଷ ସମିତି ପକ୍ଷରୁ ଅନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଇଛି। ଏପ୍ରିଲ ୨୦ରେ ୧୬ ଜଣିଆ ଚାଷୀ ପ୍ରତିନିଧି ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ୨୦୨୪ ସାଧାରଣ ନିର୍ବାଚନ ବର୍ଜନ ଓ ରାସ୍ତାରୋକୋ କରାଇବାକୁ ଚେତାବନୀ ଦେଇଛନ୍ତି।

# ଏମ୍‌ଏସ୍ ଧୋନି ରାତ୍ରିକାଳୀନ କ୍ରିକେଟ୍ ମ୍ୟାଚ ଉଦ୍‌ଘାଟିତ

**ରାଉରକେଲା,୨୫।୪(ଦିନେଶ ମିଶ୍ର)**

ସେକ୍ଟର-୧୫ ସ୍ଥିତ ଟାଟା ଖେଳ ପଡିଆରେ ୟଙ୍ଗ ଫାଇଟର କ୍ଲବ ପକ୍ଷରୁ ଏମ୍‌ଏସ୍ ଧୋନି ରାତ୍ରକାଳୀନ ସଟ୍ ବାଉଣ୍ଡ୍ରି କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ରାଉରକେଲା ତଥା ଆଖପାଖ ଅଞ୍ଚଳରୁ ୩୦ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ତୃଣମୂଳ କଂଗ୍ରେସର ଅଧ୍ୟକ୍ଷ ଜାହାଙ୍ଗୀର ହକ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଅମିତ ମହାନ୍ତି, ନରେନ୍ଦ୍ର ସିଂ କଲହାତ ଲବିଲ କୌର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ ଓଲଡ ଇକ୍ ଗୋଲ୍ଡ ଦଳ ସହିତ ସିଆଇଟି ଦଳ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ସିଆଇଟି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬୨ ରନ ସଂଗ୍ରହ କରିଥିଲା। ଏହି ରନ୍‌ର ଲକ୍ଷ୍ୟକୁ ନେଇ ଓଲଡ ଇକ୍ ଗୋଲ୍ଡ ଦଳ ମାତ୍ର ୪୮ ରନରେ କରି ଅଲଆଉଟ୍ ହୋଇ ପରାସ୍ତ ହୋଇଥିଲା। ଏହି ମ୍ୟାଚକୁ ଆଫତ୍ରି ଓ ସାହାବାଜ ଖାନ ଓମ୍ପିଆର ଭାବ ଉପସ୍ଥିତ ରହି ପରିଚାଳନା କରିଥିଲେ। ଟୁର୍ନାମେଣ୍ଟକୁ କ୍ଲବର ଅଧ୍ୟକ୍ଷ ଅମୀର ଅଜମତ ଅଲ୍ଲୀ, ତାରିଖ ଆଜିଜ୍, ଏମ୍‌ଡି ମଦସୀର, ଇସତିଫା ଖାନ, ସାହାବାଜ ଖାନ, ସଦାବ ଖାନଙ୍କ ସହ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ପିଲାମାନେ।

# ରାବଣଙ୍କ ଦରବାରରେ ସଭା, ସୀତା ଚୋରି ମଞ୍ଚସ୍ଥ

**ବଡ଼ଗାଁ,୨୫।୪(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଚାଲିଥିବା ଖୋଲା ମଞ୍ଚରେ ଅଭିନୀତ ରାମଲୀଳା ଯାତ୍ରାର ଅଷ୍ଟମ ଦିନରେ ରାବଣଙ୍କ ଦରବାରରେ ସଭା, ମନ୍ତ୍ରଣା ଓ ସୀତାଙ୍କୁ ରାବଣ ଅପହରଣ କରି ନେବା ବିଷୟବସ୍ତୁ ମଞ୍ଚସ୍ଥ ହୋଇଥିଲା। ରାବଣଙ୍କ ଭଉଣୀ ସୂର୍ପଣଖାର ନାସା ଛେଦନ, ଖର, ଦୂଷଣ ଓ ତ୍ରିଶିରାଙ୍କୁ ବଧ କରାଯିବା ଶୁଣି ରାବଣ ପ୍ରଚଣ୍ଡ କ୍ରୋଧିତ ହେଲେ। ମନ୍ତ୍ରୀ ପରିଷଦ ଡକାଇ ସଭା କଲେ ଓ ମନ୍ତ୍ରଣା ଦେଲେ। ସେଠାରେ ସୀତାଙ୍କୁ ଅପହରଣ କରିବାକୁ ଯୋଜନା ହେଲା। ରାବଣ ମାରୀଚ ରାକ୍ଷସକୁ ଡକାଇ ପଞ୍ଚବଟୀ ନିକଟରେ ସର୍ଣ୍ଣ ମୃଗ ରୂପରେ ସୀତାଙ୍କୁ ଦେଖାଦେବାକୁ ନିର୍ଦ୍ଦେଶ ଦେଲେ। ସୀତା ସର୍ଣ୍ଣ ମୃଗକୁ ଧରିବା ପାଇଁ ରାମଙ୍କୁ ଜଣାଇଲେ। ରାମଚନ୍ଦ୍ର ମୃଗର ଅନୁଧାବନ କରି ତୀର ମାରିଲେ। ଏହି ସମୟରେ ଯୋଜନା ମୁତାବକ ମାରୀଚ ତ୍ରାହି ଲକ୍ଷ୍ମଣ ଡାକ ପକାଇଥିଲେ। ଏହା ଶୁଣି ସୀତା ରାମଙ୍କ ପ୍ରତି ବିପଦ ଆଶଙ୍କା କରି ଲକ୍ଷ୍ମଣଙ୍କୁ ଯିବା ପାଇଁ କହିଲେ। ଲକ୍ଷ୍ମଣ ଭାତୃ ଆଜ୍ଞା ହେତୁ ଯାଇପାରିବେ ନାହିଁ କହିବାରୁ ସୀତା ସନ୍ଦେହ ପ୍ରକଟ କରିଥିଲେ। ଏହାପରେ ଲକ୍ଷ୍ମଣ କୁଟୀର ସମ୍ମୁଖରେ ତିନିଟି ଗାର ଟାଣି ଏହାକୁ ଅତିକ୍ରମ ନ କରିବାକୁ କହି ରାମଙ୍କୁ ଖୋଜିବା ପାଇଁ ଚାଲିଯାଇଥିଲେ। ଏହାର ସୁଯୋଗ ନେଇ ରାବଣ ବ୍ରାହ୍ମଣ (ଜତି) ବେଶରେ ଆସି ଭିକ୍ଷା ଆଳରେ ସୀତାଙ୍କୁ ଅପହରଣ କରି ପୁଷ୍ପକ ବିମାନରେ ନେଇଥିଲେ। ଏହି ବିଷୟବସ୍ତୁର ରାବଣ , ଜତି ରାବଣ, ରାବଣଙ୍କ ମନ୍ତ୍ରୀ, ଇନ୍ଦ୍ରଜିତ, ବିଭୀଷଣ, ମାରୀଚ, ମାୟାସୀତା ଭୂମିକାରେ ଯଥାକ୍ରମେ, ବିଟୁ ନାୟକ, ଶାଶତ ପାଣିଗ୍ରାହୀ, ଗଙ୍ଗା ସା , ମୁନୁ ଦାସ, ଜିତେଶ ବାରିକ, ସନୁ ଦାସ, ପ୍ରଦୀପ୍ତ ନାଏକ ଅଭିନୟ କରିଥିଲେ।



ରାବଣ ସୀତାଙ୍କୁ ଅପହରଣ କରି ନେଉଛନ୍ତି।

## ସଂକ୍ଷେପରେ

### ୱାଟ୍‌କୋ ଅନୁଖଣ୍ଡ-୪ର ଉପ ପ୍ରବନ୍ଧକୁ ସ୍ମାରକପତ୍ର ପ୍ରଦାନ

**ରାଉରକେଲା,୨୫।୪(ଦିନେଶ ମିଶ୍ର):** ସହରରେ ଗ୍ରୀଷ୍ମର ଲହରୀ ଜାରି ରହିଥିବା ବେଳେ ୱାଟକୋ ବିଭାଗ ପକ୍ଷରୁ ବିଭିନ୍ନ ବସ୍ତିକୁ ପିଇବା ପାଣି ପହଞ୍ଚୁ ନ ଥିବାରୁ ଏହାକୁ ନେଇ ଉଦିତନଗର ଅଞ୍ଚଳରେ ଥିବା କିଛି ବସ୍ତିବାସୀ ୱାଟକୋ ଅନୁଖଣ୍ଡ-୪ର ଉପପ୍ରବନ୍ଧକଙ୍କୁ ଏକ ସ୍ମାରକପତ୍ର ଗୁରୁବାର ପ୍ରଦାନ କରିଛନ୍ତି। ଉଦିତନଗର ଅଞ୍ଚଳରେ ଥିବା ସରଦାର ବସ୍ତି, ମନୁ ପଟ୍ଟନାୟକ ଗଳି ଓ ଓରାମପଡା ଅଞ୍ଚଳରେ ବାସ କରଥିବା ବହୁ ବସ୍ତିବାସୀ ୱାଟକୋର ପାନୀୟ ଜଳ ପାଇବାରେ ବଞ୍ଚିତ ହେଉଛନ୍ତି। ଫଳରେ ବାଧହୋଇ ସ୍ଥାନୀୟ ବସ୍ତିବାସୀ ଉକ୍ତ ଅଞ୍ଚଳରେ ଥିବା ନଳକୂପ ଉପରେ ଭରସା କରୁଛନ୍ତି। ଅଧିକାଂଶ ସମୟ ଧରି ଏକାଧିକ ବସ୍ତିବାସୀ ନଳକୂପକୁ ବ୍ୟବହାର କରୁଥିବାରୁ ଏହା ଖରାପ ହେଉଯାଉଛି। ଯାହାକୁ ନେଇ ବସ୍ତିବାସୀ ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ଅଞ୍ଚଳରେ ଯଥାଶୀଘ୍ର ପାଣି ସମସ୍ୟା ଦୂର କରି ପାନୀୟ ଜଳ ଯୋଗାଣ କରିବାକୁ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଏଥିରେ ଓରାମପଡା ଅଞ୍ଚଳର ଶିବୁ ସାହୁ, ସ୍ମିତା ରଣା, ମାଧବୀ ପାଣି, ଗୋକୁଳ ପତି, ସୁରମା ସାହୁ, ଲିଲିମା ମାଝି, ବୁବୁନ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

### ଶିବିରରେ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ

**ରାଉରକେଲା,୨୫।୪(ଦିନେଶ ମିଶ୍ର):** ଉଦିତନଗର ସ୍ଥିତ ସନ୍ଥ ନିରଙ୍କାରୀ ସତ୍‌ସଙ୍ଗ ଭବନ ପରିସରରେ ସନ୍ଥ ନିରଙ୍କାରୀ ଚାରିଟ୍ରେବୁଲ ଫାଉଣ୍ଡେଶନ ରାଉରକେଲା ଶାଖା ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ରାଉରକେଲା ଏସ୍‌ପି ବିକ୍ରେଶ କୁମାର ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ରାମେଶ୍ୱର ସାହୁ ଉପସ୍ଥିତ ରହି ଅନୁଷ୍ଠାନ ପକ୍ଷରୁ ହେଉଥିବା ସାମାଜିକ ଉନ୍ନତି ମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ରକ୍ତଦାନ ଶିବିରରେ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ଏକ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ସନ୍ଥ ନିରଙ୍କାରୀ ଚାରିଟ୍ରେବୁଲ ଫାଉଣ୍ଡେଶନ ପକ୍ଷରୁ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଫାଉଣ୍ଡେଶନର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

### ନିଖୋଜ ଯୁବତୀ ମଧ୍ୟପ୍ରଦେଶରୁ ଉଦ୍ଧାର

ରାଉରକେଲା, ୨୫।୪(ସଙ୍ଗୀତା ଜେନା): ରାଉରକେଲା ଷ୍ଟେଶନରୁ ଜାନୁଆରୀରେ ନିଖୋଜ ଥିବା ଜଣେ ଯୁବତୀ ମଧ୍ୟପ୍ରଦେଶରୁ ଉଦ୍ଧାର ହୋଇଛନ୍ତି। ଗୁରୁବାର ଅଭିଭାବକ ଆସିବା ପରେ ଯୁବତୀଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଝାଡଖଣ୍ଡର ଜଣେ ଯୁବତୀ ରାଞ୍ଚି ଯାଉଥିବା ବେଳେ ପାଣି ଆଣିବାକୁ ରାଉରକେଲା ଷ୍ଟେଶନରେ ଓହ୍ଲାଇଥିଲେ। ସେଠାରୁ ସେ ଅନ୍ୟ ଟ୍ରେନରେ କେଉଁଆଡେ ପଳାଇଯାଇଥିଲେ। ଯୁବତୀଙ୍କ ଅଭିଭାବକ ରାଉରକେଲା ଜିଆରପିରେ ନିଖୋଜ ରିପୋର୍ଟ ଦେଇଥିଲେ। ତଦନ୍ତ ପରେ ପୋଲିସ ଉକ୍ତ ଯୁବତୀଙ୍କୁ ୨ ଦିନ ପୂର୍ବେ ମଧ୍ୟପ୍ରଦେଶ କଟନୀ ଅଞ୍ଚଳରୁ ଉଦ୍ଧାର କରିଛି।

# ପାନୀୟ ଜଳ ପାଇଁ ବସ୍ତିବାସୀ ହଇରାଣ

ରାଉରକେଲା,୨୫।୪(ଦିନେଶ ମିଶ୍ର)

ଗ୍ରୀଷ୍ମ ପ୍ରବାହ ଯୋଗୁ ସହରରେ ଥିବା ବିଭିନ୍ନ ନଦୀ, ନାଳ ଶୁଖି ଯାଇଥିବାବେଳେ ବିଭିନ୍ନ ବସ୍ତି ଅଞ୍ଚଳରେ ପାନୀୟ ଜଳକୁ ନେଇ ସଙ୍କଟ ଦେଖାଦେଇଛି। ସହରରେ ଏଭଳି କିଛି ବସ୍ତି ଅଛି ଯେଉଁଠି ପାନୀୟ ଜଳ ପାଇଁ ଲୋକେ ନଳକୂପ ନଚେତ୍ ପାଖରେ ଥିବା ଖାଦାନ ପାଣି ଉପରେ ନିର୍ଭର କରୁଛନ୍ତି। ଏଭଳି ଦୃଶ୍ୟ ଶୀତଳପଡାସ୍ଥିତ ମଙ୍ଗଳା ମନ୍ଦିର ବସ୍ତିରେ ଦେଖିବାକୁ ମିଳିଛି। ଏହି ବସ୍ତିରେ ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ଏଠାରେ ବିଭିନ୍ନ ସମୟରେ ପାନୀୟ ଜଳ ସମସ୍ୟା ଦେଖାଦେଉଥିବାରୁ ଖରାଦିନ ପୂର୍ବରୁ ଅମୃତ ଯୋଜନାରେ ପାଣିପାଇପ୍ ସଂଯୋଗୀକରଣ ସହ ବସ୍ତିର ବିଭିନ୍ନ ଲୋକଙ୍କ ଘର ଦୁଆର ମୁହଁରେ ପାଣିଟ୍ୟାପ୍ ସଂଯୋଗୀକରଣ ୱାଟ୍‌କୋ ବିଭାଗ ପକ୍ଷରୁ କରାଯାଇଥିଲା। ବସ୍ତି ଭିତରେ ବିଭିନ୍ନ ଘରକୁ ଏହି ଯୋଜନାରେ ପାଣି ପାଇପ୍ ସଂଯୋଗୀକରଣ ହୋଇସାରିଥିବା ବେଳେ ଆଜିଯାଏ ବସ୍ତିବାସୀ ପାନୀୟ ଜଳ ପାଇ



ପାଣି ପାଇଁ ବସ୍ତିବାସୀ ଅପେକ୍ଷା କରିଛନ୍ତି।

ନ ଥିବା ଅଭିଯୋଗ ହୋଇଛି। ଫଳରେ ସ୍ଥାନୀୟ ବସ୍ତିବାସୀ ଘର ପାଖରେ ଥିବା ଏକ ନଳକୂପ ଉପରେ ପାଣି ପାଇଁ ନିର୍ଭର କରୁଛନ୍ତି। ଶୀତଳପଡା ବସ୍ତିଟି ଆର୍‌ଏସ୍‌ପି ଡମ୍ପିଂୟାର୍ଡ ଅଞ୍ଚଳରେ ଗଢ଼ି ଉଠିଥିବାବେଳେ ଏହି ନୂଳକୂପରୁ ଅଧିକାଂଶ ସମୟରେ ଲୁହାଗୁଣ୍ଡ ମିଶ୍ରିତ ପାଣି ବାହାରୁଛି। ଫଳରେ ବସ୍ତିବାସୀ ଅସୁବିଧା ଭୋଗୁଛନ୍ତି। ଅନ୍ୟପକ୍ଷେ ବସ୍ତିବାସୀମାନେ ଶୁଦ୍ଧଜଳ ପାଇବା ପାଇଁ ବସ୍ତି ନିକଟ ସୁଭାଷ ବୋଷ ପାର୍କ ସମ୍ମୁଖରେ ଥିବା ୱାଟର ଟ୍ୟାଙ୍କରରୁ ବୋତଲ ଯୋଗେ ପାଣି ସଂଗ୍ରହ କରୁଥିବା ବେଳେ କପଡା ଓ ବାସନକୁସନ ମାଜିବା ପାଇଁ ପାଖରେ ଥିବା ଖାଦାନରୁ ପାଣି ଆଣି କାମ ଚଳାଉଛନ୍ତି। ପାଣିର ଅସୁବିଧାକୁ ନେଇ ବାରମ୍ବାର ସ୍ଥାନୀୟ ୱାଟ୍‌କୋ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଯାହାକୁ ନେଇ ଉଦିତନଗରସ୍ଥିତ ୱାଟ୍‌କୋ କାର୍ଯ୍ୟାଳୟ ସମ୍ମୁଖରେ ବସ୍ତିବାସୀ ଗୁରୁବାର ବିରୋଧ ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ ୱାଟ୍‌କୋ ବିଭାଗର ଉପପ୍ରବନ୍ଧକ ଦୁଷ୍ମନ୍ତ ତରାଇଙ୍କୁ ପଚାରିବାରୁ, ଶୀତଳପଡା ମଙ୍ଗଳାମନ୍ଦିର ବସ୍ତିବାସୀଙ୍କ ପାଇଁ ପାଣି ଯୋଗାଇ ଦେବା ଲାଗି ଅମୃତ ଯୋଜନା ମାଧ୍ୟମରେ ପାଣି ପାଇପ୍ ବିଛା କାର୍ଯ୍ୟ ଶେଷ ହୋଇସାରିଛି। ୱାଟ୍‌କୋ ବିଭାଗର ମୁଖ୍ୟ ପାଣିପାଇପ୍ ପଏଣ୍ଟରୁ ଆଗାମୀ ୭ ଦିନ ଭିତରେ ବସ୍ତିକୁ ପାଇପ୍ ସଂଯୋଗୀକରଣ କରାଯିବ। ଫଳରେ ବସ୍ତିବାସୀ ଖୁବ୍ ଶୀଘ୍ର ପାଣି ପାଇବେ ବୋଲି ତରାଇ ବସ୍ତିବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ବସ୍ତିର ସାମାଜିକ କର୍ମୀ ସୋନୁ ସାହୁ, ମୁନି ପାତ୍ର, ଭାରତୀ ପାଣିଗ୍ରାହୀ, ଭୁରକି ସୁନା, ସୁକାନ୍ତି ଦାସ, ରଞ୍ଜିତା ପଣ୍ଡା, ବାସନ୍ତୀ ଦୀପ, ରବୀନ୍ଦ୍ର ଜେନା, ସଂଯୁକ୍ତା ବାଗ, ମୀନାକ୍ଷୀ ପଣ୍ଡାଙ୍କ ସହ ବହୁ ବସ୍ତିବାସୀ ଉପସ୍ଥିତ ଥିଲେ।

**୭ ଦିନ ଭିତରେ ପାଣି ସମସ୍ୟା ଦୂର ହେବ: ୱାଟ୍‌କୋ ଉପପ୍ରବନ୍ଧକ**

# ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ନାମାଙ୍କନ ପ୍ରକ୍ରିୟା ୨୬ରୁ

ରାଉରକେଲା, ୨୫।୪(ସଙ୍ଗୀତା ଜେନା)

ମେ ୨୦ରେ ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ଏକକାଳୀନ ୫ଟି ଲୋକସଭା ଓ ୩୫ଟି ଓଡ଼ିଶା ବିଧାନସଭା ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ପ୍ରକ୍ରିୟା ଶେଷ ହୋଇଛି। ଚଳିତ ମାସ ୨୬ ତାରିଖରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏପ୍ରିଲ ୨୬ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଫର୍ମ ଉପଲବ୍ଧ କରାଯିବ। ରାଉରକେଲା ନିର୍ବାଚନଣ୍ଡଳୀ ପାଇଁ ପାନପୋଷ ଉପଜିଲାପାଳ କାର୍ଯ୍ୟାଳୟ, ରଘୁନାଥପାଲୀ ନିର୍ବାଚନ ମଣ୍ଡଳ ପାଇଁ ରାଉରକେଲା ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟ,ବିରମିତ୍ରପୁର ନିର୍ବାଚନ ମଣ୍ଡଳୀ ପାଇଁ ଆଇଟିଡିଏରେ ଏହି ପ୍ରକ୍ରିୟା କରାଯିବ। ଅଧିକ ଗହଳିକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଉକ୍ତ କାର୍ଯ୍ୟାଳୟ ଗୁଡ଼ିକ ନିକଟରେ ବ୍ୟାରିକେଟିଂ କରାଯାଇଛି। ସିସିଟିଭି, ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ଡିଏସ୍‌ପି ନିର୍ମଳ ମହାପାତ୍ରଙ୍କ ନେତୃତ୍ୱରେ ୧୦ ଜଣ ବରିଷ୍ଠ ପୋଲିସ ଅଧିକାରୀ ତଥା ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସେହିପରି ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଥିବା ଯୋଗୁ ପ୍ରଶାସନ ପକ୍ଷରୁ ପାନୀୟ ଜଳ ଓ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଉଛି। ତେବେ ରାଜନୈତିକ ଦଳ ପକ୍ଷରୁ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ଆହ୍ୱାନ ଦିଆଯାଇଛି।



ପ୍ରତିଯୋଗିତାରେ ବଧୂ ବେଶରେ ଜଣେ ଛାତ୍ରୀ ପ୍ରଦର୍ଶନ କରୁଛନ୍ତି।

## ପ୍ରଗତି ଉତ୍କଳ ସଂଘର ଖବରଦାତା ସମ୍ମିଳନୀ

ରାଉରକେଲା,୨୫।୪(ଦିନେଶ ମିଶ୍ର)

ପ୍ରଗତି ଉତ୍କଳ ସଂଘ କାର୍ଯ୍ୟାଳୟ ପରିସରରେ ମଧୁସୂଦନ ଜୟନ୍ତୀ ପାଳନ ପ୍ରସ୍ତୁତିକୁ ନେଇ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଉପସଭାପତି ରଶ୍ମିରଞ୍ଜନ ବୋଇତାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂଘ କାର୍ଯ୍ୟାଳୟ ପରିସରରେ ହେବାକୁ ଥିବା ମଧୁସୂଦନ ଜୟନ୍ତୀ ୨୮ ତାରିଖ ସନ୍ଧ୍ୟା ୭ଟାରେ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ. କୁମରବର ଦାସ ଯୋଗଦେଉଥିବାବେଳେ ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ସେବା ନିବୃତ୍ତ ପ୍ରଫେସର ଡ. ବିଜୟ କୁମାର ଶତପଥୀ ଓ ଡ.ମନୋରଞ୍ଜନ ପ୍ରଧାନ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିବେ ବୋଲି ଉପସଭାପତି ଡ. ପ୍ରଭାତ କୁମାର ମଲ୍ଲିକ ସୂଚନା ଦେଇଥିଲେ। ଏହି ଅବସରରେ ସାମାଜିକ କର୍ମୀ ଭଗବାନ ଦାସ ଓ ଡିଏଭି ସ୍କୁଲ ଅଧ୍ୟକ୍ଷ ଲୋକନାଥ ପ୍ରଧାନଙ୍କୁ ଯଥାକ୍ରମେ ସତ୍ୟନାରାୟଣ ସ୍ମୃତି ସମ୍ମାନ ଓ ମଧୁସୂଦନ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ। ଏଥିସହ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ଅନୁଷ୍ଠାନ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସୂଚନା ପ୍ରଦାନ କରିବା ସହ ବହୁ ସଂଖ୍ୟାରେ ସହରବାସୀ ଯୋଗଦେବାକୁ ସଭାପତି ବୋଇତାଇ ଅନୁରୋଧ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ଘନଶ୍ୟାମ ଧଳ, ରାଧାମୋହନ ନାୟକ, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣନାଥ ଦାସ, ଅଶୋକ ପଟ୍ଟନାୟକ, ଅରବିନ୍ଦ ପାତ୍ର, ଇନ୍ଦ୍ରମଣି ପାତ୍ର, ଡ. ନଗେନ ଦାସ, ପ୍ରଦୀପ ପଟ୍ଟନାୟକ, ବିପିନ ବିହାରୀ ପଟ୍ଟନାୟକ, ଅର୍ଜୁନ ଭୂୟାଁ, ରଶ୍ମି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସୁବ୍ରତଙ୍କ ସୁପାରିସ କ୍ରମେ ଟିକେଟ ପାଇଲେ ସ୍ତ୍ରୀ ଅର୍ଚ୍ଚନା

**ରଘୁନାଥପାଲି ନିର୍ବାଚନ ଖଟିରେ ଚର୍ଚ୍ଚା**

ରାଉରକେଲା,୨୫।୪(ଦିନେଶ ମିଶ୍ର)



ରଘୁନାଥପାଲି ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀଙ୍କୁ ନେଇ ଅଙ୍କକଷା ଚାଲିଥିବା ବେଳେ ଏହାର ଅନ୍ତ ଘଟିଛି। ପ୍ରାର୍ଥୀ ଭାବେ କାହା ନାମ ଘୋଷଣା କରାଯିବ ସେ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ବିଧାୟକ ସୁବ୍ରତ ତରାଇଙ୍କ ସ୍ତ୍ରୀ ଅର୍ଚ୍ଚନା ବେହେରାଙ୍କୁ ଦଳ ଟିକେଟ ପ୍ରଦାନ କରିଛି। କିଏ କହୁଛି, ସୁବ୍ରତଙ୍କ ସୁପାରିସ କ୍ରମେ ଦଳ ତାଙ୍କ ସ୍ତ୍ରୀଙ୍କୁ ଟିକେଟ ଦେଇଛି ତ ଆଉ କିଏ କହୁଛି,ବିପକ୍ଷ କଂଗ୍ରେସ ଓ ଭାଜପାରେ ପୁରୁଷ ବିଧାୟକ ପ୍ରାର୍ଥୀ ରହିଥିବାବେଳେ ବିଜେଡିରୁ ମହିଳାଙ୍କୁ ଟିକେଟ ଦେଲେ ରଘୁନାଥପାଲି ନିର୍ବାଚନମଣ୍ଡଳୀରେ ବିଭିନ୍ନ ଭୋଟରଙ୍କ ଉପରେ ଅଧିକ ପ୍ରଭାବ ପକାଇବ ବୋଲି ଆଲୋଚନା ହେଉଛି। ଅନ୍ୟପଟେ ରଘୁନାଥପାଲିରୁ ସୁବ୍ରତ ୩ ଥର ଲେଖାଏ ବିଧାୟକ ପ୍ରାର୍ଥୀ ରହିସାରିଥିବା ବେଳେ ତାଙ୍କର ବିଭିନ୍ନ ଜନହିତକର କାର୍ଯ୍ୟ ଓ ପକେଟ ଭୋଟ ତାଙ୍କ ସ୍ତ୍ରୀଙ୍କୁ ସହଯୋଗ କରିବ ବୋଲି ଆଶା କରାଯାଇଛି। ରଘୁନାଥପାଲି ନିର୍ବାଚନମଣ୍ଡଳୀରୁ ଭାଜପାରେ ଦୁର୍ଗା ଚରଣ ତନ୍ତୀ ପ୍ରାର୍ଥୀ ହୋଇଥିବାବେଳେ କଂଗ୍ରେସରୁ ଗୋପାଳ ଦାସଙ୍କୁ ଟିକେଟ ପ୍ରଦାନ କରାଯାଇଛି। ତେଣୁ ବିଜେଡି ଶେଷ ପର୍ଯ୍ୟାୟରେ ଉକ୍ତ ୨ଜଣ ପ୍ରାର୍ଥୀଙ୍କୁ ଟକ୍କର ଦେବା ପାଇଁ ଜଣେ ମହିଳା ପ୍ରାର୍ଥିନୀ ଭାବେ ଅର୍ଚ୍ଚନାଙ୍କୁ ଟିକେଟ ଦେଇଛି, ଯାହାର ଉଦାହରଣ ମୁଖ୍ୟମନ୍ତ୍ରୀଙ୍କ ନାରୀ ସଶକ୍ତୀକରଣ ପ୍ରତି ଦୃଷ୍ଟାନ୍ତ ବୋଲି ଆଲୋଚନା ହେଉଛି। ପ୍ରଥମ ଥର କରି ରଘୁନାଥପାଲି ନିର୍ବାଚନମଣ୍ଡଳୀରେ ବିଜେଡି ପକ୍ଷରୁ ଜଣେ ମହିଳାଙ୍କୁ ଦଳ ଟିକେଟ ପ୍ରଦାନ କରିଥିବାରୁ ବହୁ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ରଘୁନାଥପାଲି ନିର୍ବାଚନମଣ୍ଡଳୀରେ ବିଜେଡି ପକ୍ଷରୁ ଟିକେଟ ପାଇଁ ଆଶାୟୀ ଥିବା ପ୍ରଫୁଲ୍ଲ ସୁନ୍ୟାନି ଓ ପ୍ରଶାନ୍ତ ସେଠୀଙ୍କ ଆଶା ସମ୍ପୂର୍ଣ୍ଣ ମଉଳି ଯାଇଛି। ଅର୍ଚ୍ଚନା ରଘୁନାଥପାଲି ନିର୍ବାଚନମଣ୍ଡଳୀରୁ ବିଧାନସଭା ପ୍ରାର୍ଥିନୀ ଭାବେ ଟିକେଟ ପାଇବା ପରେ ସ୍ୱାମୀ ଓ କିଛି ବିଜେଡି କର୍ମୀଙ୍କ ସହ ଜଗନ୍ନାଥଙ୍କ ଆଶୀର୍ବାଦ ପାଇଁ ସୋମବାର ସନ୍ଧ୍ୟାରେ ପୁରୀ ଯାତ୍ରା କରିଥିବା ଜଣାପଡ଼ିଛି।

## ଆର୍‌ଏସ୍‌ପିରେ ସେବିକା ଦିବସ ପାଳନ ଉପଲକ୍ଷେ ପ୍ରତିଯୋଗିତା

ରାଉରକେଲା,୨୫।୪(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ପରିଚାଳିତ ଆଇଜିଏଚର ନର୍ସେସ ଟ୍ରେନିଂ ଇନଷ୍ଟିଚ୍ୟୁଟରେ ସେବିକା ଦିବସ ପାଳନକୁ ନେଇ ବିବିଧ ପ୍ରତିଯୋଗିତା ଆୟୋଜିତ ଆରମ୍ଭ ହୋଇଯାଇଛି। ବିବିଧ ପ୍ରତିଯୋଗୀତାରେ ସର୍ବପ୍ରଥମେ ଶାରୀରିକ ଅଙ୍ଗ ପ୍ରତ୍ୟାଙ୍ଗଦି ଚିତ୍ରାଙ୍କନ ପ୍ରତିଯୋଗୀତା ସହିତ ଅଭିଯାନ ଆରମ୍ଭ ହୋଇଥିଲା। ପରେ ବରବଧୂ ପୋଷାକ ପରିଧାନ ପ୍ରତିଯୋଗୀତାରେ ଅଂଶଗ୍ରହଣକାରୀ ବିବାହାଦି ବିଭିନ୍ନ ମାଙ୍ଗଳିକ କାର୍ଯ୍ୟରେ ପରିଧାନ କରୁଥିବା ଭିନ୍ନ ଭିନ୍ନ କିସମର ଚିତାକର୍ଷକ ପୋଷାକ ପରିଛଦ ଗୁଡିକ ପ୍ରଦର୍ଶନ କରିଥିଲେ। ପରେ ଅନ୍ୟ ଏକ ଆକର୍ଷଣୀୟ ପ୍ରତିଯୋଗୀତା ଫୁଡ ଫେଷ୍ଟ ହୋଇଥିଲା। ପ୍ରତିଯୋଗୀତାରେ ଛାତ୍ରୀଛାତ୍ର ମାନେ ବିଭିନ୍ନ ଦଳରେ ଭାଗ ନେଇଥିଲେ। ପ୍ରତ୍ୟେକ ଦଳକୁ ୩ଟି ଖାଇବା ସାମଗ୍ରୀ ପ୍ରସ୍ତୁତ ଏବଂ ବିକ୍ରି କରିବାକୁ କୁହାଯାଇଥିଲା। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଯେଉଁ ଦଳ ସର୍ବାଧିକ ପଏଣ୍ଟ ଲାଭ କରିଥିଲା ସେ ଦଳକୁ ବିଜେତା ଘୋଷିତ କରାଯାଇଥିଲା। ପରେ ରଙ୍ଗୋଲି ସହିତ ଧିମା ସୁରସଙ୍ଗୀତ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏହାସହିତ ମାନସିକ ଦକ୍ଷତା ପରୀକ୍ଷଣ ନିମନ୍ତେ ପ୍ରବନ୍ଧ ଓ କୁଇଜ ପ୍ରତିଯୋଗୀତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସମସ୍ତ ପ୍ରତିଯୋଗୀତାରେ ଛାତ୍ରୀଛାତ୍ର ଉତ୍ସାହର ସହିତ ଅଂଶଗ୍ରହଣ କରି ଶ୍ରେଷ୍ଠ ପ୍ରଦର୍ଶନ କରିବା ପ୍ରୟାସ କରିଥିଲେ।

## ୭୦୫୦ ଇଲେକ୍ଟ୍ରିକ୍ ଡେଟୋନେଟର ଜବତ

**ରାଉରକେଲା, ୨୫।୪(ସଙ୍ଗୀତା ଜେନା):** ଗତ ବର୍ଷ ଝାଡଖଣ୍ଡର ଏକ ସରକାରୀ ବିସ୍ଫୋଟକ ଭଣ୍ଡାରରୁ ଲୁଟ ହୋଇଥିବା ଇଲେକ୍ଟ୍ରିକ ଡେଟୋନେଟର ଗୁରୁବାର ଠାବ ହୋଇଛି। ଘଟଣା ସ୍ଥଳରେ ସୁରକ୍ଷାବଳ, ବମ୍ ନିରୋଧକ ସ୍କ୍ୱାର୍ଡ ପହଞ୍ଚି ଉକ୍ତ ଜବତ ଡେଟୋନେଟରକୁ ନଷ୍ଟ କରିଛନ୍ତି। ଏ ନେଇ ସିଆର୍‌ପିଏଫ୍ ପକ୍ଷରୁ ସୂଚନା ମିଳିଛି। ୨୦୨୩ ମାର୍ଚ୍ଚ ୩୦ରେ ଝାଡଖଣ୍ଡ ବଡ଼ାଜାମଦା ଅଞ୍ଚଳରେ ଥିବା ଏକ ବିସ୍ଫୋଟକ ଭଣ୍ଡାରରେ ମାଓବାଦୀମାନେ ୭୭୫୦ ଖଣ୍ଡ ଇଲେକ୍ଟ୍ରିକ ଡେଟୋନେଟର ଲୁଟ୍ କରିଥିଲେ। ଏହାକୁ କୋଲହାନ୍( ମାଓପ୍ରବଣ ଜଙ୍ଗଲ ଅଞ୍ଚଳ)ରେ ଲୁଚାଇ ରଖିଥିଲେ। ଗୁରୁବାର ସୁରକ୍ଷାବଳ ଦ୍ୱାରା ସର୍ଚ୍ଚ ଅପରେସନ୍ ସମୟରେ ଗୋଇଲକେରା-ଟୋଂଟୋ ଥାନା ସୀମାବର୍ତ୍ତୀ ବନଗ୍ରାମ ରାଜବାସା ନିକଟସ୍ଥ ଜଙ୍ଗଲରେ ଏକ ସିନଟେକ୍ସ ଟାଙ୍କିରେ ୩୫ ବୋରା ୭୦୫୦ଟି ଇଲେକ୍ଟ୍ରିକ ଡେଟୋନେଟର ଠାବ ହୋଇଥିଲା। ଏହି ଅଭିଯାନରେ ଚାଇଁବାସା ପୋଲିସ, ଝାଡଖଣ୍ଡ ଜାଗୁଆର, ସିଆର୍‌ପିଏଫ୍ ଓ ଅନ୍ୟ ସୁରକ୍ଷାବଳ ସାମିଲ ହୋଇଥିଲେ।

## ପ୍ରଜ୍ଞା ପ୍ରବାହର ବୁଦ୍ଧିଜୀବୀ ସମ୍ମିଳନୀ ଆରମ୍ଭ

ରାଉରକେଲା,୨୫।୪(ଦିନେଶ ମିଶ୍ର)

ସେକ୍ଟର-୧୯ ସ୍ଥିତ ରାଉରକେଲା କ୍ଲବ ପରିସରରେ ପ୍ରଜ୍ଞା ପ୍ରବାହର ବୃଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ସହ ସଂଯୋଜକ କିଷ୍ଣାକାନ୍ତ ଜସୱାଲଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମ୍ୟୁନସିପାଲ କଲେଜ ଅଧ୍ୟକ୍ଷ ଡ.ସନାତନ ପ୍ରଧାନ ମଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏନ୍‌ଆଇଟି ପ୍ରଫେସର ପ୍ରକାଶନାଥ ବିଶ୍ୱକର୍ମା ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଆରଏସ୍‌ପିର ପ୍ରାକ୍ତନ ଅଧିକାରୀ ଉପେନ୍ଦ୍ରନାଥ ଦାଶ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଆଲୋଚ୍ୟ ବିଷୟ ସମ୍ପର୍କରେ ମତ ରଖିଥିଲେ। ଉତ୍ସବର ଆରମ୍ଭରେ ସେକ୍ଟର-୬ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଗୁରୁ ଶ୍ୟାମସୁନ୍ଦର ସେଠୀ ବନ୍ଦେ ମାତାରମ୍ ଗାନ କରିଥିଲେ। ରାଉରକେଲା ସଂଘ ଚାଳକ ପ୍ରଭାତ କୁମାର ସାହୁ ଆଶ୍ରିବଚନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ ଡ. ସୁବ୍ରତ ମାଇତି, ପ୍ରଫେସର ହୃଷିକେଶ ନାଏକ, ବିବେକାନନ୍ଦ ସାହୁ, ଶେଷଦେବ ସେଠୀ, କରୁଣାକର ପାଟ୍ଟଶାଣୀ, ମହେଶ୍ୱତା ସାହୁ, ଡ. ସୁଷମା ମୋଦ. ଡ. ସୁମନ ଦତ୍ତ, ପ୍ରଭାତ ବଳଙ୍କ ସହ ବହୁ ବୃଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଆମ୍‌କୋ-ସିମ୍‌କୋ ଶହୀଦ ସ୍ମାରକୀ କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି

ରାଉରକେଲା,୨୫।୪(ଦିନେଶ ମିଶ୍ର)

ଆମକୋ-ସିମକୋରେ ବ୍ରିଟିସ ସରକାରଙ୍କ ଗୁଳିରେ ଶହୀଦ ହୋଇଥିବା ୪୯ ଜଣ ନିରୀହ ଆଦିବାସୀଙ୍କ ପ୍ରତି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଗୁରୁବାର ଅର୍ପଣ କରାଯାଇଛି। ଆମ୍‌କୋ-ସମ୍‌କୋ ଶହୀଦ କମିଟି ପକ୍ଷରୁ ଆୟୋଜିତ ହୋଇଥିବା ଏହି ଶ୍ରଦ୍ଧାଞ୍ଜଳି ଉତ୍ସବରେ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଆମ୍‌କୋ-ସିମକୋ ସ୍ମାରକି କମିଟିର ଯୁଗ୍ମ ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସ୍ୱାଧୀନତା ସଂଗ୍ରାମୀ ନିର୍ମଳ ମୁଣ୍ଡା ଓ ୪୯ ଜଣ ନିରିହ ଆଦିବାସୀଙ୍କ ପ୍ରାଣବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ବୀରମିତ୍ରପୁର ପୌରପାଳିକାର ଅଧ୍ୟକ୍ଷ ସଞ୍ଜୀବ ମିଶ୍ର ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। କମିଟି ଉପାଧ୍ୟକ୍ଷ ପ୍ରଫେସର ବିଜୟ କୁମାର ଟପ୍ପୋ ଆମକୋ-ସିମକୋର ଇତିହାସ ଓ ଗୌରବ ଗାଥା ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଉତ୍ସବରେ ପୂର୍ବତନ ବିଧାୟକ ନିହାର ସୁରିନ, ପରମାନନ୍ଦ ପୃଷ୍ଟି, ରଞ୍ଜନ କୁମାର ଦାସ, ବେଦିତା ବାଗ, ଭବାନୀ ଶଙ୍କର ଚାଣ୍ଡେଲ, ରଘୁନାଥ ସିଂ, ଦୀପକ କୁମାର ରାଉତରାୟ, ଦେବେନ୍ଦ୍ର ନାୟକଙ୍କ ସହ ବହୁ ଜନସାଧାରଣଙ୍କ ଉପସ୍ଥିତ ରହି ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଶହୀଦମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମନଜିତ ସିଂ ଓ ତପନ ଦାଶ ଓ ସୁନିଲା ବାଗେ ସାମୂହିକ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଜୟ ରଞ୍ଜନ ଚଣ୍ଡେଲ, ବିଦ୍ୟୁତ କୁମାର ଦାସ, ସୁବ୍ରତ କୁମାର ପଟ୍ଟନାୟକଙ୍କ ସହ କମିଟିର ସମସ୍ତ କର୍ମୀ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଫ୍ଲାବିଆନୁସ୍ ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଟାଟା -ଥାବେ ଟ୍ରେନ୍‌କୁ ରାଉରକେଲା ପର୍ଯ୍ୟନ୍ତ ସମ୍ପ୍ରସାରଣ ଦାବି

**ଷ୍ଟେଶନ ମାଷ୍ଟରଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ**

ରାଉରକେଲା,୨୫ ।୪(ସଙ୍ଗୀତା ଜେନା)

୧୯୯୮ରେ ରାଉରକେଲାବାସୀ ତତ୍କାଳୀନ ରେଳମନ୍ତ୍ରୀ ନୀତିଶ କୁମାରଙ୍କୁ ଟାଟା- ଛପରା(ଥାବେ) ଟ୍ରେନ ସମ୍ପ୍ରସାରଣ ରାଉରକେଲା ପର୍ଯ୍ୟନ୍ତ କରାଯିବା ପାଇଁ ଦାବି ହୋଇଥିଲା। ଦୀର୍ଘ ବର୍ଷ ବିତିଯାଇଥିଲେ ମଧ ଏହି ଦାବି ପୂରଣ ହୋଇପାରି ନାହିଁ। ଏ ନେଇ ଗୁରୁବାର ପୂର୍ବାହ୍ନରେ ଉତ୍ତର ଭାରତୀୟ ସମିତି ପକ୍ଷରୁ ରାଉରକେଲା ଷ୍ଟେଶନ୍ ମ୍ୟାନେଜର ପ୍ରଭାସ ଦାସଙ୍କ ଜରିଆରେ ଏ ସଂକ୍ରାନ୍ତରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଟାଟା ଷ୍ଟେଶନରେ ଏହି ଟ୍ରେନ ପ୍ରାୟ ୧୫ ଘଣ୍ଟା ଛିଡା ହୋଇ ରହୁଛି। ଏହି ୧୫ ଘଣ୍ଟାର ସଦ୍ ଉପଯୋଗ କରାଯାଇ ପାରିବ। ବିହାର ରାଜ୍ୟରେ ଥିବା ଥାବେ ଅଞ୍ଚଳର ପ୍ରସିଦ୍ଧ ଦୁର୍ଗାମନ୍ଦିରର ସଂଯୋଗୀକରଣ ରାଉରକେଲା ସହ କରାଗଲେ ଉଭୟ ସ୍ଥାନ ମଧ୍ୟରେ ପରମ୍ପରା ଓ ଆଧାତ୍ମିକତା ବୃଦ୍ଧି ପାଇପାରିବ। ପ୍ରାୟ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ଦାବି ହୋଇଆସୁଛି। ଏ ସମ୍ପର୍କରେ ସ୍ଥାନୀୟ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ କୌଣସି ସୁଫଳ ମିଳି ପାରିନାହିଁ। ଉକ୍ତ ଟ୍ରେନ ଚଳାଚଳ ସହରବାସୀଙ୍କ ପାଇଁ ଏକ ଉପହାର ହେବ ବୋଲି ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏହି ସ୍ମାରକପତ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତଥା ଦକ୍ଷିଣ ରେଳବାଇ ଜିଏମ୍‌ଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଉତ୍ତର ଭାରତୀୟ ସମିତି ପକ୍ଷରୁ ବେଦପ୍ରକାଶ ତିୱାରୀ, ଓପି ସିଂହ, ଶଙ୍କର ସାହା, ଗୋପାଳ ପ୍ରସାଦ, ଜିତୁ ରାୟ, ରାଜେନ୍ଦ୍ର ପ୍ରସାଦ, ରିଶି ସେବକ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଉତ୍ତରଭାରତୀୟ ସମନ୍ୱୟ ସମିତି ଦ୍ୱାରା ମୌର୍ଯ୍ୟ ଏକ୍ସପ୍ରେସକୁ ରାଉରକେଲା ପର୍ଯ୍ୟନ୍ତ ସମ୍ପ୍ରସାରଣ ଦାବି ହୋଇଥିଲା। ପରେ ଉକ୍ତ ଟ୍ରେନକୁ ରାଉରକେଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଥିଲା।





ଉତ୍ତରଭାରତୀୟ ସମିତି ପକ୍ଷରୁ ରାଉରକେଲା ଷ୍ଟେଶନ ମାଷ୍ଟରଙ୍କୁ ସ୍ମାରକପତ୍ର ଦିଆଯାଉଛି।

## ହର୍ସ ରାଇଡିଂରେ ଓଡ଼ିଆ ଲଳନା

# ରିଶିତା ଓ ରିଦ୍ଧିଙ୍କ କୃତିତ୍ୱ

**ଓଡ଼ିଶାରେ ଇକ୍ୱେଷ୍ଟ୍ରେନ୍‌ର ସେପରି ଭିତ୍ତିଭୂମି ନାହିଁ ଏହା ସତ୍ତ୍ୱେ ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହର୍ସ ଶୋ'ରେ ଦୁଇ ଭଉଣୀ ଯେପରି ପ୍ରଦର୍ଶନ କରି ରାଜ୍ୟକୁ ଗର୍ବିତ କଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ସେମାନେ ହେଲେ ଲ୍ୟୁଟ୍‌ନାଣ୍ଟ କଲୋନେଲ ଆଶିଷ ସାମନ୍ତରାୟ ଓ ରୋହିଣୀ ସିଂଦେଓଙ୍କ ସୁକନ୍ୟା ରିଶିତା ଓ ରିଦ୍ଧି ସାମନ୍ତରାୟ।**

**–ପ୍ରସ୍ତୁତି: ତପନ ସ୍ୱାଇଁ**



ଏକଦା ହର୍ସ ରେସିଂକୁ ରାଜକୀୟ କ୍ରୀଡ଼ା ଭାବେ ଅବିହିତ କରାଯାଉଥିଲା। ମାତ୍ର ବ୍ୟୟବହୁଳ ହେଲେ ମଧ୍ୟ ଏବେ ଏହା ଏକ ଲୋକପ୍ରିୟ କ୍ରୀଡ଼ାର ମାନ୍ୟତା ପାଇଛି। ଅଲିମ୍ପିକ୍ସ କ୍ରୀଡ଼ା ଇକ୍ୱେଷ୍ଟ୍ରେନ୍ ପ୍ରତି ଭାରତରେ କ୍ରମେ ଆଗ୍ରହ ବଢ଼ିବାରେ ଲାଗିଛି। କେବଳ ସୌଖୀନ ହର୍ସ ରାଇଡ୍ ନୁହେଁ ଭାରତୀୟ ପ୍ରତିଯୋଗୀମାନେ ଅନ୍ତର୍ଜାତୀୟ ସ୍ତରରେ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଟକ୍କର ଦେଇ ପଦକ ଜିତିବାରେ ମଧ୍ୟ ସକ୍ଷମ ହେଉଛନ୍ତି। ଚାଇନାରେ ଅନୁଷ୍ଠିତ ୨୦୨୨ ଏସିଆନ ଗେମ୍ସରେ ଭାରତ ଗୋଟିଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଥିଲା। ଟିମ୍ ଡ୍ରେସାଜରେ ଅନୁଷ ଅଗ୍ରୱାଲ, ଦିବ୍ୟକିର୍ତ୍ତୀ ସିଂ, ହୃଦୟ ଚେଡ୍ଡା ଓ ସୁଦୀପ୍ତି ହାଜେଲା ଭାରତ ପାଇଁ ଆଣିଥିଲେ ସ୍ୱର୍ଣ୍ଣିମ ସଫଳତା। ବ୍ୟକ୍ତିଗତ ଡ୍ରେସାଜରେ ଅନୁଷ ଅଗ୍ରୱାଲ ପାଇଥିଲେ ବ୍ରୋଞ୍ଜ ପଦକ। ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଅନୁଷ ଯୋଗ୍ୟତା ହାସଲ କରିଛନ୍ତି। ସେଠାରେ ସେ ଡ୍ରେସାଜ ଇଭେଣ୍ଟରେ ନିଜ କୌଶଳ ପ୍ରଦର୍ଶନ କରିବେ। ଭାରତରେ ଆହୁରି ଅନେକ ରାଇଡର ଅଛନ୍ତି ଯେଉଁମାନେ କି ଆଗାମୀ ଦିନରେ ଅନ୍ତର୍ଜାତୀୟ ସ୍ତରରେ ପ୍ରଦର୍ଶନର ଛାପ ଛାଡ଼ିବାକୁ ପ୍ରସ୍ତୁତ। ଓଡ଼ିଶାରେ ଏବେ ବହୁ କ୍ରୀଡ଼ାର ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ। ଏକାଧିକ ଅନ୍ତର୍ଜାତୀୟ ଇଭେଣ୍ଟକୁ ସଫଳତାର ସହ ଆୟୋଜନ କରି ଦେଶ ବିଦେଶରୁ ପ୍ରଶଂସା ସାଉଁଟିଛି ଆମ ରାଜ୍ୟ। ତେବେ ଏଠାରେ ଇକ୍ୱେଷ୍ଟ୍ରେନ୍‌ର ସେପରି ଭିତ୍ତିଭୂମି ନାହିଁ। ଏହା ସତ୍ତ୍ୱେ ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହର୍ସ ଶୋ'ରେ ଓଡ଼ିଶାର ଦୁଇ ଭଉଣୀ ଯେପରି ପ୍ରଦର୍ଶନ କରି ରାଜ୍ୟକୁ ଗର୍ବିତ କଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ରାଜ୍ୟରେ ଉପଯୁକ୍ତ ଭିତ୍ତିଭୂମି ଉପଲବ୍ଧ ହୋଇପାରିଲେ ଯେ ତାଙ୍କ ଭଳି ଆହୁରି ଅନେକ ପିଲା ସୁନାମ ଆଣିପାରିବେ ଏହି ଦୁଇ ଭଉଣୀ ତାହା ପ୍ରମାଣିତ କରିଛନ୍ତି। ସେମାନେ ହେଲେ ଲ୍ୟୁଟ୍‌ନାଣ୍ଟ କଲୋନେଲ ଆଶିଷ ସାମନ୍ତରାୟ ଓ ରୋହିଣୀ (ସାମନ୍ତରାୟ) ସିଂଦେଓଙ୍କ ସୁକନ୍ୟା ରିଶିତା ଓ ରିଦ୍ଧି। ନୂଆଦିଲ୍ଲୀର ଆର୍ମି ପୋଲୋ ଆଣ୍ଡ ରାଇଡିଂ କ୍ଲବରେ ଗତବର୍ଷ ଅନୁଷ୍ଠିତ ଦିଲ୍ଲୀ ହର୍ସ ଶୋ'ରେ ୧୨ ବର୍ଷୀୟ ରିଶିତା ସାମନ୍ତରାୟ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତି ଚର୍ଚ୍ଚାକୁ ଆସିଥିଲେ। ଏହାଥିଲା ତାଙ୍କ ସଫଳତାର ପ୍ରଥମ ଅଧ୍ୟାୟ। ମାତ୍ର ଏଥର କେବଳ ସେ ନୁହନ୍ତି, ତାଙ୍କ ସାନ ଭଉଣୀ ୫ ବର୍ଷୀୟ ରିଦ୍ଧି ସାମନ୍ତରାୟ ମଧ୍ୟ ହର୍ସ ଶୋ'ରେ ପାରଦର୍ଶିତା ଦେଖାଇ ସମସ୍ତଙ୍କୁ ଚମକାଇ ଦେଇଛନ୍ତି। ଦିଲ୍ଲୀରେ ଏପ୍ରିଲ ୨ରୁ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହର୍ସ ଶୋ'ରେ ଦୁଇ ଭଉଣୀ ମୋଟ ୮ଟି ପଦକ ଜିତି ରେକର୍ଡ କରିଛନ୍ତି। ଏକାକୀ ରିଶିତା ୬ ପଦକ ଜିତିଛନ୍ତି। ଏହା ମଧ୍ୟରେ ଓପନ ହ୍ୟାକ୍ସରେ ୨ ସ୍ୱର୍ଣ୍ଣ, ପୋଲ ବେଣ୍ଡିଂରେ ୧ ରୌପ୍ୟ ଓ ଓପନ ଡ୍ରେସାଜରେ ୩ ବ୍ରୋଞ୍ଜ ପଦକ ଜିତିଛନ୍ତି। ସବୁଠାରୁ ବଡ଼ କଥା ହେଲା ଘୋଡ଼ାକୁ ଭଲଭାବେ ଜାଣି ନ ଥିବା ଏବଂ ଭଲଭାବେ କଥା କହି ଶିଖି ନ ଥିବା ସାନ ଭଉଣୀ ରିଦ୍ଧି ଚିଲ୍‌ଡ୍ରେନ୍ସ ହ୍ୟାକ୍ସ ଜୁନିୟର ବର୍ଗରେ ସ୍ୱର୍ଣ୍ଣ ଓ ପୋଲ୍ ବେଣ୍ଡିଂରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ରିଶିତା ୯ମ ଷ୍ଟାଣ୍ଡାର୍ଡ ଓ ରିଦ୍ଧି ୟୁକେଜିରେ ପଢ଼ୁଛନ୍ତି। ଇଣ୍ଡିଆନ ଆର୍ମିରେ କାର୍ଯ୍ୟରତ ବାପା କଲୋନେଲ ଆଶିଷ ହେଉଛନ୍ତି ଦୁଇ ଝିଅଙ୍କ କୋଚ୍। ସେ ନିଜେ ଜଣେ ନ୍ୟାଶନାଲ ରାଇଡର। ଇକ୍ୱେଷ୍ଟ୍ରେନ୍ କୋର୍ସ କରିଥିବାରୁ ସେ ଝିଅଙ୍କୁ ପ୍ରଶିକ୍ଷଣ ଦେଇ ଆଗକୁ ବଢ଼ାଇବାକୁ ଲକ୍ଷ୍ୟ ରଖିଛନ୍ତି। ମା' ରୋହିଣୀ ସିଂ ଦେଓ ମଧ୍ୟ ଜଣେ ରାଇଡର। ସେ ଉଭୟ ପାଠପଢ଼ା ଓ ହର୍ସ ରାଇଡିଂ ମଧ୍ୟରେ ସମନ୍ୱୟ ରକ୍ଷା କରି ଝିଅଙ୍କୁ ଆଗକୁ ନେବାର ସ୍ୱପ୍ନ ଦେଖିଛନ୍ତି।

### ଭାରତ ଭଲ ସ୍ଥାନ

ଆଶିଷ ସାମନ୍ତରାୟ ୮ ବର୍ଷରୁ ହର୍ସ ରାଇଡ ଆରମ୍ଭ କରିଥିଲେ। ଚେନ୍ନାଇରେ ୧୯୯୯ରେ ଅନୁଷ୍ଠିତ ଏଫ୍ଇଆଇ (ଫେଡେରେଶନ ଅଫ୍ ଇକ୍ୱେଷ୍ଟ୍ରେନ ଇଣ୍ଟରନ୍ୟାଶନାଲ)ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସେ ଜଣେ ଦକ୍ଷ ପୋଲୋ ଖେଳାଳି। ଆନିମଲ ମ୍ୟାନେଜମେଣ୍ଟ, ଆଡ୍‌ଭାନ୍ସ ଇକ୍ୱେଷ୍ଟ୍ରେନ ଆଦି ୩ଟି କୋର୍ସ କରିଛନ୍ତି। ''ଇକ୍ୱେଷ୍ଟ୍ରେନ ପାଇଁ ଭାରତ ବହୁତ ଭଲ ସ୍ଥାନ। ଗତ ଏସିଆନ ଗେମ୍ସରେ ଆମେ ଡ୍ରେସାଜରେ ସ୍ୱର୍ଣ୍ଣ ପଦକ ପାଇଥିଲୁ। ଏବେ ବେଙ୍ଗାଲୁରୁ ଇଣ୍ଟରନ୍ୟାଶନାଲ ରାଇଡିଂ ହବ୍ ହୋଇଯାଇଛି। ଜୟପୁରରେ ମଧ୍ୟ ଭଲ ଭିତ୍ତିଭୂମି ଅଛି। ରାଜ୍ୟ କଥା କହିଲେ ଏ କ୍ଷେତ୍ରରେ ମଧ୍ୟପ୍ରଦେଶ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଉଦାହରଣ। ସେଠାରେ ସରକାରଙ୍କ ପ୍ରୋତ୍ସାହନରେ ସେଣ୍ଟର ଅଫ୍ ଏକ୍ସିଲେନ୍ସି କାର୍ଯ୍ୟ କରୁଛି। ଗତ ଏସିଆନ ଗେମ୍ସ ଟ୍ରାଏଲ୍ ପାଇଁ ସେମାନଙ୍କର ୨ ରାଇଡର ମନୋନୀତ ହୋଇଥିଲେ। ଆମେ ଏବେ ଓଡ଼ିଶାରେ ଯାହା ପ୍ରସ୍ତାବ ଦେଇଛୁ ସେଠାରେ ସେପରି ଆରମ୍ଭ ହୋଇଥିଲା'' ବୋଲି ଆଶିଷ କହିଛନ୍ତି।



ଦୁଇ ଝିଅଙ୍କ ସହ ରୋହିଣୀ ଓ ଆଶିଷ ସାମନ୍ତରାୟ।

### ବିଜୟୀ ହେବାକୁ ହେଲେ ଭୟ ଛାଡ଼ିବାକୁ ପଡ଼ିବ

''ମୋ ବାପା ଜଣେ ପୋଲୋ ଖେଳାଳି। ତାଙ୍କୁ ଦେଖି ମୋର ଘୋଡ଼ା ଚଢ଼ିବା ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। କୋଭିଡ୍ ସମୟରେ ମୁଁ ନାସିକରେ ବାପାଙ୍କ ପାଖରେ ଥିଲି। ବାପା ରାଇଡିଂ କରୁଥିବାର ଦେଖି ଉତ୍ସାହ ଆସିଲା। ସେହିଠାରୁ ହିଁ ମୋର ହର୍ସ ରାଇଡିଂ ଆରମ୍ଭ ହେଲା। ମୁଁ ଗତବର୍ଷ ଦିଲ୍ଲୀରେ ଅନୁଷ୍ଠିତ ହର୍ସ ଶୋ'ରେ ଭାଗ ନେଇଥିଲି। ତାହା ମୋର ପ୍ରଥମ ଇଭେଣ୍ଟ ଥିଲା। ପ୍ରତିଯୋଗିତା ବହୁତ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଥିଲା। କାରଣ ପ୍ରତିଦ୍ୱନ୍ଦ୍ୱୀମାନେ ଅଭିଜ୍ଞ ଥିଲେ, ସେମାନେ ପ୍ରତିଦିନ ରାଇଡିଂ କରୁଥିଲେ। ହର୍ସ ରାଇଡିଂ ଆରମ୍ଭରେ ଭୟ ସବୁ ପିଲାଙ୍କର ଥାଏ। ମାତ୍ର କିଛି ହାସଲ କରିବାକୁ ହେଲେ କିମ୍ବା ବିଜୟୀ ହେବାକୁ ହେଲେ ଭୟ ଛାଡ଼ିବାକୁ ପଡ଼ିବ। ତେଣୁ ମୁଁ ଭୟ ଉପରେ ବିଜୟ ହାସଲ କରିଛି। ବାପା ଆର୍ମିରେ ଅଛନ୍ତି ବୋଲି ଏବେ ମୁଁ ଆର୍ମି ଘୋଡ଼ା ଚଢ଼ିବା ସୁଯୋଗ ପାଉଛି। ଆଗାମୀ ଦିନରେ ଯଦି ଓଡ଼ିଶାରେ ଭିତ୍ତିଭୂମି ସୁଦୃଢ଼ ହେବ ତେବେ ମୁଁ ଏବଂ ମୋ ଭଳି ଏହି କ୍ରୀଡ଼ାକୁ କ୍ୟାରିୟର କରିବାକୁ ଚାହୁଁଥିବା ପିଲାମାନେ ନିଶ୍ଚିତ ଉପକୃତ ହୋଇପାରିବେ। ଅଭ୍ୟାସ ସହଜ ହେବା ସହ ଉତ୍ସାହ ମିଳିବ। ଗତବର୍ଷ ମୁଁ ଭଲଟେୟାର ଘୋଡ଼ା ରାଇଡ୍ କରିଥିଲି। ଏଥର ମୁଁ ରୁଦ୍ରାକ୍ଷ ରାଇଡ୍ କରି ସଫଳ ହୋଇଥିଲି। ହର୍ସ ରାଇଡିଂ ବ୍ୟତୀତ ଅନ୍ୟ କୌଣସି କ୍ରୀଡ଼ାକୁ କ୍ୟାରିୟର କରିବାକୁ କେବେ ଭାବିନି। ତେବେ ବ୍ୟାଡ୍‌ମିଣ୍ଟନ, ସୁଇମିଂ ଓ ଗଲ୍ଫ ଖେଳିବାକୁ ମଧ୍ୟ ମୋତେ ଭଲ ଲାଗେ। ଭବିଷ୍ୟତରେ ମୁଁ ଇକ୍ୱେଷ୍ଟ୍ରେନ ଜମ୍ପିଂରେ ପାରଦର୍ଶୀ ହେବାକୁ ଚାହେଁ'' ବୋଲି ରିଶିତା ପ୍ରକାଶ କରିଛନ୍ତି।

## ଓଡ଼ିଶାରେ ଇକ୍ୱେଷ୍ଟ୍ରେନ୍‌ର ସେଣ୍ଟର ଅଫ୍ ଏକ୍ସିଲେନ୍ସି ଜରୁରୀ

ଦୁଇ ଝିଅଙ୍କୁ ନେଇ ଅନେକ ସ୍ୱପ୍ନ ଦେଖିଛନ୍ତି କଲୋନେଲ ଆଶିଷ ସାମନ୍ତରାୟ। ସାକ୍ଷାତ ଅବସରରେ ସେ ତାଙ୍କ ପରିବାର, ଇକ୍ୱେଷ୍ଟ୍ରେନ ପ୍ରତି ସଚେତନତା ସୃଷ୍ଟି କରିବାକୁ ହେଲେ ଓଡ଼ିଶାରେ କ'ଣ କରାଯିବା ଆବଶ୍ୟକ ସେ ସମ୍ପର୍କରେ ମନ କଥା ପ୍ରକାଶ କରିଛନ୍ତି। ତାଙ୍କ ଜେଜେବାପା ପ୍ୟାରୀମୋହନ ସାମନ୍ତରାୟ କଟକ କଲେକ୍ଟର ଥିଲେ। ବାପା ମେଜର ଅଶୋକ ସାମନ୍ତରାୟ ଆର୍ମିରେ କାର୍ଯ୍ୟରତ ଥିଲେ। ଘର କଟକର ମଧୁପାଟଣା। ବର୍ତ୍ତମାନ ଭୁବନେଶ୍ୱରରେ ରହୁଛନ୍ତି। ତାଙ୍କର ଆର୍ମି ଫ୍ୟାମିଲି। ବଡ଼ଭାଇ ଲଦାଖରେ ବ୍ରିଗେଡିୟର ଅଛନ୍ତି। ନିଜେ ଆଶିଷ ନାସିକରେ କାର୍ଯ୍ୟରତ। ଆଶିଷ ୮ ବର୍ଷରୁ ହର୍ସ ରାଇଡ୍ ଆରମ୍ଭ କରିଥିଲେ। ଭାରତ ପକ୍ଷରୁ ହର୍ସ ରାଇଡିଂ ଜମ୍ପିଂରେ ପ୍ରତିନିଧିତ୍ୱ କରିଛନ୍ତି। ରେଜିମେଣ୍ଟ ଅଫ ଆର୍ଟିଲେରିର ସେ କ୍ୟାପଟେନ ଅଛନ୍ତି। ବାପା ଆର୍ମିରେ ଥିବାବେଳେ ଚେନ୍ନାଇରେ ତାଙ୍କର ହର୍ସ ରାଇଡିଂ ଆରମ୍ଭ ହୋଇଥିଲା। ଏହାପରେ ବାପାଙ୍କ ସହ ଦେଶର ବିଭିନ୍ନ ସ୍ଥାନକୁ ଯାଇ ହର୍ସ ରାଇଡିଂ ସହ କୋର୍ସ କରିଛନ୍ତି।

**ସରକାରୀ କିମ୍ବା ବେସରକାରୀ ଉଦ୍ୟୋଗର ଆଗ୍ରହ ଆବଶ୍ୟକ**

ଆଶିଷ କହିଛନ୍ତି ଯେ, ଆର୍ମି ଓ ଡିଫେନ୍ସରେ ଆମେ ଓଡ଼ିଶାର ପାଖାପାଖି ୮ ପେସାଦାର ରାଇଡର ଅଛୁ। ଗତବର୍ଷ କ୍ରୀଡ଼ା ବିଭାଗକୁ ହର୍ସ ରାଇଡିଂର ଭିତ୍ତିଭୂମି ପାଇଁ ପ୍ରସ୍ତାବ ଦେଇଥିଲୁ। ଏହା ବ୍ୟୟବହୁଳ ହୋଇଥିବାରୁ ସମସ୍ତେ ହର୍ସ ରାଇଡ୍ କରିବା ସମ୍ଭବ ନୁହେଁ। ଘୋଡ଼ାର ମେଣ୍ଟେନାନ୍ସ ବ୍ୟୟବହୁଳ। ଘୋଡ଼ା ମୂଲ୍ୟ ଅତିକମ୍‌ରେ ୩୫ରୁ ୪୦ ଲକ୍ଷ। ଯେତେ ଭଲ ଖୋଜିବେ ସେତେ ଅଧିକ ଟଙ୍କା ଲାଗିବ। ତେଣୁ ଏକ ସାଧାରଣ ବର୍ଗ ପାଇଁ ୟୁରୋପରୁ ଘୋଡ଼ା କିଣି ତା'ର ରକ୍ଷଣାବେକ୍ଷଣ କରିବା ସମ୍ଭବ ନୁହେଁ। ତେଣୁ ସରକାର କିମ୍ବା ବେସରକାରୀ ଉଦ୍ୟୋଗ ଆଗ୍ରହ ପ୍ରକାଶ କଲେ ଯାଇ ଓଡ଼ିଶାରେ ଏହି କ୍ରୀଡ଼ାର ବିକାଶ ହୋଇପାରିବ।

**ଓଡ଼ିଶାରେ ଆଗ୍ରହ ବଢ଼ୁଛି**

ଓଡ଼ିଶା ସରକାରଙ୍କୁ ଆମେ ପ୍ରସ୍ତାବ ଦେଇଛୁ। ପିଲାମାନେ ପଢ଼ୁଥିବା କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ମଧ୍ୟ ଆଲୋଚନା କରିଛୁ। ୨–୩ଟି କ୍ଲବ ଆଗକୁ ଆସୁଛନ୍ତି। ଗତବର୍ଷ ଗୋଟିଏ କ୍ଲବ ଇକ୍ୱେଷ୍ଟ୍ରେଶନ ଫେଡେରେଶନ ଅଫ୍ ଇଣ୍ଡିଆ ନିକଟରେ ପଞ୍ଜୀକୃତ ହୋଇଛି। ଧୀରେଧୀରେ ଓଡ଼ିଶାରେ ଏହି କ୍ରୀଡ଼ା ଆଗକୁ ବଢ଼ିବା ଆଶା ରହିଛି। ମାତ୍ର ପ୍ରତିଦ୍ୱନ୍ଦ୍ୱିତା ପାଇଁ ପ୍ରସ୍ତୁତ ହେବାକୁ ହେଲେ ସରକାରଙ୍କ ସହାୟତା ଅତ୍ୟନ୍ତ ଜରୁରୀ। ଫୁଲନଖରା ନିକଟରେ ବ୍ଲାକ୍ ହର୍ସ କ୍ଲବ ଅଛି। ଆଉ ଗୋଟିଏ ଭେଟେରିନାରି କଲେଜରେ ଅଛି। ମାତ୍ର ଏମାନଙ୍କ ନିକଟରେ ଘୋଡ଼ା କେବଳ ରାଇଡିଂ ପାଇଁ ଅଛି, ପ୍ରତିଦ୍ୱନ୍ଦ୍ୱିତା ପାଇଁ ନାହିଁ। ତେଣୁ ଓଡ଼ିଶାରେ ହର୍ସ ରାଇଡିଂର ସେଣ୍ଟର ଅଫ୍ ଏକ୍ସିଲେନ୍ସି ଆବଶ୍ୟକ; ଯେଉଁଥିରେ କି ଭିତ୍ତିଭୂମି ସହ କିଛି ଘୋଡ଼ା ରହିବେ। ଏବେ ବି ମାଲକାନଗିରି ଆଦି ଆଦିବାସୀ ଅଧ୍ୟୁସିତ ଅଞ୍ଚଳରେ ଲୋକମାନେ ଘୋଡ଼ାକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାପାଇଁ ବ୍ୟବହାର କରୁଛନ୍ତି। ସେଠାରେ ପିଲାମାନେ ହର୍ସ ରାଇଡିଂ ଜାଣିଛନ୍ତି। କେବଳ ସେମାନଙ୍କୁ ଷ୍ଟ୍ରକ୍‌ଚର ଟ୍ରେନିଂ ଏବଂ ଭଲ ଘୋଡ଼ାର ଆବଶ୍ୟକ ଅଛି। ଓଡ଼ିଶାରେ ଯେଉଁ ଘୋଡ଼ା ଦେଖିବାକୁ ମିଳୁଛନ୍ତି ତାହା ବହୁତ ଛୋଟ, ସେଗୁଡ଼ିକ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଉପଯୁକ୍ତ ନୁହନ୍ତି। ମାତ୍ର ଯେଉଁ ପିଲା ରାଇଡିଂ କରୁଛି ତାକୁ ଯଦି ପ୍ରତିଦ୍ୱନ୍ଦ୍ୱିତା ପାଇଁ ଉପଯୁକ୍ତ ଘୋଡ଼ା ମିଳିବ ତେବେ ସେ ନିଶ୍ଚିତ ଭଲ କରିପାରିବ। ଭାରତରେ ସାଧାରଣତଃ କାଠିଆବାଡ଼ି, ମାରୱାଡ଼ି ଘୋଡ଼ା ଅଛନ୍ତି। ମଣିପୁରୀ, ଜନସ୍କାର, ମାଲକାନଗିରି, ମହାରାଷ୍ଟ୍ର ଘୋଡ଼ା ମହଙ୍ଗା ନୁହନ୍ତି। ୨୦ରୁ ୩୦ ହଜାର ମଧ୍ୟ ଏ ଘୋଡ଼ା ମିଳିବେ। ମାତ୍ର ଏଗୁଡ଼ିକ କେବଳ ରାଇଡିଂ ପାଇଁ। ମାତ୍ର ଷ୍ଟଡ୍‌ବୁକ୍‌ରେ ପଞ୍ଜୀକୃତ ହୋଇଥିବା କାଠିଆବାଡ଼ି, ମାରୱାଡ଼ି ଘୋଡ଼ା ୨୦ରୁ ୨୫ ଲକ୍ଷ ଟଙ୍କା। କିଛି ଘୋଡ଼ା ଥାଆନ୍ତି ଯେଉଁମାନେ କି ଜମ୍ପିଂ କରିପାରନ୍ତି ମାତ୍ର ସ୍ପିଡ୍ ଦୌଡ଼ି ପାରି ନ ଥାନ୍ତି। ଏମାନଙ୍କୁ ଜମ୍ପିଂ ଏବଂ ଡ୍ରେସାଜ ଇଭେଣ୍ଟରେ ବ୍ୟବହାର କରାଯାଇଥାଏ।

**ଓଡ଼ିଶା ପାଇଁ କିଛି କରିବାକୁ ଇଚ୍ଛା**

ଆଶିଷ କହିଛନ୍ତି ଯେ, ଝିଅ ଦୁଇଜଣ ଏବେ କିଟ୍‌ରେ ପଢ଼ୁଛନ୍ତି। ସେଠାରେ କାଠିଆବାଡ଼ି ଘୋଡ଼ା ଅଛନ୍ତି, ଯାହା କି କେବଳ ରାଇଡିଂ ପାଇଁ ଉପଯୁକ୍ତ। ଓଡ଼ିଶାରେ ଯଦି ସୁଯୋଗ ସୃଷ୍ଟି ହୁଏ ତେବେ ନିଶ୍ଚିତ ପିଲାଙ୍କୁ ଏଥିରେ ଆଗକୁ ବଢ଼ାଇବୁ। ଆମେ ଓଡ଼ିଶାର ୬–୭ ଜଣ ବ୍ୟକ୍ତି ଅଛୁ ଯିଏ କି ଭାରତରେ ଶୀର୍ଷ ରାଇଡରଙ୍କ ମଧ୍ୟରୁ ଅନ୍ୟତମ। ଦିନେ ସମସ୍ତେ ଓଡ଼ିଶା ଫେରିବୁ। ଆମେ ମଧ୍ୟ ଓଡ଼ିଶା ପାଇଁ କିଛି କରିବାକୁ ଚାହୁଁଛୁ। ରାଜ୍ୟ ସରକାର ଆମ ପ୍ରସ୍ତାବ ଅନୁସାରେ କାର୍ଯ୍ୟକଲେ ଆସନ୍ତା ୫ ବର୍ଷ ମଧ୍ୟରେ ଆମେ ଅତିକମ୍‌ରେ ଜଣେ ରାଇଡରଙ୍କୁ ଏସିଆନ ଗେମ୍ସ ପାଇଁ ପ୍ରସ୍ତୁତ କରିପାରିବୁ। ଏହା ନ ହେଲେ ୨୫ରୁ ୩୦ ବର୍ଷ ଲାଗି ଯାଇପାରେ।

**ବିଭିନ୍ନ ବର୍ଗରେ ହର୍ସ ରାଇଡିଂ**

ହର୍ସ ରାଇଡିଂ ବିଭିନ୍ନ ବର୍ଗ ସମ୍ପର୍କରେ ସୂଚନା ଦେଇଥିଲେ ଆଶିଷ। ଯେମିତି କି ଓପନ ବର୍ଗ, ଜୁନିୟର (୧୮ ବର୍ଷରୁ କମ୍), ଚିଲଡ୍ରେନ–୧ (୧୦ ବର୍ଷରୁ କମ୍), ଚିଲଡ୍ରେନ–୨(୧୨ ବର୍ଷରୁ କମ୍), ଚିଲ୍‌ଡ୍ରେନ–୩(୧୪ ବର୍ଷରୁ କମ୍), ଯୁବ ବର୍ଗ (୧୬ ବର୍ଷରୁ କମ୍)। ଶୋ ଜମ୍ପିଂ, ଡ୍ରେସାଜ, ଇଭେଣ୍ଟିଂ, ହ୍ୟାକ୍ସ, ଟେମ୍ପରିଂ ଏମିତି ସବୁ ମିଶାଇଲେ ହର୍ସ ରାଇଡିଂରେ ୨୦–୨୫ ଇଭେଣ୍ଟ ଅଛି। ସାନ ଝିଅର ଚିଲଡ୍ରେନ–୧ ଇଭେଣ୍ଟରେ ପିଲା ଘୋଡ଼ା ଉପରେ କିପରି ବସୁଛି, କିପରି ଚଳାଉଛି, ରୋକି ପାରୁଛି କି ନାହିଁ, ମୁଭମେଣ୍ଟ ପାଇଁ କ'ଣ କରିବାକୁ ହେବ ଆଦି ଦେଖାଯାଇଥାଏ। ଏଥିରେ ରିଦ୍ଧି ଶ୍ରେଷ୍ଠ ବିବେଚିତ ହୋଇଥିଲେ। ଜୁନିୟରଙ୍କୁ ନୂଆ ଘୋଡ଼ା ଦିଆଯାଇ ନ ଥାଏ। କାରଣ ଘୋଡ଼ା ଏବଂ ରାଇଡର ଦୁଇଜଣଯାକ ଜାଣି ନ ଥାନ୍ତି କ'ଣ କରିବାକୁ ହେବ। ଏ କ୍ଷେତ୍ରରେ ଇଞ୍ଜୁରି ହେବା ସମ୍ଭାବନା ଅଧିକ। ତେଣୁ ଜୁନିୟରଙ୍କୁ ଭଲଭାବେ ପ୍ରଶିକ୍ଷିତ ଘୋଡ଼ା ଦିଆଯାଏ। ସାନ ଝିଅ ଯେଉଁ ଘୋଡ଼ା ଚଢ଼ୁଛି ତା ନାଁ ଗୁଲ୍। ଆଗକୁ ସେପରି ସମୟ ଆସିଲେ ଝିଅଙ୍କ ପାଇଁ ସେ ବାହାର କୋଚ୍ ସମ୍ପର୍କରେ ଚିନ୍ତା କରିବେ ବୋଲି କହିଛନ୍ତି।

**ସଚେତନତା ଆବଶ୍ୟକ**

ଏବେ ଓଡ଼ିଶାରେ ହର୍ସ ରାଇଡିଂ ପ୍ରତି ଯେତିକି ସଚେତନତା ଆସିବା କଥା ହୋଇନାହିଁ। ସେଣ୍ଟର ଅଫ୍ ଏକ୍ସିଲେନ୍ସି ହେଲେ ଅନେକ ପିଲା ଘୋଡ଼ା ଚାଳନାର ମୌଳିକତା ସମ୍ପର୍କରେ ଜାଣିବେ। ଅଧିକରୁ ଅଧିକ ପିଲା ଆଗ୍ରହୀ ହେଲେ ନିଶ୍ଚିତ ସ୍କୁଲ ଏବଂ ବିଭିନ୍ନ କ୍ଲବ ଆଗକୁ ଆସିବେ। ପିଲା ଏବଂ ଅଭିଭାବକଙ୍କର ଆଗ୍ରହ ବଢ଼ିଲେ ଯାଇ ଅଧିକରୁ ଅଧିକ କ୍ଲବ ସୃଷ୍ଟି ହୋଇପାରିବ। ସେଣ୍ଟର ଅଫ୍ ଏକ୍ସିଲେନ୍ସି ଦ୍ୱାରା ହର୍ସ ରାଇଡିଂ ପ୍ରତି ଆଗ୍ରହ ନିଶ୍ଚିତ ବଢ଼ିବ ବୋଲି ଆଶିଷ ପ୍ରକାଶ କରିଛନ୍ତି।



ଦିଲ୍ଲୀ ହର୍ସ ଶୋ' ପଦକ ସହ ରିଶିତା ଓ ରିଦ୍ଧି ସାମନ୍ତରାୟ।

### ସଂକ୍ଷେପରେ..

**ନାମ:** ରିଶିତା ସାମନ୍ତରାୟ:
୧୩ ବର୍ଷ, ୯ମ ଷ୍ଟାଣ୍ଡାର୍ଡ
(କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ)
**ଜନ୍ମ:** ୧୪ ମେ' ୨୦୧୦
**ଘୋଡ଼ା ନାମ:** ୨୦୨୩–ଭଲଟେୟାର, ୨୦୨୪–ରୁଦ୍ରାକ୍ଷ
**ରିଦ୍ଧି ସାମନ୍ତରାୟ:** ୫ ବର୍ଷ
**୨୦୨୪:** ଘୋଡ଼ା–ଗୁଲ୍
**ବାପା:** ଲ୍ୟୁଟନାଣ୍ଟ କଲୋନେଲ ଆଶିଷ ସାମନ୍ତରାୟ (ଇଣ୍ଡିଆନ ଆର୍ମି)
**ମା':**ରୋହିଣୀ (ସାମନ୍ତରାୟ) ସିଂଦେଓ
**ଘର:** କଟକ, ମଧୁପାଟଣା
**ବର୍ତ୍ତମାନର ଠିକଣା:** ଚନ୍ଦ୍ରଶେଖରପୁର, ଆର୍ମି କଲୋନି, ଭୁବନେଶ୍ୱର

### ଇଣ୍ଡିଆନ

ଭାରତୀୟ ଲେଡି ଫୁଟବଲ ଦଳର
କୋଚ୍ କିଏ ହେବ ଭାବି
ଅନେକ ତର୍ଜମା ପରେ କମିଟିର
ହେଲେ କୋଚ୍ କରି ଲବି
ଲଙ୍ଗାମ ଚାଓବା ଦେବୀ
ଏକାବନ ବର୍ଷୀୟ ମଣିପୁର ଲେଡି
ମଙ୍ଗ ସମ୍ଭାଳିବେ ରବି।



ଇଣ୍ଟରନ୍ୟାଶନାଲ ଟେବୁଲ ଟେନିସ
ଦେଖ ଫେଡେରେଶନ ଚିଠା
ମନିକା ବାତ୍ରାଙ୍କୁ ପଛରେ ପକାଇ
ପିନ୍ଧିଅଛି ଟପ୍ ମଠା
ପାଞ୍ଚ ଓଡ଼ିଆଙ୍କୁ କୋଟା
ଏସିଆନ ହୁଇଲ ଚେୟାର ଫେନ୍‌ସିଂ
ଖେଳିବେ ବେଟି ଓ ବେଟା।
ଆଗାମୀ ଟି୨୦ କ୍ରିକେଟ ୱାର୍ଲ୍ଡକପ୍
ଉଗାଣ୍ଡା ଖେଳିବ ଖେଳ
ଏ ଟିମ୍‌ର ଅଭୟ ଶର୍ମା କୋଚ୍ ହୋଇ
ପରଖିବେ ଦଳ ବଳ
ଆକାଶଠୁଁ ଜଳସ୍ଥଳ
ଇଣ୍ଡିଆନ ଆଜି ସବୁଠି ଆଗରେ
ବୈଷୟିକ ଅବା ଖେଳ।

**–ସୁବାସ ଚନ୍ଦ୍ର ପ୍ରଧାନ**



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ